

ଭାରତକୁ ଜିତାଇଲେ ଶିବୁନା ନନ୍ଦ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-240 ♦WEDNESDAY ♦25 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୪୦ ♦ବୁଧବାର ♦୨୫ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୬.୦୦

METRO GROUP
Driven By More

THE ROYAL UPGRADE

FOR THOSE WHO DON'T JUST MOVE UP, THEY ASCEND.

THE OASIS
A part of Metro King's Court



4 & 4.5 BHK RESIDENCES
₹99 LAKH ONWARDS*
BIGGER UNIT. LESSER PRICE.

*T&C Apply

Artist's impression



Artist's impression

CELEBRATING 33 Years

- Where legacy meets modern majesty
- 50+ acre villa township
- Vaastu Compliant

YOUR ROYAL WORLD
A kingdom wrapped in green
70% landscaped greens
Sand Pit | Jogging Track | Sit-out Zones
Sculpture Garden | Swing Garden | Yoga Zone
Basketball Court | Half Basketball Court

YOUR ROYAL THRONE
A club that deserves its own crown
Club Costa spread across 50,000 sq. ft
Miniplex | Gymnasium | Karaoke Room | Swimming Pool
Jacuzzi | Spa & Salon | Indoor Kids' Play Area
Library | Banquet Hall | Cafèteria | Restaurant
Food Court | Conference Rooms

YOUR ROYAL LIFE
A treasury of experiences, every hour
50+ lifestyle privileges
Mini Indoor Stadium | Lawn Tennis Court
Mini Cricket Ground | Pickle Ball Court
Jogging & Cycling Track | Badminton Court | BBQ Zone

The Oasis by Metro Kings Court
RERA: RP/19/2026/01424 | Phase1_MP/19/2022/00770 | rera.odisha.gov.in
SOUTH BHUBANESWAR 97777 36222
Developed by : CITY TRADE ARCADE PVT. LTD. | Site Address: The Oasis by Metro Kings Court, Sandhapur, Jatni, Khordha, Odisha - 752050

Disclaimer: This is a proposed development, and all information contained in this advertisement is purely conceptual in nature. It is issued solely for general informational purposes and does not constitute an offer, invitation to offer, advertisement, marketing, or sale of any unit or property, nor does it create any contractual obligation on the part of the developer. The developer expressly disclaims any intent to solicit bookings or sales through this advertisement. All prospective transactions shall be subject to the terms and conditions of a duly executed agreement for sale, in accordance with applicable laws. It is hereby expressly clarified that the amenities and facilities referred to or depicted in any marketing, promotional, or informational material are common/shared amenities forming part of the larger Metro Kings Court Development and are not exclusive to this Project alone. The usage of such amenities and facilities shall be subject to payment of applicable usage, maintenance, or subscription charges, as may be determined by the Promoter/Management from time to time, and shall further be governed by the terms and conditions prescribed by the promoter/Management/Maintenance agency. This project is being developed and promoted by M/s City Trade Arcade Private Limited.





ତାଳଦଣ୍ଡା ରାସ୍ତା ପାର୍ଶ୍ୱରେ ଅଘୋଷିତ ପରିବା ମଣ୍ଡି

କଟକ,୨୪ ।୨(ସମିସ):

ହାଇକୋର୍ଟଙ୍କ କଡ଼ା ତାଗିଦା ପରେ ବି ନବନିର୍ମିତ ତାଳଦଣ୍ଡା କେନାଲ ରାସ୍ତା କଡରେ ବେଆଇନ ପାର୍କିଂ ଉପରେ ଲଗାମ ଲାଗିପାରୁନି। ଗୋଟିଏ ପଟରେ କେନାଲର ଉଭୟ ପାଶ୍ୱର୍ ରାସ୍ତା ସମ୍ପ୍ରସାରଣ ହୋଇ ପ୍ରସ୍ତାବିତ ବିଶ୍ୱସ୍ତରୀୟ ଏମ୍ସ ପ୍ଲସ ହସ୍ପିଟାଲ ଏସସିବିକୁ ସହଜରେ ଆମ୍ବୁଲାନ୍ସ ଓ ଯାନବାହନ ଯାତାୟତ ପାଇଁ ସୁବିଧା କରାଯାଇଥିଲା। ଏପରିକି ପୂର୍ବରୁ ଛତ୍ରବଜାର ବ୍ୟବସାୟୀଙ୍କ ପାଇଁ ନୂତନ ଭାବେ ଅର୍ବାନ ହାଟ କରାଯାଇଥିଲେ ବି ଏବେ ମାତୃଭବନରୁ ମାଲଗୋଦାମ ପର୍ଯ୍ୟନ୍ତ ପ୍ରତିଦିନ ପରିବା ବେପାରୀମାନେ ସେମାନଙ୍କ ପସରା ଖୋଲୁଥିବା ଦେଖିବାକୁ ମିଳୁଛି। ଫଳରେ ଏହି ରାସ୍ତାରେ ସକାଳ ଓ ସଂଧାରେ ନାହିଁ ନ ଥିବା ଟ୍ରାଫିକ ଭିଡ ସୃଷ୍ଟି ହେଉଛି। ଲୋକେ ରାସ୍ତା ଉପରେ ଗାଡି ରଖି ପନିପରିବା କିଣୁଥିବାରୁ ଏଭଳି ସ୍ଥିତି ଉପୁଜୁଛି। ସେହିଭଳି ଅର୍ବାନ ହାଟରେ ପିଣ୍ଡି ଖାଲି ପଡୁଥିଲା ବେଳେ ରାସ୍ତା କଡରେ ଏମାନଙ୍କୁ କିଏ ଅନୁମତି ଦେଉଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟରେ ଏହି ପରିବା ବିକାଳିଙ୍କ ଠାରୁ ଦୈନିକ ବଟି ଆକାରରେ ଅର୍ଥ ଆଦାୟ ଚାଲିଥିବାର ଅଭିଯୋଗ ହେଉଛି। ଏହି ଟଙ୍କା କିଏ ଓ କାହିଁକି ଆଦାୟ କରୁଛି ଏବଂ ଏଠାରେ ପରିବା ବିକାଳିଙ୍କୁ ବସିବା ପାଇଁ କିଏ ଅନୁମତି ଦେଇଛି ତାହା ତଦନ୍ତ ସାପେକ୍ଷ। ପ୍ରଥମେ ହାତଗଣତି କିଛି ପରିବା ବେପାରୀ ବସୁଥିବା ବେଳେ ଏବେ ରାସ୍ତାର ଉଭୟ ପାଶ୍ୱର୍ରେ ୫୦ରୁ ଅଧିକ ବେପାରୀ ବସିଲେଣି। ତାଳଦଣ୍ଡା କେନାଲ ରାସ୍ତାକୁ

- **ପାଳନ ହେଉନି ହାଇକୋର୍ଟଙ୍କ ନିର୍ଦ୍ଦେଶ**
- **ପୁଲିସ-ପ୍ରଶାସନ ନିରବଦ୍ରଷ୍ଟା**
- **ବେପାରୀଙ୍କଠାରୁ ବଟି ଆଦାୟ**

ବେଆଇନ ପାର୍କିଂରୁ ମୁକ୍ତ ରଖିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପୁଲିସ ପ୍ରଶାସନ ପାଳନ ନ କରିବା ନେଇ ସାଧାରଣରେ ପ୍ରଶ୍ନ ଉଠିଛି। କେବଳ ଏହି ସ୍ଥାନ ନୁହେଁ ଏପରିକି ଅର୍ବାନ ହାଟ ସମ୍ମୁଖରେ ବେଆଇନ ପାର୍କିଂ ଓ ଉଠାଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ରହିଥିଲା। କିଛି ଦିନ ପୁଲିସ ତତ୍ପରତା ପ୍ରକାଶ କରି ବେଆଇନ ପାର୍କିଂ ବିରୋଧରେ




ଜରିମାନା ଆଦାୟ କରିଥିଲା। ଯଦିଓ ଏଠାରେ ପାର୍କିଂ ସ୍ଥଳ କରାଯାଇଛି ତାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି। ଚାରିଚକିଆ ଯାନବାହାନ ଗୁଡିକ ପାର୍କିଂ ପାଇଁ ବେଶୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲି ତାଳଦଣ୍ଡା କେନାଲ ରାସ୍ତା କାହିଁକି ସହରର ପ୍ରମୁଖ ସ୍ଥାନରେ ବେଆଇନ ରାସ୍ତା ପାଶ୍ୱର୍ ପାର୍କିଂ ପୁଲିସ ପାଇଁ ଚିନ୍ତାର କାରଣ ହେଲାଣି। ସହରରେ ଗତ ୨୦୨୫ ଜାନୁଆରୀ ପହିଲାରୁ ଏବେ ସୁଦ୍ଧା ୯ ହଜାରରୁ ଅଧିକ ଗାଡିର ବେଆଇନ ପାର୍କିଂ ପାଇଁ ଚାଲାଣ କଟିଛି। ଏଥିପାଇଁ ଉଲ୍ଲଙ୍ଘନକାରୀଙ୍କ ଠାରୁ ୫୦ଲକ୍ଷ ଟଙ୍କା ଜରିମାନା ଆଦାୟ ପାଇଁ ନୋଟିସ ହୋଇଛି। ତାଳଦଣ୍ଡା କେନାଲ ପାଶ୍ୱର୍ ବେଆଇନ ପାର୍କିଂ ପାଇଁ ୩ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ସହରରେ ଦୈନନ୍ଦିନ ୪ ହଜାର ଅଟୋରିକ୍ସା ଓ ୧୦ହଜାରରୁ ଅଧିକ ଚାରିଚକିଆ ଯାନ ଚଳାଚଳ କରୁଛି। ହେଲେ ଏଗୁଡିକ ପାଇଁ ରହିଥିବା ପାର୍କିଂ ସୁବିଧା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ପର୍ଯ୍ୟାପ୍ତ ପାର୍କିଂ ଭିତ୍ତିଭୂମିର ଅଭାବ ଓ ଉଠାଦୋକାନୀଙ୍କ ଜବରଦଖଲ ହେତୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି।

୧୧ ଲକ୍ଷର ନିଶାଦ୍ରବ୍ୟ ଜବତ; ଯୁବକ ଗିରଫ

କଟକ,୨୪ ।୨(ସମିସ): ଜଣେ ପେସାଦାର ନିଶା ବେପାରୀକୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି। ଅଭିଯୁକ୍ତ ହେଉଛି ମଧୁପାଟଣା ଥାନା ଅଞ୍ଚଳର ଲକ୍ଷ୍ମୀଧର ସାହୁ(୨୦)। ତା' ପାଖରୁ ୧୧୬ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି। ମଙ୍ଗଳବାର ଦିନ ସମୟରେ ସତୀଚୌରା ଅଞ୍ଚଳରେ ବଡ ଧରଣର ନିଶା ଦେଣନେଣ ହେବା ନେଇ ସୂଚନା ମିଳିଥିଲା। ଏହାପରେ ଫ୍ଲାଇଂ ସ୍କ୍ୱାଡ ତୁରନ୍ତ ସତୀଚୌରା ଟ୍ରାଫିକ ଛକ ନିକଟରେ ଚଢଉ କରିଥିଲା। ଏହି ସମୟରେ ଗ୍ରାହକ ଅପେକ୍ଷାରେ ଥିବା ଅଭିଯୁକ୍ତ ଲକ୍ଷ୍ମୀଧର ଅବକାରୀ ଟିମକୁ ଦେଖି ଦୌଡି ଖସିଯିବାକୁ ଉଦ୍ୟମ କରିଥିଲା। ତାକୁ ଧରି ଯାଞ୍ଚ କରିବାରୁ ଗୋଟିଏ ପ୍ୟାକେଟରେ ୧୧୬ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା। ଯାହାର ବଜାର ମୂଲ୍ୟ ପ୍ରାୟ ୧୧ ଲକ୍ଷ ୬୦ ହଜାର ଟଙ୍କା ହେବ। ସେ ବାଲେଶ୍ୱର, ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି କଟକ ସହର ଓ ଆଖପାଖ ଅଞ୍ଚଳରେ କାରବାର କରୁଥିବା ତଦନ୍ତରୁ ଜଣାପଡିଛି। କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି। ଏସଆଇ ଏସକେ. ସାକିର ଉଲ୍ଲା, ଅମିତ କୁମାର ବିଶ୍ୱାଳ, ଏଏସଆଇ ଏଆର. ମଲ୍ଲିକ, ଏକେ. ଖଟୁଆ, କର୍ଣ୍ଣ ଓରାମ, କନଷ୍ଟେବଳ ଦିଲଜୀତ ଦାସ, ସସ୍ମିତା ସାହୁ, ଜଗନ୍ନାଥ ସାହୁ, ସୁମିତ କୁମାର ନାୟକ, ରଞ୍ଜିତ ସାହୁ ପ୍ରମୁଖ ଚଢଉରେ ସାମିଲ ଥିଲେ।

ଚିନ୍ମୟ ଅମ୍ରିତ ମହୋତ୍ସବ ଶ୍ରୀ ହନୁମତ୍ ଉଦ୍‌ଘାଟିତ



କଟକ,୨୪।୨(ସମିସ): ଚିନ୍ମୟ ଅମ୍ରିତ ମହୋତ୍ସବ ଶ୍ରୀ ହନୁମତ୍ ଉଦଘାଟିତ ହୋଇଯାଇଛି। ଉଦଘାଟକ ଭାବେ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଯୋଗଦେଇ ତାଙ୍କ କରକମଳରେ ଏହାକୁ ଉଦଘାଟିତ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦିବ୍ୟ ଜୀବନ ସଂଘ ରଷିକେଶ ପୂଜ୍ୟ ସ୍ୱାମୀ ଅଦ୍ୱୈତ ନନ୍ଦ ମହାରାଜା ଯୋଗଦେଇଥିଲେ। ଏହି ଅମ୍ରିତ ମହୋତ୍ସବରେ ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ସ୍ୱରୂପାନନ୍ଦ ମହାରାଜା ଆଜି ଠାରୁ ପ୍ରତିଦିନ ସଙ୍କଟମୋଚନ ହନୁମାନ ଅଷ୍ଟକମ୍ ଉପରେ ହିନ୍ଦୀ ଭାଷାରେ ସନ୍ଧ୍ୟାରୁ ୮ଟା ୩୦ମି ପର୍ଯ୍ୟନ୍ତ ପ୍ରବଚନ ଦେବେ। ଆଜି ସନ୍ଧ୍ୟାରେ ପ୍ରବଚକ ଭାବେ ସ୍ୱରୂପାନନ୍ଦ ସରସ୍ୱତୀ ପ୍ରବଚନ ଦେଇ ଶ୍ରଦ୍ଧାଳୁଙ୍କୁ ଆତ୍ମସନ୍ତୋଷ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଫେବୃଆରୀ ୨୫ରୁ ୨୮ ତାରିଖ ଗୀତା ପଞ୍ଚାମୃତ ଉପରେ ଓଡ଼ିଆ ଭାଷାରେ ପ୍ରବଚନ ଦେବେ। ଆଜିର ଉଦଘାଟନୀ ସଂଧାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା।



ପରୀକ୍ଷା ଭୟ ନୁହେଁ, ବରଂ ସଫଳତାର ସୋପାନ



ଡକ୍ଟର ପ୍ରଭୁଚରଣ ମହାନ୍ତି

ପରୀକ୍ଷାରେ ସଫଳତା ପାଇଁ କେତେକ ବିଶେଷ ଦିଗ ପ୍ରତି ଛାତ୍ରଛାତ୍ରୀ ଓ ଅଭିଭାବକ ଧ୍ୟାନ ଦିଅନ୍ତୁ। ପ୍ରଥମ କଥା ହେଉଛି ପରୀକ୍ଷା ସମୟରେ ଆଦୌ ପରୀକ୍ଷାଫଳ କ'ଣ ହେବ ବୋଲି ଚିନ୍ତା କରନ୍ତୁ ନାହିଁ। ମନରୁ ଭୟ ଦୂର କରନ୍ତୁ। ଆତ୍ମବିଶ୍ୱାସ ବଢାନ୍ତୁ। ଶୃଙ୍ଖଳିତ ଭାବେ ନିଜର ପରୀକ୍ଷା ପ୍ରସ୍ତୁତି ଜାରି ରଖନ୍ତୁ। ଏଥିପାଇଁ ପରୀକ୍ଷା ସମୟରେ ସମୟକୁ ଠିକ ଭାବେ ବିନିଯୋଗ କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ପରୀକ୍ଷା ସମୟରେ ମନ ଭିତରେ ଉଦ୍‌ବେଗ, ମାନସିକ ଚାପ ଆସିବା ସ୍ୱାଭାବିକ କିନ୍ତୁ ତାହାକୁ ଦୂରେଇବା ପାଇଁ ଛାତ୍ରଛାତ୍ରୀ ତ ପ୍ରୟାସ କରିବେ କିନ୍ତୁ ଏ କ୍ଷେତ୍ରରେ ଅଭିଭାବକମାନେ ସେମାନଙ୍କୁ ଅଧିକ ସହଯୋଗ କରିବା ଆବଶ୍ୟକ। ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ସହଯୋଗ ଓ ଉତ୍ସାହପ୍ରଦ ପରାମର୍ଶ ଏହି ସମୟରେ ବିଦ୍ୟାର୍ଥୀଙ୍କ ପାଇଁ ଅନେକ ଗୁରୁତ୍ୱ ରଖେ। ଅଭିଭାବକମାନେ ନିଜ ପିଲାଙ୍କ ଠାରୁ ଭଲ ଫଳ ଆଶା କରିବାରେ କିଛି ଭୁଲ ନାହିଁ। କିନ୍ତୁ ତାହା ଯେପରି ପରୀକ୍ଷା ସମୟରେ ପିଲା ଉପରେ ମାନସିକ ଚାପ ସୃଷ୍ଟି ନ କରେ, ସେଥିପ୍ରତି ସେମାନେ ସତର୍କ ଓ ସଜାଗ ରହିବା ଆବଶ୍ୟକ। ଅଭିଭାବକମାନେ ଅଧିକ ଚିନ୍ତିତ ଥିବା ଯଦି ପିଲା ଅନୁଭବ କରେ ତେବେ ତା' ମନରେ ଭୟ ସୃଷ୍ଟି ହୁଏ। ନିଜ ଦକ୍ଷତା ଓ ଯୋଗ୍ୟତା ଉପରେ ବି ତା'ର ସନ୍ଦେହ ଆସେ। ଛାତ୍ରଛାତ୍ରୀ ଭଲଭାବେ ନିଜକୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିଥିଲେ ବି ଏ ପ୍ରକାର ଚାପ, ଭୟ, ଦ୍ୱନ୍ଦ୍ୱ ତା'ର ପ୍ରଦର୍ଶନ ଉପରେ କୁପ୍ରଭାବ ପକାଏ। ପରୀକ୍ଷା ସମୟରେ ବିଫଳତାର ଭୟ ଅଥବା ଆଶଙ୍କା ଆଦୌ ମନକୁ ଆଣନ୍ତୁ ନାହିଁ। ଛାତ୍ରଛାତ୍ରୀ ପାଠ ପଢି କଣ ମନେ ରଖିଛି, ତାହା କେବଳ ଏହି ପରୀକ୍ଷାରୁ ପ୍ରମାଣିତ ହୁଏ ନାହିଁ। ଏଥିରେ ତାର ଶୃଙ୍ଖଳିତ ଜୀବନଚର୍ଯ୍ୟା, ସମୟାନୁବର୍ତ୍ତିତା, ଦକ୍ଷତାର ବି ପରୀକ୍ଷା ହୁଏ। ତେଣୁ ଏହା ଏକ ଲମ୍ବା ସମୟର ଯାତ୍ରା। ତାହାକୁ ନିର୍ଦ୍ଦିଷ୍ଟ କୌଣସି ଏକ ପରୀକ୍ଷାରେ ସୀମିତ ନ ରଖି ସଂପୂର୍ଣ୍ଣ ସକରାତ୍ମକ ମନୋଭାବ ନେଇ ଛାତ୍ରଛାତ୍ରୀ ଆଗକୁ ବଢ଼ନ୍ତୁ ଓ ଏଥିରେ ଅଭିଭାବକ ସେମାନଙ୍କୁ ସମର୍ଥନ ଦିଅନ୍ତୁ। କେଉଁଠି ବି ଜୀବନ ଉତ୍‌ଥାନ, ପତନର ମୋଡ଼ ନେଇପାରେ। ତେଣୁ ଏବେ ପରୀକ୍ଷା ସମୟରେ ବିଚଳିତ ହେବା ବଦଳରେ ସଂପୂର୍ଣ୍ଣ ସକରାତ୍ମକ, ଆତ୍ମବିଶ୍ୱାସ ଓ ଦୃଢ ମନୋବଳ ନେଇ ନିଜକୁ ପ୍ରସ୍ତୁତ କରନ୍ତୁ। ସମୟର ଠିକ ଉପଯୋଗ କରନ୍ତୁ। ସୁଷମ ଖାଦ୍ୟ ଖାଆନ୍ତୁ। ଠିକରେ ଶୁଅନ୍ତୁ। ମାନସିକସ୍ତରରେ ଆଦୌ ବିଚଳିତ ନ ହୋଇ ସ୍ଥିର ରୁହନ୍ତୁ। ମାନସିକସ୍ତରରେ ସକରାତ୍ମକ ମନୋଭାବ ତଥା ଦୃଢ ନିଷ୍ଠିତ ହୋଇ ନିଜକୁ ପ୍ରସ୍ତୁତ କଲେ ଏହି ପରୀକ୍ଷାକୁ ଜୀବନରେ ଉତ୍ଥାନର ଏକ ପାହଚ ଭାବେ ବ୍ୟବହାର କରି ତୁମେ ଏକ ସୁନ୍ଦର ଭବିଷ୍ୟତ ଗଠନ ଦିଗରେ ଆଗକୁ ବଢିପାରିବ। ଏଥି ପାଇଁ ସମସ୍ତେ ସହଯୋଗ କରିବା ସହ ଶୁଭେଚ୍ଛା ଜଣାଉଛି।

ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ

ନିର୍ଦ୍ଦେଶକ, ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସ
ଅଧ୍ୟକ୍ଷ, ସେଣ୍ଟ ଜାଭିୟର୍ସ ଏଜୁକେସନାଲ୍ ଟ୍ରଷ୍ଟ

● କ୍ୟାମ୍ପସ୍‌ରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ଘଟଣା

ରେଭେନ୍ସାର ୨ ଛାତ୍ର ଗିରଫ

କଟକ,୨୪ ।୨(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୨ ଗୋଷ୍ଠୀ ମୁହାଁମୁହିଁ ଘଟଣାରେ ମାଲଗୋଦାମ ଥାନା ପୁଲିସ ଆଜି ଦୁଇ ଛାତ୍ରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଇଷ୍ଟ ହଷ୍ଟେଲରେ ରହୁଥିବା ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର କେନ୍ଦୁଝର ଜିଲ୍ଲା ନାଣ୍ଡିଆପଡ଼ାର ରଜତ କୁମାର ଦାସ (୨୧) ଓ ଯାଜପୁର ଜିଲ୍ଲା ବରି ରାମଚନ୍ଦ୍ରପୁରର ବିଶ୍ୱଜିତ ମହାଳିକ (୨୧)। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଗତ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆନ୍ତଃ ହଷ୍ଟେଲ୍ କ୍ରିକେଟ୍ ମ୍ୟାଚ୍ ଚାଲିଥିବା ସମୟରେ ଇଷ୍ଟ ଓ ନିୟୁ ହଷ୍ଟେଲ୍ ଅନ୍ତେବାସୀଙ୍କ ମଧ୍ୟରେ ଖେଳକୁ ନେଇ ପାଟିତୁଣ୍ଡ ହୋଇଥିଲା। ସେହିଦିନ ସନ୍ଧ୍ୟାରେ ୨ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ କଥା କଟାକଟି ହେବା ସହିତ ପ୍ରବଳ ମାରପିଟ୍ ହୋଇଥିଲା। ମାଲଗୋଦାମ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିବାଦ ସମାଧାନ କରିବାକୁ ଉଦ୍ୟମ କରିଥିଲା। ଗତ ଶନିବାର ରାତିରେ ପୁଣି ଥରେ ୨ ହଷ୍ଟେଲ୍ ଛାତ୍ରଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହେବା ସହିତ ମାରପିଟ୍ ହୋଇଥିଲା। ଏଥିରେ ନିୟୁ ଛାତ୍ରାବାସର ୨ଜଣ ଅନ୍ତେବାସୀଙ୍କ ମୁଣ୍ଡ ଓ ପିଠିରେ ଗଭୀର ଆଘାତ ଲାଗିଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ଆହତଙ୍କ ପକ୍ଷରୁ ମାଲଗୋଦାମ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ବିଏନ୍ଏସର ଧାରା ୧୦୯(୧), ୧୧୭(୨), ୧୨୬(୨), ୩(୫), ୩୫୧(୩) ରେ ଏକ ମାମଲା(କେସ୍ ନଂ ୭୩) ରୁଜୁ କରିଥିଲା। ଏହାରି ଆଧାରରେ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ଏଭଳି ଘଟଣାରେ ହଷ୍ଟେଲର ଛାତ୍ରମାନେ ହଷ୍ଟେଲ ଛାଡ଼ି ଘରକୁ ଚାଲିଯାଇଥିବା ଜଣାପଡ଼ିଛି।

ଅପରେସନ ସାଇବର କବଚ: ୨୧୬ ଅଭିଯୁକ୍ତ ଗିରଫ

କଟକ,୨୪ ।୨(ସମିସ): ଏ ପର୍ଯ୍ୟନ୍ତ "ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୯୩୭୬ଟି ମ୍ୟୁଲ/ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୪୦୦ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ସାଇବର ମାମଲା, ଏଟିଏମ୍ ଉଠାଣ ସମ୍ପର୍କିତ ୮ଟି, ଚେକ୍ ଉଠାଣ ସମ୍ପର୍କିତ ୧୩ଟି ଏବଂ ୯ଟି ନକଲି ସିମ୍ ସମ୍ପର୍କିତ ମାମଲା ରୁଜୁ କରାଯାଇଛି। ଏହା ସହ ୨୧୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ ନୂଆ ଓ ପୁରୁଣା ୧୧୮ଟି ଏଫ୍‌ଆଇଆର୍ ସହ ସଂପୃକ୍ତ ୨୭୫୮ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନରେ କଟକ ଜିଲ୍ଲା ପୁଲିସ ୩୫୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରିଛି ଏବଂ ନୂଆ ମାମଲାରେ ୧୦ ଜଣ ଓ ପୁରୁଣା ୪ଟି ଏଫ୍‌ଆଇଆର୍ ସଂପୃକ୍ତ ବ୍ୟକ୍ତିଙ୍କୁ ଆଇନଗତ ନୋଟିସ୍ ଜାରି କରିଛି।

୨ ଦିନ ବନ୍ଦ ରହିବ ମାଲଗୋଦାମ

କଟକ,୨୪।୨(ସମିସ): ଚନ୍ଦ୍ରଗ୍ରହଣ ପାଇଁ କଟକ ମାଲଗୋଦାମ ଅଞ୍ଚଳର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଆସନ୍ତା ମାର୍ଚ୍ଚ ୩ ଓ ୪ ତାରିଖ ଦିନ ବନ୍ଦ ରହିବ। କଟକ ବଣିକ ସଂଘ ପକ୍ଷରୁ ଏହି ଦୁଇ ଦିନ ବ୍ୟବସାୟ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ଆସନ୍ତା ମାର୍ଚ୍ଚ ୪ ତାରିଖ ବୁଧବାର ଦିନ ପୂର୍ବରୁ ସଂଘ ପକ୍ଷରୁ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ବନ୍ଦ ରହିବ ବୋଲି ଘୋଷଣା କରାଯାଇଥିଲା। ହେଲେ ମାର୍ଚ୍ଚ ୩ ତାରିଖ ମଙ୍ଗଳବାର ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମାଲଗୋଦାମ ଅଞ୍ଚଳର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନକୁ ଏହି ଦିନ ମଧ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ ଏହି ସୂଚନା ପ୍ରଦାନ କରିଛନ୍ତି।

ଭାରତ ମସଲା ପରିବାର ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ



କଟକ,୨୪।୨(ସମିସ): ଭାରତ ମସଲା ପରିବାର ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ରାମଦାସପୁର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ମସଲା କମ୍ପାନୀର କର୍ମଚାରୀମାନେ କୁଲ ଚ୍ୟାଲେଞ୍ଜର, ଷ୍ଟ୍ରଙ୍ଗ ଷ୍ଟ୍ରାଇକର, ଗୋଲ୍ଡେନ ୱାରିଅର, ତିଖା ଟାଇଟନସ ଆଦି ୪ଟି ଟିମରେ ବିଭକ୍ତ ହୋଇଥିଲା। ପ୍ରତ୍ୟେକ ଟିମ୍ ୬ ଓଭର ଲେଖାଏଁ ମ୍ୟାଚ ଖେଳିଥିଲେ। ଫାଇନାଲ ମ୍ୟାଚରେ ଅରୁଣ ନାୟକଙ୍କ ନେତୃତ୍ୱାଧୀନ ଷ୍ଟ୍ରଙ୍ଗ ଷ୍ଟ୍ରାଇକର ଟିମ ଗୋଲ୍ଡେନ ୱାରିଅରକୁ ପରାସ୍ତ କରି ବିଜୟ ଟ୍ରଫି ହାସଲ କରିଥିଲା। ପ୍ରାରମ୍ଭରେ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା ଏହାକୁ ଉଦଘାଟନ କରି କହିଲେ ଯେ ଭାରତ ମସଲା କମ୍ପାନୀରେ କାର୍ଯ୍ୟରତ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜସ୍ୱ କର୍ମ ବ୍ୟତିରେକେ ଅନେକ ପ୍ରତିଭା ରହିଛି। ଏହି ପ୍ରତିଭାର ବିକାଶ ପାଇଁ କମ୍ପାନୀ ପକ୍ଷରୁ ଖେଳ କସରତର ଆବଶ୍ୟକତା ରହିଛି। କେବଳ କର୍ମକ୍ଷେତ୍ରରେ ନିଜକୁ ସୀମିତ ନ ରଖି ନିଜ ମଧ୍ୟରେ ଥିବା ପ୍ରତିଭା ଓ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବାକୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ। ଉଭୟ ବିଜେତା ଓ ଉପ ବିଜେତା ଦଳକୁ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ରାମଦାସପୁର ଗ୍ରାମର ସଭାପତି କଲ୍ୟାଣ ସିଂହ ଓ ସମ୍ପାଦକ ନିରଞ୍ଜନ ଭୋଇ ଯୋଗଦେଇଥିଲେ।

ଷ୍ଟ୍ରଙ୍ଗ ଷ୍ଟ୍ରାଇକର ଟିମର ବାଜିମାତ

ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗ

ଜିଲ୍ଲାପାଳଙ୍କ ସହ ଆଲୋଚନା ବିଫଳ

କଟକ,୨୪।୨(ସମିସ):



- **ଆନ୍ଦୋଳନ ଜାରି ରଖିବାକୁ ଛାତ୍ରୀଙ୍କ ଜିଦ୍**
- **୩୩ ଦିନରେ ପହଞ୍ଚିଲା ଧାରଣା**
- **ଜମି ଓ ଭିତ୍ତିଭୂମି ସମସ୍ୟା ସମାଧାନ ପରେ ମାନ୍ୟତା ମିଳିବ ବୋଲି ପ୍ରଶାସନର ସଫେଇ**



ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ପ୍ରସଙ୍ଗରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ କୌଣସି ନିର୍ଦ୍ଦିଷ୍ଟ ସମାଧାନ ବାହାର କରିବାରେ ବିଫଳ ହୋଇଛି। ଆନ୍ଦୋଳନ ୩୩ ଦିନରେ ପହଞ୍ଚିବା ପରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଛାତ୍ରୀ, ପୁରାତନ ଛାତ୍ରୀ ସଂଘ, ବୁଦ୍ଧିଜୀବୀ ଏବଂ ବିଜେପି ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକ ପରେ ଜିଲ୍ଲାପାଳ ଓ ବିଜେପି ପ୍ରତିନିଧି ଶ୍ରୀତମ ଦାସ ଆଲୋଚନା ସଫଳ ହୋଇଥିବା ଦାବି କରିଥିବା ବେଳେ, ଆନ୍ଦୋଳନରତ ଛାତ୍ରୀ ଏବଂ ପୁରାତନ ଛାତ୍ରୀ ସଂଘ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ପ୍ରଶାସନିକସ୍ତରରେ ଦିଆଯାଇଥିବା ସୂଚନା ଅନୁଯାୟୀ, ମହାବିଦ୍ୟାଳୟର ଜମି ବର୍ତ୍ତମାନ ସୁଦ୍ଧା ସରକାରଙ୍କ ନାମରେ ରହିଛି ଏବଂ ଏହା ଶୈଳବାଳା ମହାବିଦ୍ୟାଳୟର ନିଜସ୍ୱ ଖାତାକୁ ଆସିନାହିଁ। ଜିଲ୍ଲାପାଳଙ୍କ କହିବା ଅନୁଯାୟୀ, ଜମି ସମସ୍ୟାର ସମାଧାନ ଏବଂ ଭିତ୍ତିଭୂମିର ବିକାଶ ନ ହେବା ପର୍ଯ୍ୟନ୍ତ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ସମ୍ଭବ ନୁହେଁ। ପ୍ରଥମ ପର୍ଯ୍ୟାୟରେ ସରକାରୀ ଖାତାରୁ ଜମିକୁ ଶୈଳବାଳା ନାମକୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ କରାଯିବ ଏବଂ ଏହା ପରେ ହିଁ ସରକାର ବିଶ୍ୱବିଦ୍ୟାଳୟ ମାନ୍ୟତା ଉପରେ ବିଚାର କରିବେ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପଟେ, ଆନ୍ଦୋଳନରତ ଛାତ୍ରୀ ମୌସୁମୀ ମହାନ୍ତ ଏବଂ ପୁରାତନ ଛାତ୍ରୀ ସଂଘର ସଦସ୍ୟା ଗୋପା ଦାସ ଓ ସୁଚିତ୍ରା ସେଠୀ ଏହି ଯୁକ୍ତିକୁ ଗ୍ରହଣ କରିନାହାନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାସନ କେବଳ ସମୟ ଗଡ଼ାଇ ଆନ୍ଦୋଳନକୁ ଦୁର୍ବଳ କରିବା ପାଇଁ ଏଭଳି ବାହାନା କରୁଛି। ଜମି ହସ୍ତାନ୍ତର ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇ ନ ଥିବାରୁ ଛାତ୍ରୀମାନେ ନିରାଶ ହୋଇଛନ୍ତି। ଯେ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ନେଇ ସରକାରୀ ଭାବେ ଲିଖିତ ପ୍ରତିଶ୍ରୁତି ବା ଘୋଷଣା ହୋଇନାହିଁ, ସେ ପର୍ଯ୍ୟନ୍ତ ଧାରଣା ପୂର୍ବଭଳି ଜାରି ରହିବ ବୋଲି ଛାତ୍ରୀମାନେ ଚେତାବନୀ ଦେଇଛନ୍ତି।

ସକାଳ
THE SAKALA

www.sakalaepaper.com

ଠିକାଦାରଙ୍କୁ ହତ୍ୟା ଘଟଣାରେ ୩ ଗିରଫ



ଆନନ୍ଦପୁର, ୨୪।୨ (ସମିସ): ଗତ ୨୦ ତାରିଖ ରାତିରେ ଘସିପୁରା ଥାନା ଡିହସାହି ଗାଁର ଠିକାର ବିପିନ ପରିଡ଼ାଙ୍କୁ ଚାନ୍ଦା ନଦେବାରୁ ଠେଙ୍ଗାରେ ପିଟି ପିଟି ହତ୍ୟା କରାଯାଇଥିଲା। ପୁଲିସ ରୁଜୁ କରିଥିବା ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଉକ୍ତ ଅଭିଯୁକ୍ତମାନେ ହେଲେ ହାତୀଶୀଳା ଡିହସାହିର କାଳନ୍ଦୀ ନାୟକ (୨୩), ରବିନ୍ଦ୍ର ନାୟକ (୨୪) ଓ ବାଦଲ ନାୟକ (୪୦)। ଘସିପୁରା ପୁଲିସ ଏହି ମାମଲାରେ ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ୨ ଜଣଙ୍କୁ ବାଲେଶ୍ୱର ଅଞ୍ଚଳରୁ ଗିରଫ କରିଥିବା ବେଳେ ଅନ୍ୟ ଜଣଙ୍କୁ ଯାଜପୁର ଅଞ୍ଚଳରୁ ଗିରଫ କରାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆନନ୍ଦପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କମଳା କୁମାର ପଣ୍ଡାଙ୍କଠାରୁ ପ୍ରକାଶ।

ଠିକାଦାର ଡିହସାହି ଗ୍ରାମର ବିପିନ ପରିଡ଼ାଙ୍କୁ ଘରୁ ଡାକି ମଦ ପିଇବାକୁ ଟଙ୍କା ମାଗିଥିଲେ ତିନି ଦୁର୍ବୃତ୍ତ। ଟଙ୍କା ନଦେବାରୁ ସେମାନେ ସଂଘବଦ୍ଧ ହୋଇ ଠେଙ୍ଗାରେ ଆକ୍ରମଣ କରିଥିଲେ। ପରେ ଆନନ୍ଦପୁର ଡାକ୍ତରଖାନାକୁ ବିପିନଙ୍କୁ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ, ଅତାସାହି ଡିହସାହିର ବିପିନ ପରିଡା ରାତିରେ ଖାଇସାରି ଶୋଇବାକୁ ଯାଉଥିବା ସମୟରେ ତାଙ୍କୁ ହତ୍ୟା କରାଯାଇଥିଲା। ମଦ ପିଇବାକୁ ବିପିନଙ୍କୁ ୫୦୦ ହଜାର ଟଙ୍କା ମାଗିଥିଲେ, ଟଙ୍କା ଦେବାକୁ ମନା କରିବାରୁ ସେମାନଙ୍କ ସହ ବିପିନଙ୍କ ସହ ପ୍ରଥମେ ବଚସା ହୋଇଥିଲା। ଉତକ୍ଷିପ୍ତ ହୋଇ ବିପିନଙ୍କୁ ବିଧା ଗୋଇଠା ସହ ଠେଙ୍ଗାରେ ଆକ୍ରମଣ ଯୋଗୁଁ ତାଙ୍କ ମୃତ୍ୟୁ ହୋଇଥିଲା। ଘସିପୁରା ଥାନାଧିକାରୀ କିଶୋର କୁମାର ପ୍ରଧାନ ଓ ତଦନ୍ତ ଅଧିକାରୀ ମନିଷା ବୁକ୍ତା ଓ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ନିଶା କାରବାର ବିରୋଧରେ ଅଣ୍ଟା ଭିଡ଼ିଲେ ମହିଳା



ଆନନ୍ଦପୁର, ୨୪।୨ (ସମିସ): ଆନନ୍ଦପୁର ଉପଖଣ୍ଡର ଘଷିପୁରା ଥାନା ଅନ୍ତର୍ଗତ ଶାଳପଡ଼ା ନୂଆ କଲୋନୀଠାରେ ଦିନକୁ ଦିନ ନିଶାଦ୍ରବ୍ୟ ବିକ୍ରି ଓ ବିଶେଷ କରି, ମଦର ଅବାଧ କାରବାର ବଢ଼ି ଚାଲିଛି। ଏହାଦ୍ୱାରା ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଥିବା ବେଳେ ଘରେ ଘରେ କଳହ ଓ ଅଶାନ୍ତିର ପରିବେଶ ସୃଷ୍ଟି ହେଉଛି। ନିଶାଗ୍ରସ୍ତ ଲୋକଙ୍କ ଜୀବନ ମଧ୍ୟ ଯାଉଛି। ବେଧଡ଼କ ଭାବେ ମଦ, ବ୍ରାଉନସୁଗର, ଗଞ୍ଜେଇ, ଜୁଆଖେଳ ଆଦି ଶାଳପଡ଼ା ନୂଆ କଲୋନୀରେ ବଢ଼ି ଚାଲିଛି। ଗଳିକନ୍ଦିରେ କୁଚିଆ ମଦ କାରବାର ଚାଲିଛି। ଯୁବ ପିଢ଼ି ଏହାଦ୍ୱାରା ପ୍ରଲୋଭିତ ହେଉ ପଥଭ୍ରଷ୍ଟ ହେଉଛନ୍ତି। ନିଶା ସେବନ ଦ୍ୱାରା ଆଇନଶୃଙ୍ଖଳା ବ୍ୟବସ୍ଥା ମଧ୍ୟ ରହୁ ନଥିବା ଅଭିଯୋଗ ହେଉଛି। ପୁଲିସ ଏଥିପ୍ରତି ନିରବଦ୍ରଷ୍ଟା ସାଜିଥିବାରୁ ଆଇନ ପ୍ରତି କାହାରି ଭୟ ନାହିଁ। ଏହାଦ୍ୱାରା ଅପରାଧ ସଂଘଟିତ ହେଉଥିବା ବେଳେ ବେଆଇନ କାର୍ଯ୍ୟକଳାପ ମଧ୍ୟ ବଢ଼ି ଚାଲିଛି। ଧନଜୀବନ ହାନି ହେଉଛି। ବହୁ ସମୟରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଉଛି। ଏହାକୁ ବନ୍ଦ କରିବାକୁ ଆଜି ଶତାଧିକ ମହିଳା ଅଣ୍ଟା ଭିଡ଼ି ବିରୋଧ କରିଛନ୍ତି। ସ୍ଥାନୀୟ ପ୍ରଶାସନ ପୁଲିସ ଓ ଅବକାରୀ ବିଭାଗ ଏଦିଗରେ ଉଚିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି; ନଚେତ ଆଗାମୀ ଦିନରେ ବଡ଼ ଧରଣର ପ୍ରତିବାଦ ସଂଘଟିତ ହେବ ବୋଲି କିଛି ମହିଳା ପ୍ରକାଶ କରିଛନ୍ତି।

ଭଞ୍ଜ କଳା ମଣ୍ଡପରେ ଜିତୁ ଦାଶ ସମ୍ବର୍ଦ୍ଧିତ



ଆନନ୍ଦପୁର, ୨୪।୨ (ସମିସ): ଭଞ୍ଜ କଳା ମଣ୍ଡପରେ "ତୋ ଲକ୍ଷ୍ୟସ୍ଥଳରେ ପହଞ୍ଚିବୁ' କାର୍ଯ୍ୟକ୍ରମରେ ଆନନ୍ଦପୁରର ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, ନୃତ୍ୟଗୁରୁ ଜିତୁ ଦାଶ, ଅଭିନେତ୍ରୀ ମିଲି ମହାନ୍ତି, କମଳ ଲୋଚନ ଚକ୍ରବର୍ତ୍ତୀ, ଅଲଓଡ଼ିଶା ଆର୍ଟିଷ୍ଟ ସଂଘ ସମ୍ପାଦକ ବାସୁଦେବ ନାଥ, ପ୍ରଯୋଜକ ସେକ ସାଜନ, ମନୋରଞ୍ଜନ ଦାସ ପ୍ରମୁଖ ମଣିଷ ଜୀବନର ସଂଘର୍ଷ କାହାଣୀର କଥାବସ୍ତୁ ଉପରେ ଆଧାରିତ କାହାଣୀକୁ ଉପସ୍ଥାପନ କରିଥିଲେ। ଅଭିନେତା ଅଶ୍ରୁମୋଚନ, ନୃତ୍ୟଗୁରୁ ଜିତୁ ଦାଶଙ୍କ ସଂଘର୍ଷର କାହାଣୀ ଉପରେ ଏକ କାହାଣୀ ତିଆରି ହେବା ଦରକାର। ନିଜ ମାଟିର କଳାକୁ କେତେ ଦରଦୀ ହୃଦୟ ଦେଇ ଗଢିଛନ୍ତି। ତା'ଛଡ଼ା ଜିତୁ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିବା ମତ ପ୍ରକାଶ ପାଇଥିଲା। ଆନନ୍ଦପୁର ମାଟିର ସନ୍ତାନ ଅଶ୍ରୁମୋଚନ, ସେକ ସାଜନଙ୍କ କାହାଣୀ ବି ଅନୁରୂପ ବୋଲି ଅଶ୍ରୁମୋଚନ ଓ ଅଭିନେତ୍ରୀ ମିଲି ମହାନ୍ତି କହିଥିଲେ। ଏହି ଅବସରରେ ନୃତ୍ୟଗୁରୁ ଜିତୁ ଦାଶଙ୍କୁ ମାଟିର ମହକ ପାଇଁ ସମସ୍ତ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

ଉଦୟପୁର ଧାନମଣ୍ଡି ଅବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ତୁରୁମୁଙ୍ଗା, ୨୪।୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଉଦୟପୁର ପଞ୍ଚାୟତ ସିଲିପଦା ଗ୍ରାମର ଗରିବ ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ଚାଷୀମାନେ ଚଳିତ ବର୍ଷ ଖରିଫ ଋତୁରେ ଋଣକରଜ କରି ଅନେକ କଷ୍ଟରେ ଚାଷ କରିଥିଲେ। ହେଲେ ମଣ୍ଡିରେ ଅବ୍ୟବସ୍ଥା ନେଇ ସେମାନଙ୍କ ଧାନକୁ ବିକ୍ରି କରି ପାରୁ ନଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଉକ୍ତ ମଣ୍ଡିରେ କର୍ମଚାରୀ ବଳରାମ ମହାପାତ୍ର ଏବଂ ସାହାରପଡ଼ା ଲ୍ୟାମ୍ପର ପରିଚାଳକ ରଞ୍ଜୁଶ୍ରୀ ମହାନ୍ତଙ୍କ ଅଣସ୍ୱୀକୃତି ଧାନ କଳାବଜାରୀଙ୍କ ସଲାସୁତୁରା ରହିଥିବା ଅଭିଯୋଗ କରାଯାଇଛି। ଗରିବ ଚାଷୀଙ୍କୁ ହଇରାଣ କରିବା ସହ ଧାନ ମଣ୍ଡି ଖୋଲୁ ନଥିବା ଅଭିଯୋଗରେ ଦର୍ଶାଇବା ସହ ଚାଷୀଙ୍କୁ ଧାନକୁ ମିଲକୁ ନିଜେ ନେବାକୁ ବାଧ କରୁଛନ୍ତି। ଧାନ ଟୋକନ ବଣ୍ଟନରେ ଅସାଧୁ ମନୋଭାବ ରଖି ଚାଷୀଙ୍କୁ ହଇରାଣ କରୁଥିବାରୁ ଗରିବ ଚାଷୀ ହତାଶ ହୋଇ ରହିଥିବା ନେଇ ସିଲିପଦା ଗ୍ରାମର ସମ୍ବଳିତ ଚାଷୀଙ୍କ ଦସ୍ତଖତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଜରିଆରେ ଲେଖି ମଣ୍ଡୁଆସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଛନ୍ତି। ଏନେଇ ସାହାରପଡା ଲ୍ୟାମ୍ପ ପରିଚାଳକ ରଞ୍ଜୁଶ୍ରୀ ରଞ୍ଜିତା ମହାନ୍ତଙ୍କୁ ପଚରାଯିବାରୁ ସେ କହିଛନ୍ତି, ଚାଷୀ ଅଧୈର୍ଯ୍ୟ ହେଉଛନ୍ତି। ପୂର୍ବରୁ ଟୋକନ ପାଇଥିବା ଚାଷୀଙ୍କ ଧାନ କିଣା ଚାଲିଛି। କୌଣସି ପରିସ୍ଥିତିରେ ଟୋକନ ଲାପସ ହେବନାହିଁ ଏବଂ ଚାଷୀଙ୍କ ସମସ୍ତ ଧାନ ସଂଗ୍ରହ କରାଯିବ ବୋଲି କହିଛନ୍ତି।

କବି ଚତୁର୍ଭୂଜଙ୍କୁ ବିଦୂଷ ଭାରତୀ ସମ୍ମାନ

ଆନନ୍ଦପୁର, ୨୪।୨ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ଭାରତୀ ବିଦୂଷ ସଭାର ମିଳିତ ସହଯୋଗରେ ଜୟଦେବ ଭବନ ଗୀତଗୋବିନ୍ଦ ସଦନରେ ଆୟୋଜିତ ଉତ୍କଳ ଭାରତୀ ବିଦୂଷ ସଭାର ଦ୍ୱିତୀୟ ବାର୍ଷିକ ଉତ୍ସବରେ କେନ୍ଦୁଝର ଜିଲ୍ଲା ଆମ୍ବଗଡ଼ିଆ ଗ୍ରାମର ଯୁବକବି ତଥା ଆଇନଜୀବୀ ଚତୁର୍ଭୂଜ ଜେନାଙ୍କୁ ତାଙ୍କ କବିତା ସଂକଳନ "ଭିଜା ମାଟିର ବାସ୍ନା' ପାଇଁ ବିଦୂଷ ଭାରତୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ଼ଃ ଗୋବିନ୍ଦ ଚାନ୍ଦ, ଅବସରପ୍ରାପ୍ତ ନିର୍ଦ୍ଦେଶକ ମୀନକେତନ ଦାସ, ବିଦୂଷ ସଭାର ପ୍ରତିଷ୍ଠାତା କସ୍ତୁରୀ ଚରଣ ନାୟକ, ସଭାପତି ଜ୍ୟୋତିର୍ମୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀ ଜେନାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଛି।



ନିୟନ୍ତ୍ରଣ ବାହାରକୁ ଯାଉଛି ଗୁଟଖା ଦର

ଚମ୍ପୁଆ,୨୪।୨(ସମିସ): ନିକଟ ଅତୀତରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୨୬ରେ ନିକୋଟିନଯୁକ୍ତ ଗୁଟଖା ବିକ୍ରି ଓ ଗଚ୍ଛିତ ଉପରେ ଅଙ୍କୁଶ ଲଗାଇଥିବା ବେଳେ ପରବର୍ତ୍ତୀ ସମୟରେ ଗୁଟଖା ବିକ୍ରି କରିବା ପରିବର୍ତ୍ତେ ଏହା ବଢ଼ି ବଢ଼ି ଚାଲିଛି। ଏବେ ପୁଣି ଏନେଇ ଏକ ନିର୍ଦ୍ଦେଶାବଳୀ ଜାରି ହୋଇଥିବା ପରିପ୍ରେକ୍ଷୀରେ ଗୁଟଖା ଦର ହୁହୁ ହୋଇ ବଢୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ସରକାରଙ୍କ ଘୋଷଣା ପୂର୍ବରୁ ଗୁଟୁଖା ଦର ୫ ଟଙ୍କାରେ ମିଳୁଥିବା ବେଳେ ଦିନକୁ ଦିନ ଏହାର ମୂଲ୍ୟ ବୃଦ୍ଧି ପାଇବା ସହ ଖୁଲମଖୁଲା ବେପାର ହେଉଛି। ସହଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପାନ ଦୋକାନଠାରୁ ଆରମ୍ଭ କରି ଜଳଖିଆ ଦୋକାନରେ ମଧ୍ୟ ଗୁଟଖାର ଅବାଧ କାରବାର ବଢିବାରେ ଲାଗିଛି। ପୂର୍ବରୁ ଗୋଟା ପାଞ୍ଚ ଟଙ୍କା ବିକ୍ରି ହେଉଥିବା ବେଳେ ୭ ଟଙ୍କା ଏପରିକି ଗୋଟା ପ୍ରତି କେତେକ ଦୋକାନୀ ୧୦ ଟଙ୍କା ଲେଖାଏଁ ବିକ୍ରି କରିବାକୁ ପଛାଉ ନାହାନ୍ତି। କେତେକ ପ୍ୟାକେଟକୁ ଅଧିକ ଦରରେ କିଣୁଥିବା କହୁଥିବା ବେଳେ କେତେକ ଏହାର ଅଭାବି ବିକ୍ରିର ଫାଇଦା ଉଠାଇବାକୁ ପଛଉ ନାହାଁନ୍ତି। ଫଳରେ ଗୁଟଖା ଦର ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଠୋସ ପଦକ୍ଷେପ ନିଆଯାଉ ନଥିବାରୁ ବର୍ତ୍ତମାନ ବଜାରରେ ଏହା ଅଙ୍କୁଶ ବିହୀନ ଭାବରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏନେଇ ଚମ୍ପୁଆ ଏନଏସିରେ ନିଯୁକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଜୀବନ ବେହେରାଙ୍କୁ ପଚାରିବାରୁ କହିଛନ୍ତି ଯେ ଏହା ଉପରେ ଆମେ ନଜର ରଖିଛୁ ଖୁବଶୀଘ୍ର ଚଢାଉ କରାଯିବ।

● ପ୍ରିଣ୍ଟ ମୂଲ୍ୟରୁ ଅଧିକା ବିକ୍ରି

'ଆମେ ପଢ଼ିବା ଆମ ଭାଷାରେ' କର୍ମଶାଳା




କେନ୍ଦୁଝର, ୨୪।୨(ସମିସ): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି କେନ୍ଦୁଝର ସଦର ବ୍ଲକ ସଭାଗୃହଠାରେ "ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମ ଅଧୀନରେ 'ହୋ' ଭାଷାରେ ଶିକ୍ଷାଦାନ ନିମନ୍ତେ ଏକଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାତୃଭାଷାରେ ଶିକ୍ଷା ଉପରେ ଗୁରୁତ୍ୱ ଜାତୀୟ ଶିକ୍ଷାନୀତି ୨୦୨୦କୁ ଆଧାର କରି ପ୍ରସ୍ତୁତ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି। ଏହାଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁଙ୍କ ବୌଦ୍ଧିକ ବିକାଶ ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କେନ୍ଦୁଝର ଜିଲ୍ଲାରେ ମୁଖ୍ୟତଃ 'ମୁଣ୍ଡା' (ହୋ) ଭାଷା ଉପରେ ଗୁରୁତ୍ୱ ଦିଆଯାଇ ପ୍ରଥମ ପର୍ଯ୍ୟାୟରେ ଏହି ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଛି। ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ହେଲ୍ପର, ସୁପରଭାଇଜର ଏବଂ ସିଡିପିଓଙ୍କୁ ମଧ୍ୟ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ମାତୃଭାଷା ଆଧାରିତ ନୂତନ 'ଅରୁଣିମା' ପାଠ୍ୟକ୍ରମର ପ୍ରଚଳନ ରହିଛି। କର୍ମଶାଳାରେ 'ପ୍ରଥମ' ସ୍ୱେଚ୍ଛାସେବୀ ସଂସ୍ଥା ସ୍ଥାନୀୟ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ବୈଷୟିକ ସହଯୋଗ ଯୋଗାଇ ଦେଉଛଛି। ଉପଜିଲ୍ଲାପାଳ ଉମାକାନ୍ତ ଦଳାଇ କହିଥିଲେ "ଯଦି ଜଣେ ଶିଶୁ ପ୍ରଥମ ଦିନରୁ ନିଜ ଭାଷା ବଦଳରେ ଏକ ଅଜଣା ଭାଷାର ସମ୍ମୁଖୀନ ହୁଏ, ତେବେ ସେ ମାନସିକ ସ୍ତରରେ ସଂକୁଚିତ ହୋଇଯାଏ। ଶିଶୁଟି ଯେପରି ନ ଡରି ଖୁସିରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସିବ, ସେଥିପାଇଁ ମାତୃଭାଷା ଶିକ୍ଷାଦାନର ସର୍ବୋତ୍ତମ ମାଧ୍ୟମ। ଗୁରୁ (ଅଙ୍ଗନବାଡ଼ି କର୍ମୀ) ଓ ଶିଷ୍ୟଙ୍କ ମଧ୍ୟରେ ଯୋଗାଯୋଗର ମାଧ୍ୟମ ଠିକ୍ ରହିଲେ ହିଁ ଶିକ୍ଷାଦାନ ସଫଳ ହେବ। ଶିଶୁଙ୍କୁ ସ୍କୁଲ ପ୍ରସ୍ତୁତି ନିମନ୍ତେ ଦକ୍ଷ କରିବା ଏବଂ ସେମାନଙ୍କ ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏହି କର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସବିତା ଦାଶ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ, ଆଇଟିଡ଼ିଏ କେନ୍ଦୁଝରର ସ୍ୱତନ୍ତ୍ର ଅଧିକାରୀ ମନୋରଞ୍ଜନ ବେହେରା, ଏଡ଼ିଇଓ ରୁଦ୍ରନାରାୟଣ ସାମଲ ଯୋଗ ଦେଇଥିଲେ। ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ରଞ୍ଜୁରାଣୀ ଦାସ, ଘଟଗାଁ ସିଡ଼ିପିଓ ଜୟନ୍ତୀ ମହାନ୍ତ, ଘଟଗାଁ ସରପଞ୍ଚ ମୁକୁନ୍ଦ ମୁଣ୍ଡା, ଆଇସିଡିଏସ୍ ସେଲ୍ ପ୍ରକଳ୍ପ ଅଧିକାରୀ ବାସନ୍ତୀ ମହାନ୍ତ, ପ୍ରକଳ୍ପ ଅଧିକାରୀ ଚୁଲେଶ୍ୱରୀ ପଟେଲ ଏବଂ ଜିଲ୍ଲା ପୋଷଣ ସମନ୍ୱୟ ଅଧିକାରୀ ଅଜିତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ଶିକ୍ଷାବିତ, ଅଙ୍ଗନବାଡ଼ି କର୍ମୀ, ବିଭିନ୍ନ ବ୍ଲକ ସିଡିପିଓ, ସୁପରଭାଇଜର ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପରିଚାଳନା କରିଥିଲା।

ସ୍ନାତକୋତ୍ତର ଶିକ୍ଷକ ଶିକ୍ଷୟିତ୍ରୀ ଦରମା ନପାଇ ହନ୍ତସନ୍ତ

କେନ୍ଦୁଝର, ୨୪।୨(ସମିସ): କେନ୍ଦୁଝରସ୍ଥିତ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରାୟ ୨୦ ଜଣ ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀ ମୂଳ ନିଯୁକ୍ତି ଦିନଠାରୁ ଦରମା ନପାଇବା ଘଟଣା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଓପିଏସସି ଦ୍ୱାରା ପରୀକ୍ଷା ମାଧ୍ୟମରେ ଓଡ଼ିଶା ସାରା ବିଭିନ୍ନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୦୨୫ ଡିସେମ୍ବରରେ ନିଯୁକ୍ତି ପାଇଥିବା ସ୍ନାତକୋତ୍ତର ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଜି ପର୍ଯ୍ୟନ୍ତ ଦରମା ପାଇନାହାନ୍ତି। ଦୂରଦୁରାନ୍ତରୁ ଆସି ଏଠାରେ ଚାକିରି କରିଥିବା ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀମାନେ ଦରମା ନପାଇବା କାରଣରୁ ବହୁ ଅସୁବିଧାରେ ଧାର ଉଧାର କରି ଚଳୁଥିବା ଅଭିଯୋଗ ହୋଇଛି। ପୁଅ ଝିଅମାନେ ସରକାରୀ ଚାକିରି, ପୁଣି ଓପିଏସସି ଦ୍ୱାରା ଚୟନ କରାଯାଇଥିବା ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀ ହୋଇ ବି ଦରମା ନପାଇବା ଯୋଗୁଁ ପିତାମାତାମାନେ ଆଶା ଆଶଙ୍କାରେ କାଳ କାଟୁଛନ୍ତି। କାହାକୁ ଏକଥା କହିବେ, ଶୁଣିବ ବ କିଏ? ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସରକାରୀ ରାଜସ୍ୱ କୋଟି କୋଟି ଟଙ୍କା ଅନ୍ୟତ୍ର ଖର୍ଚ୍ଚ ହେଉଥିବାବେଳେ ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀଙ୍କ ଦରମା ପାଇଁ ଅର୍ଥ ନିଅଣ୍ଟ ହେବା ସରକାରଙ୍କ ପାରିବାପଣିଆକୁ ପଦାରେ ପକାଇଛି। ମୁଖ୍ୟମନ୍ତ୍ରୀ ନିଯୁକ୍ତି ମେଳା ମାଧ୍ୟମରେ ନିଯୁକ୍ତିପତ୍ର ପାଇଥିବା ସରକାରୀ ସ୍ନାତକୋତ୍ତର ଶିକ୍ଷକଶିକ୍ଷୟିତ୍ରୀଙ୍କ ଆଶଙ୍କା ଏନେଇ ବୃଦ୍ଧି ପାଉଥିବା ବେଳେ ଆଗାମୀ ଦିନରେ କୌଣସି ସ୍ୱଷ୍ଟ ଚିତ୍ର ଦେଖାଯାଉନାହିଁ। ଦୀର୍ଘଦିନ ହେବ ଦରମା ନପାଇବା ଯୋଗୁଁ ସେମାନେ ଚାପଗ୍ରସ୍ତ ହୋଇ ଚାକିରି କରିଛନ୍ତି। ଏହାଫଳରେ ଶିକ୍ଷାଦାନ ଓ ଗୁଣବତ୍ତା ବାଧାପ୍ରାପ୍ତ ହେବାର ଆଶଙ୍କା ମଧ୍ୟ ରହିଛି। ତୁରନ୍ତ ଏହି ସ୍ନାତକୋତ୍ତର ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଦରମା ପାଇବା ଦିଗରେ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ଜନଗଣନା ପୂର୍ବ ପ୍ରସ୍ତୁତି; ଜିଲ୍ଲାସ୍ତରୀୟ ଦୁଇଦିନିଆ ପ୍ରଶିକ୍ଷଣ ଶେଷ



କେନ୍ଦୁଝର,୨୪।୨(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଡିଆରଡ଼ିଏ ସମ୍ମିଳନୀ କକ୍ଷଠାରେ ଆଗାମୀ 'ଡିଜିଟାଲ ଜନଗଣନା ୨୦୨୭' ପାଇଁ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଜିଲ୍ଲାର ସମସ୍ତ ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପ୍ରଭାରୀ ଏବଂ ଜନଗଣନା ସହାୟକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମ ଦିନରେ 'ଜନଗଣନା ପରିଚାଳନା ଏବଂ ଅନୁଧ୍ୟାନ ବ୍ୟବସ୍ଥା' ଏବଂ ଏଚଏଲବି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷ କରି ତଥ୍ୟ ସଂଗ୍ରହ, ରିଅଲ-ଟାଇମ୍ ରିପୋର୍ଟିଂ ଏବଂ ପୋର୍ଟାଲରେ ଡାଟା ଏଣ୍ଟ୍ରି ସମ୍ବନ୍ଧରେ ଅଧିକାରୀମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଶିକ୍ଷା ଦିଆଯାଇଥିଲା। ଦ୍ୱିତୀୟ ଦିନରେ ଚାର୍ଜ ଅଫିସର, ଗଣନାକାରୀ ଏବଂ ସୁପରଭାଇଜରମାନଙ୍କ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା। ଏଥିସହ 'ଏଚଏଲଓ ମୋବାଇଲ୍ ଆପ୍' ମାଧ୍ୟମରେ ସ୍ୱୟଂ ଜନଗଣନା ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିରର ମୂଳ ଲକ୍ଷ୍ୟ ହେଉଛି ଜନଗଣନା କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ଡିଜିଟାଲାଇଜ୍ କରିବା ଏବଂ କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା। ଏହାଦ୍ୱାରା ୨୦୨୭ ଜନଗଣନା କାର୍ଯ୍ୟ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ହୋଇପାରିବ। ଏହି କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ।

ଆନନ୍ଦପୁର ଜିଲ୍ଲା ଦାବିରେ ବିକାଶ ପରିଷଦ ବୈଠକ

ଆନନ୍ଦପୁର, ୨୪।୨(ସମିସ):

ଆନନ୍ଦପୁରକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବିନେଇ ଆନନ୍ଦପୁର ବିକାଶ ପରିଷଦ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଦଧିବାମନ ମନ୍ଦିର ପରିସରରେ ପରିଷଦର ସଭାପତି ରମାକାନ୍ତ ନାୟକ ଅଧ୍ୟକ୍ଷତାରେ ଏହି ବୈଠକରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ, ବ୍ୟବସାୟିକ ସଂଗଠନର କର୍ମକର୍ତ୍ତ ମତ ଦେଇଥିଲେ। ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବୟାନ ପରେ ଉପଖଣ୍ଡବାସୀ ବେଶ ଆଶାବାଦୀ ହୋଇଥିବାରୁ ଆସନ୍ତା ୨୬ ତାରିଖରେ ଉପଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ଉପଖଣ୍ଡବାସୀଙ୍କ ମତ ଅନୁସାରେ, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡକୁ ସବୁ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଛି। ଜିଲ୍ଲାସ୍ତରୀୟ ଅଧିକାରୀମାନେ ଆନନ୍ଦପୁର ଉପଖଣ୍ଡକୁ ପରିଦର୍ଶନ କରୁ ନଥିବା ବେଳେ ବିକାଶ କାର୍ଯ୍ୟର ତଦାରଖ ହୋଇପାରୁ ନଥିବା ଅଭିଯୋଗ ହୋଇଆସୁଛି। ଏପରିକି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏଠାରେ ରହୁନାହାନ୍ତି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ୍ୟ ସମସ୍ୟା ସମାଧାନ କ୍ଷେତ୍ରରେ କାହାର ଆନ୍ତରିକତା ରହୁନି। ଉପଖଣ୍ଡର କେତେକ ସ୍ଥାନରୁ ଜିଲ୍ଲା ମୁଖ୍ୟାଳୟର ଦୂରତା ୧୪୦କିମି ହୋଇଥିବାରୁ ସେହିସବୁ ସ୍ଥାନର ଲୋକେ କୌଣସି କାମରେ ମୁଖ୍ୟାଳୟକୁ ଗଲେ ହଇରାଣ ହେଉଛନ୍ତି। ଅନେକ ସମୟରେ ଲୋକେ ମୁଖ୍ୟାଳୟରେ ରାତି ରହି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

ସ୍ମାରକପତ୍ର ପ୍ରଦାନ ଆଜି



ସୁକିନ୍ଦା ଅଞ୍ଚଳରେ ଖଣି ଲୁଟେରା ସକ୍ରିୟ

ରାତିଅଧିଆ ଚାଲାଣ ହେଉଛି ଖଣିଜ ପଦାର୍ଥ

ଯାଜପୁର/ଦାନଗଦି, ୨୪।୨(ସମିସ)



ସୁକିନ୍ଦା କ୍ରୋମ୍ ଉପତ୍ୟକାରେ ଏବେ ଖଣିଜ ଲୁଟେରା ପୂରା ସକ୍ରିୟ ହୋଇଉଠିଛନ୍ତି। କେତେବେଳେ ବନ୍ଦପଡ଼ିଥିବା ଖଣିରୁ ଖଣିଜ ପଦାର୍ଥ ଲୁଟ୍ କରୁଛନ୍ତି ତ ପୁଣି କେତେବେଳେ ପୂର୍ବରୁ ପୋତି ରଖିଥିବା ଖଣିଜ ପଦାର୍ଥକୁ ରାତିଅଧିଆ ଚୋରାଚାଲାଣ କରି ମାଲେମାଲ୍ ହେଉଛନ୍ତି। ଗତ ୨୦ ତାରିଖ ସନ୍ଧ୍ୟାରେ ଖଣିଜ ପଦାର୍ଥ ବୋଝେଇ ହୋଇଯାଉଥିବା ଦୁଇଟି ୧୬ ଚକିଆ ହାଇୱାକୁ ଟମକା ଛକରେ ଅଟକ ରଖି ପୁଲିସର ଜିମା ଦେବା ପରେ ସମସ୍ତ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଗାଡ଼ି ଦୁଇଟି (ଓଡି୦୨ ବିପି-୨୧୨୨ ଓ ଓଡି-୩୪ ଏଲ୍-୭୯୦୭) ଅଟକ ରଖି ପୁଲିସ ଓ ଖଣି ବିଭାଗକୁ ଖବର ଦେଇଥିଲେ। ପରଦିନ ଖଣି ବିଭାଗର ଅଧିକାରୀ ଟମକା ଥାନାରେ ପହଞ୍ଚି ଗାଡିରେ ବୋଝେଇଥିବା ଖଣିଜ ପଦାର୍ଥର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିବା ଜଣାପଡ଼ିଛି। ତେବେ ଏହି ଗାଡ଼ିରେ ବୋଝେଇ ହେଇ ଆସିଥିବା ଖଣିଜ ପଦାର୍ଥ କେଉଁଠୁ ଆସିଲା ତାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ସୁକିନ୍ଦାର ଜଣେ ପ୍ରତିଷ୍ଠିତ ପୂର୍ବତନ ଖଣି ଠିକାଦାରଙ୍କ ପରିତ୍ୟକ୍ତ କ୍ୟାମ୍ପରୁ ଏହା ଆସିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଉକ୍ତ କ୍ୟାମ୍ପରୁ ପୂର୍ବରୁ ଏକାଧିକ ଟ୍ରିପ୍ ଖଣିଜ ସମ୍ପଦ ଚୋରାଚାଲାଣ ହୋଇଥିବାର ଦେଖିବାକୁ ମିଳିଛି। ସଂଯୁକ୍ତ ଠିକାଦାର ଜଣଙ୍କ ପୂର୍ବରୁ ପାଖ ଖଣିରେ ଠିକାଦାରୀ କରୁଥିବା ସମୟରେ ସେତେବେଳେ ସେଠାରୁ ଉତ୍ତୋଳନ ହୋଇଥିବା ଖଣିଜପଦାର୍ଥ ଚୋରି କରି ଆଣି ବେଆଇନ୍ ଭାବେ ଉକ୍ତ କ୍ୟାମ୍ପରେ ପୋତି ରଖିଥିବା ଏକ ବିଶେଷ ସୂତ୍ରରୁ ଖବର ମିଳିଛି। ସେହି କ୍ୟାମ୍ପରେ ଏବେ ମଧ୍ୟ ୨ଶହରୁ ଅଧିକ ଟ୍ରିପ୍ ଖଣିଜ ପଦାର୍ଥ ପୋତା ହୋଇ ରହିଥିବା କୁହାଯାଉଛି। ଚୋରା ଖଣିଜପଦାର୍ଥ ପରିବହନ କରୁଥିବା ଟ୍ରକ୍ ମାଲିକ ବ୍ରାହ୍ମଣୀପାଳ ଅଞ୍ଚଳର ବୋଲି ଜଣାପଡ଼ିଛି। ସେହି ଗାଡ଼ି ମାଲିକ ଜଣକ ନିପାଣିଆ ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ଭଡ଼ାସୂତ୍ରରେ ଗାଡି ଦେଇଥିବା ତଦନ୍ତରୁ ଜଣାପଡ଼ିଛି। ତେବେ ଗାଡ଼ି ମାଲିକଙ୍କ ଠାରୁ ଆରମ୍ଭ କରି ପରିବହନ କରୁଥିବା ଠିକାଦାର ଏବଂ ଚୋରା ଖଣିଜପଦାର୍ଥ ଖାଦାନ ମାଲିକଙ୍କ ମଧ୍ୟରେ ଏକ ଅସାଧୁ ମେଣ୍ଟ ରହିଛି। ଯାହାକି ଦୀର୍ଘଦିନ ଧରି ଏଭଳି ଚୋରା ଚାଲାଣ ଚାଲିଆସୁଛି। କିନ୍ତୁ ବାରମ୍ବାର ଏଭଳି ଚୋରା ଚାଲାଣ ହେଉଥିଲେ ମଧ୍ୟ ନା ଖଣି ବିଭାଗ ନାଁ ପୁଲିସ ପ୍ରଶାସନ ପକ୍ଷରୁ ଠିକଣା ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପୂର୍ବରୁ ଏହି ଟମକା ଅଞ୍ଚଳରୁ ବିରଳ ନୀଳପଥର ମଧ୍ୟ ଚୋରା ଚାଲାଣ ହେଉଥିବା ଏବଂ ଏଥିରେ ଆନ୍ତଃ ରାଜ୍ୟ ଲକେଟର ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଏହି ଚୋରା ଖଣିଜପଦାର୍ଥ କେଉଁଠୁ ଆସିଲା ଓ ଆଉ ସେଠାରେ ଖଣିଜପଦାର୍ଥ ଅଛି କି ନାହିଁ ତାହାର ଠିକଣା ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡ଼ନ୍ତା ବୋଲି ମତ ପ୍ରକାଶ ପାଉଛି।

ଗଣେଶ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ



ଯାଜପୁର, ୨୪।୨(ସମିସ): ଯାଜପୁର ନଗରସ୍ଥିତ ଶ୍ରୀଗଣେଶ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରୌପ୍ୟ ଜୟନ୍ତୀ ଅବସରରେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଆଜି ମାତୃ ସମ୍ମିଳନୀ ଓ ପଞ୍ଚମହାଭୁତ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ବ୍ରହ୍ମ କୁଣ୍ଡରୁ ଯଜ୍ଞ କଳସ ସ୍ଥାପନ କରି ଗଣେଶ, ସୂର୍ଯ୍ୟ, ଶିବ, ବିଷ୍ଣୁ, ଦୁର୍ଗାଙ୍କୁ ଆବାହନ କରି ପୂଜା, ଜପ, ହୋମ ଆଦି ସମ୍ପନ୍ନ କରାଯାଇଥିଲା। ଏହା ପରେ ମାତୃ ସମ୍ମିଳନୀ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ରୂପେ ପଣ୍ଡିତ ଭୁପତି ଭୂଷଣ ମିଶ୍ର, ଅନ୍ୟତମ ଅତିଥି ରୂପେ ପୂର୍ବତନ ସାଂସଦ ଅଞ୍ଜଳି ଦାସ ଯୋଗଦେଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସଭାପତି ତପନ ମହାରଣ୍ୟ ଶର୍ମା ସଭାପତିତ୍ୱ କରିଥିଲା ବେଳେ ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶ ବେଦମନ୍ତ୍ର ପାଠ କରିଥିଲେ। ପ୍ରଧାନଆଚାର୍ଯ୍ୟା ପ୍ରଭାତି ବେହୁରା ସ୍ୱାଗତ ଭାଷଣ, ତରଣୀ ରଶ୍ମି ଶେଖର ମହାରଣ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ସଦସ୍ୟା ଭାଗ୍ୟଲକ୍ଷ୍ମୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଆଚାର୍ଯ୍ୟା ଗୀତାରାଣୀ ସାହୁ, ପ୍ରିୟଙ୍କା ଓଝା, ରାଶେଶ୍ୱରୀ ମହାନ୍ତି, ସୁନିତା ଗୋଚ୍ଛାୟତ, ଆଶାଲତା ପତି, ରିତିକା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଧର୍ମଶାଳା, ୨୪।୨(ସମିସ): ଧର୍ମଶାଳା ବ୍ଲକ ମିର୍ଜାପୁର ସ୍ଥିତ ଦନାମଠ ଖେଳ ପଡ଼ିଆରେ ତୃତୀୟ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା କ୍ରିକେଟ୍ ତାରକା ବସନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ବନ୍ଦେ ଉତ୍କଳ ଜନନୀର ସଭାପତି ଅଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବ୍ରଜକିଶୋର ମହାନ୍ତି, ସମାଜସେବୀ ଅଭିମନ୍ୟୁ ଧଳ, ମ୍ୟାଚ୍ ପରିଚାଳକ ଦୟାନିଧି ଦାଶ, ବନ୍ଦେ ଉତ୍କଳ ଜନନୀର ସମ୍ପାଦକ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, ଯୋଜନା ଦଳପତି ମନୋରଞ୍ଜନ ସେଠୀ ଯୋଗ ଦେଇଥିଲେ। ଉଦଘାଟନ ପୂର୍ବରୁ ମୁଖ୍ୟଅତିଥିଙ୍କୁ ମିର୍ଜାପୁର ମାଉଣ୍ଡ ନିକଟରୁ ଏକ ମୋଟର ସାଇକଲ ଶୋଭାଯାତ୍ରାରେ ଖେଳ ପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ଉଦଘାଟନ ଅବସରରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ନେତାଜୀ ସ୍ପୋର୍ଟିଂ କ୍ଲବ୍ କାଏମା ଏବଂ ଜିତୁ ଇଲେଭେନ୍, ଜାରକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିତୁ ଇଲେଭେନ୍ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ୍ ହରାଇ ୨୬୫ ରନ୍ ସଂଗ୍ରହ କରିବା ସହିତ ଦଳ ପକ୍ଷରୁ ପୁପୁନ୍ ସାମଲ ୨୬ ବଲରେ ସର୍ବାଧିକ ୬୪ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ କାଏମା ଦଳ ୧୫ ଓଭରରେ ୭ ୱିକେଟ୍ ହରାଇ ୧୮୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଛତିଆ ଓ ଏସ୍‌ଜି କ୍ଲବ ଆଦମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦମପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ୱିକେଟ୍ ହରାଇ ୧୮୯ ରନ୍ ସଂଗ୍ରହ କରିଥିଲା। ଅନ୍ୟ ପକ୍ଷରେ ଛତିଆ ଦଳ ୮ ୱିକେଟ୍ ହରାଇ ୧୬୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ପାୟାର୍ ଭାବେ ତିଲକ୍ ଜେନା, ଲିପୁ ବରାଳ ଓ ମୃତ୍ୟୁଞ୍ଜୟ ବରାଳ ଖେଳ ପରିଚାଳନା କରିଥିଲେ। ବିଶ୍ୱନାଥ ବିଶ୍ୱାଳ, ତାପସ ନାଏକ ସ୍କୋରର ଦାୟିତ୍ୱ ନିର୍ବାହ କରିଥିବା ବେଳେ ନାଗାର୍ଜୁନ ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ। ନରୋତ୍ତମ ସ୍ୱାଇଁ, ଶ୍ରୀକାନ୍ତ ବିଶ୍ୱାଳ, ଗଣେଶ୍ୱର ସେଠୀ, ଗୁଗୁଲ୍ ସାହୁ ପ୍ରମୁଖ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ୮ଟି କ୍ରିକେଟ୍ ଦଳ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି।

ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁର ସମୀକ୍ଷା



ଯାଜପୁର, ୨୪।୨(ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ବର କୁମାର କର ଜାନୁଆରୀ ମାସରେ ହୋଇଥିବା ମାତୃ ଓ ଶିଶୁ ମୃତ୍ୟୁର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷାରେ ଜିଲ୍ଲାପାଳ ମୃତ ମା' ଏବଂ ଶିଶୁଙ୍କ ପରିବାର ସଦସ୍ୟଙ୍କ ସାଙ୍ଗରେ ମୃତ୍ୟୁର କାରଣ ବିଷୟରେ ପଚାରି ବୁଝିଥିଲେ। ତାଙ୍କ ସାଙ୍ଗରେ ଆସିଥିବା ଅଙ୍ଗନବାଡ଼ି ଓ ଆଶା ଦିଦିଙ୍କୁ ଭିଏଚଏନ୍‌ଡି କିପରି କାର୍ଯ୍ୟ କରୁଛି ତାହା ପଚାରି ବୁଝିଥିଲେ। ଏହାସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରୁ ଆସିଥିବା ଡା. ମୁରଲୀ ପାଢ଼ୀ, ମାତୃ ସ୍ୱାସ୍ଥ୍ୟ ଅଧିକାରୀ, ଯାଜପୁର ମେଡିକାଲ କଲେଜର ଅଧକ୍ଷ ଏବଂ ଅନ୍ୟାନ୍ୟ ପ୍ରଫେସର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଆଲୋଚନା କରିବା ସହିତ ସ୍ୱାସ୍ଥ୍ୟ ସେବାରେ ଥିବା ବ୍ୟବଧାନକୁ ଯଥାଶୀଘ୍ର ପୂରଣ କରିବା, ଏକ ଟିମ୍ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରକ୍ତ ଭଣ୍ଡାରରେ ରକ୍ତ ଗଚ୍ଛିତ ରଖିବା ଏବଂ ଆୟୁଷ୍ମାନ ଶିବିରରେ ରକ୍ତଦାନ କ୍ୟାମ୍ପ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଆଗାମୀ ଗ୍ରୀଷ୍ମ ଋତୁର ମୁକାବିଲା କରିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସବୁ ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସର୍ବଶେଷରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରୁ ଆସିଥିବା ଡା. ପାଢ଼ୀ ଯାଜପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ କ୍ରମାଗତ ଉନ୍ନତି ପାଇଁ ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ବିଭାଗକୁ ସାଧୁବାଦ ଓ ଧନ୍ୟବାଦ ଦେଇଥିଲେ।

ସିଲ୍ ହୋଇଥିବା କଲ୍ୟାଣ ମଣ୍ଡପ ଖୋଲିବା ଘଟଣା

୧୫ ଦିନ ମଧ୍ୟରେ ମାମଲା ରୁଜୁ ନିର୍ଦ୍ଦେଶ

ଦଶରଥପୁର, ୨୪।୨(ସମିସ): ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସିଲ୍ ହୋଇଥିବା କୁଆଁସ କଲ୍ୟାଣ ମଣ୍ଡପ ଖୋଲିଲା କିପରି ଏଥିନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ସରପଞ୍ଚ ପଦ୍ମାବତୀ ବିଶ୍ୱାଳ। ଅଭିଯୋଗ ପରେ ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ୧୫ ଦିନ ମଧ୍ୟରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ଅମ୍ବର କୁମାର କର। ସୂଚନାଅନୁଯାୟୀ ଡାହାଣହତା ପଞ୍ଚାୟତ କୁଆଁସ କଲ୍ୟାଣ ମଣ୍ଡପଟି ପ୍ରାୟ ୧୦ ବର୍ଷ ହେବ ନିର୍ମାଣ ହୋଇ କାର୍ଯ୍ୟକାରୀ ହେଉଥିବା ବେଳେ ଗତ ବର୍ଷ ବ୍ୟକ୍ତିଗତ ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିବାରୁ ଜମି ମାଲିକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଣୁ ବ୍ଲକ ପକ୍ଷରୁ ଗତ ୧୭-୧୦-୨୦୨୫ ରେ ଚିଠି ନମ୍ବର ୫୧୭୫ ରେ ନିଲାମ ପକ୍ରିୟାକୁ ରଦ୍ଦ କରାଯାଇଥିଲା। ଏହାର ଗୋଟିଏ ଦିନ ପରେ ବିଡିଓ ଆକାଶ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅର୍ଥାତ ୧୮-୧୦-୨୦୨୫ ତାରିଖରେ ଚିଠି ସଂଖ୍ୟା ୫୧୦୩ରେ ଏବିଡିଓ ତ୍ରିଲୋଚନ ସେଠୀ କଲ୍ୟାଣ ମଣ୍ଡପରେ ସିଲ୍ କରି ଆସିଥିଲେ। ମାତ୍ର କିଛି ଦିନ ହେବ ପଞ୍ଚାୟତକୁ କୌଣସି ସୂଚନା ନଥାଇ ମଣ୍ଡପ ଖୋଲାଯାଇ ସଭା ଏବଂ ଭୋଜି ଭାତ କରାଯାଉଥିଲା। ଏବାବଦରେ ବିଡିଓଙ୍କୁ ପଚାରିବାରେ ଏହା କିପରି ଖୋଲାଗଲା ଜାଣିନଥିବା କହିବାରୁ ସରପଞ୍ଚ ପଦ୍ମାବତୀ ବିଶ୍ୱାଳ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଶୁଣିବାପରେ ଆସନ୍ତା ୧୫ ଦିନ ମଧ୍ୟରେ ତଦନ୍ତ କରାଇ ମଣ୍ଡପ ଖୋଲିଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଜିଲ୍ଲାପାଳ ଅମ୍ବର କୁମାର କର ବିଡିଓ ଦଶରଥପୁର ଏବଂ ଯାଜପୁର ଏସଡିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଚିଡ଼ାଳ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ଦଶରଥପୁର, ୨୪।୨(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ଚିଡ଼ାଳ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଶିକ୍ଷାବିତ ପ୍ରଫେସର କୁମରବର ଦାସ ମୁଖ୍ୟଅତିଥି ଭାବେ ଉତ୍ସବର ଶୁଭାରମ୍ଭ କରିବା ସହିତ ଶୃଙ୍ଖଳା ଏବଂ କର୍ତ୍ତବ୍ୟବୋଧ ବିଦ୍ୟାର୍ଥୀଙ୍କ ପାଇଁ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ରଞ୍ଜିତ କୁମାର ସାହୁ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଉପ ଜିଲ୍ଲାପାଳ ତାପସ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ନିରଞ୍ଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ମାମାଲି ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, ସାହିତ୍ୟ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଅଧ୍ୟାପକ ପତିତପାବନ ଦାସ ଓ ଲକ୍ଷ୍ମଣ ସାହୁ ଉତ୍ସବ ସଂଯୋଜନା କରିଥିଲେ। ଅଧ୍ୟାପକ ଗଣେଷ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସିଲ୍ ହୋଇଥିବା କଲ୍ୟାଣ ମଣ୍ଡପ ଖୋଲିବା ଘଟଣା

ଛବିରାଣୀ ହେଲେ ବିଞ୍ଝାରପୁର ନୂଆ ବିଡିଓ

ବିଞ୍ଝାରପୁର, ୨୪।୨(ସମିସ): ବହୁ ଦିନର ବ୍ୟବଧାନ ପରେ ବିଞ୍ଝାରପୁର ବ୍ଲକକୁ ନୂଆ ବିଡ଼ିଓ ମିଳିଥିବା ଜଣାପଡ଼ିଛି। ପୁରୀ ଜିଲ୍ଲା ଗୋପ ବ୍ଲକର ବିଡିଓ ଛବିରାଣୀ ସାହୁ ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପତ୍ରାଙ୍କ ୫୯୨୨/୨୬ ଅନୁଯାୟୀ ବଦଳି ହୋଇ ବିଞ୍ଝାରପୁର ବ୍ଲକର ନୂତନ ବିଡିଓ ଭାବରେ ଯୋଗଦେବେ। ବିଞ୍ଝାରପୁର ବ୍ଲକରେ ବହୁଦିନ ଧରି ବିଡ଼ିଓ ପଦବୀ ଖାଲି ପଡ଼ିଥିବାରୁ ବିକାଶ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଞ୍ଝାରପୁର ବ୍ଲକଗ ନୂତନ ବିଡ଼ିଓ ଭାବରେ ଶ୍ରୀମତୀ ସାହୁ କାର୍ଯ୍ୟରେ ଯୋଗଦେଲେ ବ୍ଲକର ଉନ୍ନୟନ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ବୋଲି ବିଞ୍ଝାରପୁରବାସୀ ଆଶା ରଖିଛନ୍ତି।

ଧର୍ମଶାଳା ଥାନାରେ ନୂତନ ଆଇଆଇସି



ଧର୍ମଶାଳା, ୨୪।୨(ସମିସ): ଧର୍ମଶାଳା ଥାନାରେ ନୂତନ ଆଇଆଇସି ଭାବେ ଆଜି ସନ୍ଧ୍ୟାରେ ଚିନ୍ମୟୀ କୁମାରୀ ସାହୁ ଯୋଗଦାନ କରିଛନ୍ତି। ନୂତନ ଭାବେ ଥାନାରେ ଯୋଗଦେଇଥିବା ଅଧିକାରିଣୀଙ୍କୁ ପୂର୍ବତନ ଆଇଆଇସି ରମାକାନ୍ତ ନାୟକ, ଅତିରିକ୍ତ ଆଇଆଇସି ସୁବ୍ରତ କୁମାର ସାହୁ ସମେତ ଥାନାର ଏସ୍‌ଆଇ, ଏଏସଆଇ ଓ କର୍ମଚାରୀମାନେ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏଥିସହ ପୂର୍ବତନ ଥାନା ଅଧିକାରୀ ନୂତନ ଅଦକାରିଣୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଶ୍ରୀମତୀ ସାହୁ ପୂର୍ବରୁ କୁଆଖିଆ ଥାନାରେ ଆଇଆଇସି ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ଧର୍ମଶାଳା ଥାନାରେ ପ୍ରଥମ ଥର ଭାବେ ଜଣେ ମହିଳା ଅଧିକାରିଣୀ ଯୋଗଦେଇଥିବା ବେଳେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଅଞ୍ଚଳ ଭାବେ ବେଶ ଜଣାଶୁଣା। ସଦାସର୍ବଦା କିଛି ନା କିଛି ଘଟଣା ଏହି ଅଞ୍ଚଳରେ ଘଟୁଥିବା ବେଳେ ନୂତନ ଅଧିକାରିଣୀଙ୍କ ପାଇଁ ଏହା ଏକ ଚ୍ୟାଲେଞ୍ଜ ସଦୃଶ୍ୟ ହୋଇଛି।

ଭୂତଳ ଜଳ ପାଲଟିଛି ଜହର

ପାନୀୟ ଜଳରେ ରହିଛି ମାରାତ୍ମକ ପଦାର୍ଥ

ଯାଜପୁର, ୨୪।୨(ସମିସ)

ସୁକିନ୍ଦା କାଳିଆପାଣି ଅଞ୍ଚଳକୁ କ୍ରୋମ୍ ଉପତ୍ୟକା ଭାବେ ମାନ୍ୟତା ମିଳିଛି। ଭାରତର ସର୍ବାଧିକ କ୍ରୋମାଇଟ୍ ଉତ୍ପାଦନ ପାଇଁ କାଳିଆପାଣି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ମିଳିଛି। କିନ୍ତୁ ଏହି ଅଞ୍ଚଳରୁ ବର୍ଷ ବର୍ଷ ଧରି କ୍ରୋମାଇଟ୍ ଖନନ ଏବଂ ଏଥିରୁ ସୃଷ୍ଟି ହେଉଥିବା ପ୍ରଦୂଷଣ ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ସ୍ଥାନୀୟ ଅଞ୍ଚଳର ପାଣି ଠାରୁ ଆରମ୍ଭ କରି ପବନ ସବୁ କିଛି ବିଷାକ୍ତ ହୋଇପଡ଼ିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅନେକ ଅସାଧ୍ୟ ରୋଗ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଅଭିଯୋଗର ପ୍ରମାଣ ଜାତୀୟ ଗ୍ରୀନ ଟ୍ରାଇବୁନାଲ ନିକଟରେ ଦାଖଲ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡ଼ିଛି।

ସୁକିନ୍ଦା ଅଞ୍ଚଳରେ କ୍ରୋମିୟମ ପ୍ରଦୂଷଣର ଅନୁସନ୍ଧାନ ପାଇଁ ନ୍ୟାସନାଲ୍ ଗ୍ରୀନ୍ ଟ୍ରାଇବୁନାଲଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଦ୍ୱାରା ଏହି ଅଧ୍ୟୟନ କରାଯାଇ ଗତ ବର୍ଷ ଜୁନ ମାସରେ ଏହି ରିପୋର୍ଟ ପ୍ରଦାନ କରାଯାଇଛି। ଏହି ରିପୋର୍ଟରେ ବହୁ ମାରାତ୍ମକ ତଥ୍ୟ ସାମ୍ନାକୁ ଆସିଛି। ଏହି ଅଧ୍ୟୟନ ପ୍ରାୟ ୧୮୦ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ କରାଯାଇଥିଲା। ଯେଉଁଠାରେ ଦେଶର ପ୍ରାୟ ୯୫ ପ୍ରତିଶତ କ୍ରୋମାଇଟ୍ ଗଚ୍ଛିତ ରହିଛି। ୨୦୨୪ ମସିହାରେ ହୋଇଥିବା ଅଧ୍ୟୟନରେ ମୋଟ ୨୩୩ଟି ଜଳ ନମୁନା ସଂଗ୍ରହ କରାଯାଇଥିଲା। ସେଥିମଧ୍ୟରୁ ୧୮୩ଟି ମୌସୁମୀ ପୂର୍ବରୁ ଏବଂ ୫୦ଟି ମୌସୁମୀ ପରବର୍ତ୍ତୀ ସମୟର ଥିଲା। ସେହି ଜଳରେ ପିଏଚ୍‌ର ମାତ୍ରା ଠିକ୍ ରହିଥିଲେ ହେଁ ମାରାତ୍ମକ ହେକ୍ସାଭାଲେଣ୍ଟ କ୍ରୋମିୟମର ସୀମା ଅଧିକ ରହିଛି। ସାଧାରଣତଃ ପାନୀୟ ଜଳରେ ୦.୦୫ ଏମ୍‌ଜି/ଏଲ୍ ରହିବା କଥା। କିନ୍ତୁ ପରୀକ୍ଷା କରାଯାଇଥିବା ନମୁନା ମଧ୍ୟରୁ ୩୯ଟି ସ୍ଥାନରେ ଏହି ସୀମା ଅଧିକ ଥିବା ଜଣାପଡ଼ିଛି। ଉପରିସ୍ଥ ଭୂତଳ ଜଳ କ୍ରୋମିୟମ ପ୍ରଦୂଷଣରୁ ମୁକ୍ତ ଥିବା ବେଳେ ଗଭୀର ନଳକୂପ ଗୁଡ଼ିକରେ ପ୍ରଦୂଷଣ ଦେଖାଦେଇଛି। କାଳିଆପାଣି କ୍ରୋମାଇଟ ଅଞ୍ଚଳ ଦେଇ ବହୁଥିବା ଡମଶାଳା ନାଳରେ ଅଧିକ ମାତ୍ରାର କ୍ରୋମିୟମ ଥିବା ଜଣାପଡ଼ିଥିଲା। କିନ୍ତୁ ବ୍ରାହ୍ମଣୀ ନଦୀର ଜଳରେ କ୍ରୋମିୟମର ମାତ୍ରା ନିର୍ଦ୍ଧାରିତ ସୀମାଠାରୁ କମ୍ ରହିଛି। ଗବେଷଣା ଅନୁଯାୟୀ ଅଗଭୀର ଜଳ ସ୍ତର (୩୦ ମିଟର ପର୍ଯ୍ୟନ୍ତ) ପ୍ରଦୂଷଣ ମୁକ୍ତ ଥିବାରୁ, ଏହାକୁ ପାନୀୟ ଜଳ ପାଇଁ ବ୍ୟବହାର କରାଯାଇପାରିବ ବୋଲି ମତ ଦିଆଯାଇଛି। କିନ୍ତୁ ପ୍ରଦୂଷିତ ନଳକୂପଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ମତାମତ ଦିଆଯାଇଛି। କିନ୍ତୁ ପାନୀୟ ଜଳ ପାଇଁ ଅନ୍ୟ କୌଣସି ବିକଳ୍ପ ନଥିବାରୁ ଲୋକେ ବାଧ୍ୟ ହୋଇ ସେହି ଦୂଷିତ ଜଳ ବ୍ୟବହାର କରୁଥିବା ଜଣାପଡ଼ିଛି। କାଳିଆପାଣି ଖଣି ଉପତ୍ୟକା ଅଞ୍ଚଳରେ ଏକାଧିକ ଖଣି କମ୍ପାନୀ ରହିଛନ୍ତି। କିନ୍ତୁ ସେମାନଙ୍କର ଇଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଇଟିପି) ର ସଠିକ୍ ପରିଚାଳନା କରିବା ପାଇଁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଗତ ୨୦୨୪ ମସିହାରେ ଏନଜିଟିଙ୍କ ନିର୍ଦ୍ଦେଶରେ ରାଜ୍ୟ ପ୍ରଦୂଷଣ ବୋର୍ଡ ସଦସ୍ୟ, କେନ୍ଦ୍ର ପ୍ରଦୂଷଣ ବୋର୍ଡ ସଦସ୍ୟ, ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଭୂତଳ ଜଳ ବୋର୍ଡ ସଦସ୍ୟଙ୍କୁ ନେଇ ଗଠିତ ୪ ଜଣିଆ କମିଟି ଜଳ ପ୍ରଦୂଷଣ ସମ୍ପର୍କରେ ସବିଶେଷ ରିପୋର୍ଟକୁ ୨୦୨୫ ମସିହା ଜୁନ ମାସରେ ଦାଖଲ କରାଯାଇଥିଲା।

ଏନ୍‌ଜିଟି ନିକଟରେ ରିପୋର୍ଟ ଦାଖଲ ପରେ ସୁଧୁରୁନି ପରିସ୍ଥିତି



ସାଇବର ଠକ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ଲୋକଙ୍କ ଆଧାରକାର୍ଡରେ ଆକାଉଣ୍ଟ ଅପରେଟ୍ କରୁଛନ୍ତି ସାଇବର ଠକ୍

ଗୁଣୁପୁର,୨୪।୨(ସମିସ): ଆପଣ ଯଦି ଆକାଉଣ୍ଟ ତିଆରି କରିବା ପାଇଁ କୌଣସି ଜଣାଶୁଣା ବ୍ୟକ୍ତିଙ୍କୁ ଆଧାର କାର୍ଡ ଦେଉଛନ୍ତି, ତେବେ ହୋଇଯାଆନ୍ତୁ ସାବଧାନ। ରାୟଗଡ଼ା ଜିଲ୍ଲା ଗୁଣୁପୁର ଥାନାରେ ଏକ ସାଇବର କ୍ରାଇମ୍‌ର ଭିନ୍ନ ମାମଲା ସାମ୍ନାକୁ ଆସିଛି। ପଦ୍ମପୁର ବ୍ଲକ୍ ନୁଆସାହିର ଜଣେ ଏମ୍‌ବିଏ ଛାତ୍ର ଦେବକାନ୍ତ ଶତପଥୀ କେତେକ ଲୋକଙ୍କ ଆଧାରକାର୍ଡକୁ ନେଇ ଆକାଉଣ୍ଟ ତିଆରି କରିବାକୁ କହିଥିଲେ। ଏହାପରେ ପଦ୍ମପୁର ବ୍ଲକ୍ ଖିଲାମୁଣ୍ଡା ଗ୍ରାମର ଏନ୍ ଏଙ୍କିଟି ମାଲିକାନାରେ ସନ୍ତୋଷ ଟ୍ରେଡର ନାମରେ ଏକ ବେନାମି କରେଣ୍ଟ ଆକାଉଣ୍ଟ କରିଥିଲେ। ଆକାଉଣ୍ଟଟି ରହିଥିଲା ୪୨୯୨୦୭୦୩୯୫୮ ଗୁଣୁପୁର ଏସ୍‌ବିଆଇ ମେନ୍ ବ୍ରାଞ୍ଚର । ଆକାଉଣ୍ଟରେ ଦିଆଯାଇଥିବା ମୋବାଇଲ୍ ନମ୍ବର ଆକାଉଣ୍ଟଧାରୀଙ୍କ ନଥିବା ବେଳେ ଦେବକାନ୍ତ ଶତପଥୀ ବାଙ୍ଗାଲୋରର ଏକ ଫ୍ରଡ୍ ଲୋକ ସହ ଡିଲ୍ କରି ତାଙ୍କ ଫୋନ ନମ୍ବରକୁ ଆକାଉଣ୍ଟ ସହ ଲିଙ୍କ୍ କରୁଥିଲେ। ଯେଉଁ ଲୋକଙ୍କଠୁ ଆଧାରକାର୍ଡ ନେଉଥିଲେ ତାଙ୍କୁ କିଛି କମିଶନ ଆସିବାର ପ୍ରଲୋଭନ ଦେଖାଉଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ପୁଲିସ୍ ସାଇବର କ୍ରାଇମ୍ ଟୋଲ୍ ଫ୍ରି ନଂ ୧୯୩୦ ନଂରେ ୬ ଜଣ ଅଭିଯୋଗକାରୀ ଯୋଗାଯୋଗ କରି ଅଭିଯୋଗ କରିଥିଲେ। ଗୁଣୁପୁର ପୁଲିସ୍ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରି ଖୋଳତାଡ କରିଥିଲେ। ଆକାଉଣ୍ଟର ଯାଞ୍ଚ ପୁଲିସ୍ କରିବା ବେଳେ ଏହି ଆକାଉଣ୍ଟରେ ପ୍ରତିଦିନ ୮ ଲକ୍ଷରୁ ଅଧିକ ଟଙ୍କା ନେଣଦେଣ ହେଉଥିବା ଜାଣିପାରିଥିଲେ।



ପୁଲିସ ଏହି ବେନାମି ଆକାଉଣ୍ଟର ଦୈନନ୍ଦିନ ହିସାବ ଦେଖି ଚକିତ ହୋଇଯାଇଥିଲେ। ଏହି ଆକାଉଣ୍ଟଧାରୀ ଏନ୍ ଏଙ୍କିଟିକୁ ପୋଲିସ୍ ପଚରାଉଚୁରା କରିବା ପରେ ଏହା ଏକ ବେନାମୀ ଆକାଉଣ୍ଟ ବୋଲି ଜାଣିବାକୁ ପାଇଥିଲେ। ଏପରିକି ଆକାଉଣ୍ଟଧାରୀ ତାଙ୍କ ଆକାଉଣ୍ଟରେ ଏତେ ଟଙ୍କା ନେଣଦେଣକୁ ନେଇ ବିଚଳିତ ହୋଇଯାଇଥିଲେ। ପୁଲିସ ଏହି ସାଇବର ମାମଲାରେ ଛନ୍ଦି ହୋଇଥିବା ଦେବକାନ୍ତ ଶତପଥୀ ଯୁବକଙ୍କୁ ଗିରଫ କରି ପଚରାଉଚୁରା କରି ଆଜି କୋର୍ଟ ଚାଲାଣ କରିଛି। ଏହି ମାମଲାରେ ମୁଖ୍ୟ ଆସାମୀ ବାଙ୍ଗାଲୋର ଅଞ୍ଚଳର ରାହୁଲ୍ ନାମକ ଯୁବକ ଫେରାର ରହିଛି। ଏଥିରେ ପୁଲିସ୍ ପ୍ରତିକ୍ରିୟା ଦେଇନଥିବା ବେଳେ ଆକାଉଣ୍ଟ ସିଜ୍ କରିବା ସହ ତିନୋଟି ମୋବାଇଲ୍‌କୁ ଜବତ କରିଛି ଗୁଣୁପୁର ପୁଲିସ୍। ଗୁଣୁପୁର ପୁଲିସ ଏସ୍‌ଡିପିଓ ବାବୁଲି ନାୟକ ପ୍ରେସ ବିଜ୍ଞପ୍ତି କରି ମାମଲା ସମ୍ପର୍କରେ ସୂଚନା ଦେଇଥିବା ବେଳେ ଗୁଣୁପୁର ଆଦର୍ଶ ଥାନା ଅଧିକାରୀ କେକେବିକେ କଁଅର ତଦନ୍ତକାରୀ ଅଧିକାରୀ ରହିଥିଲେ। ସବ୍ ଇନ୍ସପେକ୍ଟର ରଞ୍ଜିତ ତ୍ରିପାଠୀ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିଥିଲେ।

ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ରକ୍ତଦାନ ଶିବିର



କୋରାପୁଟ,୨୪।୨(ସମିସ): ସ୍ଥାନୀୟ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ କୋରାପୁଟ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଆୟୋଜନ କରା ଯାଇ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଅଭିଭକ୍ତ କୋରାପୁଟ ଜିଲ୍ଲାରେ ରକ୍ତ ଶିକୁଳୀ ବା ସିକେଲସେଲ୍, ଆନିମିଆ ରୋଗୀ ସର୍ବାଧିକ ମାତ୍ରାରେ ଦେଖାଯାଇଥାନ୍ତି।ଏଭଳି ରୋଗୀ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ଏବଂ ହସ୍ପିଟାଲରେ ଆସିଥାନ୍ତି ଓ ସେମାନଙ୍କୁ ହଠାତ ରକ୍ତର ଆବଶ୍ୟକତା ପଡିଥାଏ । ବିଭିନ୍ନ ସମୟରେ ରକ୍ତ ଭଣ୍ଡାରରେ ରକ୍ତ ଅଭାବରୁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ଏହାକୁକୁ ଆଖି ଆଗରେ ରଖି କଲେଜ ଅଧକ୍ଷା ଝରଣା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରା ଯାଇଥିଲା। ପ୍ରାଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ତନ୍ତୀ ଶିବିର ସଂଯୋଜନା କରିଥିଲେ। ଅନୁଷ୍ଠାନର ସମସ୍ତ ପ୍ରାଧ୍ୟାପକ ଏବଂ ପ୍ରାଧ୍ୟାପିକା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

୭୦ ୟୁନିଟ୍ ରକ୍ତ ସଂଗ୍ରହ

ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାର ବିରୋଧ

ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ଏସୟୁଜେ

ମାଲକାନଗିରି, ୨୪।୨(ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଅଞ୍ଚଳର ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାକୁ ବିରୋଧ କରି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଷ୍ଟେଟ୍ ୟୁନିଅନ୍ ଅଫ୍ ଜର୍ନାଲିଷ୍ଟ ମାଲକାନଗିରି ଶାଖା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ବିଗତ କିଛିଦିନ ପୂର୍ବେ ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଅଞ୍ଚଳର ସାମ୍ବାଦିକ ଶାନ୍ତନୁ କୁମାର ଭୁକ୍ତାଙ୍କ ଉପରେ କିଛି ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ବେଳେ ସେ ଏଥିରେ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାକୁ ସାରା ରାଜ୍ୟରେ ସାମ୍ବାଦିକ ଓ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିବା ବେଳେ ମାଲକାନଗିରି ଜିଲ୍ଲା ଷ୍ଟେଟ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ ପକ୍ଷରୁ ଏନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ଜିଲ୍ଲା ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିବା ବେଳେ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ସାମ୍ବାଦିକ ମାନଙ୍କ ସୁରକ୍ଷା ନିମନ୍ତେ ଶୀଘ୍ର ଓ କଠୋର ପଦକ୍ଷେପ ସହ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ଦିଗରେ ସରକାର ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ଏମ ଅମରେଶ, ବରିଷ୍ଠ ସଦସ୍ୟ ଜୟନ୍ତ ତିଆଡି ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

‘ଆମେ ପଢ଼ିବା, ଆମ ଭାଷାରେ’ କାର୍ଯ୍ୟକ୍ରମ ଶୁଭାରମ୍ଭ

ରାୟଗଡ଼ା,୨୪।୨(ସମିସ): ଓଡ଼ିଶା ସରକାରଙ୍କ ପ୍ରମୁଖ କାର୍ଯ୍ୟସୂଚୀ “ଆମେ ପଢ଼ିବା ଆମ ଭାଷାରେ’ ଅଧୀନରେ ରାୟଗଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ ଅନୁଷ୍ଠାପନା ଓ କ୍ଷମତା ବିକାଶ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳ ଅଶୁତୋଷ୍ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ମୀନତି ଦେଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସହକାରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଆଙ୍ଗନବାଡ଼ି କାର୍ଯ୍ୟକର୍ତ୍ତା, ଅଭିଭାବକ, ପଞ୍ଚାୟତିରାଜ ସଦସ୍ୟ, ସୁପରଭାଇଜର,



ସିଡିପିଓ , ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ଜିଲ୍ଲା ଅଭ୍ୟନ୍ତରୁ ୬୦ ଜଣ ପକ୍ଷକାର ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ କାର୍ଯ୍ୟକ୍ରମରେ ସମ୍ବୋଧନ କରି ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଜିଲ୍ଲାପାଳ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ, ସମୁଦାୟ ଅଂଶଗ୍ରହଣ ଏବଂ ଫ୍ରଣ୍ଟଲାଇନ୍ କାର୍ଯ୍ୟକର୍ତ୍ତାଙ୍କ ସକ୍ରିୟ ସମ୍ପୃକ୍ତତାର ଗୁରୁତ୍ୱ ଉପରେ ଦୃଢ଼ତାର ସହିତ କହିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ଆଦିବାସୀ ଶିଶୁମାନଙ୍କ ପାଇଁ ମାତୃଭାଷା ଆଧାରିତ ପ୍ରାରମ୍ଭିକ ଶିକ୍ଷାକୁ ମଜବୁତ୍ କରିବାକୁ ଲକ୍ଷ୍ୟ ରହିଛି। ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ଏହି “ଆମେ ପଢ଼ିବା ଆମ ଭାଷାରେ’ ଯୋଜନା ୩-୬ ବର୍ଷ ଶିଶୁମାନଙ୍କ ପାଇଁ ସ୍ଥାନୀୟ ଆଦିବାସୀ ଭାଷାରେ ନୂଆ ଅରୁଣିମା ପାଠ୍ୟକ୍ରମ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ସହ ଯୋଡ଼ି ପ୍ରାରମ୍ଭିକ ଶିକ୍ଷଣକୁ ମଜବୁତ୍ କରିବାକୁ ଲକ୍ଷ୍ୟ ରହିଛି। ପିରମଲ୍ ଫାଉଣ୍ଡେସନ୍ ଦଳର ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ଯୁବ ରେଡକ୍ରସ୍ ପକ୍ଷରୁ ରକ୍ତଦାନ ଶିବିର



ରାୟଗଡ଼ା,୨୪।୨(ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ପକ୍ଷରୁ ସ୍ୱର୍ଣ୍ଣ ଜୟନ୍ତୀ ସଭାଗୃହରେ ଏକ ରକ୍ତଦାନ ଶିବିର ଆୟୋଜିତ ହେଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷା ଡ. ସରସ୍ୱତୀ ରାୟ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଯୁବ ରେଡକ୍ରସ୍ ଜିଲ୍ଲା ସଂଯୋଜକ ସଚିବ ଟିକେଶ୍ୱର ମାଝୀ ଉପସ୍ଥିତ ରହି ରକ୍ତଦାନର ଆବଶ୍ୟକତା ଓ ଏହାର ସାମାଜିକ ମହତ୍ତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ। ପରାମର୍ଶଦାତା ପ୍ରିୟଦର୍ଶିନୀ ବଳ ମଧ୍ୟ ରକ୍ତଦାନ ସମ୍ପର୍କିତ ସଚେତନତାମୂଳକ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ପି.ଜି. କାଉନ୍ସିଲ୍ ଚେୟାରମେନ ପି. ଅରୁଣ କୁମାର, ଆକାଉଣ୍ଟ ଅଧିକାରୀ ସୁବ୍ରତ କୁମାର ପ୍ରଧାନ, ଏକାଡେମି ଅଧିକାରୀ ଅଜୟ ରଇତ, ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ ଉଦୟ ନାଏକ, ଅଧ୍ୟାପକ ଶଙ୍କର ପେଦୁରୁ ସହିତ ଅନ୍ୟାନ୍ୟ ଅଧ୍ୟାପକ ଓ ୱାଇ.ଆର.ସି ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଡ଼ା. ଗୌତମ ପଟ୍ଟନାୟକଙ୍କ ନେତୃତ୍ୱରେ ମେଡିକାଲ୍ ଦଳର ସରୋଜକାନ୍ତ ଆଚାର୍ଯ୍ୟ, ଉମାକାନ୍ତ ମିଶ୍ର, ଶଙ୍କର ତାଡିଙ୍ଗି, ବୃଷ ହିମିରିକା ଓ ସଞ୍ଜିତ କୁମାର ସୁନା ରକ୍ତ ସଂଗ୍ରହ କାର୍ଯ୍ୟ ସଫଳଭାବେ ସମ୍ପନ୍ନ କରିଥିଲେ। ରକ୍ତଦାନ ଶିବିରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଉତ୍ସାହର ସହିତ ରକ୍ତଦାନ କରି ସମାଜସେବାର ଉଦାହରଣ ସୃଷ୍ଟି କରିଥିଲେ। ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀମାନଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ଏହି ଶିବିରରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସ୍ୱେଚ୍ଛାସେବୀ ଓମ୍ ପଟେଲ ଓ ଅନ୍ୟାନ୍ୟ ସହଯୋଗ କରିଥିଲେ।

ଡ୍ରେନ୍ ଜବରଦଖଲ, ପଲିଥିନ୍ ମୁକ୍ତ ପାଇଁ ଏନ୍‌ଏସିର ଚଢ଼ଉ

କୋରୁକୋଣ୍ଡା,୨୪।୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସହରରେ ବିଭିନ୍ନ ଛୋଟ ବଡ଼ ବ୍ୟବସାୟୀ ଏବଂ ଉଠା ଦୋକାନୀ ମାନେ ସହରର ଅଧିକାଂଶ ଡ୍ରେନକୁ



ଜବରଦଖଲ କରି ବ୍ୟବସାୟ କରୁଥିବା ସହ ୫୦ ମାଇକ୍ରୋନ ଠାରୁ କମ୍ ମାଇକ୍ରୋନ୍‌ର ପଲିଥିନ୍ ଜରି , ପ୍ଲାଷ୍ଟିକ ଗ୍ଲାସ, ବୋତଲ ଏବଂ ସୋଲ ଠୋଲା ବ୍ୟବହାର କରି ସାମଗ୍ରୀ ବିକ୍ରୟ କରୁଥିବା ଯୋଗୁଁ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ସେହିପରି ସହରକୁ ପଲିଥିନ୍ ଓ ପ୍ଲାଷ୍ଟିକ ମୁକ୍ତ କରିବା ଏହି ଚଢ଼ଉର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏହି ଚଢ଼ାଉ ବେଳେ ଏନଏସି ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସହ ପୁଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଗୋପବନ୍ଧୁ ଛକ ଠାରୁ କାଳି ଛକ ଆମ୍ବେଦକର ଛକ ଠାରୁ ଦୈନିକ ବଜାର ପର୍ଯ୍ୟନ୍ତ ସହରର ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଯେଉଁ ବ୍ୟବସାୟୀମାନେ ସହରାଞ୍ଚଳର ଭିନ୍ନ ଭିନ୍ନ ବଜାରରେ ଡ୍ରେନକୁ ଜବରଦଖଲ କରିଛନ୍ତି, ସେମାନଙ୍କ ଉପରେ ଫାଇନ କରାଯାଇଛି। ଆଜିର ଏହି ଚଢ଼ଉ ବେଳେ ବିଭିନ୍ନ ଦୋକାନୀଙ୍କ ଠାରୁ ପାଖାପାଖି ୫୦ ହଜାର ଟଙ୍କା ଫାଇନ୍ ଲଗାଯାଇଛି। ଆଗାମୀ ଦିନରେ ସହରର ସମସ୍ତ ଛୋଟ ବଡ଼ ବ୍ୟବସାୟୀ ସଂସ୍ଥା ଏବଂ ଦୋକାନୀଙ୍କର ନୂତନ ଟ୍ରେଡ୍ ଲାଇସେନ୍ସ କରାଇ ନେବାକୁ ଏନଏସି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହା ସହିତ ଯାହାର ଟ୍ରେଡ ଲାଇସେନ୍ସ ନବୀକରଣ କରାଇବାର ତୁରନ୍ତ କରାଇ ନିଅନ୍ତୁ ବୋଲି ଦୋକାନୀ ମାନଙ୍କୁ ସୂଚନା ଦିଆଯାଇଛି। ଆଗାମୀ ମାର୍ଚ୍ଚ ମାସରେ ମଧ୍ୟ ଏହିଭଳି ଚଢ଼ଉ ଜାରି ରହିବ ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା କହିଛନ୍ତି। ଏହି ଚଢ଼ଉ ଅବସରରେ ଏନ୍‌ଏସି ଟ୍ୟାକ୍ସ କଲେକ୍ଟର ସାଧୁ ଚରଣ ମହାନ୍ତି , ପ୍ରତାପ ପଣ୍ଡା , ଧନିଆ ପାଟନିଆ , ପ୍ରଦୀପ କୁମାର ମାହାଲିଙ୍କ ସମେତ ପୁଲିସ ଅଧିକାରୀ ଏଏସଆଇ ସଞ୍ଜିତ କୁମାର ଟାକ୍ରି , ବିଦେଶୀ ଦାସ ଓ ମାନସ କିର୍ଷାନି ପ୍ରମୁଖ ଉପସ୍ଥିତ ଥିଲେ।

ଡାଙ୍ଗସରଡ଼ାରେ ବନାଗ୍ନି ସଚେତନତା ରାଲି



ଚନ୍ଦ୍ରପୁର,୨୩।୨(ସମିସ): ମୁନିଗୁଡା ବନାଞ୍ଚଳର ଡାଙ୍ଗସରଡା ସେକ୍ସନରେ ଆଜି ବନପାଳ ସୁଜାତା ସୁନାମୁଦି, ପିଏନଜି ଓ ବିଘ୍ନରାଜ ମିଶ୍ର, ଗ୍ରାମପଞ୍ଚାୟତ ଏଡିଓ ନୀମାଲପୁରିଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅନିତା ଶବର ଯୋଗଦେଇ ଶୁଭାରମ୍ଭ କରିଥିଲେ । ଜଙ୍ଗଲ ସୁରକ୍ଷା ନେଇ ସଚେତନା ଭାଷଣ ଦେଇଥିଲେ। ପରେ ଜଙ୍ଗଲ ନିଆଁ, ଜଙ୍ଗଲ ସୁରକ୍ଷା ସଚେତନା ରାଲି ଅନୁଷ୍ଠିତ ହୋଇଥିଲା। ଏହି ରାଲିରେ ଅନେକ ଏସ୍‌ଏଚ୍‌ଜି ମହିଳା ପୁରୁଷ ଭାଗ ନେଇ ଜଙ୍ଗଲରେ ନିଆଁ ନ ଲଗାଇବା, ଗଛ ଲଗାଇ ଜୀବନ ବଞ୍ଚାଇବା, ଭଳି ପ୍ଲା କାର୍ଡ ଧରି ଅନେକ ଗୁଡ଼ିଏ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ବନରକ୍ଷୀ କସ୍ତୁରୀ ପ୍ରହାରାଜ, କୁନି କୁସୁଲିଆ, ଅଗ୍ନୀ ନିର୍ବାପକ ଦଳ ଉପସ୍ଥିତ ଥିଲେ।

ନବୀକରଣ ଏଲଆଇସି କାର୍ଯ୍ୟାଳୟ ଉଦ୍‌ଘାଟିତ

କୋରାପୁଟ,୨୪।୨(ସମିସ): ଭାରତୀୟ ଜୀବନ ବିମା ନିଗମର ନବୀକରଣ କୋରାପୁଟ ଶାଖା କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଭାରତୀୟ ଜୀବନ ବୀମା ନିଗମର ପରିଚାଳନା ନିର୍ଦ୍ଦେଶକ ରତ୍ନାକର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ।କୋରାପୁଟ ଶାଖା ଅତି ପୁରୁଣା ,ଏହି ଶାଖା କାର୍ଯ୍ୟାଳୟକୁ ଏବେ ଆଧୁନିକୀକରଣ କରାଯାଇଛି ଯଦ୍ୱାରା ଗ୍ରାହକ ମାନଙ୍କୁ ଏହା ଉଚିତ ସେବା ଯୋଗାଇ ଦେବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।ଏଲଆଇସିର ଗୋଲ୍ଡେନ ଜୁବୁଲି ଫାଉଣ୍ଡେସନ ଦ୍ୱାରା ଦେଶର ବିଭିନ୍ନ ରାଜ୍ୟରେ ସାମାଜିକ ଦାୟିତ୍ୱବୋଧକୁ ନେଇ ଅର୍ଥ ସାହାଯ୍ୟ କରାଯାଉଛି।ଗତକାଲି ଓଡ଼ିଶାର ରେଙ୍ଗାଲି ଠାରେ ବ୍ରହ୍ମକୁମାରୀଙ୍କୁ ଏକ ବସ ପ୍ରଦାନ କରାଯାଇଥିବା ସେ କହିଛନ୍ତି।କୋରାପୁଟ ଜିଲ୍ଲାରୁ ଯଦି କୌଣସି ପ୍ରସ୍ତାବ ଆସେ ତାହାକୁ ବିଚାରକୁ ନିଆଯାଇ ସାହାଯ୍ୟ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। କୋରାପୁଟ ଶାଖା ପରିଚାଳକ ଏନ ଶ୍ରୀନିବାସ ମୂର୍ତ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମପୁରର ସିନିୟର ଡିଭିଜିନାଲ ମ୍ୟାନେଜର ସୁଶାନ୍ତ କୁମାର ପାଣିଗ୍ରାହୀ, ପି କେ ଡୁଙ୍ଗଡୁଙ୍ଗ ଏବଂ ଜୈଦ୍ ଅଲ୍ଲୀ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।



ହାକୁସପଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଚନ୍ଦ୍ରପୁର,୨୪।୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମପଞ୍ଚାୟତ ହାକୁସପଙ୍ଗା ଆଶ୍ରମ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପିପଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା, ପ୍ରାକ୍ତନ ଜିଲ୍ଲା ନିରୀକ୍ଷକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ , ସମ୍ମାନିତ ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ବାଳକୃଷ୍ଣ ବିହାରୀ, ଉମାକାନ୍ତ ମିଶାଲ, ପୂର୍ବତନ ସିଆରସି ଶ୍ରୀ ଶବର, ଏସ୍‌ଏମ୍‌ସି ସଭାପତି ବୁରୁଡୁ ଦିବାକା, ବୁଡୁବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା, ଡାଙ୍ଗସରଡା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକ, ରାଜୁ ପାଲ, ଡମ୍ବୁରୁ ଧର ମାଳବିଶଇ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତସ କୁମାର କୁଶୁଲିଆ, ତ୍ରିପତି ଶ୍ରୀରାମ, କୃଷି ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ ପ୍ରମୁଖ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସମାଜସେବୀ, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ବିଜୟ ପ୍ରସାଦ ଉଲାକା, ହାଡ଼ିପା ଗୌଡ଼ ପ୍ରମୁଖଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପିପଲୀ ଓ ଛାତ୍ରୀ ମାନେ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପିପଲୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଜୟନ୍ତ କୁମାର ପିପୋଲୀ। ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରା ଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଜୟନ୍ତ ପିପଲୀ ସ୍ୱାଗତ ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିଲେ। କ୍ଷମାନିଧି ପୂଟାଗୋପାଳ କାଡ୍ରାକା ଓ କର୍ମଚାରୀ ସହଯୋଗ କରିଥିବା ବେଳେ କାର୍ଯକ୍ରମରେ ଅଭିଭାବକ ମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

ଖତଖାଉଛି ଏନ୍‌ଏସି ପଙ୍କ ଉଦ୍ଧାର ଗାଡ଼ି

ସଫେଇ କାର୍ଯ୍ୟରେ ନମ୍ବର ବିହୀନ ଯାନ

କୋରୁକୋଣ୍ଡା,୨୪।୨ (ସମିସ): ଏନ୍‌ଏସିର ଉନ୍ନତି କରଣ ଏବଂ ସ୍ୱଚ୍ଛ ରଖିବା ନିମନ୍ତେ ସରକାର ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଯନ୍ତ୍ରାଂଶ ଓ ଗାଡି ନିମନ୍ତେ ଅର୍ଥ ଯୋଗାଇ ଦେଇଥାନ୍ତି। ହେଲେ ସରକାରୀ ପାଣ୍ଠିର ଅପବ୍ୟୟ ହେଉଥିବା ଅଭିଯୋଗ ହେଉଛି। ସବୁ ଜାଣି ଶୁଣି ଚେଇଁ ଶୋଇଛନ୍ତି ଏନ୍‌ଏସି ପ୍ରଶାସନ। ଏଭଳି ଅଭାବନୀୟ ଦୃଶ୍ୟ ମାଲକାନଗିରି ଜିଲ୍ଲା ବାଲିମେଳା ଏନ୍‌ଏସିରେ ଦେଖିବାକୁ ମିଳିଛି। ବାଲିମେଳା ସହର ନିମନ୍ତେ ଏନ୍‌ଏସି ପକ୍ଷରୁ ସହରର ଛୋଟ ବଡ଼ ନାଳ ନର୍ଦ୍ଦମା ସଫା ହେବା ନିମନ୍ତେ ଆଜିକୁ ବର୍ଷେ ପୂର୍ବେ ଡେସିଲଟିଙ୍ଗ ମେସିନ ସମେତ ଅନ୍ୟ ୨ କ୍ଲିନିଙ୍ଗ ମେସିନ କ୍ରୟ ହୋଇଥିଲା। ଦୁଃଖ ଏବଂ ପରିତାପର ବିଷୟ ଯେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ମେସିନ ୩ଟି କିଣାଗଲା ସତ କିନ୍ତୁ ଆଜି ଯାଏଁ ଥରେ ମଧ୍ୟ ତାହା ବ୍ୟବହାର ହୋଇ ପାରିଲା ନାହିଁ। ଏଥି ସମେତ ଅଳିଆ ଆବର୍ଜନା ସଂଗ୍ରହ କରୁଥିବା ଗାଡି ଗୁଡ଼ିକରେ ଏଯାଏଁ ନମ୍ବର ପ୍ଲେଟ ମଧ୍ୟ ଲାଗି ନଥିବା ଦେଖିବାକୁ ମିଳିଛି।



କେବଳ ଏହି ୩ଟି ଗାଡି ନୁହେଁ, ଗତ ୬ ମାସ ପୂର୍ବେ ମଧ୍ୟ ଏନ୍‌ଏସି ପକ୍ଷରୁ ୩ଟି ଟାଟା ମ୍ୟାଜିକ୍ ଅଳିଆ ଗାଡି କ୍ରୟ କରାଯାଇଥିବା ବେଳେ ତାହା ବର୍ତ୍ତମାନ ସଫେଇ କାର୍ଯ୍ୟରେ ନିୟୋଜିତ ହେଉଛି। କିନ୍ତୁ ଏଯାଏଁ ଉକ୍ତ ୩ଟି ନୂତନ ଅଳିଆ ଗାଡି ଗୁଡିକରେ ମଧ୍ୟ ନମ୍ବର ପ୍ଲେଟ ଲଗା ଯାଇନଥିବା ଦେଖିବାକୁ ମିଳିଛି। ନମ୍ବର ବିହୀନ ଅଳିଆ ଗାଡି ପ୍ରତ୍ୟେକ ଦିନ ସହରରେ ଘୁରି ବୁଲୁଥିବା ବେଳେ ଯଦି କୌଣସି ଦିନ କିଛି ଅଘଟଣ ଘଟେ, ତେବେ ତାହାର ଦାୟୀ ରହିବ କିଏ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏନେଇ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ପଚାରିବାରୁ ସହରର ନାଳନର୍ଦ୍ଦମା ସଫେଇ ନିମନ୍ତେ ଆସିଥିବା ଯନ୍ତ୍ରାଂଶ ଗାଡି ଆବଶ୍ୟକ ଠାରୁ ଛୋଟ ରହିଥିବା ଫଳରେ କାର୍ଯ୍ୟ ଠାରୁ ଢେର ଅଧିକ ଖର୍ଚ୍ଚ ହେଉଛି । ତେଣୁ ବଡ଼ ଯନ୍ତ୍ରାଂଶ ଗାଡି ଏନଏସି ପକ୍ଷରୁ କିଣାଯିବା ନେଇ ଯୋଜନା ଚାଲିଛି ଏବଂ ସେହିପରି ଅଳିଆ ଆବର୍ଜନା ସଂଗ୍ରହ କରୁଥିବା ନମ୍ବର ବିହୀନ ଗାଡି ଗୁଡିକର ନମ୍ବର ପ୍ଲେଟ ନିମନ୍ତେ ବେସରକାରୀ ସଂସ୍ଥାକୁ ଦିଆଯାଇଛି। ଉକ୍ତ ସଂସ୍ଥାଟି ନମ୍ବର ପ୍ଲେଟ ଯୋଗାଇବାରେ ବିଳମ୍ବ କରୁଥିବା ହେତୁ ସେ ସଂସ୍ଥାକୁ ପଚରା ଯିବା ପରେ ଏନଏସି ପକ୍ଷରୁ ସିଧାସଳଖ ଆରଟିଓ ବିଭାଗରୁ ନମ୍ବର ପ୍ଲେଟର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ଦୋରା କହିଛନ୍ତି। ତେବେ ତୁରନ୍ତ ଉକ୍ତ ଯନ୍ତ୍ରାଂଶ ଗାଡି ଗୁଡିକୁ ବଦଳାଇବା ସହ ଅଳିଆ ଆବର୍ଜନା ସଂଗ୍ରହ କରୁଥିବା ଗାଡି ଗୁଡିକରେ ଯଥାଶୀଘ୍ର ନମ୍ବର ପ୍ଲେଟ ଲଗାଇବାକୁ ସହରବାସୀ ଦାବି କରିଛନ୍ତି।

ମୟୂରଭଞ୍ଜରେ ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ

ପିଲାଚୋର ସନ୍ଦେହ ଓ ପୂର୍ବ ଶତ୍ରୁତା ପାଇଁ ଗଡ଼ୁଛି ମୁଣ୍ଡ

ବାରିପଦା, ୨୪।୨(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ପିଲା ଚୋରି ସନ୍ଦେହ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାହାକୁ ନେଇ ଗ୍ରାମଠାରୁ ସହରରେ ଭୟର ବାତାବରଣ ଖେଳିଯାଉଛି। ଏପରିକି ଲୋକେ ସନ୍ଦିଗ୍ଧ ଲୋକଙ୍କୁ ଦେଖି ନିସ୍ତୁକ ମାଡ଼ ମାରୁଛନ୍ତି। ଏଭଳି ଘଟଣାରେ ସୋମବାର ପୃଥକ ସ୍ଥାନରେ ତିନୋଟି ଘଟଣା ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଛି। ଯଦ୍ୱାରା ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିବାବେଳେ ପିଲାଚୋରି ସନ୍ଦେହରେ ନୀରିହଙ୍କ ମୁଣ୍ଡ ଗଡ଼ୁଛି। ଏପରି ଘଟଣାକୁ ନିୟନ୍ତ୍ରଣରେ ଆଣିବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ଗଣମାଧ୍ୟମ ଜରିଆରେ ଜିଲ୍ଲାବାସୀଙ୍କ ସହଯୋଗ ଲୋଡ଼ିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟାଳୟରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ଏସପି ବରୁଣ ଗୁଣ୍ଟୁପାଲୀ ଆଇନକୁ କେହି ହାତକୁ ନ ନେବା ପାଇଁ ପରାମର୍ଶ ଦେଇଛନ୍ତି। ସନ୍ଦିଗ୍ଧ ଲୋକ ଦେଖିଲେ ତୁରନ୍ତ ପୁଲିସକୁ ଖବରଦେବାକୁ ସେ ନିବେଦନ କରିଛନ୍ତି।

ସୂଚନା ମୁତାବକ, ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମାନସିକ ବିକାରଗ୍ରସ୍ତ ରୋଗୀ ଏଣେତେଣେ ଘୁରି ବୁଲୁଛନ୍ତି। ସେମାନଙ୍କ ପରିଚୟ ମିଳିପାରୁ ନ ଥିବାବେଳେ କେହି କଥାବାର୍ତ୍ତାକୁ ନେଇ ସନ୍ଦେହ କରିବାରେ ଲାଗିଛନ୍ତି। ଏପରିକି ପାଗଳମାନେ ହିନ୍ଦୀ ଓ ଅନ୍ୟାନ୍ୟ ଭାଷାରେ କଥା ହେଉଥିବାରୁ ଗାଁ ଲୋକଙ୍କ ମଧ୍ୟରେ ପିଲାଚୋର ଛନକା ପଶିଯାଇଛି। ଯଦ୍ୱାରା ଲୋକେ ହିଂସ୍ର ହୋଇ ଆଇନକୁ ହାତକୁ ନେବା ଭଳି ଘଟଣା ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ଏଭଳି ଘଟଣା ପ୍ରଥମେ ୧୭ ତାରିଖରେ ବାରିପଦା ସହରର ଭଞ୍ଜପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଥିଲା। ସିସିଟିଭି ଫୁଟେଜକୁ ନେଇ ପୁଲିସ ତଦନ୍ତ କରିଥିଲେ ହେଁ ଘଟଣାକୁ ନେଇ ଜିଲ୍ଲାରେ ପିଲାଚୋର ଭୟ ଖେଳିଯାଇଛି। ସେହିପରି ସୋମବାର ମୋରଡା ଥାନା ଅଧିନ ଡେଙ୍ଗାଶୋଳ ଗ୍ରାମରେ ୪ ଯୁବକ ପିଲା ଚୋରି କରିବା ପାଇଁ ଉଦ୍ୟମ କରୁଥିବା ଗ୍ରାମବାସୀ ଦେଖିଥିଲେ। ସମସ୍ତଙ୍କୁ ଧରିବା ପାଇଁ ଗ୍ରାମବାସୀ ଚେଷ୍ଟା କରିଥିଲେ ହେଁ ସେଠାରୁ ୩ ଜଣ ଫେରାର ହୋଇଯାଇଥିଲେ। ଜଣକୁ ଧରି ନିସ୍ତୁକ ମାଡ଼ ମାରିବା ଫଳରେ ଅଚିହ୍ନା ଯୁବକ ଜଣକ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲା।

ଗଣମାଧ୍ୟମ ଜରିଆରେ ଜିଲ୍ଲାବାସୀଙ୍କ ସହଯୋଗ ଲୋଡ଼ିଲେ ଏସ୍‌ପି

ଅପରପକ୍ଷରେ ଶାମାଖୁଣ୍ଟା ବ୍ଲକ ତଥା ବାରିପଦା ସଦର ଥାନା ଅଧୀନ ଧନପୁର ଗ୍ରାମରେ ପିଲାଚୋର ସନ୍ଦେହକୁ ନେଇ ସୋମବାର ବିଳମ୍ବିତ ରାତିରେ ଦମ୍ପତିକୁ ଗ୍ରାମବାସୀ ନିସ୍ତୁକ ମାଡ଼ ମାରିଛନ୍ତି। ଏପରିକି ଗାଡିକୁ ଭଙ୍ଗାରୁଜା କରିବା ସହିତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛି। ସେହିପରି ବାଙ୍ଗରିପୋଷି ଥାନା ଅଧୀନ ନୂଆବସାଣ ଗ୍ରାମରେ ଜଣେ ବୃଦ୍ଧଙ୍କୁ ଗ୍ରାମବାସୀ ପିଲାଚୋର କହି ନିସ୍ତୁକ ମାଡ ମାରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏବେ ସେ ବାରିପଦାର ଏକ ବୃଦ୍ଧାଶ୍ରମରେ ଅଛନ୍ତି। ସେହିପରି ରବିବାର ସମାନ ଘଟଣାରେ ବସନ୍ତପୁର ଅଞ୍ଚଳରେ ଜଣେ ଯୁବକ ବିଦ୍ୟୁତ ସାମଗ୍ରୀ ବିକ୍ରି କରିବାକୁ ଗାଁକୁ ଯାଇଥିବାବେଳେ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ପୁଲିସ ଖବରପାଇ ତାକୁ ଉଦ୍ଧାର କରିବା ପରେ ଏକ ସୁରକ୍ଷିତ ସ୍ଥାନରେ ଛାଡିଥିଲା। ଅନୁରୂପ ଶ୍ୟାମସୁନ୍ଦର ଗ୍ରାମରେ ମଧ୍ୟ ଗ୍ରାମବାସୀମାନେ ପିଲାଚୋର ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ନିସ୍ତୁକ ମାଡ଼ ମାରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ୨୦୧୮ରେ ଦୋମୁହାଁଣୀ ଗ୍ରାମରେ ଜଣେ ମହିଳାଙ୍କୁ ପିଲାଚୋର ସହିତ ଡାହାଣୀ ସନ୍ଦେହରେ ପିଟିପିଟି ମାରିଦେବା ଅଭିଯୋଗରେ ପୁଲିସ ୧୧ ଜଣକୁ ଗିରଫ କରିଥିଲା। ସେହିପରି ମୟୂରଭଞ୍ଜ ଏସପିଙ୍କ କାର୍ଯ୍ୟାଳୟର ଅନତି ଦୂର ବେଲଗଡ଼ିଆ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଅଞ୍ଚଳବାସୀ ପିଲାଚୋର ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ସେହିପରି ସୋମବାର ରାତି ଖୁଣ୍ଟା ଥାନା ଅଧୀନ ଧାନଘେରା ଗ୍ରାମରେ ଜଣେ ଯୁବକ କୋର୍ଟରେ ସାକ୍ଷୀ ଦେବାକୁ ନେଇ ଗ୍ରାମବାସୀ ପିଟି ପିଟି ମାରିଦେବା ଭଳି ଘଟଣା ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ମୃତ ଯୁବକ ଜଣ ହେଲେ ଗଡ଼ିଗାଁ ଗ୍ରାମର କାହ୍ନୁ ମଢେଇ। ଗତ ନଭେମ୍ବର ମାସରେ କାହ୍ନୁ ଅନ୍ୟ ଜଣେ ସହଯୋଗୀ ସହିତ ଉଦଳା ଥାନା ଅଧୀନ ଜାରାନଟା ଗ୍ରାମରେ ଚୋରି କରିବାକୁ ଯାଇଥିବାବେଳେ ଧରାପଡ଼ିଥିଲେ। ସେତେବେଳେ ଗ୍ରାମବାସୀଙ୍କ ମାଡରେ ସହଯୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ କାହ୍ନୁ ବଞ୍ଚିଯାଇଥିଲେ। ଉକ୍ତ ହତ୍ୟା ଘଟଣାରେ କାହ୍ନୁ କୋର୍ଟରେ ସାକ୍ଷୀ ଦେବାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ତାଙ୍କୁ ଗୋଡାଇ ଗୋଡାଇ ମାଡ ମାରିଥିଲେ। ତାଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ଖୁଣ୍ଟା ପୁଲିସ ଜଣକୁ ଅଟକ ରଖି ପଚରାଉଚରା ଜାରି ରଖିଛି। ବଡ଼ସାହି ଥାନା ଅଧୀନ ଦେଉଳିଆ ଗ୍ରାମରେ ବିଜେପି ନେତା ପ୍ରଭାତ କୁମାର ଜେନା ସଂଘବଦ୍ଧ ଆକ୍ରମଣର ଶିକାର ହୋଇ ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଏପରି ଘଟଣା ଘଟିଥିଲେ ହେଁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗୋଟିଏ ଦିନରେ ତିନୋଟି ସ୍ଥାନରେ ଏଭଳି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପିଲାଚୋର ଗୁଜବ ଏବେ ଜିଲ୍ଲାରେ କୋକୁଆ ଭୟ ସୃଷ୍ଟି କରିଛି।

ନୂତନ ଏନ୍‌ଏସି ଗୃହର ଏଆଇ ଫଟୋକୁ ନେଇ ବଢ଼ୁଛି ଉତ୍କଣ୍ଠା



ରାସଗୋବିନ୍ଦପୁର, ୨୪।୨(ସମିସ): ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରଚେଷ୍ଟାରେ ରାସଗୋବିନ୍ଦପୁର ଅଞ୍ଚଳକୁ ଏନଏସି ମାନ୍ୟତା ମିଳିବା ପରେ ଏଠାରେ ଉନ୍ନୟନମୂଳକ କାର୍ଯ୍ୟକଳାପ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଆଶା ଓ ଆଗ୍ରହ ବୃଦ୍ଧି ପାଇଛି। ଗତ ୧୨ ତାରିଖରେ ମୟୂରଭଞ୍ଜ ଜିଲ୍ଲା ନଗର ଉନ୍ନୟନ ବିଭାଗ ପକ୍ଷରୁ ରାସଗୋବିନ୍ଦପୁର ଏନଏସିର ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଏକ ଅଧିକୃତ ବିଜ୍ଞପ୍ତି ମଧ୍ୟ ଜାରି ହୋଇଛି। ଏଥିସହ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ରାସଗୋବିନ୍ଦପୁର ଏନଏସିର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ପ୍ରାୟ ୬ କୋଟି ଟଙ୍କା, ସଫେଇ ବ୍ୟବସ୍ଥା, ରାସ୍ତା ଆଲୋକୀକରଣ, ଡ୍ରେନେଜ ବ୍ୟବସ୍ଥା ଆଦି ପାଇଁ ୫୦ ଲକ୍ଷ ଟଙ୍କା ଲେଖାଏଁ ମୋଟ ସାଢେ ୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ସୂଚନା ମିଳିଛି। ଏହି ଘୋଷଣା ପରେ ବର୍ତ୍ତମାନ ସୋସିଆଲ ମିଡିଆରେ ରାସଗୋବିନ୍ଦପୁର ଏନଏସିର ନୂତନ କାର୍ଯ୍ୟାଳୟ ଗୃହ ଓ ପ୍ରବେଶ ଦ୍ୱାରର କଥିତ ଏଆଇ ତିଆରି ଫଟୋ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି। ଏହି ଫଟୋକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର କଳ୍ପନାଜଳ୍ପନା ଆରମ୍ଭ ହୋଇଥିବାବେଳେ କେହି କେହି ଏହାକୁ ଏନଏସିର ଆଗାମୀ କାର୍ଯ୍ୟାଳୟର ପ୍ରକୃତ ନକ୍ସା ବୋଲି ଭାବି ନେଇଛନ୍ତି। ଫଳରେ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି ଯେ ସତରେ କଣ ରାସଗୋବିନ୍ଦପୁର ଏନଏସି କାର୍ଯ୍ୟାଳୟ ଗୃହ ଓ ପ୍ରବେଶ ଗେଟ ଏଭଳି ଆକୃତିରେ ନିର୍ମାଣ ହେବ କି ନାହିଁ। ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଫଟୋ ସମ୍ପୂର୍ଣ୍ଣ ଗୁଜବ ଅଟେ। ଏନଏସି କାର୍ଯ୍ୟାଳୟ ଗୃହ କେମିତି ନିର୍ମାଣ ହେବ ସେ ସମ୍ବନ୍ଧୀୟ ଅଧିକୃତ ନକ୍ସା ଓ ଡିଜାଇନ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ସମୟରେ ଜାରି କରାଯିବ।

ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତା

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦଳ ବିଜୟୀ



ବାରିପଦା, ୨୪।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ଦଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିରୁଦ୍ଧରେ ବିଜୟ ହାସଲ କରିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟସ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ୱିକେଟ୍ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ଜବାବରେ ବ୍ରହ୍ମପୁର ଟିମ ୧୫ ଓଭରରେ ୮ ୱିକେଟ ହରାଇ ମାତ୍ର ୧୦୮ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ୧୦୫ ରନରେ ମ୍ୟାଚକୁ ଜିତି ଏହି ପ୍ରତିଯୋଗିତାରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଟିମର ହାଡିବନ୍ଧୁ କିସ୍କୁ ୪୨ ବଲରେ ୧୧୮ ରନ କରିଥିଲେ। ଶାନ୍ତନୁ ବେହେରା ୩ଓଭରରେ ୩ରନ ଦେଇ ୪ ଉଇକେଟ ନେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଦୀପାଂଶୁ ଦାସ ୩ ଓଭରରେ ୧୮ ରନ ଦେଇ ୩ ୱିକେଟ ନେଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଟିମର ମ୍ୟାନେଜର କୀର୍ତ୍ତି କୌଶିକ ନାୟକ ଓ କୋଚ ବାସ୍ତବ କୁମାର ମହାନ୍ତ, କିଶୋର କୁମାର ପଲେଇ, ସଂଯୋଜକ ଭାବେ ରଞ୍ଜିତ କୁମାର ନାୟକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ବିଜୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଟିମର ବ୍ୟାଟିଂ ଓ ବୋଲିଂ ଶକ୍ତିର ପ୍ରମାଣ ଦେଇଛି। ଟିମର ଦଳଗତ ପ୍ରଦର୍ଶନ ଓ ପ୍ରତିଭାକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରମୋଦ ଚନ୍ଦ୍ର ଶତପଥୀ, କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କିଶୋର ଦାସ ଓ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ପ୍ରଶଂସା କରିଛନ୍ତି।

ପିଲାଚୋର ଗୁଜବଜନିତ ମାରପିଟ୍ ଓ ହତ୍ୟା ଘଟଣାରେ ଏସ୍‌ପିଙ୍କ ସମୀକ୍ଷା

ବାରିପଦା, ୨୪।୨(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପିଲାଚୋରି ଗୁଜବକୁ ନେଇ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ଜିଲ୍ଲା ଏସ୍‌ପି ବରୁଣ ଗୁଣ୍ଟୁପଲ୍ଲୀ ମଙ୍ଗଳବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହା ବ୍ୟତୀତ ଜିଲ୍ଲାର ଏକାଧିକ ଥାନା ଅଞ୍ଚଳରେ ଏପରି ଘଟଣା ଘଟିଥିବା ସେ ସୂଚନା ଦେଇଛନ୍ତି। ଏସ୍‌ପି ଗୁଣ୍ଟୁପଲ୍ଲୀ ଲୋକମାନଙ୍କୁ ଅପିଲ୍ କରିଛନ୍ତି ଯେ, ଏଭଳି ଗୁଜବ



ପରିସ୍ଥିତିର ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ଏହିପରି ଗୁଜବ ଯୋଗୁଁ ବିଭିନ୍ନ ସ୍ଥାନରେ ମନସ୍ତତ୍ତ୍ୱ ଅନାଗ୍ରସର ବ୍ୟକ୍ତିମାନଙ୍କୁ ମାରପିଟ୍ କରାଯାଉଥିବା ଘଟଣା ଘଟୁଛି। ପୁଲିସ୍ ଏହାର ପ୍ରତିକାର କରି ଦୋଷୀମାନଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ନେଉଛି। ଏସ୍‌ପିଙ୍କ ସୂଚନା ଅନୁସାରେ, ମୋରଡା ଥାନା ଅଞ୍ଚଳ ଘଟଣାରେ ୧୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ବାରିପଦା ସଦର ଥାନା ଅନ୍ତର୍ଗତ ଅମ୍ବାସିକଡା ଗ୍ରାମ ଘଟଣାରେ ଜଡ଼ିତ ୧୬ ପ୍ରଚାର ନକରିବାକୁ ଓ କୌଣସି ସନ୍ଦେହଜନକ ବ୍ୟକ୍ତିଙ୍କୁ ଦେଖିଲେ ସ୍ଥାନୀୟ ପୁଲିସ୍‌କୁ ତୁରନ୍ତ ସୂଚନା ଦେବା, ଆଇନ୍‌କୁ ନିଜ ହାତକୁ ନ ନେବାକୁ ସେ ଜୋର୍ ଦେଇଛନ୍ତି। ଏହା ସହ ଜିଲ୍ଲାର ସମସ୍ତ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସବୁ ସରପଞ୍ଚ ଏବଂ ଲୋକ ପ୍ରତିନିଧିମାନଙ୍କୁ ଏ ବାବଦରେ ସଚେତନ କରାଯାଉ। ଏହି ସଚେତନତା ଅଭିଯାନ ଜରିଆରେ ଗୁଜବ ପ୍ରତିରୋଧ କରାଯିବ ଏବଂ ଶାନ୍ତି ରକ୍ଷା କରାଯିବ ବୋଲି ଏସ୍‌ପି ଆଶା ପ୍ରକାଶ କରିଛନ୍ତି।

ରାଜସ୍ୱ ଗ୍ରାମ ମାନ୍ୟତା ଦାବିରେ ସୁଡ଼ଙ୍ଗା ଗ୍ରାମବାସୀଙ୍କ ବିକ୍ଷୋଭ



ବାରିପଦା, ୨୪।୨(ସମିସ): କପ୍ତିପଦା ବ୍ଲକ କଳମଗୋଡ଼ିଆ ପଞ୍ଚାୟତର ସୁଡ଼ଙ୍ଗା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ସମ୍ପର୍କରେ ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅବହେଳିତ ଅବସ୍ଥାରେ ସୁଡ଼ଙ୍ଗା ଗ୍ରାମରେ ୨୫୦ରୁ ଅଧିକ ପରିବାର ଓ ପ୍ରାୟ ୭୦୦ରୁ ଅଧିକ ଜନସଂଖ୍ୟା ଥିଲେ ମଧ୍ୟ ସ୍ୱାଧୀନତାର ୭ ଦଶନ୍ଧି ପରେ ବି ଏହା ଉପଯୁକ୍ତ ବିକାଶରୁ ବଞ୍ଚିତ ହୋଇରହିଛି। ଗ୍ରାମଟି ଏକ ହାମଲେଟ୍ ବା ପଡ଼ା ଗ୍ରାମ ଭାବେ ରହିଥିବାରୁ ଏଠାରେ ସରକାରୀ ଯୋଜନା ସଠିକ୍ ଭାବେ ପହଞ୍ଚିପାରୁନାହିଁ। ରାଜସ୍ୱ ଗ୍ରାମର ମାନ୍ୟତା ନ ଥିବାରୁ ମନରେଗା ଓ ଅନ୍ୟାନ୍ୟ ପ୍ରମୁଖ ସରକାରୀ ଯୋଜନା ଗ୍ରାମରେ କାର୍ଯ୍ୟକାରୀ ହୋଇପାରୁନାହିଁ।

ସେହିପରି ଗ୍ରାମରେ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ଓ ପାନୀୟ ଜଳ ସୁବିଧା ନ ଥିବାବେଳେ ଗ୍ରାମର ଲୋକେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ଆଲୋକ ଦେଖି ନାହାଁନ୍ତି। ଜଙ୍ଗଲ ଜମି ଅଧିକାର ଆଇନ ଏଫଆରଏ-୨୦୦୬ ଅନୁଯାୟୀ ବହୁ ପାରମ୍ପରିକ ଜଙ୍ଗଲ ବାସିନ୍ଦା ଏପର୍ଯ୍ୟନ୍ତ ଲ୍ୟାଣ୍ଡ ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି। ଗତବର୍ଷ ମାର୍ଚ୍ଚ ମାସରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପଡ଼ା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ନେଇ ଘୋଷଣା କରିଥିଲେ। ଏ ପରିପ୍ରେକ୍ଷୀରେ ସୁଡ଼ଙ୍ଗା ଗ୍ରାମକୁ ତୁରନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କଲେ ଗ୍ରାମର ସର୍ବାଙ୍ଗୀନ ବିକାଶ ହୋଇପାରନ୍ତା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଶରତ ବିକାଶ ମଞ୍ଚ ସଭାପତି ଗାମଲ ରିମିଲସିଂ ଗୋଇପାଇ ଓ ଗୁନୁରାମ ସିଂଙ୍କ ନେତୃତ୍ୱରେ ଉପରୋକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା

୨୦୨୭ ନଭେମ୍ବର ସୁଦ୍ଧା କାମ ଶେଷ କରିବାକୁ ପରାମର୍ଶ

ବାରିପଦା, ୨୪।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ବିଭିନ୍ନ ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟର ଅଗ୍ରଗତି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ ଏନଏଚଏଆଇ ଅଧିକାରୀ, ଯନ୍ତ୍ରୀ ଓ ସମସ୍ତ ଲାଇନ୍ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ୪୯ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ବାଙ୍ଗିରିପୋଷୀ ଘାଟିରେ ଚାଲିଥିବା ପ୍ରଶସ୍ତିକରଣ କାର୍ଯ୍ୟ ଯୋଗୁଁ ଉପୁଜୁଥିବା ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଘାଟିରେ କାର୍ଯ୍ୟ ଚାଲୁଥିବାରୁ ପ୍ରାୟ ସମୟରେ ଯାନବାହନ ଜାମ୍ ରହୁଛି। ଫଳରେ ବାମନଘାଟୀ ଓ ପଞ୍ଚପୀଢ



ଉପଖଣ୍ଡ ସହ ବାରିପଦା ଓ କପ୍ତିପଦା ଉପଖଣ୍ଡ ମଧ୍ୟରେ ଯାତାୟାତ କରୁଥିବା ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଯଶିପୁର ନିକଟରେ ମଧ୍ୟ କାର୍ଯ୍ୟ ଅତି ଧିମା ଗତିରେ ଚାଲିଥିବାରୁ ସାଂସଦ ଶ୍ରୀ ମାଝୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସାଂସଦ ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଏହି ସବୁ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ୨୮ ନଭେମ୍ବର ୨୦୨୭ ମସିହା ସୁଦ୍ଧା ସମୟସୀମା (ଡେଡଲାଇନ୍) ଧାର୍ଯ୍ୟ କରାଯାଇଛି। ସେହିପରି ୨୨୦ ନମ୍ବର ଜାତୀୟ ରାଜପଥର ରାଇରଙ୍ଗପୁର ବାଇପାସ୍ କାର୍ଯ୍ୟକୁ ବର୍ଷାରତୁ ପୂର୍ବରୁ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସମସ୍ତ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟକୁ ଯଥାଶୀଘ୍ର ଓ ଗୁଣବତ୍ତା ସହିତ ଶେଷ କରିବାକୁ ସାଂସଦ ଶ୍ରୀ ମାଝୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

ଜାତୀୟସ୍ତରୀୟ ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ପରୀ ଚ୍ୟାଲେଞ୍ଜର ଓ ବଜରଙ୍ଗୀ ଦି ସାଭିୟର ବିଜୟୀ



ବାରିପଦା, ୨୪।୨(ସମିସ): ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ ୟୁନିଅନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦଶମ ଦିବସର ପ୍ରଥମ ମ୍ୟାଚରେ ପରୀ ଚ୍ୟାଲେଞ୍ଜର ୧୩ ରନରେ ପ୍ଲେ ବ୍ୟାକ ଚ୍ୟାଲେଞ୍ଜର ଦଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ପରୀ ଦଳ ୧୨ ଓଭରରେ ୭ ୱିକେଟ ହରାଇ ୧୬୮ ରନ କରିଥିବାବେଳେ ପ୍ଲେ ବ୍ୟାକ୍ ଦଳ ୧୨ ଓଭରରେ ୬ ୱିକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା। ପରୀ ଦଳର ସଞ୍ଜୀବ କୁମାର ମହାପାତ୍ର ସର୍ବାଧିକ ୪୯ ଓ ସରୋଜ ପରିଡ଼ା ୪୧ ରନ କରିଥିବାବେଳେ ପ୍ଲେ ବ୍ୟାକ ଦଳର ଆଦିତ୍ୟ କୁମାର ବସା ସର୍ବାଧିକ ୭୦ ରନ କରିଥିଲେ।

ଦ୍ୱିତୀୟ ମ୍ୟାଚରେ ବଜରଙ୍ଗୀ ଦି ସାଭିୟର ୭ ରନରେ ଭାମ୍ପାୟାର ମାରୁତି ସ୍ପୋର୍ଟ୍ସକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ବଜରଙ୍ଗୀ ଦଳ ୧୨ ଓଭରରେ ୯ ୱିକେଟ ହରାଇ ୧୩୨ ରନ କରିଥିବାବେଳେ ଭାମ୍ପାୟାର ଦଳ ୧୨ ଓଭରରେ ୯ ୱିକେଟ ହରାଇ ୧୨୫ ରନ କରିପାରିଥିଲେ ଓ ବଜରଙ୍ଗୀ ଦଳର ଏସ କୁମାର ୪ଟି ଓ ଭାମ୍ପାୟାର ଦଳର ସୁଧାଂଶୁ ପାଲ ୫ଟି ୱିକେଟ ଅକ୍ତିଆର କରିଥିଲେ। ରତିକାନ୍ତ ଦାସ, ଲକ୍ଷ୍ମୀଧର ସିଂ, ସଞ୍ଜୟ ସିଂ ଓ ଗଦାଧର ନାୟକ ଖେଳ ପରିଚାଳନା କରିଥିବାବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ପୂର୍ବ ଦିନର ତୃତୀୟ ମ୍ୟାଚରେ ପ୍ଲେ ବ୍ୟାକ ଚ୍ୟାଲେଞ୍ଜର ୪ ୱିକେଟରେ ଜଗନ୍ନାଥ ୱାରିୟରକୁ ଓ ଚତୁର୍ଥ ମ୍ୟାଚରେ ମହାକାଳ ଦଳ ୭ ୱିକେଟରେ ବଜରଙ୍ଗୀ ଦଳକୁ ପରାସ୍ତ କରିଥିଲା। କମିଟିର ସଭାପତି ସୌମ୍ୟରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଗଦାଧର ନାୟକ, ଉପସଭାପତି ରମାକାନ୍ତ ଦାସ, ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର ଓ କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଉପଜିଲ୍ଲାପାଳଙ୍କ ବାସଗୃହ ମରାମତି ବିଲ୍‌କୁ ନେଇ ବିବାଦ

ଜାତିଆଣ ମନ୍ତବ୍ୟ ଓ ଦୁର୍ବ୍ୟବହାର ଅଭିଯୋଗ ନେଇ ମାମଲା

କରଞ୍ଜିଆ, ୨୪।୨(ସମିସ)





କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) କାର୍ଯ୍ୟାଳୟରେ ଘଟିଥିବା ଘଟଣା ଏବେ ଥାନାରେ ପହଞ୍ଚିଛି। କରଞ୍ଜିଆ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିବାରୁ ଘଟଣାଟି ଆଲୋଚନାର ବିଷୟ ହୋଇଛି।

ସୂଚନା ମୁତାବକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରି କହିଛନ୍ତି ଯେ, ଏନଏସିର ପ୍ରାକ୍ତନ ଅଧ୍ୟକ୍ଷ ଗିରିଧାରୀ ପୃଷ୍ଟି, ତାଙ୍କ ସହଯୋଗୀ ଚନ୍ଦ୍ରମୋହନ ଦାସ, ସୁରେନ୍ ଖାଟୁଆଙ୍କ ସହିତ ଅନ୍ୟ ୩ ଜଣ କାର୍ଯ୍ୟାଳୟକୁ ଆସି ଉପଜିଲ୍ଲାପାଳଙ୍କ ସରକାରୀ ବାସଗୃହର ମରାମତି ଓ ସୁନ୍ଦରୀକରଣ କାର୍ଯ୍ୟର ବିଲ୍ ଶୀଘ୍ର କରିଦେବାକୁ ଚାପ ସୃଷ୍ଟି କରିଥିଲେ। ବିଲ୍ ନ କରିବାରୁ ସେମାନେ ଧମକ ଦେବା ସହ ଜାତିଆଣ ମନ୍ତବ୍ୟ ଦେଇଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ କରଞ୍ଜିଆ ଥାନାରେ ୬୦/୨୬ ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ୱାର୍ଡ ନମ୍ବର ୮ କାଉନସିଲର ରଣଜିତ୍ ଖାଟୁଆ ପାଲଟା ଅଭିଯୋଗ କରି କହିଛନ୍ତି ଯେ, ଗତ ୧୮ ତାରିଖରେ ଘଟିଥିବା ଘଟଣା ଦିନ ଏନଏସି ଅଧ୍ୟକ୍ଷା ପପି ପୃଷ୍ଟି, ଉପାଧ୍ୟକ୍ଷ ସ୍ୱରୂପ କୁମାର ପରିଜା, ୩ ନମ୍ବର ୱାର୍ଡ କାଉନସିଲର ବିଶ୍ୱଜିତ୍ ଚୌଧୁରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିବାବେଳେ ଚନ୍ଦ୍ରମୋହନ ଦାସ ଓ ସୁରେନ୍ ଖାଟୁଆ ବିଲ୍ ସମ୍ପର୍କରେ ଅନୁରୋଧ କରିଥିଲେ। ଏହାକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ, ଉପାଧ୍ୟକ୍ଷ ଓ ୩ ନମ୍ବର ୱାର୍ଡ କାଉନସିଲର ତିନି ଜଣ ଉତକ୍ଷିପ୍ତ ହୋଇ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ସହ ଜାତିଆଣ ମନ୍ତବ୍ୟ ଦେଇଥିଲେ। ଏହାକୁ ପ୍ରତିବାଦ କରିବାରୁ ୱାର୍ଡ ନମ୍ବର ୧୫ର ଜଣେ ମହିଳା କାଉନସିଲରଙ୍କୁ ମଧ୍ୟ ଅପମାନ କରାଯାଇଥିବା ଓ ଅଧ୍ୟକ୍ଷାଙ୍କ ସହ ଅନ୍ୟମାନଙ୍କୁ ଗେଟ୍ ଆଉଟ୍ କହି ବାହାର କରିଦିଆଯାଇଥିଲା। ଏ ନେଇ ୬୧/୨୬ରେ ଆଉ ଗୋଟିଏ ମାମଲା ରୁଜୁ ହୋଇଛି। ଏନଏସି କାର୍ଯ୍ୟାଳୟର ମଧ୍ୟରେ ଘଟିଥିବା ଏହି ଘଟଣା ପରେ ସ୍ଥାନୀୟ ରାଜନୀତି ସରଗରମ ହୋଇଛି। ଦୁଇପକ୍ଷ ଏଭଳି ଗୁରୁତର ଅଭିଯୋଗ ଆଣିଥିବାରୁ ଘଟଣାଟି ଚର୍ଚ୍ଚାର କେନ୍ଦ୍ର ହୋଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏନଏସି କାର୍ଯ୍ୟାଳୟର ସିସିଟିଭି ଫୁଟେଜ୍ ଆଧାରରେ ପ୍ରାଥମିକ ତଦନ୍ତ ଆରମ୍ଭ କରାଯାଇଛି। ତଦନ୍ତ ପରେ ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଲା ଭାରୀଯାନ

ରାଉରକେଲା, ୨୪।୨(ସମିସ): ବନ୍ଧମୁଣ୍ଡା ସ୍ଥିତ ଡିଜେଲ କଲୋନୀଠାରେ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଛି ଭାରିଯାନ। ଫଳରେ ବିଦ୍ୟୁତ ବିଚ୍ଛିନ୍ନ ହୋଇଥିବା ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରେ ଉକ୍ତ ରାସ୍ତା ଦେଇ ଭାରିଯାନ ଯାଉଥିବା ବେଳେ ହଠାତ୍ ୩ଟି ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ବିଦ୍ୟୁତ ଖୁଣ୍ଟ ଗୁଡ଼ିକ ବଙ୍କା ହୋଇଥିବା ବେଳେ ତାର ଛିଣ୍ଡି ଯାଇଥିଲା। ଦୁର୍ଘଟଣା ଘଟାଇ ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ବାସିନ୍ଦା ବିଦ୍ୟୁତ ଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା ତାହା ସ୍ପଷ୍ଟ ହୋଇପାରି ନାହିଁ। ରାତି ସମୟରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଭାରିଯାନ ଉପରେ ନଜର ରଖିବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

୧୬ ବର୍ଷରେ ପରେ ରାୟ ହତ୍ୟାକାରୀ ପ୍ରେମିକକୁ ଆଜୀବନ ଜେଲ୍

ଭୁବନେଶ୍ୱର, ୨୪।୨(ସମିସ)

ପ୍ରେମିକାକୁ କଟୁରିରେ ହାଣି ହତ୍ୟା ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଚତୁର୍ଥ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଶୁଭଞ୍ଜନ ମହାନ୍ତି ଖାରବେଳ ନଗର ଥାନା ଅଞ୍ଚଳରେ ଘଟିଥିବା ଏହି ହତ୍ୟାକାଣ୍ଡର ବିଚାରଣା କରି ଅଭିଯୁକ୍ତ ରାଜେଶ କୁମାର ସେଠୀକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ଅଭିନ ଚନ୍ଦ୍ର ମେଡିକାଲ କଲେଜରେ ନର୍ସ ଭାବେ ଚାକିରି କରୁଥିବା ନିବେଦିତା ସାମନ୍ତରାୟ ଓ ତାଙ୍କ ସ୍ୱାମୀ ଗୋପାଳ ଚରଣ ସିଂ ସାମନ୍ତ କ୍ୟାମ୍ପସ ପରିସରରେ ଥିବା କ୍ୱାର୍ଟର୍ସରେ ରହୁଥିଲେ। ନିବେଦିତାଙ୍କ ଭଉଣୀର ଝିଅ ତଥା ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଅଞ୍ଚଳର ରୋଜାଲିନ ପଟେଲ ମଧ୍ୟ ସେହି କ୍ୱାର୍ଟର୍ସରେ ରହି ଏକ ଘରୋଇ କଲେଜରେ ବିଟେକ୍ ପଢୁଥିଲେ। କଲେଜର ସହପାଠୀ ତଥା ବାପୁଜୀ ନଗରର କୁମାର ସେଠୀ ଓ ରୋଜାଲିନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୧୦ ମସିହା ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାରେ ଗୋପାଳ ଓ ନିବେଦିତା ତିନିମୁଣ୍ଡିଆ ଛକକୁ ଯାଇଥିବା ରୋଜାଲିନ ଘରେ ଏକା ଥିଲେ। ସେହି ସମୟରେ ରାଜେଶ ତାଙ୍କୁ ଭେଟିବାକୁ ଘରକୁ ଆସିଥିଲେ। କୌଣସି କାରଣକୁ ନେଇ ରୋଜାଲିନ ଓ ରାଜେଶ ମଧ୍ୟରେ ବଚସା ହୋଇଥିଲା। ରାଜେଶ ଉତକ୍ଷିପ୍ତ ହୋଇ ରୋଜାଲିନଙ୍କୁ କଟୁରିରେ ହାଣି ଦେଇଥିଲା। ପରେ ରାଜେଶ ଫେରାର ହୋଇଯାଇଥିଲା। ଗୋପାଳ ଓ ନିବେଦିତା ଫେରିବା ପରେ ରୋଜାଲିନଙ୍କ ରକ୍ତ ଜୁଡ଼ୁବୁଡ଼ୁ ମୃତଦେହ ଦେଖିବାକୁ ପାଇଥିଲେ। ଗୋପାଳଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ କେସ୍ ନଂ - ୭୯/୧୦ରେ ମାମଲା ରୁଜୁ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ଉତ୍କଳ କେଶରୀ ଦାସ ଓ ତତ୍କାଳୀନ ଏସିପି ନିହାର ରଞ୍ଜନ ଦାସ ତଦନ୍ତ କରି ଅଭିଯୁକ୍ତ ରାଜେଶକୁ ଗିରଫ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଭିଯୁକ୍ତର ବୟାନ ସହ ୨୦ ଜଣ ସାକ୍ଷୀ, ପ୍ରତିପକ୍ଷର ଜଣେ ସାକ୍ଷୀ ଓ ୩୫ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ରାଜେଶ କୁମାର ସେଠୀଙ୍କୁ ଆଜୀବନ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜୋରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬୧ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହିତ ୩ ବର୍ଷର କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମନା ଦେବାକୁ ଆଦେଶ ଦେଇଛନ୍ତି ଓ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସ୍ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଜୋରିମନା ରାଶିକୁ ମୃତକଙ୍କ ଆଇନଗତ ସତ୍ୱାଧିକାରୀମାନଙ୍କୁ ପ୍ରଦାନ କରିବାକୁ ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ମୃତକଙ୍କ ସତ୍ୱାଧିକାରୀମାନଙ୍କୁ ଓଡ଼ିଶା ପୀଡ଼ିତ କ୍ଷତିପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଡ. ସୁରେଶ କୁମାର ବାରିକ ଏହି ମାମଲାକୁ ପରିଚାଳନା କରିଥିଲେ।

୧୭ ଦିନପରେ ଜଙ୍ଗଲରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ଲହୁଣିପଡ଼ା, ୨୪।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ସୟମ୍ବା ଗ୍ରାମର ନିଖୋଜ ମହିଳାଙ୍କ ୧୭ ଦିନ ପରେ ଗଳିତ ଶବ ଉଦ୍ଧାର କରାଯାଇଥିବା ଜଣାପଡ଼ିଥିବା ବେଳେ ସନ୍ଦେହରେ ପୁଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ସ୍ୱୟମ୍ବା ଗ୍ରାମର ଖାଇରା ମୁଣ୍ଡା (୪୫) ଗତ ୭ ତାରିଖରେ ରେଞ୍ଜଡା ସାପ୍ତାହିକ ହାଟକୁ ବଜାର ପାଇଁ ଯାଇ ନିଖୋଜ ହୋଇଥିଲେ। ସ୍ୱାମୀ ଚରଣ ମୁଣ୍ଡା ଖୋଜାଖୋଜି ଜାରି ରଖିଥିବା ବେଳେ କୌଣସି ସୂତ୍ରରୁ ବଡ ବାଲିଯୋର ଜଙ୍ଗଲରେ ଏକ ଶବ ପୋତାଯାଇଥିବା ଖବର ପାଇଥିଲେ। ସନ୍ଦେହ ଅଧିକ ଘନିଭୂତ ହେବାରୁ ଆଜି କେ. ବଲାଙ୍ଗ ଥାନା ଆସି ସ୍ତ୍ରୀ ନିଖୋଜ ହେଇଥିବା ନେଇ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ବଡ ବାଲିଯୋର ଜଙ୍ଗଲରେ ମାଜିଷ୍ଟ୍ରେଟ ଓ ସାଇଣ୍ଟିଫିକ ଟିମ ସହ ପହଞ୍ଚି ପୋତା ଯାଇଥିବା ଶବକୁ ଉଦ୍ଧାର କରିଥିଲା। ଶବର ପଞ୍ଚନାମା ପରେ ବଣାଇଁ ସ୍ଥିତ ମର୍ଗ ହାଉସ ରଖିଥିବା ବେଳେ ମୃତ ଖାଇରା ମୁଣ୍ଡାଙ୍କ ସହ ହାଟରେ ସାଥିରେ ବୁଲୁଥିବା ଉକ୍ତ ଗ୍ରାମର ରିସୁ ମୁଣ୍ଡା(୩୫) ଓ ନିମିଆ ମୁଣ୍ଡା(୩୫)କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଥିବା ଜଣାପଡ଼ିଛି।


ହତ୍ୟା ସନ୍ଦେହରେ ୨ ଥାନାରେ ଅଟକ

କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ



ରାଉରକେଲା, ୨୪।୨(ସମିସ): ବିରଜା କ୍ଷେତ୍ର ସଂଘ ରାଉରକେଲା ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ସେକ୍ଟର-୭ ସ୍ଥିତ ସିଅର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଇଂ ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଓ ବିଷୟ ବିଶେଷଜ୍ଞ ତଥା ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ଅଶ୍ୱିନୀ କୁମାର ରାୟ ଯୋଗଦେଇ ବିଦଗ୍ଧ କବି ଅଭିମନ୍ୟୁ ଓ ସୃଜନ ସ୍ୱାକ୍ଷର ସମ୍ପର୍କରେ ଆଲୋଚନା କରିଥିଲେ। ଡ. ରାୟ ଓଡ଼ିଆ ରୀତିଯୁଗୀୟ ସାହିତ୍ୟର ଜଣେ ଶ୍ରେଷ୍ଠ କବି ଅଭିମନ୍ୟୁ ଥିଲେ ରୀତିଯୁଗର ମାର୍ତ୍ତଣ୍ଡ କବି। ଦେଶଜ ଓ ଗ୍ରାମୀଣ ଶବ୍ଦରେ ତାଙ୍କ ରଚନା ସମଗ୍ର ଓଡ଼ିଆ ସାରସ୍ୱତ ଭଣ୍ଡାରର ଅମୂଲ୍ୟ ରତ୍ନହାର ବୋଲି କହିଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ଅଭିମନ୍ୟୁଙ୍କୁ ମାଧୁର୍ଯ୍ୟ ରସର କବି ବୋଲି ସମ୍ବୋଧିତ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ କୁମାର ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଯୋଜିକା ଉର୍ବଶୀ ଦାଶପତି ସଂଯୋଜନା କରି ବିଦଗ୍ଧ ଚିନ୍ତାମଣିର କିଛି ଫକ୍ତିକୁ ଗାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସଂଗ୍ରାମ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ନିହାର ରଞ୍ଜନ ସିଂ, ଅନିଲ ମଲ୍ଲିକ, ଅନିରୁଦ୍ଧ ସାମଲ, ବିରେନ ସେନାପତି, ହରିହର ବେହେରା, ସଞ୍ଜୟ ନାୟକ, ମନୋରଞ୍ଜନ ସାମଲ, ଦେବକାନ୍ତ ଧଳ, ପ୍ରଶାନ୍ତ କୁମାର ପତି, ଆର୍ତ୍ତତ୍ରାଣ ମହାପାତ୍ର, ରବୀନ୍ଦ୍ର ମଲ୍ଲିକ, ଜୟଶ୍ରୀ ଦାସ, ବିଜୟ କୁମାର ବରାଳ, ଅକ୍ଷୟ କୁମାର ଜେନା, ପ୍ରଶାନ୍ତ ନାୟକଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

ଏନ୍ଆଇଟି କ୍ୟାମ୍ପସରେ ପଶିଲେ ହାତୀ



ରାଉରକେଲା, ୨୪।୨(ସମିସ): ମଙ୍ଗଳବାର ସକାଳେ ଦୁଇଟି ବଣୁଆ ହାତୀ ରାଉରକେଲା ଏନ୍ଆଇଟି ପରିସରରେ ପଶିବା ପରେ ଏନ୍ଆଇଟି କ୍ୟାମ୍ପସରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ଖବର ପାଇବା ପରେ ବନ ବିଭାଗ ଏବଂ ସ୍ଥାନୀୟ ପୁଲିସ୍ ପକ୍ଷରୁ ହାତୀ ଘଉଡାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସୂଚନାନୁଯାୟୀ, ସୋମବାର ରାତିରେ ୨୬ଟି ହାତୀ ପଲ ବରଟୋଲି ଜଙ୍ଗଲ ଦେଇ ଯାଉଥିଲେ। ସେଥିରୁ ୫ଟି ହାତୀ ରାସ୍ତା ଭଟକି ଯାଇଥିଲେ। ୩ଟି ହାତୀ ଦକ୍ଷିଣପଟ ଦେଇ ଖଦାନ ଆଡ଼କୁ ପଶିଥିବା ବେଳେ ମାଆ ଛୁଆ ହାତୀ କ୍ୟାମ୍ପସ ଭିତରକୁ ପଶି ଆସିଥିଲେ। ବାକି ହାତୀ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ରାସ୍ତା ଭଟକି ଯାଇ ଏହି ୫ ହାତୀ ପଳାଇ ଆସିଥିବା ଜଣାପଡ଼ିଛି। ଖବରପାଇ ରାତିରେ ଡିଏଫଓ ଯଶୋବନ୍ତ ସେଠୀଙ୍କ ନେତୃତ୍ୱରେ ୧ ପ୍ଲାଟୁନ ଫୋର୍ସ, ୩୦ ଜଣ ଏନଆଇଟି ସିକ୍ୟୁରିଟି ଗାର୍ଡ ଓ ୧୦ ଜଣ ବନ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ହାତୀ ଘଉଡାଇବାରେ ଲାଗି ପଡ଼ିଥିଲେ। ତେବେ ଖାଦାନ ପଟୁ ୩ ହାତୀକୁ ରିଉଁ ପସରା ଜଙ୍ଗଲ ଆଡ଼କୁ ଘଉଡାଇବାରେ ସଫଳ ହୋଇଥିଲେ। ହେଲେ ମାଆ ଛୁଆ ହାତୀକୁ ଘଉଡାଇବାରେ ସଫଳ ହୋଇନଥିଲେ। ମଙ୍ଗଳବାର ସକାଳେ ମାଆ ଛୁଆ ହାତୀ ଯେପରି ଏନଆଇଟି ଭିତରକୁ ନପଶିବେ ସେଥିପାଇଁ ସୋଲାର ଫିନିଂ କରାଯାଇଥିଲା। ଏହାସହ ବରଟୋଲି ଦେଇ ଜଙ୍ଗଲ ଆଡ଼କୁ ଘଉଡାଇବାକୁ ଉଦ୍ୟମ କରାଯାଇଥିଲା। ହେଲେ ବରଟୋଲି ବାସିନ୍ଦାମାନେ ଓଲଟା ଘଉଡାଇ ଦେବାରୁ ଜଙ୍ଗଲ ଆଡ଼କୁ ମାଆ ଛୁଆ ହାତୀ ଯାଇ ପାରି ନଥିଲେ। ରାଉରକେଲା ବନଖଣ୍ଡର ଡିଏଫଓ ଯଶୋବନ୍ତ ସେଠୀ, ସହକାରୀ ବନ ସଂରକ୍ଷକ ସୁରଜିତ୍ କୁମାର ସାହୁ ଏବଂ ଅନ୍ୟାନ୍ୟ ବନ କର୍ମଚାରୀ ହାତୀ ଘଉଡାଇବା ଅଭିଯାନ ତଦାରଖ କରିଥିଲେ। ପରେ ସ୍ଥାନୀୟ ବାସିନ୍ଦା ଓ ପ୍ରାଣୀ ଉଭୟଙ୍କ ସୁରକ୍ଷା ଚିନ୍ତାକରି ମାନକ ବନ୍ୟପ୍ରାଣୀ ନିୟନ୍ତ୍ରଣ ପ୍ରୋଟୋକଲ ବ୍ୟବହାର କରି ହାତୀମାନଙ୍କୁ କ୍ୟାମ୍ପସରୁ ଘଉଡାଇବାରେ ବନ ବିଭାଗ ସଫଳ ହୋଇଥିଲା।

ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ ପାଇଁ ବୈଠକ

ରାଉରକେଲା, ୨୪।୨(ସମିସ): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପରିପ୍ରେକ୍ଷୀରେ ଜିଲ୍ଲା ତରଫରୁ ଜିଲ୍ଲା ଯୋଜନା ବୈଠକ ରାଉରକେଲାର ସେକ୍ଟର - ୨ ସ୍ଥିତ ସ୍ନେହନାଇ ମଣ୍ଡପ ପରିସରରେ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଠକର ଶୁଭାରମ୍ଭ କରିଥିଲେ। ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରୀ ଖଟେଇ ଜିଲ୍ଲା ଓ ମଣ୍ଡଳସ୍ତରରେ ପ୍ରଶିକ୍ଷଣ ବର୍ଗ କିପରି କରାଯିବ ତା' ଉପରେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟ କିଶୋର ମିଶ୍ର, ରାଜ୍ୟ ମୁଖପାତ୍ର ଧିରେନ୍ ସେନାପତି, ପୂର୍ବତନ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲ୍ଲା ଟୋଲି ସଂଯୋଜକ ଜଗବନ୍ଧୁ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମିଳା ଦାସ, ରାସବିହାରି ପ୍ରଧାନ, ମନୋଜ ପ୍ରଧାନ, ପ୍ରାକ୍ତନ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ଅଳ୍ପସଂଖ୍ୟକ ସଭାପତି ଗୁରିନ୍ଦର ସିଂ, ପୂର୍ବତନ ରାଉରକେଲା ବିଧାୟକ ପ୍ରଭାତ ମହାପାତ୍ର, ଜିଲ୍ଲା ଟୋଲି ସହ ସଂଯୋଜକ ନମ୍ରତାବାଗ, ଜିଲ୍ଲା ସୋସିଆଲ ମିଡ଼ିଆ ଟୋଲି ସଂଯୋଜକ ନବୀନ ଗୁପ୍ତା. ଜିଲ୍ଲା ଟୋଲି ସହ ସଂଯୋଜକ ନିରଞ୍ଜନ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଡ ଧନ୍ୟବାଦ୍ ଅର୍ପଣ କରିଥିଲେ।

ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା କାର୍ଯ୍ୟକ୍ରମ



କୁତ୍ରା, ୨୪।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବଜ୍ୟବସ୍ତୁ ପରିଚାଳନା ଓ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ବର୍ଜ୍ୟବସ୍ତୁର ସଠିକ ବିନିଯୋଗ ଓ ପୃଥକୀକରଣ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ବିଦ୍ୟାଳୟର ଇକୋ କ୍ଲବ ଓ ଏନର୍ଜି କ୍ଲବର ମିଳିତ ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଏନର୍ଜି କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ହରେକୃଷ୍ଣ ସାହୁ ବର୍ଜ୍ୟବସ୍ତୁକୁ କିପରି ୩-ଆର ଅର୍ଥାତ୍ ହ୍ରାସ, ପୁନଃ ବ୍ୟବହାର ଓ ପୁନଃ ଚକ୍ରଣ ପ୍ରକ୍ରିୟାରେ ବ୍ୟବହାର କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ ଇନଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ବର୍ଜ୍ୟବସ୍ତୁ ପରିଚାଳନାର ଆବଶ୍ୟକତା ଓ ବର୍ଜ୍ୟବସ୍ତୁର କିପରି ସୁପରିଚାଳନା କରାଯାଇପାରିବ ଦିଗଦର୍ଶନ ଦେଇଥିଲେ। ବିଦ୍ୟାଳୟ ପରିସରରେ ଓଦା ଓ ଶୁଖିଲା ଆବର୍ଜନା ପାଇଁ ପୃଥକ ପୃଥକ ଡଷ୍ଟବିନ ବ୍ୟବହାର କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ବର୍ଜ୍ୟବସ୍ତୁର ସୃଜନଶୀଳତା ବିଷୟବସ୍ତୁ ଉପରେ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ କରିସ୍ମା କେରକେଟା, ସୁମିତ୍ରା ବାର୍ଲା, ମନଭାଙ୍ଗୀ ନାଏକ, ରୋଶନୀ ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

ଜିନ୍ଦଲ ଫାଉଣ୍ଡେସନର ଚକ୍ଷୁ ଚିକିତ୍ସା ଶିବିର

ରାଉରକେଲା, ୨୪।୨(ସମିସ): ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନର ପ୍ରମୁଖ କାର୍ଯ୍ୟକ୍ରମ 'ଦୃଷ୍ଟି' ଅଧୀନରେ ଏବଂ କେନ୍ଦୁଝର ଏଲଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ସହଯୋଗରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନ୍ସା ମାଇନ୍ସ ଓ କାଶିଆ ମାଇନ୍ସ ଅଞ୍ଚଳରେ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ପେଲେଟ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଦେଓଝର ଗ୍ରାମ ପଞ୍ଚାୟତରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ସତୀଶ ସିନ୍ଧୁରିଆ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ଗ୍ରାମର ବହୁ ବିଶିଷ୍ଟ ଲୋକ ଓ ସିଏସଆର ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ୨୧୪ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେହିପରି ଟେନସାରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ୧୦୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ସରକାରୀ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ଟେନସା ମାଇନ୍ସର ଅଧିକାରୀ ଉପସ୍ଥିତ ଥିଲେ। କାଶିଆ ମାଇନ୍ସରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ଜିନ୍ଦଲ ଷ୍ଟିଲର ବିକେଟିଆର କ୍ଲଷ୍ଟର ମୁଖ୍ୟ ପ୍ରମୋଦ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ବଡ଼ବିଲ ଓ ବାସୁଦେବପୁର ଗୋଷ୍ଠୀ ଚକିତ୍ସା କେନ୍ଦ୍ରର ବରିଷ୍ଠ ଅଧିକାରୀଙ୍କ ସମେତ ଗ୍ରାମବାସୀ, କାଶିଆ ମାଇନ୍ସର ଅଧିକାରୀ, ସିଏସଆର ଅଧିକାରୀ ଓ ସ୍ୱାସ୍ଥ୍ୟ ସଂଗିନୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୩୪୦ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୨୪୦ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲେ।



ଆର୍ଏସ୍ପିରେ ୭୨ ଜଣ ଆପ୍ରେଣ୍ଟିସଙ୍କୁ ତାଲିମ



ରାଉରକେଲା, ୨୪।୨(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ତୃତୀୟ ବ୍ୟାଚରେ ୭୨ ଜଣ ସ୍ନାତକ, ଡିପ୍ଲୋମା ଓ ଆଇଟିଆଇ ଡିଗ୍ରୀଧାରୀ ପ୍ରଶିକ୍ଷାର୍ଥୀଙ୍କ ଏକ ବର୍ଷବ୍ୟାପୀ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଆରଏସପିର ଗୋପବନ୍ଧୁ ଅଡିଟୋରିୟମ୍‌ରେ ଫେବୃଆରୀ ୨୩ ଓ ୨୪ ତାରିଖରେ ପ୍ରଶିକ୍ଷାର୍ଥୀଙ୍କ ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ ପିକେ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଜିଏମ ମନୋଜ ଅଗ୍ରୱାଲ ମଞ୍ଚାସୀନ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ସାହୁ ରାଷ୍ଟ୍ର ନିର୍ମାଣରେ ଆରଏସପିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ପଦକ୍ଷେପରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ। ସେ ପ୍ରଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ବୈଷୟିକ ଜ୍ଞାନ ବୃଦ୍ଧି କରିବା ସହ ନିଯୁକ୍ତି ଦକ୍ଷତା ବିକାଶ କରିବା ପାଇଁ ସୁଯୋଗର ସର୍ବାଧିକ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏହି ପ୍ରବର୍ତ୍ତନ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କୁ ସେଲ୍ଫ ଏବଂ ଆରଏସପିର ସାମଗ୍ରିକ ଚିତ୍ର, ସୁରକ୍ଷା ଦିଗ, ଗ୍ୟାସ୍ ସୁରକ୍ଷା, ଅଗ୍ନି ନିରାପତ୍ତା ଏବଂ ବୈଦ୍ୟୁତିକ ନିରାପତ୍ତା, ସ୍ୱାସ୍ଥ୍ୟ ଟିପ୍ସ ଏବଂ କଞ୍ଚାମାଲ ଠାରୁ ଆରମ୍ଭ କରି ଶେଷ ଉତ୍ପାଦ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସମନ୍ୱିତ ଇସ୍ପାତ ତିଆରି ପ୍ରକ୍ରିୟା ଉପରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରାଯିବ। ଅଧିବେଶନ ସମୟରେ ଅଡିଓ ଭିଜୁଆଲ୍ ମାଧ୍ୟମରେ ମଧ୍ୟ ଶିକ୍ଷା ଦିଆଯିବ ବୋଲି କୁହାଯାଇଛି। ମନୋଜ ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଜୁନିୟର ଇଞ୍ଜିନିୟର ଆରସି ରାଉତ ସଂଯୋଜନା କରିଥିଲେ। ଟେକ୍ନିସିଆନ ଡିସି ଗୌଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଡାଲମିଆ ମହାବିଦ୍ୟାଳୟରେ କଳା ଓ ଶିଳ୍ପ ପ୍ରଦର୍ଶନୀ

କୁତ୍ରା, ୨୪।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ସୋମବାର ଆର୍ଟସ ସୋସାଇଟି ତରଫରୁ କଳା ଓ ଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଡାଲମିଆ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଡ. ସରୋଜିନୀ ସାହୁ ଯୋଗଦେଇଥିବା ବେଳେ ବିଚାରକ ରୂପେ ବାଲୁକାଶିଳ୍ପୀ ରାଜେନ୍ଦ୍ର ସାହୁ ଯୋଗଦେଇଥିଲେ। ଅଧ୍ୟାପିକା ପଙ୍କଜିନୀ ପଟେଲ, ଅଧ୍ୟାପିକା ଆଲିସା ତିର୍କୀ ଆୟୋଜନ କରିଥିଲେ। ଶିଳ୍ପ କାଗଜ, ଅପଚୟର ବିନିଯୋଗ, ହସ୍ତ ନିର୍ମିତ ଶିଳ୍ପ, ବୋତଲ ଶିଳ୍ପ ଆଦି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

ଭିନ୍ନକ୍ଷମ ଯୁବତୀଙ୍କୁ ଜଙ୍ଗଲରେ ଦୁଷ୍କର୍ମ

ରାଉରକେଲା, ୨୪।୨(ସମିସ): ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଜଙ୍ଗଲରେ ଦୁଷ୍କର୍ମ କରିବା ଅଭିଯୋଗରେ ବିରମିତ୍ରପୁର ଥାନା ପୁଲିସ ଅଭିଯୁକ୍ତ ବନମାଳୀ ରାଉତ(୫୫)କୁ ଗିରଫ କରିଛି। ଭିନ୍ନକ୍ଷମ ଯୁବତୀଙ୍କୁ ବାରମ୍ବାର ଦୁଷ୍କର୍ମ କରିବା ପରେ ପିଡିତା ଯୁବତୀ ୬ ମାସର ଗର୍ଭବତୀ ହୋଇଥିବା ବିରମିତ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ପିଡିତା ଯୁବତୀ ଗତକାଲି ବିରମିତ୍ରପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ଆର୍ଏସ୍ପିରେ 'ରୋଶନି- ସକ୍ଷମ ସାଥୀ' କର୍ମଶାଳା

ରାଉରକେଲା, ୨୪।୨(ସମିସ): ରାଉରକେଲା ଇସ୍ପାତ କାରଖାନା(ଆର୍ଏସ୍ପି)ରୁ ୨୦୨୬ ଅପ୍ରେଲରୁ ଜୁନ ମାସ ମଧ୍ୟରେ ଅବସର ନେଉଥିବା କର୍ମଚାରୀଙ୍କ ଜୀବନସାଥିଙ୍କ ପାଇଁ ଏକ ପରାମର୍ଶ କର୍ମଶାଳା 'ରୋଶନି-ସକ୍ଷମ ସାଥୀ' ସ୍ଥାନୀୟ ସିଭିକ୍ ସେଣ୍ଟରରେ ଆୟୋଜିତ ହୋଇଥିଲା। ଏଥିରେ ଏଚଆର ବିଭାଗର ସିଜିଏମ ମାନସ ରଞ୍ଜନ ରଥ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଏସ୍‌ପି-୨ ବିଭାଗର ଜିଏମ ଇନ୍‌ଚାର୍ଜ ସନ୍ତୋଷ ପାଢ଼ୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ରଥ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଜୀବନସାଥିଙ୍କୁ ଦେଇଥିବା ଦୃଢ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି ମନୋଭାବକୁ ଅବସର ପର୍ଯ୍ୟନ୍ତ ବହନ କରିବାକୁ ଅନୁରୋଧ କରିବା ସହିତ ଜୀବନର ଏହି ନୂତନ ପର୍ଯ୍ୟାୟକୁ ଗ୍ରହଣ କରି ଜୀବନସାଥିଙ୍କ ସହିତ ଖାପଖୁଆଇ ତାଙ୍କୁ ସହାୟତା କରିବାକୁ କହିଥିଲେ। ଅବସର ପରେ ଜୀବନର ଏକ ନୂତନ ପର୍ଯ୍ୟାୟରେ ସୁଗମ ପ୍ରବେଶ ପାଇଁ ମାନସିକ ପ୍ରସ୍ତୁତି' ବିଷୟବସ୍ତୁ ଉପରେ ଏସପି ୨ ବିଭାଗର ଏଜିଏମ ବାବୁଲା ନାହକ ଏବଂ ବିତ୍ତ ଓ ଲେଖା ବିଭାଗର ଜିଏମ ରାଜ ରଞ୍ଜନ ଷଡଙ୍ଗୀ 'ଆର୍ଥିକ ସୁରକ୍ଷା ଯୋଜନା' ଉପରେ ତଥ୍ୟ ପ୍ରଦାନ କରିଥିଲେ। ଅଧିବେଶନରେ ଟିଏ ଏଣ୍ଡ ସିଏସଆର ବିଭାଗର ଡିଜିଏମ ପୁରୁଷୋତ୍ତମ ସାହୁ ରୁଚି ଆଧାରରେ କାର୍ଯ୍ୟରେ ବ୍ୟସ୍ତ ରହିବା ଉପରେ ତଥ୍ୟ ରଖିଥିଲେ। 'ଉତ୍ତମ ସ୍ୱାସ୍ଥ୍ୟ, ସୁସ୍ଥତା ସୁନିଶ୍ଚିତ କରିବା' ଉପରେ ଆଉ ଏକ ଅଧିବେଶନ ଓଏଚଏସସିର ଅତିରିକ୍ତ ସିଏମଓ ଡାକ୍ତର ଏସ୍. କୁମାର ସମ୍ପାଦିତ କରିଥିଲେ। ଜାତୀୟ ପେନସନ ଯୋଜନା (ଏନ୍‌ପିଏସ୍) ଉପରେ ଏଚଆରଇ ଆରଏଣ୍ଡସି ବିଭାଗର ଡେପୁଟି ମ୍ୟାନେଜର ଏସ୍‌ସି ନାୟକ ଆଲୋଚନା କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର (ମାନବ ସମ୍ବଳ) ଏସପି ମାଝି ସମବେତ ସଭିଙ୍କୁ ସ୍ୱାଗତ କରିଥିବା ବେଳେ ଶ୍ରମ ନିରୀକ୍ଷକ କେକେ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କେକେ ପରିଡ଼ା ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପାନୀୟ ଜଳ ପାଇଁ ହନ୍ତସନ୍ତ ଗାଇଡେଗାବାସୀ

ନଳକୂଅର ଗୋଳିଆ ପାଣି ଭରସା





ବଣାଇଁ, ୨୪।୨(ସମିସ)

ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ତାମଡ଼ା ଗ୍ରାମପଞ୍ଚାୟତର ଗାଇଡେଗା ଗ୍ରାମବାସୀ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ପ୍ରାୟ ୪୫ ରୁ ୫୦ ପରିବାରର ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଉକ୍ତ ଗ୍ରାମରେ ପିଇବା ପାଣି ପାଇଁ ତିନୋଟି ନଳକୂଅ ଥିବାବେଳେ ଦୁଇଟି ବର୍ତ୍ତମାନ ଖରାପ ହୋଇଯାଇଛି। ଅନ୍ୟଟିରେ ଗୋଳିଆ ପାଣି ବାହାରୁଛି। ପାନୀୟ ଜଳ ପାଇଁ ଅନ୍ୟ କୌଣସି ଉତ୍ସ ନଥିବାରୁ ଗ୍ରାମବାସୀଙ୍କ ଏହି ନଳକୂପର ଗୋଳିଆ ପାଣି ଏକମାତ୍ର ଭରସା ପାଲଟିଛି। ଏହି ଗୋଳିଆ ପାଣିକୁ ଗ୍ରାମବାସୀ ବହୁ କଷ୍ଟରେ ସଂଗ୍ରହ କରି ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରୁଛନ୍ତି। ଖରାର ପ୍ରକୋପ ଧୀରେ ଧୀରେ ବଢୁଥିବାରୁ ତୁରନ୍ତ ଏହି ନଳକୂପକୁ ମରାମତି କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଗୁରୁଣ୍ଡିଆ ବ୍ଲକ ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୀ ମହାନ୍ତିଙ୍କୁ ପଚାରିବାରୁ ଉକ୍ତ ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ଆଗରୁ ଦରଖାସ୍ତ ଆସିଥିଲା। ଆସନ୍ତା ୩ ରୁ ୪ ଦିନ ଭିତରେ ଉକ୍ତ ଗ୍ରାମର ସବୁ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

ତମ୍ବାଛଡା ମଣ୍ଡିରେ ବଡ଼ ବ୍ୟତିକ୍ରମ

ହଟହଟାର ଶିକାର ହେଉଛନ୍ତି ଦିବ୍ୟାଙ୍ଗ ଚାଷୀ





- ମଣ୍ଡିରୁ ଉଠୁନି ଧାନ ଆଶ୍ୱାସନାରେ ଚାଲିଛି ବେପାର
- ଏବେ ଧାନ ନୁହେଁ ଚାଲିଛି ଟୋକନ୍ ବିକ୍ରି
- ୬୩ ଲକ୍ଷ ୪୧କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ଉଠିଲାଣି,
- ତଥାପି ହୀନସ୍ଥାରେ ଚାଷୀକୁଳ

ଭବାନୀପାଟଣା, ୨୪ ।୨(ସମିସ)

କଳାହାଣ୍ଡି ଜିଲ୍ଲାରେ ଅନ୍ୟବର୍ଷ ଅପେକ୍ଷା ଏଥର ଖରିଫ ଧାନ ବିକ୍ରି ବ୍ୟବସ୍ଥା ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ମଣ୍ଡି ଆରମ୍ଭରୁ ଚାଷୀ ଟୋକନ ସମସ୍ୟା, ମିଲର୍ସଙ୍କ ଆନ୍ଦୋଳନ ଓ ଶ୍ରମିକ ସମସ୍ୟାର ଫାଇଦା ନିର୍ଦ୍ଦିଷ୍ଟ କେତେକ ମିଲର୍ସ ଉଠାଇଛନ୍ତି । ଆରମ୍ଭରୁ ମଣ୍ଡି ନଚାଲିଲେ ମଧ ଚାଷୀଙ୍କୁ ଅଗ୍ରୀମ ଟଙ୍କା ଦେଇ କମ୍ ଦରରେ ଧାନ ମିଲର୍ସ କବଜା କରିବାର ନୀତି ଆପଣେଇ ଥିଲେ । ମଣ୍ଡି ଚାଲିବାପରେ ଧାନ ମଣ୍ଡିକୁ ଆସିଲା ଟୋକନ ସମସ୍ୟା ପୁଣି ମୁଣ୍ଡବିନ୍ଧାର କାରଣ ସାଜିଲା ।ଧାନ ଥିଲେ ଟୋକନ ନାହିଁ ଏବଂ ଟୋକନ ଆସିଲେ ଧାନ ଉଠିନଥିଲା । ସେଥିପାଇଁ ଜିଲ୍ଲାରେ ଧାନ ଉଠାଣ ପ୍ରକିୟା ସମ୍ପୂର୍ଣ୍ଣ ମନ୍ଥର ହୋଇପଡ଼ିଥିଲା । ଗତ ବର୍ଷ ଖରିଫ ଧାନ ସଂଗ୍ରହ ଫେବୃଆରୀ ୧୦ରେ ଶେଷ ହୋଇଥିବା ବେଳେ ଚଳିତ ଖରିଫ ଧାନ ସଂଗ୍ରହ କିନ୍ତୁ ବର୍ତ୍ତମାନ ଯାଏଁ ଚାଲିଛି । ଆହୁରି କେତେଦିନ ଚାଲିବ ସେ ହିସାବ ଯୋଗାଣ ବିଭାଗ ପାଖରେ ନାହିଁ । ଦୁଃଖ ଓ ପରିତାପର ବିଷୟ ଯେ ତମ୍ବାଛଡା ମଣ୍ଡିରେ ଏଥର ବଡ଼ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଜଣେ ଦିବ୍ୟାଙ୍ଗ ଚାଷୀ ସଞ୍ଜୀବ ପାତ୍ର ନିଜ ଧାନ ବିକ୍ରି ପାଇଁ ହଟହଟା ହେବାର ସବୁ ସୀମା ପାର କରିସାରିଛନ୍ତି । ତଥାପି ତାଙ୍କର ଦ୍ୱିତୀୟ ଟୋକନ ଧାନ ପ୍ରାୟ ୭୫କ୍ୱିଣ୍ଟାଲ ଆଜି ସୁଦ୍ଧା ଉଠିପାରୁନି । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟ ଶାସନସଚିବଙ୍କୁ ପତ୍ର ମାଧ୍ୟମରେ ନିଜ ଦୁଃଖ ଜଣାଇ ସାରିଲେଣି । ଆଣ୍ଟା ବାଡ଼ି ଖଣ୍ଡେ ଧରି ମଣ୍ଡିକୁ ବାରମ୍ବାର ଯାଇ ନୟାନ୍ତ ହୋଇସାରିଛନ୍ତି । ଦିବ୍ୟାଙ୍ଗ ଚାଷୀ ଶ୍ରୀ ପାତ୍ର ପ୍ରଥମ ଟୋକନ ପାଇ ୭୫କ୍ୱିଣ୍ଟାଲ ଧାନ ବିକ୍ରି କରିଥିଲେ । ଦ୍ୱିତୀୟ ଟୋକନ ୭୫କ୍ୱିଣ୍ଟାଲ ଆସିଥିଲା । କିନ୍ତୁ ବିଡମ୍ବନା ଏହା ଯେ ଧାନ ଏବେ ସୁଦ୍ଧା ସେମିତି ୭୫କ୍ୱିଣ୍ଟାଲ ମଣ୍ଡିରେ ଏକ ମାସରୁ ଉାସର ଦିନ ହେବ ତମ୍ବାଛଡା ମଣ୍ଡିରେ ପକାଇ ରଖି କହୁଛନ୍ତି ଧାନ ରଙ୍ଗହୀନ ହୋଇଗଲା । ମଣ୍ଡିରେ ଧାନ ପଡ଼ି ରହିଲେ ଧାନର ମାନ ନଷ୍ଟ ହେବା ସ୍ୱାଭାବିକ ତେଣୁ ଦାୟୀ କିଏ ହେବ ତାହା ହିଁ ବଡ଼ ପ୍ରଶ୍ନ । ମଣ୍ଡିରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ବାରମ୍ବାର ଭୁଆଁ ବୁଲାଇ ଶେଷରେ କହିଲେ ୭୫କ୍ୱିଣ୍ଟାଲ ଧାନ ର ମାନ ଅତ୍ୟନ୍ତ ଖରାପ ଅବସ୍ଥାରେ ପହଞ୍ଚିଲାଣି । ଦିବ୍ୟାଙ୍ଗ ବ୍ୟକ୍ତି ସଞ୍ଜୀବ ପାତ୍ର କହିଥିଲେ ଯଦି ମୋ ଧାନ ଖରାପ ତେବେ ମୋତେ ମୋ ଧାନ ମୋତେ ଫେରେଇ ଦିଅ । ତାହା ମଧ କରାଯାଉନାହିଁ । ଦ୍ୱିତୀୟ ଟୋକନ ଧାନ ବିକ୍ରି ହୋଇନି ଦିବ୍ୟାଙ୍ଗ ଶ୍ରୀ ପାତ୍ରଙ୍କ ତୃତୀୟ ଟୋକନର ୨୮.୭୦କ୍ୱିଣ୍ଟାଲ ଧାନ ଆସିସାରିଛି କିନ୍ତୁ ତାହା ମଣ୍ଡିରେ ରେଜିଷ୍ଟ୍ରେସନ୍ କରାଯାଉନାହିଁ । ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଶ୍ରୀ ପାତ୍ରଙ୍କୁ କେବଳ ଆଶ୍ୱାସନା ଦେଇ ଘଟଣାକୁ ଗଡ଼ାଇ ଚାଲିଛନ୍ତି ।

ସୂଚନାଯୋଗ୍ୟ ଧର୍ମଗଡ଼ ବ୍ଲକର ମାଟିଆ ଅଞ୍ଚଳରେ ରହୁଥିବା ଶ୍ରୀପାତ୍ର ଜଣେ ଦିବ୍ୟାଙ୍ଗ ତାଙ୍କ ମେରୁଦଣ୍ଡରେ ଆଘାତ ଲାଗିବାପରେ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ଅବସ୍ଥାରେ ଜୀବନ ବିତାଉଛନ୍ତି । ଚାଷ କାର୍ଯ୍ୟପ୍ରତି ଅହେତୁକ ଆଗ୍ରହ କାରଣରୁ ସେ ଚାଷକାମ ଛାଡି ପାରୁନାହାନ୍ତି । ଧାନ ରୁଆ ବେଉଷଣରୁ ଅମଳ ସମୟରେ ମଧ ନିଜ ଗାଁ ମାଟିଆରେ ସବୁ କଥା ବୁଝନ୍ତି । କୌଣସି ବର୍ଷ ଧାନ ବିକ୍ରି ପାଇଁ ଏତେ ମାତ୍ରାରେ ହୀନସ୍ଥା ହୋଇନଥିଲେ ବୋଲି ପ୍ରକାଶ କରିଛନ୍ତି । ସେ ଜଣେ ଶିକ୍ଷିତ ଚାଷୀ । କଥାହେଲା ଶିକ୍ଷିତ ଚାଷୀ ଯଦି ଏଭଳି ଦୁର୍ଦ୍ଦଶାର ଶିକାର ହେଉଛନ୍ତି ତେବେ ସାଧାରଣ ଚାଷୀ କି ପ୍ରକାର ହନ୍ତସନ୍ତ ହେଉଥିବେ ତାହା ସହଜରେ ଅନୁମେୟ । ତମ୍ବାଛଡା ମଣ୍ଡିର ଏଭଳି ଅବିବେକୀ କାର୍ଯ୍ୟ ପାଇଁ କିଏ ଉତ୍ତରଦାୟୀ ହେବେ ! ଧର୍ମଗଡ଼ ବିଧାୟକଙ୍କ ସମେତ ରାଜ୍ୟର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ଜିଲ୍ଲାର ଜିଲ୍ଲାପାଳଙ୍କୁ ମଧ ଏହି ପ୍ରସଙ୍ଗ ଜଣାଇ କୌଣସି ସୁଫଳ ମିଳିନାହିଁ । ଦ୍ୱିତୀୟ ଟୋକନର ଆଇ ସ୍କାନ ହୋଇନାହିଁ ତୃତୀୟ ଟୋକନ ରେଜିଷ୍ଟ୍ରେସନ୍ କରାଯାଉନାହିଁ ମଣ୍ଡିରେ ବିଧି ବ୍ୟବସ୍ଥାରେ କେଉଁଠି ତ୍ରୁଟି ରହୁଛି ତାହାର ଏକ ଉଚ୍ଚ ସ୍ତରୀୟ ତଦନ୍ତର ଆବଶ୍ୟକତା ଦରକାର । ଦିବ୍ୟାଙ୍ଗ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କହିଛନ୍ତି ଯେ ମୁଁ ବାରମ୍ବାର ତମ୍ବାଛଡା ମନ୍ଦିର ଡିଇଓଙ୍କୁ କହିଛି ସଞ୍ଜୀବ ପାତ୍ରଙ୍କ ଧାନ ଉଠାଇ ନିଅ । ଯଦି ଖରାପ ଧାନ ହୋଇଥିବ ଆନାଲେଶିସ କରି ରିପୋର୍ଟ ଶ୍ରୀପାତ୍ରଙ୍କୁ ଦେଇଦିଅ ।ଯଦି ଏଥିରେ ଖିଲାପ କରୁଛନ୍ତି ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ । କିନ୍ତୁ ହାସ୍ୟାସ୍ପଦ କଥା ଦ୍ୱିତୀୟ ଟୋକନ ଲାପ୍ସ ହୋଇଗଲା ହେଲେ ପରିଣାମ ଶୂନ । ଚଳିତ ଖରିଫ ଋତୁରେ ସରକାର ୭୬ଲକ୍ଷ କ୍ୱିଣ୍ଟାଲ ଟାର୍ଗେଟ ଦେଇଥିବା ବେଳେ ଯୋଗାଣ ବିଭାଗ ୭୪ଲକ୍ଷ ୮୨ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ସ୍ଥିର କରିଛି । ତେବେ ବର୍ତ୍ତମାନର ସ୍ଥିତିରେ ଟୋକନ ଅନୁସାରେ କେତେ ଧାନ ମଣ୍ଡିରେ ଅଛି ସେ ହିସାବର ସ୍ୱଷ୍ଟତା ନାହିଁ । ସେପଟେ ବିଳମ୍ବରେ ମଣ୍ଡି ଖୋଲିବା ସୁଯୋଗରୁ କିଛି ଚାଷୀଙ୍କ ଯେଉଁ ଧାନ ମିଲର୍ସ ହାତେଇ ଥିଲେ ତାହା ରେକର୍ଡଭୁକ୍ତ କରିବାକୁ ଏବେ ତତ୍ପରତା ପ୍ରାକାଶ ପାଇଛି କେବଳ ଟୋକେନ ୫୦୦/୭୦୦ଟଙ୍କାରେ କିଣା ବିକା ଚାଲିଥିବା ନଜିର ରହିଛି । ଯାହା ଅନୁମାନ କରାଯାଉଛି ସମସ୍ତଙ୍କ ଜ୍ଞାନ୍ତସାରରେ ମଣ୍ଡି ଅବ୍ୟବସ୍ଥାକୁ ପ୍ରଶୟ ଦିଆଯାଉଛି ।ଏତିକି କୁହାଯାଇପାରେ କଳାହାଣ୍ଡିରେ ଧାନ ସଂଗ୍ରହ ନୀତିର ବୁଢିଆଣୀ ଜାଲରେ ଦିବ୍ୟାଙ୍ଗ ଭଳି ଚାଷୀ ଠାରୁ ନିରୀହ ଚାଷୀ ଭାଗ ଚାଷୀ ପେଷି ହେବା ସାର ହେଉଛି ।

ବକ୍ସମା ପଞ୍ଚାୟତରେ ବନାଗ୍ନି ସଚେତନତା ସଭା



କୁଚିଣ୍ଡା,୨୪ ।୨(ସମିସ):କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଦିନ ସ୍ଥାନୀୟ ବନ ବିଭାଗ ପକ୍ଷରୁ ବନାଗ୍ନି ସଚେତନତା ସଭା ଆୟୋଜିତ ହୋଇଥିଲା । ସଭାରେ କୁଚିଣ୍ଡା ବନ ବିଭାଗ(ବନ୍ୟପ୍ରାଣୀ) ରେଞ୍ଜର ଲେଖାରାଣୀ ମହାନନ୍ଦ,ଫରେଷ୍ଟର ଅନୁରାଧା ଖର୍ସେଲ, ସରପଞ୍ଚ ସରସ୍ୱତୀ ଠାକୁର, ପିଇଓ ବର୍ଷାରାଣୀ ବିଶ୍ୱାଳ ଏବଂ ଏଡିଇଓ ସରୋଜ ବିଶ୍ୱାଳ ମଞ୍ଚାସୀନ ରହି ଉପସ୍ଥିତ ଜଣ ସାଧାରଣଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଅନୁରୋଧ କରିଥିଲେ । ରେଞ୍ଜର ଲେଖାରାଣୀ ସଭାରେ ଉଦ୍‌ବୋଧନ ଦେଇ ଅଜ୍ଞାନତା ବଶତଃ ହେଉ କିମ୍ବା ଜାଣିଶୁଣି ହେଉ କିଛି ଲୋକ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି । ଫଳରେ ଜଙ୍ଗଲ ନଷ୍ଟ ହେବା ସହିତ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା ନଷ୍ଟ ହେବା ସହିତ ବନ୍ୟପ୍ରାଣୀ ମଧ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହା ଦ୍ୱାରା ପ୍ରକୃତି ତାର ଭାରସାମ୍ୟ ହରାଇ ବସୁଛି ଓ ଏହା ଫଳରେ ନାନା ପ୍ରକାରର ପ୍ରାକୃତିକ ସମସ୍ୟା ସୃଷ୍ଟି ହୋଇ ଜନସାଧାରଣ ହଇରାଣ ହେଉଛନ୍ତି । ଏଣୁ ଆମେ ନିଆଁ ଲଗାଇବା ନାହିଁ ଓ ଏହା ସହିତ ଜଙ୍ଗଲରେ ନିଆଁ ଲାଗି ଥିଲେ ବନ ବିଭାଗକୁ ସୂଚନା ଦେଇ ତାଙ୍କର ସାହାର୍ଯ୍ୟ ନେଇ ଏହି ନିଆଁକୁ ଲିଭାଇବାକୁ ଉଦ୍ୟମ କରିବା ବୋଲି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।ସଭାରେ ଉପସ୍ଥିତ ପଞ୍ଚାୟତବାସୀ ଜଙ୍ଗଲର ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ । ଶେଷରେ ବନରକ୍ଷୀ ଶାନ୍ତିପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଧମାରେ ବନାଗ୍ନି ସଚେତନତା ଶିବିର



ସମ୍ବଲପୁର, ୨୪।୨ (ସମିସ) : ସମ୍ବଲପୁର ବନଖଣ୍ଡ ଅନ୍ତର୍ଗତ ଧମା ବନାଞ୍ଚଳରେ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆଜି ଏକ ବନାଗ୍ନୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁର ବନଖଣ୍ଡ ଏସିଏଫ୍ ରୁନେନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଏବଂ ଜୀବନ ଜୀବିକା ବିଶେଷଜ୍ଞ ତୁଷାର କାନ୍ତ ପାଣିଗ୍ରାହୀ, ବ୍ଲକ କୃଷି ଅଧିକାରୀ ତୁଷାର ମିଶ୍ର, ଧମା କେନ୍ଦୁପତ୍ର ରେଞ୍ଜ ଅଫିସର ତ୍ରିଲୋକ୍ୟ ମୁଣ୍ଡା, ଧମା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଚିତ୍ରା ପଣ୍ଡା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅର୍ଥଶାସ୍ତ୍ର ଅଧାପକ ସତ୍ୟ ନାରାୟଣ ଦାସ, ଯୁକ୍ତ-୩ ଓଡ଼ିଆ ଅଧାପକ ବଳଦେବ ମହାକୁଡ଼, ସମାଜସେବୀ ଦୀପକ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସଂଯୋଜକ ଦୀନେଶ ଖମାରି ସଭା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଜଙ୍ଗଲରେ ନିଆଁ ଲାଗିବା ନେଇ ସତର୍କତା ଏବଂ ହ୍ରାସ କରିବା ଉଦ୍ୟମ, ନିଆଁ ଲାଗିଲେ କେଉଁ ପଦ୍ଧତିରେ ନିର୍ବାପନ କରାହେବ ଆଦି ସବିଶେଷ ଆଲୋଚନା ହୋଇଥିଲା । ବିନୟ ଚକ୍ରବର୍ତ୍ତୀ, ସୁରେନ୍ଦ୍ର ସାହୁ, ନିବେଦିତା ପ୍ରଧାନ ତଥା ଧମା ବନାଞ୍ଚଳର କର୍ମଚାରୀମାନେ ସହଯୋଗ କରିଥିଲେ ।

ପିଏମଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରେଢ଼ାଖୋଲ,୨୪।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଖନ୍ଦାଡ଼ିପସ୍ଥିତ ପିଏମଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପ୍ରଧାନଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ୍ ଅଧକ୍ଷ ପ୍ରଦୀପ ପ୍ରଧାନ, ଗୋଷ୍ଠୀ ଶିକ୍ଷଧିକାରୀ ଗଂଜିତ କୁମାର ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ଯାଜ୍ଞସେନୀ ନାଏକ, ମୋ ସ୍କୁଲ ଅଭିଯାନର ସଭାପତି ଗଣେଶ୍ୱର ପ୍ରଧାନ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାବୀର ସିଂ ଦେଓ ଉପସ୍ଥିତ ଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ



ଶିକ୍ଷାଧିକାରୀ ନରୋତ୍ତମ ପୁରୋହିତ ଯୋଗଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା ସଭାପତି ସମସ୍ତଙ୍କୁ ସ୍ୱାଗତ ଅଭିଭାଷଣ ରଖିବା ସହିତ ବାର୍ଷିକ ବିବରଣୀ ପଠନ କରିଥିଲେ । ମୁଖ୍ୟଅତିଥି ଶ୍ରୀ ମହନ୍ତ ଛାତ୍ରଛାତ୍ରୀ ଭବିଷ୍ୟତରେ ଶିକ୍ଷାରେ ଅଭିବୃଦ୍ଧି ହେବ ସହିତ ସାମାଜିକ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ ।ସମ୍ମାନିତ ଅତିଥି ଗଣ ନିଜର ଅଭିଭାଷଣରେ ବିଦ୍ୟାଳୟର ଗୁଣ ଗାରିମା ଓ ବିଦ୍ୟାଳୟର ଉନ୍ନତି କାମନା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ପୁରୋହିତ ଶିକ୍ଷା ବ୍ୟବସ୍ଥାର ବିଶଦ ଆଲୋଚନା ପୂର୍ବକ ପିଏମଶ୍ରୀ ବିଦ୍ୟାଳୟର ଆଦର୍ଶତା, ଉତ୍କୃଷ୍ଟତା, ମହନୀୟତା କିପରି ହେଲେ ଏହା ଅନ୍ୟ ବିଦ୍ୟାଳୟର ଆଦର୍ଶ ହୋଇପାରିବ ତାହା ଉପରେ ବିଶଦ ଆଲୋକପାତ କରିଥିଲେ । ବିଦ୍ୟାଳୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲେ ।କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଖଗେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଶ୍ରୀମତୀ ପଦ୍ମିନୀ ସାହୁ ସମସ୍ତଙ୍କର ପୂର୍ଣ୍ଣ ସହଯୋଗ ପାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ରାଜଶ୍ରୀ ମହାନ୍ତି, ଗୀତାଞ୍ଜଳି ମହାକୁଡ଼, ସୁଜାତା ମହାପାତ୍ର, ପ୍ରମିଳା ମହାରଣା, କଳ୍ପନା ବେହେରା ଓ ସମସ୍ତ ସଭ୍ୟସଭ୍ୟାଙ୍କ ସହିତ ଶିକ୍ଷୟିତ୍ରୀ ରୋହିଣୀ ପୋଢ, ନମିତାରାଣୀ ପ୍ରଧାନ ଓ ଅନୁପମା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

ଅଗ୍ନି ନିରୋଧକ ସଚେତନତା ରଥ ଶୁଭାରମ୍ଭ





ବରଗଡ଼,୨୪।୨(ସମିସ): ଜନ ସଚେତନତାର ଅଭାବ ଯୋଗୁଁ ଜଙ୍ଗଲରୁ ଲଘୁଜାତ ଦ୍ରବ୍ୟ ସଂଗ୍ରହ ନିମନ୍ତେ ଲୋକେ ନିଆଁକୁ ଅସ୍ତ୍ର ଭାବେ ପ୍ରୟୋଗ କରିଥାନ୍ତି । ଏହାଦ୍ୱାରା ବନରେ ଅଗ୍ନିକାଣ୍ଡ ହେବା ସହ ପଶୁପକ୍ଷୀ ପ୍ରାଣ ହରାଇବା, ପ୍ରଦୂଷଣ ଓ ପରିବେଶର ପ୍ରଭୂତ କ୍ଷତି ହୋଇଥାଏ । ତେଣୁ ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକ୍‌ର ପ୍ରତ୍ୟେକ ଗାଁ ମାନଙ୍କରେ ସଚେତନତା ରଥ ପରିକ୍ରମା କରି ଜନ ସାଧାରଣଙ୍କୁ ନିଆଁ ଯୋଗୁଁ ଜଙ୍ଗଲରେ ହେଉଥିବା କ୍ଷୟକ୍ଷତି ସମ୍ବନ୍ଧରେ ସଚେତନ କରାଯିବ । ଏହି କାର୍ଯ୍ୟକ୍ରମ ଜୁନ୍ ମାସ ପର୍ଯ୍ୟନ୍ତ ଚାଲିବ । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବିଭିନ୍ନ ଗାଁ ମାନଙ୍କରେ ସଚେତନତା ସଭା କରାଯାଉଛି । ନିଆଁ ଦାଉରୁ ଅରଣ୍ୟ ସମ୍ପଦକୁ ରକ୍ଷା କରିବା ନିମନ୍ତେ ୬୦ ଜଣ ସ୍କ୍ୱାର୍ଡ ଓ ପ୍ରାୟ ୩୦ଟି ଫାୟାର ବ୍ଲୋୟରର ବ୍ୟବସ୍ଥା କରାଯାଇଛି । ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ ବନାଗ୍ନି ପ୍ରତିରୋଧ ସମ୍ଭବ ହୋଇପାରିବ ବୋଲି ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡା ମତ ପ୍ରକାଶ କରିଛନ୍ତି । ଆଜି ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ବରଗଡ଼, ଭଟଲି, ଘେଁସ, ପଦ୍ମପୁର, ନୃସିଂହନାଥ, ପାଇକମାଲରେଞ୍ଜ ପାଇ ୬ଟି ସଚେତନତା ରଥକୁ ଡିଏଫ୍‌ଓ ସରୋଜ ପଣ୍ଡା, ଏସିଏଫ୍ ହର ମୋହନ ରଥ ଓ ଏସିଏଫ୍ ହରିଶଙ୍କର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଫରେଷ୍ଟ ରେଞ୍ଜର ରଞ୍ଜିତ ସିଂ ବାବୁ, ସୁଦୀପ୍ତ ରଥ, ଶୁଭମ୍ ମହାନ୍ତି, ଶଶି କାନ୍ତ ମଲ୍ଲିକ, ସ୍ୱରୂପା ନାୟକ, ଅଶ୍ୱିନୀ ଭୋଇଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

ସାଂସଦ ପାଣ୍ଠିରୁ ଅତ୍ୟାଧୁନିକ ଆମ୍ବୁଲାନ୍ସ ହସ୍ତାନ୍ତର



ସମ୍ବଲପୁର, ୨୪।୨ (ସମିସ) : ମଙ୍ଗଳବାର ଅଇଁଠାପାଲିସ୍ଥିତ ନୂତନ ବସଷ୍ଟାଣ୍ଡ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ ବିଧାୟକ ନାଉରୀ ନାଏକ ସାଂସଦ ପାଣ୍ଠିରୁ ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସକୁ ସମ୍ବଲପୁର ଜିଲା ବସ୍ ମାଲିକ ସଂଘକୁ ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ସେ ସଂଘ ସଭାପତି ସରୋଜ ପାତ୍ରଙ୍କୁ ଆମ୍ବୁଲାନ୍ସର ଚାବି ପ୍ରଦାନ କରିଥିଲେ । ଗତ ଫେବୃଆରୀ ୧୬ ତାରିଖରେ 'ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା'ର ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘ ଓ ରେଢ଼ାଖୋଲ ଏନ୍‌ଏସି ପାଇଁ ଏକକାଳୀନ ଦୁଇଟି ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରିଥିଲେ । ଉଭୟ ଆମ୍ବୁଲାନ୍ସର ଆଧୁନିକିକରଣ କାର୍ଯ୍ୟପରେ ମଙ୍ଗଳବାର ସମ୍ବଲପୁରରେ ଘରୋଇ ବସ୍ ମାଲିକ ସଂଘକୁ ଆମ୍ବୁଲାନ୍ସ ହସ୍ତାନ୍ତର କରାଯାଇଛି । ଏହି ଅବସରରେ ଜିଲ୍ଲା ପରିବହନ ଅଧିକାରୀ ରାମଦାସ ଟୁଡୁଙ୍କ ସହିତ ବିଜେପି ସମ୍ବଲପୁର ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ବିଜେପି ନେତା ସୁଧୀର ବହିଦାର, ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

ନକଟିପାଲି ପ୍ରାଥମିକ ବିଦ୍ୟାଳୟରୁ ଚୋରି

ଜମନକିରା,୨୪ ।୨(ସମିସ): ଜମନକିରା ବ୍ଲକ୍ ନକଟିପାଲି ପ୍ରାଥମିକ ବିଦ୍ୟାଳୟର ଅଫିସ ତାଲା ଭାଙ୍ଗି ଦୁର୍ବୃତ୍ତ ଆଲମିରା ଖୋଲି କରି ଖାଇବା ସାମଗ୍ରୀ ନେଇ ଯାଇଛନ୍ତି । ସୋମବାର ସ୍କୁଲ ଛୁଟି ପରେ ତାଲା ପକାଇ ଥିଲେ । ମଙ୍ଗଳବାର ସକାଳ ପ୍ରାୟ ନଅଟା ତିରିଶରେ ଶିକ୍ଷକ ଗେଟ ଖୋଲି ଅଫିସ ଖୋଲିବା ସମୟରେ ତାଲା ଭାଙ୍ଗି ଥିବା ଦେଖି ଏସଏମ୍‌ସି ଅଧକ୍ଷ ବିନୋଦ ଧରୁଆଙ୍କୁ ପ୍ରଥମେ ଜଣାଇବା ପରେ ବିଇଓ ଅଫିସକୁ ମଧ ଜଣାଇଥିଲେ । ଅଫିସ ଭିତରୁ ଅଣ୍ଡା, ସହ ରୋଷେଇ ସାମଗ୍ରୀ ନେଇ ଯାଇଛନ୍ତି ।

ପଞ୍ଚାୟତରେ ବିକାଶ କାର୍ଯ୍ୟ ଓ ଯୋଜନାର ସମୀକ୍ଷା କଲେ ବିଡିଓ



ଝାରବନ୍ଧ,୨୪।୨(ସମିସ): ଝାରବନ୍ଧ ବ୍ଲକ୍ ଅଧୀନ ଜଗଦଳପୁର ପଞ୍ଚାୟତରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ସରକାରୀ ଜନକଲ୍ୟାଣ ଯୋଜନାର କାର୍ଯ୍ୟନ୍ୱୟନ ସ୍ଥିତିକୁ ସମୀକ୍ଷା କରିବା ପାଇଁ ବିଡିଓ ପର୍ଶୁରାମ ପଣ୍ଡା ଗାଁ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ସେ ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ରାସନ କାର୍ଡ ବଣ୍ଟନ ପ୍ରକ୍ରିୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀମାନଙ୍କ ବାସ୍ତବ ସ୍ଥିତିର ସମୀକ୍ଷା କରିଛନ୍ତି । ଯୋଗ୍ୟ ପରିବାର ମାନେ ସମୟ ମତେ ରାସନ ସୁବିଧା ପାଉଛନ୍ତି କି ନାହିଁ ଓ ଆବାସ ଯୋଜନାର ଘର ନିର୍ମାଣ କାମ ନିର୍ଦ୍ଧାରିତ ସମୟସୀମାରେ ଅଗ୍ରସର ହେଉଛି କି ନାହିଁ ସେନେଇ ସମ୍ବନ୍ଧିତ କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ । ବିଡିଓ ଶ୍ରୀ ପଣ୍ଡା ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଘରଗୁଡିକୁ ସ୍ଥଳ ପର୍ଯ୍ୟାୟରେ ଯାଇ ଦେଖି କାର୍ଯ୍ୟର ଗୁଣବତ୍ତା, ଅଗ୍ରଗତି ଓ ହିତାଧିକାରୀ ମାନଙ୍କ ସମସ୍ୟା ବିଷୟରେ ଅବଗତ ହୋଇଥିଲେ । କାମରେ ଅବହେଳା ନ କରି ନିର୍ଦ୍ଧାରିତ ସମୟରେ ଘର ନିର୍ମାଣ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମଧ ଜୋର ଦେଇଥିଲେ । ଏହା ସହ ଗ୍ରାମବାସୀଙ୍କ ସହ ସାକ୍ଷାତ କରି ସରକାରୀ ଯୋଜନା ପ୍ରତି ଥିବା ସମସ୍ୟା, ଅଭିଯୋଗ ଓ ଆବଶ୍ୟକତା ସମ୍ପର୍କରେ ସେ ସିଧାସଳଖ ଆଲୋଚନା କରିଥିଲେ । ଯୋଗ୍ୟ ହିତାଧିକାରୀମାନଙ୍କୁ ସମୟରେ ସମସ୍ତ ସୁବିଧା ପହଞ୍ଚାଇବାକୁ ପଞ୍ଚାୟତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରିଦର୍ଶନ କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତ ବିଶିଙ୍କ ସହିତ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ ।

ଇତିହାସର ସାକ୍ଷୀ ରାଜସ୍ୱ ବଙ୍ଗଳା ଭୂତକୋଠି

ରାଜା-ରାଜୁଡ଼ାର ଗୌରବ ଭୁଲିଗଲା ପ୍ରଶାସନ

ସିନାପାଲି, ୨୪ ।୨(ସମିସ)

ନୂଆପଡ଼ା ଜିଲ୍ଲାର ସିନାପାଲି ଅଞ୍ଚଳରେ ଅବସ୍ଥିତ ପୁରୁଣା ରାଜସ୍ୱ ବଙ୍ଗଳା କେବଳ ଏକ ଇମାରତ ନୁହେଁ ଏହା ଏଠାକାର ଇତିହାସର ଜୀବନ୍ତ ସାକ୍ଷୀ । କେବେ ରାଜା-ରାଜୁଡ଼ାଙ୍କ ଶାସନକାଳରୁ ଆରମ୍ଭ କରି ପ୍ରଶାସନିକ କାର୍ଯ୍ୟକଳାପର ମୁଖ୍ୟକେନ୍ଦ୍ର ଭାବେ ଯେଉଁ ବଙ୍ଗଳା ଗରିମାର ପ୍ରତୀକ ଥିଲା । ସେହି ଐତିହ୍ୟବାହୀ ସଂରଚନା ଆଜି ଅବହେଳାର ଶିକାର ହୋଇ ଭୂତକୋଠିର ରୂପ ନେଇଛି । କାଳର ଚକ୍ର ଘୁରିଲା, ପ୍ରଶାସନ ବଦଳିଗଲା, କିନ୍ତୁ ସେଇ ଇମାରତ ନିରବ ଭାବେ ଅତୀତର କଥା କହିଆସୁଥିଲା । ଦୁଃଖର ବିଷୟ, ଯାହାକୁ ସୁରକ୍ଷା କରିବା ଥିଲା ଆମର ଦାୟିତ୍ୱ, ସେହି ସ୍ମୃତିଚିହ୍ନକୁ ଆମେ ଅବହେଳାର ଅନ୍ଧକାରରେ ଛାଡ଼ିଦେଇଛୁ । ଭାଙ୍ଗିପଡୁଥିବା ଦିବାଲ, ଜର୍ଜରିତ ଛାଦ ଓ



ଅବ୍ୟବସ୍ଥିତ ପରିବେଶ ଏସବୁ କେବଳ ଏକ ଇମାରତର ନଷ୍ଟ ନୁହେଁ, ଏହା ଆମ ସମାଜିକ ଅସଚେତନତାର ପ୍ରମାଣ । ସବୁଠୁ ଚିନ୍ତାଜନକ ଯେ, ଏହି ପୁରାତନ ବଙ୍ଗଳା ଏବେ କିଛି ଅସାମାଜିକଙ୍କ ଆଡ଼ାସ୍ଥଳୀ ଭାବେ ପରିଣତ ହେଉଥିବା ଅଭିଯୋଗ ମିଳୁଛି । ଯେଉଁ ସ୍ଥାନରେ କେବେ ନୀତି ଓ ପ୍ରଶାସନର ଆଲୋଚନା ହେଉଥିଲା, ସେଠାରେ ଯଦି ଅସାମାଜିକ କାର୍ଯ୍ୟକଳାପ ଚାଲିଥାଏ, ତେବେ ଏହା ଅଞ୍ଚଳର ସୁରକ୍ଷା ପାଇଁ ଗଭୀର ଆଶଙ୍କାର ବିଷୟ । ପ୍ରଶ୍ନ ଉଠୁଛି ଏତେ ବର୍ଷ ଧରି ପ୍ରଶାସନ ଏହାକୁ କାହିଁକି ଅବହେଳା କରୁଛି? । ଏକ ଐତିହ୍ୟବାହୀ ସ୍ଥାପତ୍ୟ କେବଳ ପାଥର ଓ ସିମେଣ୍ଟର ଗଠନ ନୁହେଁ । ଏହା ଆମର ପରିଚୟ, ଆମର ଗୌରବ, ଆମର ଇତିହାସର ଅଂଶ । ଯଦି ଆମେ ଏପରି ସ୍ମୃତିଚିହ୍ନକୁ ସୁରକ୍ଷା କରିପାରୁନାହିଁ, ତେବେ ଆମର ଆଗାମୀ ପିଢ଼ୀ କେମିତି ଜାଣିବେ ନିଜ ଅଞ୍ଚଳର ଗରିମାମୟ ଅତୀତ ସମୟ ଆସିଛି ଏହି ରାଜସ୍ୱ ବଙ୍ଗଳାର ତତ୍କାଳ ସର୍ବେକ୍ଷଣ କରାଯାଉ । ଏହାକୁ ଐତିହ୍ୟ ସ୍ଥଳୀ ଭାବେ ଘୋଷଣା କରି ସୁରକ୍ଷା ଓ ପୁନଃନିର୍ମାଣ କରାଯାଉ । ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥା କଡା କରାଯାଉ । ସିନାପାଲିର ଏହି ଐତିହ୍ୟବାହୀ ବଙ୍ଗଳା ପୁନର୍ବାର ଗୌରବର ପ୍ରତୀକ ହେବ କି, ନା କାଳକ୍ଷୟରେ ଧ୍ୱଂସ ହେଇ ଇତିହାସର ପୃଷ୍ଠାରେ ହାରାଇଯିବ ସେଥି ନିର୍ଭର କରୁଛି ଆମ ସଚେତନତା ଓ ପ୍ରଶାସନର ଇଚ୍ଛାଶକ୍ତି ଉପରେ । ଇତିହାସକୁ ରକ୍ଷା କରିବା ମାନେ କେବଳ ଅତୀତକୁ ସୁରକ୍ଷା କରିବା ନୁହେଁ, ଆମ ପରିଚୟକୁ ସୁରକ୍ଷା କରିବା ।

ଆଶିଷ ଭୋଇଙ୍କ ସ୍ମୃତିରେ ରକ୍ତଦାନ ଓ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର



ବରଗଡ଼, ୨୪।୨(ସମିସ): ବରଗଡ଼ ସ୍ଥିତ ରଙ୍ଗ ଘର ପଡ଼ାର ସ୍ୱର୍ଗତ ଆଶିଷ ଭୋଇଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ଭୋଇ ପରିବାର ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ନିଷ୍ଠା ଭବନ ଆନ୍ଧ୍ର କେମ୍ପ, ଖଣ୍ଡହଥା, ବରଗଡ଼ ଠାରେ ରକ୍ତଦାନ ଶିବିର ଓ ମହାନଦୀ ନେତ୍ର ଚିକିତ୍ସାଳୟ ସହଯୋଗରେ ନିଃଶୁଳ୍କ କମ୍ପ୍ୟୁଟରୀକରଣ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ସ୍ୱର୍ଗତ ଆଶିଷ ଭୋଇଙ୍କ ମାଁ ଆହ୍ଲାଦିନି ଭୋଇ ମୁଖ୍ୟ ଅତିଥି ଭାବେ ଶୁଭାରମ୍ଭ କରିଥିଲେ। ଶିବିରରୁ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ୩୮ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମହାନଦୀ ନେତ୍ର ଚିକିତ୍ସାଳୟ, ପଣ୍ଡା ପାଲି, ବୀର ମହାରାଜ ପୁର, ସୋନପୁର ସହଯୋଗରେ ହୋଇଥିବା ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିରରେ ୫୪ ଜଣ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯିବା ସହିତ ୭ଜଣଙ୍କର ଅପରେସନ ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠାଯାଇଥିଲା। ଉଭୟ କାର୍ଯ୍ୟକ୍ରମକୁ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ। ସମସ୍ତରକ୍ତ ଦାତା, ସହଯୋଗୀ, ଶୁଭେଚ୍ଛୁ ବିଶେଷ କରି ଭୋଇ ପରିବାର ବର୍ଗଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରଯାଇଥିଲା।

ଦନ୍ତା ନଦୀରୁ ବେଆଇନ ବାଲି ଚାଲାଣ

ଭେଡେନ, ୨୪।୨(ସମିସ)

ଭେଡେନ ଅଞ୍ଚଳରେ ହାଇୱାରେ ବାଲି ମାଫିଆ ମାନେ ଦିନରାତି ବେଧଡକ ବାଲି ଚୋରା ଚାଲାଣ କରୁଛନ୍ତି। ଭେଡେନ ଦୁଇ ପାର୍ଶ୍ୱରେ ଦନ୍ତା ଓ ଜିରା ନଦୀ ପ୍ରବାହିତ। ଦିନେ ଚିରସ୍ରୋତା ହୋଇ ଜଳଯୋଗାଣ ଠୁ ଆରମ୍ଭ କରି ଚାଷ କାର୍ଯ୍ୟ ପାଇଁ ଏହି ନଦୀ ଦ୍ୱୟର ଜଳ ଲୋକଙ୍କ କାମରେ ଲାଗୁଥିଲା। ହେଲେ ବାଲି ମାଫିଆଙ୍କ ଯୋଗୁଁ ଭେଡେନର ପ୍ରାଣ ଥିବା ଦନ୍ତା ଓ ଜିରା ନଦୀ ଆଜି ନିଷ୍ପ୍ରାଣ ହେବାରେ ଲାଗିଛି। ଦିନରାତି ନଦୀରୁ ବାଲି ଚୋରା ଚାଲାଣ ହେଉଛି। ଦନ୍ତା ନଦୀ ଠାରେ ନିର୍ମିତ ବ୍ରିଜରୁ ମାତ୍ର ୧୦୦ମିଟର ଦୂରରୁ ମେସିନ ଲଗାଇ ବାଲି ମାଫିଆ ମାନେ ବେଆଇନ ବାଲି ଖନନ କରୁଛନ୍ତି। ଏହିଦ୍ୱାରା ନିର୍ମିତ ବ୍ରିଜର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଏଠାରୁ ବାଲି ମାଫିଆ ମାନେ ଚୋରାରେ ବାଲି ନେଇ ଅନ୍ୟତ୍ର ବିକ୍ରି କରୁଛନ୍ତି। ଫଳରେ ଅଞ୍ଚଳର ଲୋକ ମାନେ ଘର ନିର୍ମାଣ ସହିତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବାଲି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣେ ବାଲି ମାଫିଆ ସ୍ଥାନୀୟ ଲୋକଙ୍କୁ ଚଢ଼ା ଦରରେ ବାଲି ବିକ୍ରି କରୁଛନ୍ତି। ବିରୋଧ କଲେ ସେମାନେ ଲୋକଙ୍କୁ ଭୟଭୀତ କରିବାର ନଜିର ରହିଛି। ଏସବୁ ସମସ୍ୟାରେ ଅତିଷ୍ଠ ହୋଇ ଚୋରାରେ ବାଲି ନେଉଥିବା ଗୋଟିଏ ହାଇୱାକୁ ଅଞ୍ଚଳବାସୀ ଅଟକାଇ ଥିଲେ। ପୁଲିସକୁ ଜଣାଇବା ପରେ ପୁଲିସ ବାଲି ବୋଝେଇ ହାଇୱାକୁ ଭେଡେନ ଥାନାକୁ ଆଣିଥିଲା। ଏନେଇ ଅଞ୍ଚଳର ବୁଦ୍ଧିଜୀବୀ ଭେଡେନ ଥାନାରେ ଲିଖିତ ଅଭିଯୋଗ କରିବା ସହ ବାଲି ମାଫିଆଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବାଲି ମାଫିଆଙ୍କ ଯୋଗୁଁ ଅଞ୍ଚଳର ରାସ୍ତାଘାଟ ଶୋଚନୀୟ ହେବା ସହିତ ଛୋଟବଡ ଦୁର୍ଘଟଣା ଘଟୁଛି। ଅଞ୍ଚବାସୀ ପ୍ରଦୂଷଣରେ ମଧ୍ୟ ଅତିଷ୍ଠ ହେଲେଣି। ଅନ୍ୟପକ୍ଷେ



● ହାଇୱାକୁ ଅଟକାଇଲେ ଗ୍ରାମବାସୀ
● ହାଇୱା ଜବତ କଲା ପୁଲିସ

ବାଲି ମାଫିଆଙ୍କ ଦାଦାଗିରି ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। କେହି ସେମାନଙ୍କୁ ବିରୋଧ କଲେ ଜୀବନରୁ ମାରିଦେବାର ଧକମ ଦେଉଛନ୍ତି। ଏହାକୁ ନେଇ ଭେଡେନ ଥାନାରେ ଆଗରୁ ଅଭିଯୋଗ ମଧ୍ୟ ହୋଇଛି। ବାଲି ମାଫିଆଙ୍କ ପାଇଁ ରାଜନୈତିକ ବ୍ୟକ୍ତି, ଅଞ୍ଚଳର କୁଜିନେତା, ପ୍ରଶାସନିକ ଅଧିକାରୀ ଓ ବାଲି ମାଫିଆଙ୍କ ମଧୁଚନ୍ଦ୍ରିକାରେ ଅଞ୍ଚଳରୁ ବାଲି ଚୋରା ଚାଲାଣ ହେଉଛି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।

ବରଗଡ଼ ରୋଡ ଷ୍ଟେସନକୁ ରେଳବାଇର ଅବହେଳା

ବରଗଡ଼, ୨୪।୨(ସମିସ): ୬୦ବର୍ଷରୁଅଧିକକାଳଲୋକଙ୍କୁ ସେବା କମ କିନ୍ତୁ ସରକାରଙ୍କୁ ଅପର୍ଯ୍ୟାପ୍ତ ରାଜସ୍ୱ ଯୋଗାଇ ଆସିଥିବା ବରଗଡ଼ ରୋଡ ଷ୍ଟେସନ ଅନ୍ୟ ସମସାମୟିକ ଷ୍ଟେସନ ତୁଳନାରେ ରେଳବାଇ ଦ୍ୱାରା ବହୁତ ଅବହେଳିତ ହୋଇଆସିଛି। ବରଗଡ଼ରୋଡ ଷ୍ଟେସନରୁ ମାଲ ପରିବହନ ବାବଦରେ କୋଟି କୋଟି ଟଙ୍କା ରାଜସ୍ୱ ପାଇ ସୁଦ୍ଧା ଏଇ ଷ୍ଟେସନକୁ ଆଡ ଆଖିରେ ବି ଦେଖୁନାହିଁ ରେଳ ବିଭାଗ। ଏହି ଷ୍ଟେସନ ଦେଇ ଉଭୟ ରାଜଧାନୀକୁ ରେଳ ସଂଯୋଗୀକରଣ ସନ୍ତୋଷଜନକ ନୁହେଁ। ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟି ନାହିଁ। ଦୁଇ ତିନି ଘଣ୍ଟାର କାମ ଥିଲେ ସୁଦ୍ଧା ଭୁବନେଶ୍ୱରର ହୋଟେଲରେ ରହି ଲୋକଙ୍କୁ ପରଦିନ ଆସିବାକୁ ହେଉଛି। ଏହାଦ୍ୱାରା ଲୋକଙ୍କ ସମୟ ଓ ଅର୍ଥ ଅଧିକ ଅପଚୟ ହେଉଛି। ଦେଶର ରାଜଧାନୀ ନୂଆଦିଲ୍ଲୀକୁ ଆଜି ପର୍ଯ୍ୟନ୍ତ ଏଠାରୁ ଟ୍ରେନ୍ ଖଣ୍ଡେ ନାହିଁ। କିନ୍ତୁ ଏହି ଷ୍ଟେସନର ୩୬ ବର୍ଷ ପରେ ସ୍ଥାପିତ ଅନୁଗୋଳ ଓ ରେଢ଼ାଖୋଲ ଷ୍ଟେସନ ଦେଇ ୩ଟି ଟ୍ରେନ ଦିଲ୍ଲୀକୁ ଚାଲୁଛି। ବରଗଡ଼ରୋଡ ଷ୍ଟେସନରେ ଅଧିକାଂଶ ଟ୍ରେନର ରହଣୀ ସମୟ ମାତ୍ର ୨ ମିନିଟ। ଏଇ ସ୍ୱଳ୍ପ ସମୟ ମଧ୍ୟରେ ଶତାଧିକ ଯାତ୍ରୀ, ବୟସ୍କ, ମହିଳା, ଶିଶୁ ଓ ଛାତ୍ରଛାତ୍ରୀଙ୍କ ଓହ୍ଲାଇବା ଓ ଚଢ଼ିବା ବିପଦ୍‌ଜନକ ହେଉଛି। ଅନେକ ଥର ଠେଲାପେଲା ମଧ୍ୟରେ ଛୋଟଛୋଟ ଦୁର୍ଘଟଣା ଘଟିବା ସହିତ ବେଳେବେଳେ ଅନେକ ଯାତ୍ରୀ ଚଢ଼ି ନ ପାରି ନିରାଶ ହେବା ଦେଖା ଦେଉଛି। ୨ ମିନିଟ ରହଣୀରେ ଲଗେଜ୍ ବୁକିଂ ସମ୍ଭବ ହେଉ ନ ଥିବାରୁ ଲୋକେ ବାଧ ହୋଇ ସମ୍ବଲପୁର ଷ୍ଟେସନ ଉପରେ ନିର୍ଭର କରୁଛନ୍ତି। ଏବେ ଅମୃତ ଭାରତ ଷ୍ଟେସନ ଯୋଜନାରେ ସମସ୍ତ ମୁଖ୍ୟ ଷ୍ଟେସନ ମାନଙ୍କର କାୟାକଳ୍ପ ହେଉଛି। ବରଗଡ଼ ଜିଲ୍ଲାର ବରଗଡ଼ରୋଡ ଓ ବରପାଲିକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। କିନ୍ତୁ ଏଥିରେ ବି ସେଇ ଅବହେଳା ପ୍ରଦର୍ଶନ କରାଯାଉଛି। ସମ୍ବଲପୁର ଡିଭିଜନର ଅନ୍ୟ ଷ୍ଟେସନ ଗୁଡିକ ଦ୍ୱିତଳ କୋଠା ରହିଥିବା ବେଳେ ବରଗଡ଼ ଜିଲ୍ଲାର ଦୁଇ ଷ୍ଟେସନ ଏକତଳ କୋଠା ରହିଛି। ହୀରାକୁଦ, ବଲାଙ୍ଗିର, ଟିଟିଲାଗଡ଼, କଣ୍ଟାବାଞ୍ଜି, ଖରିଆରରୋଡ ଏପରିକି ହରିଶଙ୍କରରୋଡ ଭଳି ଛୋଟିଆ ଷ୍ଟେସନ ଦ୍ୱିତଳ କୋଠା ନିର୍ମାଣ ହେଉଛି। ବରଗଡ଼ରୋଡ ଏକ ଜିଲ୍ଲା ମୁଖ୍ୟାଳୟ ଷ୍ଟେସନ ତଥା ଏନ୍ଏସ୍‌ଜି ୪ ଶ୍ରେଣୀର ଷ୍ଟେସନ। ଆଗାମୀ ଦିନରେ ବରଗଡ଼-ନୂଆପଡ଼ା ରେଳଲାଇନ୍ ନିର୍ମାଣ ପରେ ଏକ ଜଙ୍କସନ୍ ଷ୍ଟେସନରୂପେ ଛିଡା ହେବ। କୌଣସି ବିଶେଷ ପର୍ବ ଅବସରରେ ହେଉ କିମ୍ବା ଭିଡହ୍ରାସ କରିବାକୁ ହେଉ କେବେକେବେ ବିଶେଷ ଟ୍ରେନ ଚଳାଯାଇଥାଏ। ବିହାର/ଝାଡଖଣ୍ଡରାଜ୍ୟରୁ ଦକ୍ଷିଣ ଭାରତକୁ ଏଇ ଷ୍ଟେସନ ଦେଇ ବିଶେଷ ଟ୍ରେନ ଚାଲିଥାଏ। କିନ୍ତୁ ଅନେକ ଟ୍ରେନରେ ବରଗଡ଼ରୋଡ ଷ୍ଟେସନରେ ରହଣୀ ରହି ନ ଥାଏ। ବାରମ୍ବାର ଅନୁରୋଧ କଲା ସତ୍ତ୍ୱେ ଉପରିସ୍ଥ ରେଳ ଅଧିକାରୀ ଲୋକଙ୍କୁ କୌଣସି ସୁବିଧା ଦେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ରେଳ ଅଧିକାରୀଙ୍କୁ ସମ୍ଭ୍ରମତାର ସହିତ ଅନୁରୋଧ କରି ଫଳ ଅପେକ୍ଷାରେ ଚୁପ୍ ରହିଯାଉଛନ୍ତି। ଲୋକେ କେବଳ ଆଶା ବାନ୍ଧି ରହିଛନ୍ତି। ହାଓଡା-ଟିଟିଲାଗଡ଼ ଇସ୍ପାତ ଏକ୍ସପ୍ରେସକୁ ବଲାଙ୍ଗିର ସାଂସଦ ୪ଦିନ କଣ୍ଟାବାଞ୍ଜିକୁ ସମ୍ପ୍ରସାରଣ କରିଥିଲେ। କଳାହାଣ୍ଡି ସାଂସଦ ୩ଦିନ ଜୁନାଗଡ଼ରୋଡ ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ତାଙ୍କ ଅଞ୍ଚଳର ଲୋକଙ୍କ ଆଶାପୂରଣ କରିଛନ୍ତି। ଏବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ କାର୍ଯ୍ୟ ଦକ୍ଷତାକୁ ବରଗଡ଼ ବାସୀ ଅପେକ୍ଷା କରି ରହିଛନ୍ତି।

ଏସ୍‌ବିଆଇ ପକ୍ଷରୁ ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟକୁ ଆକ୍ୱାଗାର୍ଡ ପ୍ରଦାନ

ବରଗଡ଼, ୨୪।୨(ସମିସ): ଆଗକୁ ଖରା ଦିନକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀ ଟିକିଏ ଥଣ୍ଡା ପାନୀୟ ଜଳ ପାଇବା ପାଇଁ ବରଗଡ଼ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟକୁ ଥଣ୍ଡା ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କର ସିଏସ୍ଆର୍ ପାଣ୍ଠିରୁ ଏହି ଥଣ୍ଡା ଆକ୍ୱାଗାର୍ଡ ପ୍ରଦାନ କରାଯାଇଥିବା ଆଞ୍ଚଳିକ ମ୍ୟାନେଜର ମଧୁସୂଦନ ରଥ ପ୍ରକାଶ କରିଥିଲେ। ଆଞ୍ଚଳିକ ମ୍ୟାନେଜର ଶ୍ରୀ ରଥ ଓ ବରଗଡ଼ ମୁଖ୍ୟ ଶାଖା ପରିଚାଳକ ଜୟକିଶନ ମହାରଣା ଆନୁଷ୍ଠାନିକ ଭାବେ ଆକ୍ୱାଗାର୍ଡକୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୨ଶହ ଛାତ୍ରଛାତ୍ରୀ ଏଥିରୁ ବିଶୁଦ୍ଧ ଜଳ ପାଇ ପାରିବେ ବୋଲି ଶ୍ରୀ ରଥ ସୂଚନା ଦେଇଥିଲେ।

ମହାବିଦ୍ୟାଳୟର ଅଧକ୍ଷ ଡ.ସରୋଜ ଦେବତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶ୍ରୀ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ମହାବିଦ୍ୟାଳୟରେ ପିଲାଙ୍କ ପାଇଁ ଯାହା ଆବଶ୍ୟକ ହେବ ତାହାକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପୁରଣ କରିବାକୁ ଚେଷ୍ଟା କରିବାକୁ କହିଥିଲେ। ଶେଷରେ ବରିଷ୍ଠ ଅଧ୍ୟାପିକା ମମତା ବିଶି ଧନ୍ୟବାଦ ଅର୍ପଣ କରିଥିଲେ।



ନିଶା କାରବାର ବନ୍ଦ ପାଇଁ ଅଭିଭାବକ ମହାସଂଘର ଦାବି

ବରଗଡ଼, ୨୪।୨(ସମିସ): ବରଗଡ଼ ସହର ତଥା ଜିଲ୍ଲାରେ ନିଶା କାରବାର ଓ ନିଶା ଜନିତ ଅପରାଧ ବୃଦ୍ଧି ଏକ ଚିନ୍ତାର ବିଷୟ ପାଲଟିଛି। ସମଗ୍ର ସହରରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ପୁଲିସ ପ୍ରଶାସନର ନିଷ୍କ୍ରିୟତା ଓ ଜିଲ୍ଲା ପ୍ରଶାସନ ନୀରବ ଦ୍ରଷ୍ଟା ହେବାରୁ ଆଜି ଅପରାଧୀ ଖୁଲମ୍ ଖୁଲ। ଅପରାଧ କରି ଚାଲିଛନ୍ତି। ନିଶା ବେପାରୀ ଅବାଧରେ ନିଶା ବେପାର କରୁଛି। ବରଗଡ଼କୁ ଅପରାଧ ମୁକ୍ତ, ନିଶା ମୁକ୍ତ କରିବା ପାଇଁ ବିମଳ ଦାଶଙ୍କ ନେତୃତ୍ୱରେ ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଜିଲ୍ଲା ଓ ବରଗଡ଼ ସଚେତନ ନାଗରିକ ତରଫରୁ ଏକ ୯ ଦଫା ଦାବିପତ୍ର ବରଗଡ଼ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ବାସୁଦେବ ଦାଶ, ସୁରେଶ ମହାପାତ୍ର, କାଳୀ ଚରଣ ବୋଷ, ଜିତେନ୍ଦ୍ରରାୟ, ପଙ୍କଜ ଝା, ଅମିୟ ଦାଶ, ବିଜୟ ସାହା, ରଞ୍ଜିତ ଯାଦବ, ମିଥୁନ ସୁନା, ଖିତେଶ୍ୱରକୁମ୍ଭାର, ରମେଶ ମହାପାତ୍ର, ରବି ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତି ଥିଲେ।



ଦିଲୀପ ମିଶ୍ରଙ୍କ ପରଲୋକ

ଅତାବିରା, ୨୪।୨(ସମିସ): ଅତାବିରା ବ୍ଲକ ଟୋପ ପଞ୍ଚାୟତ ପରମାଣପୁର ଗାଁର ଦିଲୀପ ମିଶ୍ର(୫୫)ଙ୍କ ଭୁବନେଶ୍ୱରର ହସପିଟାଲରେ ପରଲୋକ ହୋଇଛି। ବିରଳରୋଗରେ ଆକ୍ରାନ୍ତ ହୋଇ ଗତ ଦୁଇ ମାସ ହେଲା ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ସକାଳୁ ତାଙ୍କ ମର ଶରୀର ଘରକୁ ଆସିବା ପରେ ନିଜ ଗାଁରେ ଶବ ସତ୍କାର କରାଯାଇଥିଲା। ଶବଧାରାରେ ଶତାଧିକ ଲୋକ ସାମିଲ ଥିଲେ। ସେ ଅତାବିରା ବସଷ୍ଟାଣ୍ଡରେ ଆଇନ ଷ୍ଟୋର ଦେଇଥିବା ବେଳେ ଚାଷୀ ନେତା ଟିଖେଲାଲ ମିଶ୍ରଙ୍କ ପୁତୁରା ଅଟନ୍ତି। ପୁତ୍ର ନୈତିକ ମୁଖାଗ୍ନି ଦେଇଥିଲେ।



ଗୁରୁ ଭଗବାନ ସାହୁଙ୍କ ସ୍ମୃତିରକ୍ଷା ପାଇଁ ଦାବିପତ୍ର

ବରଗଡ଼, ୨୪।୨(ସମିସ): ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ, ଗୋଟିଏ ଦିନରେ ନୂଆଁଖାଇ ପାଳନ ପଛର ମହାନାୟକ ଲୋକ ମହୋତ୍ସବର ଜନକ, ମହାନ ସମାଜସେବୀ ଗୁରୁ ଭଗବାନ ସାହୁଙ୍କ ସ୍ମୃତିରକ୍ଷା ପାଇଁ ସ୍ମୃତି କମିଟି ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ବରଗଡ଼ ଜିଲ୍ଲା ସଂସ୍କୃତି ଅଧିକାରୀ ତାହିର ହୁସେନ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲାଙ୍କୁ ଦାବିପତ୍ର ପ୍ରଦାନ କରି ଆଲୋଚନା କରାଯାଇଛି। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବାକୁ ଉଭୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ସ୍ମୃତି କମିଟି ତରଫରୁ ସଭାପତି ଦଧିବାବନ ଶତପଥୀ, ଉପସଭାପତି ସର୍ଦ୍ଦାର ପ୍ରିତମ ସିଂ, ସମ୍ପାଦକ ତଥା ସାମ୍ବାଦିକ ତୁଳସୀ ଚରଣ ଦାଶ, ସହ ସମ୍ପାଦକ ଡ.ଯଶବୀର ସିଂ ସୈନୀ, କୋଷାଧକ୍ଷ ଅଚ୍ୟୁତାନନ୍ଦ ବାରିକ, ସଂଯୋଜକ କୃଷ୍ଣ ଚନ୍ଦ୍ର ପଣ୍ଡା, ଉଦ୍ୟୋକ୍ତା ଉଦ୍ଧବ ଚରଣ ବେହେରା, ଶିବାନନ୍ଦ ମଟାରୀ, ଲୁଲୁରବିନ ଦାସ ପ୍ରମୁଖ ଉପସ୍ଥିତରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ନର୍ସିଂ ଛାତ୍ରଛାତ୍ରୀ ପାଇବେ ସିଡ୍ସ ଓ ସାହୁ ବ୍ରଦର୍ସ ଛାତ୍ରବୃତ୍ତି

ବରଗଡ଼, ୨୪।୨(ସମିସ): ବରଗଡ଼ ସହରରେ ଥିବା ପ୍ରମୁଖ ନର୍ସିଂ କଲେଜ ମାନଙ୍କରେ ଗତ ୨୨, ୨୩ ଓ ୨୪ ତିନ ଦିନ ଧରି ଛାତ୍ରବୃତ୍ତି ପାଇଁ ମୌଖିକ ପରୀକ୍ଷା ଆୟୋଜିତ ହୋଇଯାଇଛି। ସିଡ୍ସ ଓ ସାହୁ ବ୍ରଦର୍ସ ଟ୍ରଷ୍ଟର ମିଳିତ ଉଦ୍ୟମରେ ଦିଆଯାଉଥିବା ଏହି ଛାତ୍ରବୃତ୍ତି ପାଇଁ ଶତାଧିକ ନର୍ସିଂ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ଛାତ୍ରଛାତ୍ରୀଙ୍କର ପରୀକ୍ଷା ନେବାପାଇଁ ଅବସରପ୍ରାପ୍ତ ଓଏଏସ ବିକାଶ ବିହାରୀ ବିଶ୍ୱାଳ, ଅବସରପ୍ରାପ୍ତ ଆଇଆରଏସ ପ୍ରଫୁଲ୍ଲ ଦାଶ, ଅବସରପ୍ରାପ୍ତ ଇତିହାସ ବିଭାଗ ଅଧ୍ୟାପକ ସନ୍ତୋଷ ପଣ୍ଡା, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ର ପ୍ରିନ୍ସିପାଲ ଅଭୟ ପ୍ରଧାନ ଆଦି ଯୋଗ ଦେଇଥିଲେ। ମୌଖିକ ପରୀକ୍ଷାରେ ବିକାଶ ନର୍ସିଂ କଲେଜ, କ୍ରିଷ୍ଣା ବିକାଶ ନର୍ସିଂ କଲେଜ, ମାହେଶ୍ୱରୀ ନର୍ସିଂ କଲେଜ, ବଦ୍ରି ପ୍ରସାଦ ନର୍ସିଂ କଲେଜ, ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ନର୍ସିଂ କଲେଜ ପ୍ରମୁଖର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଗତବର୍ଷ ଆରମ୍ଭ ହୋଇଥିବା ଏହି ଛାତ୍ରବୃତ୍ତିରେ ୫୦ ଜଣ ନର୍ସିଂ ଛାତ୍ରଛାତ୍ରୀଙ୍କୁ ୨୫ ହଜାର ଲେଖାଏ ଛାତ୍ରବୃତ୍ତି ଦିଆଯାଇଥିଲା। ଜିଏନଏମ ଛାତ୍ରଛାତ୍ରୀ ଆସନ୍ତା ୩ ବର୍ଷ ପାଇଁ ୨୫ ହଜାର ଲେଖାଏଁ ପ୍ରତିବର୍ଷ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ଏତଦ ବ୍ୟତୀତ ବୃତ୍ତି ପାଇଁ ମନୋନୀତ ଛାତ୍ରଛାତ୍ରୀଙ୍କର ଶିକ୍ଷାର ଅଭିବୃଦ୍ଧି ପାଇଁ ସେମାନଙ୍କୁ ଏକ୍ସଟ୍ରା କ୍ଲାସ, ସଫ୍ଟ ସ୍କିଲ କ୍ଲାସ ଓ ଆତ୍ମରକ୍ଷା ପାଇଁ ତାଏକ୍ୱାଣ୍ଡୋ ଶିକ୍ଷା ମଧ୍ୟ ସିଡ୍ସ ଓ ସାହୁ ବ୍ରଦର୍ସ ଦ୍ୱାରା ମାଗଣାରେ ଉପଲବ୍ଧ କରାଯାଉଛି। ସିଡ୍ସ ଓ ସାହୁ ବ୍ରଦର୍ସ ଦ୍ୱାରା ପ୍ରାୟୋଜିତ ସ୍କଲାରସିପ କାର୍ଯ୍ୟକ୍ରମ ସାକେତ ଭୁଷଣ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।



ଘେଁସ-ପଡ଼ାରାସ୍ତା ନିମ୍ନ ମାନର କାମ ଅଭିଯୋଗ

ବିଜେପୁର, ୨୪।୨(ସମିସ): ଉନ୍ନୟନ କାମ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ପାଇଁ ଦୀର୍ଘସ୍ଥାୟୀ ହୋଇପାରୁ ନାହିଁ। ଏଭଳି ସ୍ଥିତି ବରଗଡ଼ ଜିଲ୍ଲା ଘେଁସ ବଡଯୋରଠାରୁ ପଡ଼ାଛକ ପର୍ଯ୍ୟନ୍ତ ପ୍ରାୟ ୧୫ କିଲୋମିଟର ପର୍ଯ୍ୟନ୍ତ ତିଆରି ହୋଇଥିବା ରାସ୍ତାରେ ଦେଖିବାକୁ ମିଳିଛି। ରାସ୍ତାର ପିଚୁ କାମ ସମ୍ପୂର୍ଣ୍ଣ ହେବା ପ୍ରାୟ ବର୍ଷେ ହେବ। ମାତ୍ର ରାସ୍ତାର ଉଭୟ ପାର୍ଶରେ ସେବେଠୁ ମାଟି ପଡ଼ିରହିଛି ଏବଂ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ପୁରୁଣା ରାସ୍ତାକୁ ଉପାଡି ନୂତନ ଭାବେ ପିଚୁ ଦିଆଯାଇ ରାସ୍ତା ନିର୍ମାଣ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ବଦଳରେ ମାଟି ଦିଆଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ପାର୍ଶ୍ୱକୁ ଗଲେ ମାଟି ଦବିଯାଇ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଆଗକୁ ବର୍ଷା ହେଲେ ସ୍ଥିତି ଆହୁରି ସଂଗିନ ହେବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ତିଆରି ସମୟରେ ପୁରୁଣା ରାସ୍ତାକୁ ଭଲ ଭାବେ ଉପୁଡା ଯାଇନାହିଁ। ଫଳରେ ଶୀଘ୍ର ରାସ୍ତାଟି ଦବିଯିବାର ଆଶଙ୍କା ରହୁଛି। ରାସ୍ତା ଉପରେ ଥିବା ଦୁଇ ପ୍ରମୁଖ ଗାଁ ତାଳପଦର ଓ ପଡ଼ା ଗାଁରେ ରାସ୍ତା କାମ ହୋଇନାହିଁ। ଉଭୟ ଗାଁରେ ରହିଥିବା ପୁରୁଣା କଙ୍କ୍ରିଟକୁ କିଛି ଉପାଡି ତା ଉପରେ ନୂତନ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ଠିକାଦାର ଏହାକୁ ମନାକରି କାମକୁ ବନ୍ଦ କରିଦେଇଥିଲେ ବୋଲି ଉଭୟ ଗାଁର ଲୋକେ ଅଭିଯୋଗ କରିଛନ୍ତି। ଘେଁସ ବଡଯୋର ନିକଟରେ ଉକ୍ତ ରାସ୍ତା ଅବସ୍ଥା ଆହୁରି ଆହୁରୁ ଶୋଚନୀୟ ରହିଛି। ଉକ୍ତ ସ୍ଥାନର କିଛି ମିଟର ରାସ୍ତାରେ ଗାର୍ଡୱାଲ ଦେବା ସହ ବୁଲାଣି ସ୍ଥାନରେ ରାସ୍ତାକୁ ସମାନ୍ୟ ଚଉଡା କରିବା ପାଇଁ ଘେଁସ ଅଞ୍ଚଳବାସୀ ଅନୁରୋଧ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ସେ ସ୍ଥାନର ମାଟି ଖସିବା ସହିତ ସାମନ୍ୟ ବର୍ଷାରେ ଖାଲଖମା ହୋଇ ଦୁର୍ଘଟଣା ଜୋନରେ ପରିଣତ ହୋଇଛି। ଏ ସଙ୍କ୍ରାନ୍ତରେ ପୂର୍ବରୁ ପିଏଚଡି ଏସ୍‌ଡିଓଙ୍କୁ ପଚରାଯାଇଥିଲା ଏବଂ ଉଚିତ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମାତ୍ର ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ମାଟି ରାସ୍ତା ତଳକୁ ଖସି ନଷ୍ଟ ହୋଇଗଲାଣି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ପ୍ରତିକାର ପାଇଁ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ବିକାଶ ହାୟର କ୍ୟାମ୍ପସରେ 'ସ୍ପୋର୍ଟସ୍ କାର୍ନିଭାଲ ୨୦୨୬' ଉଦ୍‌ଯାପିତ

ବରଗଡ଼, ୨୪।୨(ସମିସ)

ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସରେ 'ସ୍ପୋର୍ଟସ୍ କାର୍ନିଭାଲ ୨୦୨୬' ଆୟୋଜିତ ହୋଇଯାଇଛି। ଏହି ୫ ଦିବସୀୟ କ୍ରୀଡା ମହୋତ୍ସବରେ ଯଦୁମଣି ଶେଖର ବଛା ସ୍ମାରକୀ ଆନ୍ତଃ ଛାତ୍ରାବାସ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୦ମ ସଂସ୍କରଣ ସମେତ ଉଭୟ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାଡ୍‌ମିଣ୍ଟନ, ଭଲିବଲ୍, ଚେସ୍, କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଯଦୁମଣି ଶେଖର ବଛା ସ୍ମାରକୀ ଆନ୍ତଃ ଛାତ୍ରାବାସ କ୍ରିକେଟ୍ ଶୃଙ୍ଖଳାରେ ୬ଟି ଦଳ ଯଥା ରୟାଲ୍ ହଣ୍ଟସ୍‌ର୍, ବ୍ଲାକ୍ ପାନ୍ଥର, ଟିଚର୍ସ ଇଲେଭେନ୍, ଗୋଲ୍‌ଡେନ୍ ଷ୍ଟାର୍, ଏଲାଇଟ୍ ଇଲେଭେନ ଏବଂ ଇଲେଭେନ୍ ଷ୍ଟାର ପ୍ରମୁଖ ଦଳ ଅଂଶଗ୍ରହଣ କରିଥିଲେ। ବିକାଶ ହାୟର ଏଜୁକେସ୍ୱାଲ ଇଂଷ୍ଟିଚ୍ୟୁସନର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇଂ.ଅଜୟ ମହାପାତ୍ର ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତ ଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାର୍‌ମ୍ୟାନ୍ ଡି.ନାଗେଶ୍ୱର ରାଓଙ୍କ କରକମଳରେ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଥିଲା। ଶ୍ରୀରାଓ ତାଙ୍କ ବକ୍ତବ୍ୟରେ ଯଦୁମଣି ସ୍ମାରକୀ ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭରୁ ଆଜି ଯାଏ ସ୍ମୃତି ଚାରଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ରୟାଲ ହଣ୍ଟର ଏବଂ ଗୋଲ୍‌ଡେନ୍ ଷ୍ଟାର ମଧ୍ୟରେ ହୋଇଥିବା ଫାଇନାଲରେ ରୟାଲ ହଣ୍ଟର୍ସ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶ୍ରେଷ୍ଠ କ୍ରିଡାବିତ୍ ମାନଙ୍କୁ ଚେୟାରମ୍ୟାନ ଶ୍ରୀ ରାଓଙ୍କ ଦ୍ୱାରା ସ୍ୱର୍ଣ୍ଣପଦକ ଏବଂ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବ୍ୟାଡ୍‌ମିଣ୍ଟନ(ପୁରୁଷ) ଟୁର୍ଣ୍ଣାମେଣ୍ଟରେ ଶୁଭମ୍ ପ୍ରଧାନ୍ ଓ ସୌମ୍ୟଜିତ ସାହୁ ଚାମ୍ପିଅନ୍ ହୋଇଥିଲେ। ଅନମୋଲ ମହାନନ୍ଦ ଓ ବାସନ୍ତି ଦାସ ବ୍ୟାଡ୍‌ମିଣ୍ଟନ୍ (ମହିଳା) ଚାମ୍ପିଅନ୍ ବିବେଚିତ ହୋଇଥିଲେ। କ୍ୟାରମ୍ (ପୁରୁଷ) ଟୁର୍ଣ୍ଣାମେଣ୍ଟରେ ଶୁଭମ୍ ଛତ୍ରିଆ ଓ ପପୁନ୍ ଦଣ୍ଡସେନା ଚାମ୍ପିଅନ୍ ଥିବା ବେଳେ କ୍ୟାରମ୍ (ମହିଳା) ଟୁର୍ଣ୍ଣାମେଣ୍ଟରେ ଅର୍ପିତା ପ୍ରଧାନ ଓ ତୁଳିକା ସାହୁ ଚାମ୍ପିଅନ୍ ହୋଇଥିଲେ। ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ବ୍ଲାକ୍ ସ୍ପାଇକର୍ସ ଦଳ ଚାମ୍ପିଅନ ହୋଇଥିବା ବେଳେ ପାୟଲ ମେହେର ମହିଳା ଚେସ୍ ଚାମ୍ପିଅନ୍ ହେଇଥିଲେ। ସ୍ପୋର୍ଟସ୍ କମିଟି ସଦସ୍ୟ ଡ.ବିକ୍ରମ ଦାସ, ଡ.ଦିଲିପ ଖମାରୀ, ଡ.ଶୁଭେନ୍ଦୁ ଶେଖର ମିଶ୍ର ତଥା ଛାତ୍ର କଲ୍ୟାଣ ଡିନ୍ ଆର୍‌ଏସ୍‌ଭି କ୍ରିଷ୍ଣାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପ୍ରାଧ୍ୟାପକ ଆଦିତ୍ୟ ପ୍ରଧାନ, ଶିବାନନ୍ଦ ସାହୁ ଏବଂ ଅବ୍‌ଦୁଲ୍ ଫରିଦଖାନ୍ ସଂଯୋଜନା କରିଥିଲେ।



● ରୟାଲ ହୁଟର୍ସ ଚାମ୍ପିଅନ୍
● ଦିବ୍ୟକିଶୋର ବଢ଼େଇ ମ୍ୟାନ୍ ଅଫ୍ ଦି ସିରିଜ୍

ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ସପ୍ନିଲା



ବରଗଡ଼, ୨୪।୨(ସମିସ): ପାଇକମାଲ ବ୍ଲକ ମିଠାପାଲି ପଞ୍ଚାୟତ ଅଧୀନ ବିକ୍ରମ ନଗର ଗାଁର ଅବସରପ୍ରାପ୍ତ ବିଭାଗୀୟ ଅଧିକାରୀ କ୍ଷେତ୍ରୀ ଲୁହାର ତାଙ୍କ ଧର୍ମପତ୍ନୀ ରମଳା ଲୁହାରଙ୍କ ଝିଅ ସପ୍ନିଲା ଅପସରି ବିକାଶ ମଲ୍ଟି ହସ୍ପିଟାଲରେ କାର୍ଯ୍ୟରତ ଅଛନ୍ତି। ବୁଧବାର ତାଙ୍କର ଜନ୍ମଦିନକୁ ସେ ନିଆରା ଢଙ୍ଗରେ ପାଳି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ଆଜି ହସ୍ପିଟାଲ୍ ଡ୍ୟୁଟି ସାରି ବାପା ମାଙ୍କ ସହ ପୁରା ପରିବାର ବରଗଡ଼ ଘୁଲିପାଲି ସ୍ଥିତ ସାଇ କ୍ରିଷ୍ଣା ଓଲ୍ଡ ଏଜ୍ ହୋମରେ ପହଞ୍ଚିଥିଲେ। ଅନ୍ତେବାସୀ ମାନଙ୍କ ଗ୍ରହଣରେ ନିଜ ଜନ୍ମଦିନ ପାଳନ କରି ସମସ୍ତଙ୍କୁ କେକ୍ ଆଉ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ବରଗଡ଼ ରେଲୱେ ଷ୍ଟେସନ ନିକଟସ୍ଥ ବିକାଶ ଦୀପ୍ତି ଅନୁଷ୍ଠାନକୁ ପହଞ୍ଚି ସେଠି ଛାତ୍ରଛାତ୍ରୀଙ୍କ ଗହଣରେ ଜନ୍ମ ଦିନ ପାଳନ କରିଥିଲେ। ଉଭୟ ଅନୁଷ୍ଠାନକୁ ୮ ଦିନ ପାଇଁ ରାସନ ସାମଗ୍ରୀ ଯୋଗାଇ ଥିଲେ।

ସକାଳ
THE SAKALA

ଧାନ କିଣାରେ ବିଳମ୍ବ; ଜିଲ୍ଲା ବାହାର ମିଲର ନିଯୁକ୍ତି ଦାବି

ଲଘୁଚାପ ବର୍ଷା ଆଶଙ୍କାକୁ ନେଇ ଚାଷୀ ଛାନିଆ

ବାରିକପୁର,୨୪।୨(ସମିସ):

ଦୁଇ ତିନି ଦିନ ହେଲା କୋହଲା ପାଗକୁ ଆକାଶରେ ମେଘ ମାଳ ଦେଖିବାକୁ ମିଳିଛି। ଲଘୁଚାପଜନିତ ବର୍ଷା ଆଶଙ୍କା ଥିବାରୁ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ମଙ୍ଗଳବାର ରାଜ୍ୟର କେତେକ ସ୍ଥାନରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ଏପଟେ ପ୍ରାୟ ଦୁଇ ସପ୍ତାହ ହେବ ମଣ୍ଡିରୁ ଧାନ ସ୍ଥାନାନ୍ତରିତ ହେଉନାହିଁ। ପ୍ରାୟ ୪ମାସରୁ ଅଧିକ ହେବ ବର୍ଷା ହୋଇ ନ ଥିବାବେଳେ ଏବେ ମେଘ ଖଣ୍ଡକୁ ଦେଖି ମଣ୍ଡି ପରିଚାଳକ ଓ ଚାଷୀ ଭାଇମାନେ ଏକପ୍ରକାର ଅସ୍ତବ୍ୟସ୍ତ ହୋଇଛନ୍ତି। ପନିପରିବା ଓ ଅନ୍ୟାନ୍ୟ ଡାଲି ଜାତୀୟ ଚାଷ ପାଇଁ ଯଦିଓ ମେଘର ଆବଶ୍ୟକତା ରହିଛି କିନ୍ତୁ ଖରିଫ ଧାନ ବିକ୍ରି କରି ନ ଥିବା ଚାଷୀମାନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ। ଠିକ୍ ଏତିକି ବେଳକୁ ମଣ୍ଡିରୁ ଧାନ ଯାଉ ନ ଥିବାରୁ କୃଷକମାନେ ନାନାଦି ଆଶା ଆଶଙ୍କା ମଧ୍ୟରେ ରହିଛନ୍ତି।



ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍‌ର ପ୍ରାୟ ୧୬ଟି ମଣ୍ଡିରେ ଧାନ କ୍ରୟ ବ୍ୟବସ୍ଥା ଅତି ମନ୍ଥର ଗତିରେ ଚାଲିଛି। ପ୍ରାୟ ୨ମାସ ହେବ ମଣ୍ଡିରେ ଧାନ କ୍ରୟ ଆରମ୍ଭ ହୋଇଥିବା ବେଳେ ମିଲର, ପ୍ରଶାସନ ଓ ନେତାଙ୍କ ମଧ୍ୟରେ ଭିତିରିଆ ବିବାଦ ଯୋଗୁଁ ଏଯାଏଁ ଶସ୍ୟ କିଣା ତ୍ୱରାନ୍ୱିତ ହେଉ ନ ଥିବା କୁହାଯାଉଛି। ହଜାର ହଜାର ଚାଷୀ ଟୋକନ ପାଇସାରିବା ପରେ ଏବେ ଧାନ ବିକିବାକୁ ଅପେକ୍ଷା କରିଛନ୍ତି। ଏବେ ସୁଦ୍ଧା କେଉଁଠି ଗାଁ ରାସ୍ତାରେ ଧାନ ବସ୍ତା ଗଦାହୋଇଛି ତ ପୁଣି କେଉଁଠି ମଣ୍ଡିରେ ମଧ୍ୟ ହଜାର ହଜାର ବସ୍ତା ପଡ଼ି ରହିଛି। ଗୋଟିଏ ଦୁଇଟି ମଣ୍ଡିକୁ ଛାଡ଼ିଦେଲେ ପ୍ରାୟ ମଣ୍ଡିରେ ଧାନ କ୍ରୟ ଧିମାରେ ଚାଲିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମିଲରମାନେ ଆରମ୍ଭରୁ ପର୍ଯ୍ୟାୟ କ୍ରମେ ମଣ୍ଡିକୁ ଗାଡ଼ି ଦେଉ ନ ଥିବା ଯୋଗୁଁ ଦିନ ଦିନ ଧରି ଧାନ ବସ୍ତା ପଡ଼ି ରହୁଛି। ଏବେ ଏକପ୍ରକାର ଶସ୍ୟ ସ୍ଥାନାନ୍ତରିତ ପ୍ରକ୍ରିୟା ବନ୍ଦ ରହିଛି। ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଅଭାବ ଓ ମିଲର ଅସହଯୋଗ କାରଣରୁ କ୍ରମାଗତ ଭାବେ ଧାନ କ୍ରୟ ହେଉନଥିବା ଅଭିଯୋଗ ହୋଇଛି। ବେଳେବେଳେ କେଉଁ ମଣ୍ଡିକୁ ଗୋଟିଏ ତ ପୁଣି କେଉଁ ମଣ୍ଡିକୁ ଦୁଇଟି ଗାଡ଼ି ଦେଇ ଧାନ ନେବା ପରେ ମିଲର ଧରାଛୁଆଁ ଦେଉନାହାନ୍ତି। ଏଥିପାଇଁ ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ଯେଉଁଭଳି ଭାବେ ମେଘମାଳ ଦେଖାଯାଉଛି, ଯଦି ବର୍ଷା ହୁଏ ତାହେଲେ କଥା ସରିବ। ଧାନ କ୍ରୟ ଅବଧିକୁ ଗୋଟିଏ ମାସ ବାକି ରହିଥିବାବେଳେ ଏପର୍ଯ୍ୟନ୍ତ ୫୦ ଭାଗ ଶସ୍ୟ କିଣା ହୋଇନାହିଁ। ଏପରିସ୍ଥଳେ ତୁରନ୍ତ ଜିଲ୍ଲା ବାହାରର ମିଲର ନିଯୁକ୍ତି ପାଇଁ ଦୃଢ଼ ଦାବି ହୋଇଛି।

ଧାନ ଗଜା ହେବା ସମ୍ଭାବନା; ଚିନ୍ତାରେ ଚାଷୀ

ବନ୍ତ/ଆଗରପଡ଼ା,୨୪।୨(ସମିସ): ମଙ୍ଗଳବାର ସକାଳୁ ଘଡ଼ଘଡ଼ି ସହ ଝିପିଝିପି ବର୍ଷା ହେବାରୁ ମଣ୍ଡିରେ ଥିବା ଧାନ ନଷ୍ଟ ହେବାର ଆଶଙ୍କାରେ ରହିଛନ୍ତି ଚାଷୀ। ଯଦି ଆଗାମୀ ଦିନରେ ପାଗ ଏହିପରି ରହେ ତେବେ ସେମାନଙ୍କ ଧାନ ଖୋଲା ଆକାଶ ତଳେ ପଡ଼ିରହି ଗଜା ହେବା ସମ୍ଭାବନା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିପକାଇଛି। ତେଣୁ ପ୍ରକୃତି ଦାଉ ସାଧିବା ଆଗରୁ ସରକାର ଚାଷୀଙ୍କୁ ଦୈବୀଦୁର୍ବିପାକରୁ ରକ୍ଷା କରିବା ପାଇଁ ପଦକ୍ଷେପ ନେବାକୁ ସେମାନେ ଆକୁଳ ନିବେଦନ କରିଛନ୍ତି। ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରପଡ଼ା ଶାଖା ଅଧୀନରେ ଥିବା ୩ଟି ସମବାୟ ସମିତିରେ ଧାନ କିଣା ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଦେଖାଦେଇଛି। ବିଶେଷ କରି ପୁରୁଷୋତ୍ତମ, କାଦବରାଙ୍ଗ ଏବଂ ସରମରା ସମବାୟ ସମିତିରେ ଧାନ ଉଠାଣ ମନ୍ଥର ଗତିରେ ଚାଲିଥିବାରୁ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧାନ ବିକ୍ରି କରିବା ପାଇଁ ଚାଷୀମାନେ ଦୀର୍ଘ ଦିନ ହେବ ସମିତିରେ ଅପେକ୍ଷା କରି ରହିଛନ୍ତି। ନିର୍ଦ୍ଧାରିତ ସମୟସୀମା ବିତିଯାଉଥିବାରୁ ସେମାନଙ୍କ 'ଟୋକନ୍' ଅବଧି ଶେଷ ହୋଇଯିବାର ଆଶଙ୍କା ବୃଦ୍ଧି ପାଉଛି। ବର୍ତ୍ତମାନ ସୁଦ୍ଧା ସୋସାଇଟି ପରିସରରେ ବ୍ୟାପକ ପରିମାଣରେ ଧାନ ବସ୍ତା ଗଦା ହୋଇ ପଡ଼ିରହିଛି। ଏଭଳି ସ୍ଥିତି ପାଇଁ ପ୍ରକୃତରେ ଦାୟୀ କିଏ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୋସାଇଟି ପରିଚାଳନା କମିଟି ଓ ଚାଷୀ କମିଟିର ଖାମଖିଆଲି ମନୋଭାବ, ମିଲରଙ୍କ ମନମାନୀ ନା ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ଏହି ସମସ୍ୟା ଉପୁଜିଛି, ତାହା ତଦନ୍ତ ସାପେକ୍ଷ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହେଉଛି।



ଖୋଲାରେ ପଡ଼ିଛି ୪ ହଜାର କ୍ୱିଣ୍ଟାଲ ଧାନ

ଦୋଳସାହି,୨୪।୨(ସମିସ): ତିହିଡ଼ି ବ୍ଲକ୍‌ରେ ଖରିଫ ଧାନ କିଣା କ୍ଷେତ୍ରରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ସହ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ ଅନ୍‌ଲାଇନ୍ କରିଥିବା ସମସ୍ତ ଧାନଚାଷୀଙ୍କୁ ଅଦ୍ୟାବଧି ଟୋକନ ନ ମିଳିବା ନେଇ ଧାନ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଟୋକନ ମିଳିଥିବା ଚାଷୀଙ୍କଠାରୁ ଆସନ୍ତା ୨୩ ତାରିଖ ମଧ୍ୟରେ ସଂଗ୍ରହ କରିବାକୁ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଟୋକନରୁ ବଞ୍ଚିତ ଧାନ ଚାଷୀଙ୍କଠାରୁ ସରକାରଙ୍କଠାରୁ ଟାର୍ଗେଟ ଆସିଲେ ବଞ୍ଚିତ ଧାନ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ ବୋଲି ସୂଚନା ମିଳିଛି। ବଞ୍ଚିତ ଧାନ ଚାଷୀଙ୍କଠାରୁ ଧାନ ସଂଗ୍ରହ ସରକାର କରିବେ କି ନାହିଁ କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଥିଲାବେଳେ ଟୋକନରୁ ବଞ୍ଚିତ ଧାନ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତିହିଡ଼ି ବ୍ଲକ୍ ଅଧୀନ ପାଳିଆବିନ୍ଧା ସେବା ସମବାୟ ସମିତି ଓ ଆରସା ସେବା ସମିତିରେ ଧାନ ଗୋଦାମ ଗୃହ ନ ଥିବାବେଳେ ଧାନ ସଂଗ୍ରହ କରିଥିବା ଦୁଇ ସେବା ସମବାୟ ସମିତିର ଧାନ ଖୋଲା ଆକାଶ ତଳେ ରହିଥିବାବେଳେ ମିଲର ଧାନ ଉଠାଉ ନ ଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ବର୍ଷାରେ ଧାନ କ୍ଷତି ଘଟିଲେ କିଏ ଦାୟୀ ହେବ ପ୍ରଶ୍ନ କରୁଛନ୍ତି ଚାଷୀ। ଏହି ଦୁଇ ସେବା ସମବାୟ ସମିତିରେ ୪୦୦୦ କ୍ୱିଣ୍ଟାଲ ଧାନ ଗଚ୍ଛିତ ଖୋଲା ଆକାଶ ତଳେ ରହିଥିବା ଯୋଗୁଁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ଦପାନାୟକାଣୀଙ୍କ ପୀଠରେ ଚଣ୍ଡୀ ପୂଜା

ବାରିକପୁର,୨୪।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଜେନ୍ଦ୍ରପୁର ଗ୍ରାମସ୍ଥିତ ମା' ଦପାନାୟକାଣୀଙ୍କ ପୀଠରେ ଚଣ୍ଡୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜକ ତ୍ରିଲୋଚନ ପଣ୍ଡା ବୈଦିକ ମନ୍ତ୍ର ଆବାହନରେ ସୂର୍ଯ୍ୟପୂଜା ଓ ଗୋ-ପୂଜା ସହିତ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ସହଯୋଗୀ ପୂଜକ ଭାବେ ଭଜହରୀ ପଣ୍ଡା ଓ ନୃସିଂହ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ସଂକଳ୍ପ କର୍ତ୍ତା ଭାବେ ବାଇଧର ମହାନ୍ତି ଓ ସୁଲୋଚନା ମହାନ୍ତି ପୂଜା ସମ୍ପନ୍ନ କରିଥିଲେ।



ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ ଦାବି

ବାରିକପୁର,୨୪।୨(ସମିସ): ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଦାବି ହୋଇଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ତାଳପଦାଠାରୁ କଟିଂ ଭାୟା ମଣିବାଜି ଯାଏଁ ପ୍ରାୟ ୪ ବର୍ଷ ହେବ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। କାମ ଆରମ୍ଭରୁ ତ୍ରୁଟି ପରିଲକ୍ଷିତ ହୋଇଥିବାବେଳେ ନିର୍ମାଣ କାର୍ଯ୍ୟ ଆଗେଇ ପାରି ନ ଥିଲା। ସେ ଯାହାବି ହେଉ ଚଳିତ ବର୍ଷ କାମଟି ସମ୍ପୂର୍ଣ୍ଣ ହେବା ସ୍ପଷ୍ଟ ହୋଇଛି। ଏହାରି ଭିତରେ କଟିଂଠାରୁ ଉତରାଗଡ଼ିଆ ଗ୍ରାମ୍ୟ ଜଙ୍ଗଲ ଯାଏଁ ଶୀଘ୍ର ପିଚୁ କାମ ସାରିବାକୁ ଦାବି ହୋଇଛି। ଦୀର୍ଘ ଦିନ ହେବ ମେଣ୍ଟାଲ ଉଠିଯାଇଥିବା କାରଣରୁ ଲୋକମାନେ ସାଇକଲ ଓ ମୋଟର ସାଇକଲ ଯୋଗେ ଯାତାୟାତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟିକିଏ ଅସାବଧାନତା ହେଲେ ଜନସାଧାରଣ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ ଛାତ୍ରଛାତ୍ରୀମାନେ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ଏପରିକି ଚାଲିଚାଲି ଯିବାକୁ ସ୍ଥାନୀୟ ଲୋକମାନେ କୁଣ୍ଠାବୋଧ କରୁଛନ୍ତି। ତେଣୁ ବାକି ଥିବା ପ୍ରାୟ ୧ କି.ମି. ରାସ୍ତାର ତୁରନ୍ତ ପିଚୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ କଟିଂ, କୁରିଗାଁ, ବୋଧପଡ଼ା, ଉତରାଗଡ଼ିଆ ପ୍ରମୁଖ ଗ୍ରାମର ଲୋକମାନେ ଦାବି କରିଛନ୍ତି।



● ପ୍ରଧାନମନ୍ତ୍ରୀ ଆବାସ ସାତସପନ

ଜରିପାଲ ତଳେ ସୁଶାନ୍ତଙ୍କ ପରିବାର

ବନ୍ତ/ଆଗରପଡ଼ା,୨୪।୨(ସମିସ): ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ବାସହରା ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ପକ୍କାଗୃହ ଯୋଗାଣ କରାଯିବାର ବିଧିବଦ୍ଧ ବ୍ୟବସ୍ଥା ହୋଇଥିଲେ ମଧ୍ୟ ବନ୍ତ ବ୍ଲକ୍ ରାମପୁର ପଞ୍ଚାୟତ ଅଳାଉତି ଡିହସାହି ଗ୍ରାମର ସୁଶାନ୍ତ ଖୁଣ୍ଟିଆଙ୍କ ପରିବାର ପାଇଁ ଏହା ଅପହଞ୍ଚ ପାଲଟିଛି। ସୁଶାନ୍ତଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାବେଳେ ଘର ଖଣ୍ଡିଏ ପାଇବା ପାଇଁ ବ୍ଲକ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ବି ତାଙ୍କ ଦୁଃଖ ସରିବା ନାଁ ଧରୁନି। ଘର ପାଇଁ ଅନ୍‌ଲାଇନ୍ ଆବେଦନ କରିଥିଲେ ମଧ୍ୟ ତାଙ୍କ ଭାଗ୍ୟରେ ଘରଟିଏ ନାହିଁ। ଯଦ୍ୱାରା ପରିବାରର ୪ ପ୍ରାଣୀ ଏବେ ଜରିପାଲ ତଳେ।



୨୦୨୩ ଡିସେମ୍ବର ମାସରେ ଅଗ୍ନିକାଣ୍ଡ ଯୋଗୁଁ ନିଜର ରୋଜଗାର ପନ୍ଥା କରି ଚଳୁଥିବା ଧାନହଲର, ଧାନ ପିଟା ମେସିନ୍, ଗୋରୁଗାଈ, ଛେଳି ସମେତ ଘରର ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ସରକାରଙ୍କ ତରଫରୁ ତଦନ୍ତ କରି ଘର ଖଣ୍ଡିଏ ପାଇବା ପାଇଁ ସୁଶାନ୍ତଙ୍କୁ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ବିଭାଗ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାରେ ବିଫଳ ହୋଇଛି। ଯଦ୍ୱାରା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି। ପରିବାରରେ ସୁଶାନ୍ତ, ତାଙ୍କ ସ୍ତ୍ରୀ ସମେତ ନିଜର ୬ ବର୍ଷର ଝିଅ ଓ ୨ ବର୍ଷର ପୁଅକୁ ଖରା ଓ ବର୍ଷାକୁ ଖାତିର୍ ନ କରି ବର୍ଷ ବର୍ଷ ଧରି ଜରିପାଲ ତଳେ ବସବାସ କରୁଛନ୍ତି। ବର୍ଷା ଦିନରେ ତାଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଇଥାଏ। ଅସରାଏ ବର୍ଷାରେ ଜରିପାଲ ଭିତରେ ପାଣି ପଶିଯାଇଥାଏ। ଏହିଭଳି ଦୁଃଖ ଦୁର୍ଦ୍ଦିନର ଜୀବନ ଅତିବାହିତ କରୁଥିବା ସୁଶାନ୍ତଙ୍କ ପରିବାର ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ପକ୍କା ଗୃହ ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ, ବ୍ଲକ୍ ପ୍ରଶାସନ ସମେତ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ହାତ ଯୋଡ଼ି ଗୁହାରି କରାଯାଇଛି।

■ ୧୬ନଂ ଜାତୀୟ ରାଜପଥଠାରୁ ଧାମନଗର ପର୍ଯ୍ୟନ୍ତ ପୂର୍ତ୍ତ ରାସ୍ତା ମରଣଯନ୍ତା

ବିପଦପୂର୍ଣ୍ଣ ଅବସ୍ଥାରେ ଚାଲିଛି ପ୍ରଶସ୍ତୀକରଣ କାର୍ଯ୍ୟ

ଧାମନଗର,୨୪।୨(ସମିସ): ଧାମନଗର ଛକ ୧୬ ଜାତୀୟ ରାଜପଥଠାରୁ ଧାମନଗର ପର୍ଯ୍ୟନ୍ତ ଦୀର୍ଘ ୧୦ କିଲୋମିଟର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଠିକାଦାରଙ୍କ ବେପରୁଆ ନୀତି ଯୋଗୁଁ ବିପଦପୂର୍ଣ୍ଣ ଅବସ୍ଥାରେ ଚାଲିଛି ପ୍ରଶସ୍ତୀକରଣ। ଏଥି ପ୍ରତି ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମାରେ ପରିଣତ ହେବା ସହ ରାସ୍ତା ମରଣଯନ୍ତା ପାଲଟିଥିଲା। ୪ମାସ ତଳେ ପ୍ରଶସ୍ତୀକରଣ ଆଳରେ ହଜାର ହଜାର ଗଛ କଟା ହେଲା। ମାତ୍ର ରାସ୍ତା ଅବସ୍ଥାର ପରିବର୍ତ୍ତନ ହେଲାନାହିଁ। ଗତ ଅକ୍ଟୋବର ୨୮ ଓ ୨୯ ତାରିଖରେ ଧାମନଗର ଖାନକା ସରିଫ୍‌ରେ ପ୍ରସିଦ୍ଧ ଉର୍ସ ପର୍ବ ଥିଲା। ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ଅପରିଣାମଦର୍ଶୀ ବୈଷୟିକ ଜ୍ଞାନ ପାଇଁ ଖାଲଖମାରେ ଡଷ୍ଟ ପକାଯାଇ ପାଣି ସୀଞ୍ଚନ କରାଗଲା। ବାତ୍ୟା 'ମେନ୍ଥା'ର ପ୍ରଭାବରେ ଲଗାତାର ୩ ଦିନ ବର୍ଷା ଓ ଉର୍ସ ପର୍ବ ପାଇଁ ହଜାର ହଜାର ଯାତ୍ରୀବାହୀ ଗାଡ଼ି ଚଳାଚଳ ଫଳରେ ଡଷ୍ଟଗୁଡ଼ିକ ବୋହିଗଲା। ଫଳରେ ରାସ୍ତାରେ ଯେତିକି ଖାଲ ଥିଲା ତା'ର ତିନିଗୁଣା ଗାଡ଼ ସୃଷ୍ଟି ହେଲା। ବର୍ଷା ଛାଡ଼ିଯିବା ପରେ ରାସ୍ତା ଶୁଖିଯିବାରୁ ଏବେ ଗାଡ଼ିଟିଏ ଗଲେ ଧୂଳି ଉଡ଼ି ପଥଚାରୀଙ୍କୁ ବେହାଲ କରୁଛି। ଗତ ଏକ ସପ୍ତାହ ତଳେ ଏହି ରାସ୍ତାର ପ୍ରଶସ୍ତୀକରଣ ଆରମ୍ଭ ହେଲା। ପିଚୁଠାରୁ ରାସ୍ତାର ପ୍ରାୟ ୮ ଫୁଟ୍ ପ୍ରଶସ୍ତୀକରଣ ଆଳରେ ମାଟିତଡ଼ା ହେଉଛି। ରାସ୍ତାକଡ଼ ଗାଡ଼ ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ସେଥିମଧ୍ୟରେ ଥିବା ଶହଶହ ଗଛର ମୂଳ ଗଣ୍ଡି ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ରାତି ସମୟରେ ଅସାବଧାନତା ବଶତଃ ଯଦି ଗାଡ଼ିଟିଏ ରାସ୍ତାକଡ଼କୁ ଚାଲିଯାଏ, ସେତେବେଳେ ଏହି ଗଛ ମୂଳ ଗଣ୍ଡିଟି ଧନ ଜୀବନ ହାନୀ ପାଇଁ ଅଧିକ ବିପଦ ସାଜିବ। ରାସ୍ତାକଡ଼ ତଡ଼ାଯାଇଥିଲେ ମଧ୍ୟ ତା' କଡ଼ରେ ଆରୋହୀଙ୍କ ପାଇଁ ବିପଦ ସୂଚନା ଫିତା ବନ୍ଧା ଯାଇନାହିଁ। ଏହା ଠିକାଦାରଙ୍କ ଅପରିଣାମଦର୍ଶିତା ଅବା ବେପରୁଆ ଭାବକୁ ସୂଚିତ କରୁଛି। ଭଦ୍ରକ ଜିଲ୍ଲାପାଳ, ରାଜ୍ୟ ପୂର୍ତ୍ତ ବିଭାଗ ଉଚ୍ଚ ଅଧିକାରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଖୋଳାଯାଉଥିବା ଗାଡ଼ରୁ ଗଛ ମୂଳ ତାଡ଼ିବା ସହ ରାସ୍ତାକୁ ପୋତିବା, ନଚେତ୍ ରାସ୍ତାକଡ଼ରେ ବିପଦ ସୂଚନା ଫିତା ବାନ୍ଧିବା ସହ ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଗାଡ଼ି ଚଳାଚଳ କରୁଥିବା ବ୍ୟକ୍ତି ଓ ଜନସାଧାରଣ ଦାବି କରିଛନ୍ତି। ଯାହାଫଳରେ ଦୁର୍ଘଟଣା ରୋକି ହୋଇପାରିବ ବୋଲି ମତପ୍ରକାଶ ପାଉଛି।



ନରହରିପୁର ବ୍ରିଜ୍ କାର୍ଯ୍ୟକୁ ନେଇ ଗଣ୍ଡଗୋଳ, ୬ ଆହତ

ଅସୁରାଳି,୨୪।୨(ସମିସ): ଧୂଷୁରୀ ଥାନା ଅଧୀନ ଉଟସାହି ପଞ୍ଚାୟତର ନରହରିପୁର ଗାଁ ନିକଟରେ ବ୍ରିଜ୍ କାର୍ଯ୍ୟ ଚାଲୁଥିବାବେଳେ ନଦୀଗାଁର ୪/୫ ଯୁବକ କାର୍ଯ୍ୟକୁ ବିରୋଧ କରିବା ସହିତ ଚାନ୍ଦା ମାଗିଥିଲେ। ଏହାକୁ ନେଇ ନରହରିପୁର ଗ୍ରାମବାସୀମାନେ ବିରୋଧ କରିବାରୁ ଯୁବକମାନେ ଗ୍ରାମବାସୀଙ୍କୁ ଆକ୍ରମଣ କରିଥିଲେ। ଏହାର ପରିଣାମରେ ଉଭୟ ପକ୍ଷରେ ଗଣ୍ଡଗୋଳ ହୋଇ ଅନେକ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ୬ ଜଣଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ସହ ୩ ଜଣଙ୍କୁ ଥାନାକୁ ଉଠାଇ ଆଣିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ, କୌଣସି ପକ୍ଷରୁ ଏତଲା ଦିଆଯାଇନାହିଁ। ଏ ପରିସ୍ଥିତିରେ ଥାନା ଅଧିକାରୀ ସୁଦର୍ଶନ ବାଗେ ଘଟଣାରେ ତୀକ୍ଷ୍ଣ ଦୃଷ୍ଟି ରଖି, ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ଆଗାମୀ ଦିନରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନିକ ପ୍ରସ୍ତୁତି ହେଉଛନ୍ତି। ବିକାଶ କାର୍ଯ୍ୟକୁ ନେଇ ଗ୍ରାମୀଣ ଅଞ୍ଚଳରେ ଉପୁଜିଥିବା ଗଣ୍ଡଗୋଳ, ସାମାଜିକ ସମନ୍ୱୟର ଅଭାବକୁ ପ୍ରକାଶ କରୁଛି। ପୁଲିସ ଓ ପ୍ରଶାସନିକ ହସ୍ତକ୍ଷେପ ଦ୍ୱାରା ଏ ପରିସ୍ଥିତିକୁ ଶାନ୍ତ କରିବା ଆବଶ୍ୟକ।



ବାସି ଖାଦ୍ୟ ନଷ୍ଟ; ୯ ହଜାର ଟଙ୍କା ଜରିମାନା

ଭଦ୍ରକ,୨୪।୨(ସମିସ): ଭଦ୍ରକ ପୌରପାଳିକା ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ଖାଦ୍ୟ ସୁରକ୍ଷା ବିଭାଗର ପକ୍ଷରୁ ମଙ୍ଗଳବାର ସହରରେ କେତେକ ହୋଟେଲରେ ମିଳିତ ଚଢ଼ଉ କରାଯାଇଥିଲା। ଏହି ମିଳିତ ଚଢ଼ଉରେ ବହୁ ପରିମାଣରେ ବାସିଖାଦ୍ୟକୁ ଏହି ଟିମ୍ ପକ୍ଷରୁ ନଷ୍ଟ କରାଯାଇଥିଲା। ଏହି ଟିମ୍‌ରେ ପୌରପାଳିକା ଏନ୍‌ଫୋର୍ସମେଣ୍ଟ ଅଫିସର ଶିବନାରାୟଣ ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୂଦତ୍ତ ଦାସ, ସାନିଟେସନ ଅଫିସର ମନୋରଞ୍ଜନ ରାଉତ, ବସନ୍ତ ବେହେରା ଓ ସନ୍ତୋଷ ଦାସ ପ୍ରମୁଖ ସାମିଲ ଥିଲେ। ସହରର ବନ୍ତ ଛକ, ଚରମ୍ପା, ଅପକର୍ତ୍ତିବିନ୍ଧା ଛକ ଓ ନୂଆ ବସ୍‌ଷ୍ଟାଣ୍ଡରେ ଥିବା ୧୦ରୁ ଅଧିକ ହୋଟେଲରେ ଏହି ଚଢ଼ଉ କରାଯାଇ ୯ ହଜାର ଟଙ୍କାର ଜରିମାନା ଆଦାୟ ହୋଇଥିବା ପୌରପାଳିକା ଏନ୍‌ଫୋର୍ସମେଣ୍ଟ ଅଫିସର ଶ୍ରୀ ମହାପାତ୍ରଙ୍କ ସୂତ୍ରରୁ ଜଣାଯାଇଛି।



ରାସ୍ତାକଡ଼ରେ ରାସନ ଚାଉଳ ବଣ୍ଟନ ନେଇ ଅସନ୍ତୋଷ

ଦୋଳସାହି,୨୪।୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ରାସନ ଚାଉଳ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସର ଓ କଲ୍ୟାଣ ମଣ୍ଡପ ଗୃହ ଭିତରେ ଧାନ ଚାଷୀଙ୍କ ଧାନ ଗଚ୍ଛିତ ରହିଥିବା ଦେଖିବାକୁ ମିଳିଛି। ଏହି ପଞ୍ଚାୟତ କାର୍ଯ୍ୟାଳୟ ସନ୍ନିକଟ ରାସ୍ତାକଡ଼ରେ ଥିବା ଦୋକାନ ଘରେ ଏହି ରାସନ ଚାଉଳ ଗଚ୍ଛିତ ରଖି ଡିଲର ଚାଉଳ ପ୍ରଦାନ କରୁଥିବା ନେଇ ରାସ୍ତା ଅବରୋଧ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ରାସନ ଚାଉଳ ପ୍ରତି ଗ୍ରାମରେ ବଣ୍ଟନ କରିବା ପାଇଁ ହିତାଧିକାରୀଙ୍କ ମଧ୍ୟରେ ଦାବି ହେଉଛି।



ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାରେ ସରକାରୀ ନିୟମକୁ ଫୁଁ'

ବନ୍ତ/ଆଗରପଡ଼ା,୨୪।୨(ସମିସ):

● ମନମାନୀରେ ଚାଲିଛି ସ୍ୱାସ୍ଥ୍ୟସେବା; ରୋଗୀ ସେବା ବ୍ୟାଘାତ

● ଜିଲ୍ଲାପାଳଙ୍କଠାରେ ଅଭିଯୋଗ ଆଣିଲେ ଅଞ୍ଚଳବାସୀ

ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଥିବା ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହିସବୁ ଯୋଜନାର ସଫଳ ରୂପାୟଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅନ୍ତର୍ଗତ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ ବସନ୍ତିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସରକାରୀ ନିୟମକୁ ପାଳନ କରାଯାଉ ନ ଥିବାରୁ ଏଥିପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆଗରପଡ଼ା ଅଧିକାରୀ ନା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ନା ଜିଲ୍ଲାପାଳ କାହାକୁ ଦାୟୀ କରାଯିବ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।



ନିୟମାନୁଯାୟୀ, ପ୍ରତିଦିନ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହିବା କଥା। କିନ୍ତୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରଟି ଭଦ୍ରକ-ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥର ବସନ୍ତିଆ ବଜାର ନିକଟରେ ଅବସ୍ଥିତ ଥିବାରୁ ପ୍ରତ୍ୟେକ ଦିନ ଏହା ଉପରେ ଶହଶହ ରୋଗୀ ନିର୍ଭରଶୀଳ ହୋଇଥା'ନ୍ତି। ମାତ୍ର ଏପରିସ୍ଥଳେ ସିଏଚ୍‌ଓଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ରୋଗୀମାନେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେବା ସହ ଚିକିତ୍ସା ନ ପାଇ ଫେରୁଥିବା ଜଣାପଡ଼ିଛି। ତତ୍‌ସହିତ କେନ୍ଦ୍ରରେ ଆବଶ୍ୟକୀୟ ଔଷଧ ରୋଗୀଙ୍କୁ ପ୍ରଦାନ କରାଯାଉ ନ ଥିବାବେଳେ କାର୍ଯ୍ୟରତ ସିଏଚ୍‌ଓଙ୍କ ରୋଗୀଙ୍କ ପ୍ରତି ବ୍ୟବହାର ମଧ୍ୟ ଠିକ୍ ରହୁ ନ ଥିବା ଅଭିଯୋଗ ହେଉଛି। ଦୀର୍ଘ ଦିନ ଧରି ବିବାଦ ମଧ୍ୟରେ ଛନ୍ଦି ହୋଇଥିବା ଏହି ଅଧିକାରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରିବାକୁ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିତ୍ତରଞ୍ଜନ ପଣ୍ଡା, ସତ୍ୟବ୍ରତ ପଣ୍ଡା, ପ୍ରଶାନ୍ତ ମୈକାପ, ବାଇଧର ସାହୁ, କ୍ଷୀରୋଦ ରାଉଳ, ଶରତ ପଣ୍ଡା, ଭରତ ପଣ୍ଡା, ବୈଶାଖ ପଣ୍ଡା, ଚକ୍ରଧର ସାହୁ, ରାଜେଶ ସାହୁ, ମିନତୀ ଯେନା, ନାତାଜୀ ଯେନାଙ୍କ ସହ ଶତାଧିକ ସ୍ଥାନୀୟ ଲୋକ ଓ ରୋଗୀ ପ୍ରମୁଖ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଉକ୍ତ ଅଭିଯୋଗ ଉପରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କୁ ଯୋଗାଯୋଗ କରିବାରୁ କୌଣସି ଅଭିଯୋଗ ତାଙ୍କ ହସ୍ତଗତ ହୋଇ ନ ଥିବା କହିବା ସହ ଅଭିଯୋଗ ପାଇଲେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଦକ୍ଷେପ ନିଆଯିବାର ସୂଚନା ପ୍ରଦାନ କରିଥିଲେ।

ଗଛ ଲଗାଇବା ନାଁ’ରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି

ଓଡ଼ାପଡ଼ା,୨୪ ।୨(ସମିସ) :

ସରକାରଙ୍କ ‘ଏକ ପେଡ୍ ମା କେ ନାମ’ ନାମରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବ୍ଲକ୍‌ଠୁ ଆରମ୍ଭ କରି ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଗଛ ଲଗାଇବା ନାମରେ ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କାର ଅର୍ଥ ଖାଲି କରାଯାଇଥିବା ବେଳେ ଗ୍ରାଉଣ୍ଡରେ ନାଁ ଅଛି ଗଛ ନାଁ ଅଛି ଚାରା। କିଛି ବି ନ ଥାଇ ବିଲ ହୋଇଥିବା ଭଳି ସାଙ୍ଘାତିକ ଅଭିଯୋଗ ଏବେ ସାମ୍ନାକୁ ଆସିଛି। କେବଳ କାଗଜ କଲମରେ ଖର୍ଚ୍ଚ ଦର୍ଶାଇ, ସରକାରୀ ଅର୍ଥକୁ ଆତ୍ମସାତ କରିବାକୁ ଯୋଜନା ଏକ ମୋହରା ସାଜିଛି । ଯେଉଁଥିରେ ଉଭୟ ଜନପ୍ରତିନିଧି ଏବଂ ସରକାରୀ ବାବୁଙ୍କ ମିଳି ଭଗତରେ କେବଳ କାଗଜ କଲମ ଓ ଫଟୋରେ ଗଛ ଲଗାଇଥିବା ଦର୍ଶାଇ ଲକ୍ଷାଧିକ ଟଙ୍କାକୁ ହଡପ କରାଯାଇଛି।

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍‌ରେ ଆର୍ଥିକ ବର୍ଷରେ ପ୍ରତି ପଞ୍ଚାୟତରେ ‘ଏକ ପେଡ୍ ମା କେ ନାମ’ ଯୋଜନା କାର୍ଯ୍ୟକାରୀ ହୋଇଛି। ଯେଉଁଥିରେ ସରକାର ମା’ଙ୍କ ନାମରେ ଗଛଟିଏ ଲଗାଇବା ଠାରୁ ଆରମ୍ଭ କରି ତାକୁ ବଞ୍ଚାଇବା ପର୍ଯ୍ୟନ୍ତ ଏବଂ ରକ୍ଷଣାବେକ୍ଷଣ କରିବା ନିମନ୍ତେ ସ୍ତରସ୍ତର କରି ବ୍ୟୟ କରିବା ପାଇଁ ନିୟମାବଳୀ ମଧ୍ୟ ଜାରି କରିଛନ୍ତି। ଯାହାଦ୍ୱାରା ସବୁଜିମା ପରିବେଶ ଓ ଅମ୍ଳଜାନ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ମନରେଗା କାମ ମାଧ୍ୟମରେ ତଳସ୍ତରରେ ଲୋକମାନଙ୍କୁ କିଭଳି ରୋଜଗାର ଯୋଗାଇ ଦିଆଯାଇ ପାରିବ, ସେ ନେଇ ବ୍ୟବସ୍ଥା ହୋଇଥିଲା। ମାତ୍ର ବାସ୍ତବରେ ଓଡ଼ାପଡ଼ା ବ୍ଲକ୍‌ର ୨୮ଟି ଗ୍ରାମପଞ୍ଚାୟତରେ କେତେ ମନରେଗା କାମ ହୋଇଛି ଓ କେତେ କେତେ ଟଙ୍କା କେଉଁ କେଉଁ ପଞ୍ଚାୟତକୁ କାହା କାହା ନାମରେ ବିଲ୍ କରାଯାଇଛି, ତାହାର କୌଣସି ସୂଚନା ମିଳିପାରୁନାହିଁ। ସୂଚନା ଅଧିକାର ଆଇନ ବଳରେ ବାରମ୍ବାର ତଥ୍ୟ ମଗାଯାଉଥିଲେ ମଧ୍ୟ ଜାଣି ଜାଣି ତଥ୍ୟ ଦିଆଯାଉ ନଥିବା ଅଭିଯୋଗ ହେଉଛି। ଦୁର୍ନୀତିର ପର୍ଦ୍ଦାଫାସ ହୋଇଯିବା ଭୟରେ ତଥ୍ୟ ଲୁଚାଯାଉଥିବା ଅଭିଯୋଗ ହେଉଛି। ଉପଯୁକ୍ତ ଫିସ୍ ଦାଖଲ ପରେ ବି କେଉଁ କାରଣରୁ ନିର୍ଭୁଲ ତଥ୍ୟ ପ୍ରଦାନ କରିବାରେ ପ୍ରଶାସନ ଅସମର୍ଥ ତାହା ବୁଝିବାକୁ ମଧ୍ୟ କେହି ନାହାଁନ୍ତି। ଶ୍ରମିକ ବଦଳରେ ମେସିନ୍ ବ୍ୟବହାରକୁ ଲୁଚାଇବା ପାଇଁ ଜାଣି ଶୁଣି ଏଭଳି କରାଯାଉଥିବା ମଧ୍ୟ ଅଭିଯୋଗ ହେଉଛି। ଏ ନେଇ ଭିଜିଲାନ୍ସ ତଦନ୍ତ ହେଲେ ଦୁର୍ନୀତିର ପର୍ଦ୍ଦାଫାସ୍ ହୋଇପାରିବ ବୋଲି ମତପ୍ରକାଶ ପାଉଛି।


ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମା’ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା



ଖଜୁରିଆକଟା,୨୪ ।୨(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ସଦରମହକୁମା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆଜି ମା’ ଲକ୍ଷ୍ମୀ ଓ ମା’ ବିମଳାଙ୍କ ମନ୍ଦିର, ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ଉପଖଣ୍ଡ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟ ସଦସ୍ୟ, ସ୍ଥାନୀୟ ପ୍ରଶାସନ ଏବଂ ଭକ୍ତମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ସହ ଆୟୋଜିତ ହୋଇଯାଇଛି।

ପ୍ରଥମ ତିନି ଦିନରେ ଅଙ୍କୁରା ରୋପଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଏବଂ ବିଗ୍ରହ ସ୍ନାନ ନ୍ୟାସ ପ୍ରାଣପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଚାରି ଦିନ ଧରି ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଉଭୟ ପ୍ରଶାସନ ଏବଂ ଜନସାଧାରଣ ମିଳିମିଶି କାମ କରିଥିଲେ ଏବଂ ଏହି ପବିତ୍ର କାର୍ଯ୍ୟକୁ ସଫଳ କରିଥିଲେ। ଏହି ପବିତ୍ର ମହୋତ୍ସବରେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠି, ରାଜା ସାହେବ ଶୈଳେନ୍ଦ୍ରନାରାୟଣ ସିଂଙ୍କ ସମେତ ସ୍ଥାନୀୟ ଜନସାଧାରଣ, ଶତାଧିକ ଭକ୍ତ ଉପସ୍ଥିତ ହୋଇ ଦେବୀ ମା’ଙ୍କର ଦିବ୍ୟ ଦର୍ଶନ ଓ ମହାପ୍ରସାଦ ଗ୍ରହଣ କରିବା ସହ ସହଯୋଗ କରିଥିଲେ।

ସାଇବର ଠକ, ମୋବାଇଲ ଚୋର ଗିରଫ



ହିନ୍ଦୋଳ,୨୪ ।୨(ସମିସ): ହିନ୍ଦୋଳ ଉପଖଣ୍ଡର ନିମବହାଳି ଛକରୁ ବାଲିମି ପୁଲିସ ଜଣେ ଯୁବକକୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ଯାଜପୁର ଜିଲ୍ଲାର ଚନ୍ଦ୍ରଶେଖର ବାରିକ ଏବଂ ସେ ରୁଙ୍ଗଟା ଇସ୍ପାତ କାରଖାନାରେ ବାଉନସର୍ ଭାବେ କାର୍ଯ୍ୟରତ ଥିଲେ। ରୁଙ୍ଗଟା ଇସ୍ପାତ କାରଖାନାର କର୍ମଚାରୀ କ୍ରିଷ୍ଣା ମୁରାରିଙ୍କ ମୋବାଇଲ୍ ଚୋରି ହୋଇଥିବା ବାଲିମି ଥାନାରେ ଅଭିଯୋଗ ହୋଇଥିଲା। ଏତଲାର ଦିନକ ପୂର୍ବରୁ ମୋବାଇଲ ଚୋରି ଦିନ ଅପରାଧୀ ଜଣଙ୍କ ୧୩ ତାରିଖରେ ଉକ୍ତ ଚୋରି ମୋବାଇଲ ମାଧ୍ୟମରେ ନିମବାହାଳି ବଜାରର ଦୁଇଟି ଜନସେବା କେନ୍ଦ୍ରରୁ ଟଙ୍କା ଉଠାଣ କରିଥିବା ସିସିଟିଭି ଫୁଟେଜରୁ ଚିହ୍ନଟ ହୋଇଥିଲା। ଚିହ୍ନଟ ପରେ ଜନସେବା କେନ୍ଦ୍ରର ତତ୍ତ୍ୱାବଧାରକ ଆଜି ଏକ ସ୍ଥାନରୁ ଲୋକମାନଙ୍କ ଦ୍ୱାରା କାବୁ କରି ବାଲିମି ଥାନା ଜିମା ଦେଇଥିବା ଜଣାପଡ଼ିଛି।

ଦେଶୀମଦ ସହ ୬ହଜାର ଲିଟର ପୋଚ ଜବତ



ଭୁବନ,୨୪ ।୨(ସମିସ): ଦେଶୀମଦ ପ୍ରସ୍ତୁତ ହେଉଥିବା ଖବରପାଇ ଭୁବନ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇଛି। ଚଢ଼ଉବେଳେ ଏକତାଳି ଅଞ୍ଚଳରୁ ୫ଶହ ଲିଟର ଦେଶୀମଦ ସହ ୨ହଜାର ଲିଟର ପୋଚ ଓ ମହୁଲପାଳ ଅଞ୍ଚଳରୁ ୩ଶହ ଲିଟର ଦେଶୀମଦ ସହ ୪ ହଜାର ୫ ଶହ ଲିଟର ପୋଚ ଜବତ କରାଯାଇଛି। ତେବେ ଏହି ସମସ୍ତ ମଦ ଓ ପୋଚକୁ ବିଭାଗ ପକ୍ଷରୁ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ଇନିସ୍‌ପେକ୍ଟର ବୁଲୁ ପାତ୍ର ଜଣାଇଛନ୍ତି।

କୋର୍ଟ କ୍ୟାଣ୍ଟିନ ଉଦ୍‌ଘାଟିତ




ଢେଙ୍କାନାଳ,୨୪ ।୨(ସମିସ) : ସ୍ଥାନୀୟ ଜିଲ୍ଲା ସିଭିଲ କୋର୍ଟ ପରିସରରେ ଏକ ନୂତନ କ୍ୟାଣ୍ଟିନକୁ ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ଅବସରରେ ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଉପ ସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କୁମାର କବି ଶତପଥୀ, କାର୍ଯ୍ୟକାରୀ ସଦସ୍ୟ ପ୍ରେମାନନ୍ଦ ବିହାରୀ, ପୂର୍ବତନ ସଭାପତି ସୁରେନ୍ଦ୍ର ମିଶ୍ର, ସଞ୍ଜୟ ମିଶ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ପଙ୍କଜ ଲୋଚନ ସାହୁ, ଗଣେଶ୍ୱର ସାହୁ, ପ୍ରଦୀପ ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ପଣ୍ଡା, ଦୀପ୍ତିଶ ପ୍ରସାଦ ପଟ୍ଟନାକ, ବାଦଲ ପଟ୍ଟନାୟକ, ଦୁର୍ଗା ପ୍ରସାଦ ଶତପଥୀ, ଅନ୍ତର୍ଯ୍ୟାମୀ ମିଶ୍ର, ଭାବଗ୍ରାହୀ ପଣ୍ଡା, ସତ୍ୟପ୍ରିୟ ଶରଣ, ଦୁର୍ଗା ଚରଣ ମାଝୀ, ରଞ୍ଜନ ପ୍ରଧାନ ନିର୍ମଳ ମିଶ୍ର, ସଦାନନ୍ଦ ସାହୁ, ନିର୍ମଳ ମିଶ୍ର, କିଶାନ ବିଶ୍ୱାଳ, କ୍ଷୀରୋଦ ହୋତା, ମନୋରମା ସିଂହ, ପ୍ରକାଶ ଦାସ, ସତ୍ୟରଞ୍ଜନ ଶତପଥୀ, ରାଜେନ୍ଦ୍ର ନାରାୟଣ ରାଉତ, ସରୋଜ କୁମାର ପାଢ଼ୀ ଓ ବସନ୍ତ କୁମାର ରଥଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଜିଲ୍ଲା ସିଭିଲ କୋର୍ଟ ପରିସରରେ ଏହି କ୍ୟାଣ୍ଟିନ ଉଦ୍‌ଘାଟିତ ହୋଇଥିବା ଓକିଲ ସଂଘ ସଭାପତି ସୂଚନା ଦେଇଥିଲେ।

ବାଜିରାଉତ ସେତୁରେ ଦୁର୍ଘଟଣା, ଜଣେ ଗୁରୁତର



ଭୁବନ,୨୪ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନର ନୀଳକଣ୍ଠପୁର ଓ ଗଁଦିଆ ବ୍ଲକ ମନ୍ଦାର ମଧ୍ୟରେ ବାଜି ରାଉତ ସେତୁ ଉପରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରେ ଯୁବକ ଜଣକ ଅଚେତ ହୋଇ ପଡ଼ିରହିଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତ ଯୁବକ ଜଣକ ହେଉଛନ୍ତି ନିହଲପ୍ରସାଦ ଥାନା ଡୁବୁରୀ ଗ୍ରାମର ରାକେଶ ମଲ୍ଲିକ। ସୂଚନା ଅନୁଯାୟୀ, ରାକେଶ ଯାଜପୁର ଟାଟା ପ୍ଲାଣ୍ଟରେ କାର୍ଯ୍ୟ କରନ୍ତି ଏବଂ ଆଜି ସକାଳେ ସେ ଡ୍ୟୁଟି ପାଇଁ ବାହାରିଥିଲେ। ସକାଳ ସମୟରେ ପ୍ରବଳ କୁହୁଡ଼ି ଯୋଗୁଁ ରାସ୍ତା ସ୍ପଷ୍ଟ ଦେଖାଯାଉନଥିଲା। ଯାହା ଏହି ଦୁର୍ଘଟଣାର ମୁଖ୍ୟ କାରଣ ବୋଲି ଅନୁମାନ କରାଯାଉଛି। ଦୁର୍ଘଟଣା ପରେ ରାକେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ୧୦୮ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲେ ମଧ୍ୟ ଗାଡ଼ି ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଏଭଳି ସ୍ଥିତିରେ ସ୍ଥାନୀୟ ଲୋକେ ସମୟ ନଷ୍ଟ ନକରି ଏକ ବେସରକାରୀ କାର୍ ଯୋଗେ ତାଙ୍କୁ ତୁରନ୍ତ ଡାକ୍ତରଖାନା ପହଞ୍ଚାଇଥିଲେ।ବର୍ତ୍ତମାନ ରାକେଶଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ମହିଷାପାଟ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ



ଢେଙ୍କାନାଳ,୨୪ ।୨(ସମିସ): ସ୍ଥାନୀୟ ମହିଷାପାଟ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୮ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ଧରଣୀଧର ନାଏକ ଯୋଗଦେଇ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶର ଏକ୍ଷୁଡ଼ିଶାଳ ବୋଲି କହିଥିଲେ। ସମସ୍ତ ଛାତ୍ରଛାତ୍ରୀ ସୁନାଗରିକ ହୋଇ ଦେଶ ସେବାରେ ନିଜକୁ ବ୍ରତୀ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଉନ୍ନୟନ କମିଟିର ସଭାପତି ପ୍ରଭାକର ନାଏକ ଯୋଗଦେଇ ଛାତ୍ରଛାତ୍ରୀମାନେ ଉପଯୁକ୍ତ ଲକ୍ଷ୍ୟ ନେଇ ଆଗକୁ ବଢିବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ‘ପ୍ରତିରୋଧ’ର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ବାଇଧର ନାଏକ ଯୋଗଦେଇ ଛାତ୍ରଛାତ୍ରୀ ବି.ଆର୍.ଆମ୍ବେଦକରଙ୍କୁ ଆଦର୍ଶ ଭାବେ ମାନିନେଇ କର୍ମକ୍ଷେତ୍ରରେ ଆଗେଇ ଯିବା ପାଇଁ ପ୍ରବର୍ତ୍ତାଇଥିଲେ। ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ପରିଚାଳନା କମିଟି ସଭାପତି ବେଣୁଧର ନାଏକ ଯୋଗଦେଇଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଗଣ ସହଯୋଗ କରିଥିଲେ। ପରିଶେଷରେ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ମହିଷାପାଟ ଅଞ୍ଚଳର ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

ନାବାଳିକା ଅପହରଣକାରୀକୁ ବର୍ଷେ ଜେଲ୍

ଢେଙ୍କାନାଳ,୨୪ ।୨(ସମିସ) : ନାବାଳିକାକୁ ଅପହରଣ କରିବା ମାମଲାର ବିଚାର କରି ଆଡହକ ପୋକ୍ସୋ କୋର୍ଟର ବିଚାରପତି ପ୍ରସନ୍ନ କୁମାର କର୍ଣ୍ଣ ଅଭିଯୁକ୍ତ କୁନା ନାଏକକୁ ଆଇପିସିର ୩୬୩ ଦଫାରେ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହି ଜରିମାନା ଅନାଦେୟ ୨ ମାସ ସଶ୍ରମ କାରାଦଣ୍ଡର ଆଦଶ ଦେଇଛନ୍ତି। ୨୦୨୨ ଅକ୍ଟୋବର ୧୧ ତାରିଖ ଦିନ ନାବାଳିକା ନିଜ ଘରୁ ସ୍କୁଲକୁ ଯିବା ସମୟରେ ତାକୁ କୌଣସି ଦୁର୍ବୃତ୍ତ ଅପହରଣ କରିନେଇଥିଲା। ଏ ନେଇ ଝିଅର ବାପା ଢେଙ୍କାନାଳ ଟାଉନ ଥାନାରେ ଏକ ଏତଲା ଦେଇଥିଲେ। ଏହା ପରେ ପୁଲିସ୍ ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା। ଏ ନେଇ ଏକ ମାମଲା ଚାଲିଥିବାବେଳେ କୋର୍ଟ ୨୬ ଜଣଙ୍କ ସାକ୍ଷ୍ୟ ଓ ୧୫ଟି ଦସ୍ତାବିଜକୁ ଆଧାର କରି ଏହି ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସ୍ପେଶାଲ ପିପି ପେସ୍କୋ ପଞ୍ଚାନନ ମଳିକ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

ଦୁଷ୍କର୍ମ ଅଭିଯୋଗରେ ୪ ଗିରଫ

ଭୁବନ,୨୪ ।୨(ସମିସ): ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ଧଳପଡ଼ା ପଞ୍ଚାୟତର ଏକ ଗାଁ ରେ ଜଣେ ମାନସିକ ଅନଗ୍ରସର ଯୁବତୀ ରୁହନ୍ତି। ସେହି ଯୁବତୀଙ୍କର ମା’ଙ୍କ ମୃତ୍ୟୁ ପରେ ସେ ଏକାକୀ ରହୁଛନ୍ତି। ଏହାର ସୁଯୋଗ ନେଇ ସେହି ଗ୍ରାମର କାର୍ତ୍ତିକେଶ୍ୱର ଦେହୁରୀଙ୍କ ପୁଅ ଟିମା(୩୬), ଫଗୁରାମ ଦେହୁରୀ ପୁଅ ଯଦୁମଣି (୨୩), ବାଲିବୋ ପଞ୍ଚାୟତ କୁମର୍ଦା ଗ୍ରାମର ନନ୍ଦ ଦେହୁରୀଙ୍କ ପୁଅ ଶିବରାମ (୩୦), ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କେନ୍ଦୁଠିପି ଗ୍ରାମର ନଟବର ଦିଆଣୀଙ୍କ ପୁଅ ରଞ୍ଜନ (୨୬) ଦୁଷ୍କର୍ମ କରିଥିଲେ। ତେବେ ମାସିକ ରତୁସ୍ରାବ ବନ୍ଦ ପରେ ଆଶା ଦିଦି ସମସ୍ତ ଘଟଣା ଜାଣିବାକୁ ପାଇଥିଲେ। ଅସହାୟ ଯୁବତୀ ହୋଇଥିବାରୁ ସଖି କେନ୍ଦ୍ରରେ ଆଶ୍ରୟ ଦିଆଯାଇଥିଲା। ଏ ନେଇ ଯୁବତୀଙ୍କ ପକ୍ଷରୁ ଏତଲା ଦେବା ପରେ ଭୁବନ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏତଲାରେ ଦର୍ଶା ଯାଇଥିବା ସଂପୃକ୍ତ ୪ ଯୁବକଙ୍କୁ ଗିରଫ କରିଛି ପୁଲିସ। ସମସ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଯୁବତୀଙ୍କର ଡାକ୍ତରୀ ମାଇନା କରାଯାଇଛି। ତେବେ ସମାଜରେ ମାନସିକ ଅନଗ୍ରସର ଯୁବତୀଙ୍କ ପ୍ରତି ଏଭଳି ଅସଦାଚରଣକୁ ଘୋର ନିନ୍ଦା କରାଯାଇଛି।

ଓଡ଼ାପଡ଼ା ବ୍ଲକ୍‌ରେ ମେଗା ସ୍ୱାସ୍ଥ୍ୟ ଶିବିର

ଢେଙ୍କାନାଳ,୨୪ ।୨(ସମିସ) : ନଭ୍ ଲିମିଟେଡ୍, ଖରଗପ୍ରସାଦ ତାଙ୍କର ସିଏସ୍‌ଆର୍ ପ୍ରୟାସର ଅଂଶ ଭାବେ ଓଡ଼ାପଡ଼ା ବ୍ଲକ୍‌ର ଶିବପୁର ଗାଁ ଏବଂ ରଞ୍ଜାସିଂଘା ଗାଁରେ ଦୁଇଟି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲେ।



ଏହି ଶିବିରଗୁଡ଼ିକ ଜିଲ୍ଲା ପ୍ରଶାସନର ସହଯୋଗରେ ଆୟୋଜିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ଭେଷଜ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ (ପିଡିଆଟ୍ରିସିଆନ୍) ଏବଂ ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ସହିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲେ। ଶିବପୁର ଗାଁରେ ମୋଟ ୨୦୭ ଜଣ ଏବଂ ରଞ୍ଜାସିଂଘା ଗାଁରେ ୨୬୮ ଜଣ ରୋଗୀ ଏହି ଶିବିରରେ ଯୋଗ ଦେଇଥିଲେ। ସମସ୍ତ ରୋଗୀଙ୍କୁ ନିଃଶୁଳ୍କ ଡାକ୍ତରୀ ପରାମର୍ଶ ଓ ଔଷଧ ବଣ୍ଟନ କରାଯାଇଥିଲା। ଏହି ଅବସରରେ ନଭ୍ ଲିମିଟେଡ୍‌ର ଉପାଧ୍ୟକ୍ଷ ଭି. ରାଜଶେଖର ରାଓ କହିଥିଲେ ଯେ, କମ୍ପାନୀ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଓ ପ୍ରାଧାରଭୂତ ଢାଞ୍ଚା ଉନ୍ନତି କ୍ଷେତ୍ରରେ ସମୁଦାୟ ଉନ୍ନୟନ ପାଇଁ ପ୍ରତିବଦ୍ଧ ଅଛି ଏବଂ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନଙ୍କ ସହ ସମନ୍ୱୟ ରଖି ଅଧିକ କାର୍ଯ୍ୟକ୍ରମ କରାଯିବ।

ମା’ ତାରିଣୀ ଦେବୀଙ୍କ ଜନ୍ମୋତ୍ସବ ପାଇଁ କଳସଯାତ୍ରା



ଢେଙ୍କାନାଳ,୨୪ ।୨(ସମିସ) : ସ୍ଥାନୀୟ ଶାସନ ଛକ ଠାରେ ଥିବା ମା’ ତାରିଣୀ ଦେବୀଙ୍କର ୭ମ ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭାଗୀରଥି ସାଗର କୂଳରୁ ପୂଜାର୍ଚ୍ଚନା କରାଯାଇ ୧୦୮ ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଘଣ୍ଟ ବାଦ୍ୟ ଦ୍ୱାରା ସହର ପରିକ୍ରମା କରାଯାଇ ମନ୍ଦିର ପରିସରକୁ ଅଣାଯାଇଥିଲା। ସୂର୍ଯ୍ୟପୂଜା, ଗୋ-ପୂଜା, ଗୁରୁପୂଜା, ଚତୁର୍ଦ୍ଧାମୂର୍ତ୍ତି ପୂଜା, ମଣ୍ଡଳାଦି ପୂଜା, ଅଗ୍ନି ସଂସ୍କାର ଆଦି ଅନୁଷ୍ଠିତ ହୋଇଥିଲା। ୨୫ ତାରିଖ ବୁଧବାର ସୂର୍ଯ୍ୟପୂଜା, ଗୋ-ପୂଜା, ଗୁରୁପୂଜା, ମଣ୍ଡଳାଦିପୂଜା, ଦେବୀ ଷୋଡଶ ଉପଚାର ପୂଜା ଓ ଚଣ୍ଡୀପାଠ ହବନ ଅନୁଷ୍ଠିତ ହେବ। ୨୬ ତାରିଖ ଗୁରୁବାର ମଣ୍ଡଳାଦିପୂଜା, ଗୀତାପାଠ ହବନ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବା ସହିତ ଭକ୍ତମାନଙ୍କ ପାଇଁ ପ୍ରସାଦସେବନ ଅନୁଷ୍ଠିତ ହେବ। ମନ୍ଦିର ପୂଜକ ବାବୁଲି ଭାଇନା, ଯଜ୍ଞ ପୂଜକ କବି ରୁଦ୍ରନାରାୟଣ କବିଶତପଥୀ, କର୍ତ୍ତା ସତ୍ୟାନନ୍ଦ ବେହେରା ଓ କର୍ତ୍ତୀ ସୁଲୋଚନା ବେହେରା ଦାୟିତ୍ୱ ତୁଲାଇଥିଲେ। ସଭାପତି ଶରତ ବେହେରା, ସମ୍ପାଦକ ନକୁଳ ବେହେରା, କୋଷାଧ୍ୟକ୍ଷ ଲକି ବେହେରାଙ୍କ ସହିତ କର୍ମକର୍ତ୍ତା ଶରତ ମହାନ୍ତି, ଦିଲୁ ବେହେରା, ଲକ୍ଷ୍ମୀକାନ୍ତ ମେହେର, ପବିତ୍ର ବେହେରା, ସମୀର ବେହେରା, ଟିକି ସାହୁ, ଅମରେନ୍ଦ୍ର ସାହୁ, ଟୁନା ବେହେରା, କାଳିଆ ବେହେରା ଓ ରଞ୍ଜିତ ନାୟକ ପ୍ରମୁଖଙ୍କ ସମେତ ଶାସନ ଛକର ଭକ୍ତମାନେ ସହଯୋଗ କରିଥିଲେ।

ବିକଶିତ ଭାରତ ଯୁବ ସଂସଦ ବୈଠକ

ଢେଙ୍କାନାଳ,୨୪ ।୨(ସମିସ):

ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆସନ୍ତା ୨୭ ତାରିଖରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଯାଉଥିବା ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ସମ୍ପର୍କରେ ସବିସ୍ତାର ତଥ୍ୟ ପ୍ରଦାନ କରାଯାଇଥିଲା। ଏହି ସମ୍ମିଳନୀରେ ଜିଲ୍ଲା ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ରବର୍ଟ ଉଇଲସନ ଭତ୍ରା ଏହି ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱାଗତ ଓ ଏହି କାର୍ଯ୍ୟକ୍ରମର ସମ୍ୟକ ଧାରଣା ଦେଇଥିଲେ। ଅଧ୍ୟକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ବରାଳ ଏହି କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଗଣମାଧ୍ୟମକୁ ପ୍ରଦାନ କରିଥିଲେ। ଏହି ଗୌରବମୟ କାର୍ଯ୍ୟକ୍ରମରେ ଢେଙ୍କାନାଳ



ଜିଲ୍ଲାର ୧୮ ରୁ ୨୫ ବର୍ଷ ବୟସର ଯୁବକ ଓ ଯୁବତୀମାନେ ଗଣ ମାଇଁ ଭାରତ ପୋର୍ଟାଲ ମାଧ୍ୟମରେ ନାମ ପଞ୍ଜୀକରଣ କରି ଭାଗ ନେଇପାରିବେ। ପଞ୍ଜୀକରଣର ଶେଷ ତାରିଖ ୨୫ ଫେବୃଆରୀ ରାତି ୧୧ ଘଟିକା ୫୯ ମିନିଟ୍ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀ ‘ଜରୁରିକାଳୀନ ପରିସ୍ଥିତିର ୫୦ ବର୍ଷ, ଭାରତୀୟ ଗଣତନ୍ତ୍ର ପାଇଁ ଏକ ଶିକ୍ଷା’ ବିଷୟରେ ୩ ମିନିଟ୍‌ର ଭାଷଣ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସ୍ତୁତ କରିପାରିବେ। ଏହି ମହତ୍ତ୍ୱପୂର୍ଣ୍ଣ ମଞ୍ଚରେ ଜିଲ୍ଲାର ପ୍ରାୟ ୨୦୦ ଜଣ ଯୁବ ପ୍ରତିଭା ନିଜ ଚିନ୍ତା, ଦୃଷ୍ଟିକୋଣ ଓ ଗଣତନ୍ତ୍ର ପ୍ରତି ସମର୍ପଣକୁ ପ୍ରକାଶ କରିବାର ସୁଯୋଗ ପାଇବେ। ସାମ୍ବାଦିକ ସମ୍ମିଳନୀରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାସ, ସହକାରୀ ପ୍ରଶାସନିକ ଅଧିକାରୀ ଡ. ସମ୍ବିତ କୁମାର ସାହୁ, ଅଧ୍ୟାପିକା ଡ. ମିନୁରାଣୀ ଦଳାଇ, ଜିଲ୍ଲା ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ରବର୍ଟ ଉଇଲସନ ଭତ୍ରା ସହିତ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଏହି ଯୁବ କେନ୍ଦ୍ରିକ ପଦକ୍ଷେପକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମ ଯୁବ ପିଢିକୁ ଗଣତନ୍ତ୍ରର ମୂଲ୍ୟବୋଧ, ସମ୍ବିଧାନିକ ଦାୟିତ୍ୱ ଓ ଭବିଷ୍ୟତ ଭାରତ ଗଢ଼ିବାରେ ସଚେତନ କରିବାରେ ଏକ ମାଇଲସଟୋନ ଭାବେ ପରିଗଣିତ ହେବ ବୋଲି ଆଶା କରାଯାଇଛି।

କାଙ୍କଡ଼ପାଳ ନୂଆସାହିରେ ଅଷ୍ଟପ୍ରହର ନାମଯଜ୍ଞ

ଢେଙ୍କାନାଳ,୨୪ ।୨(ସମିସ): ସଦର ବ୍ଲକ୍ କାଙ୍କଡ଼ପାଳ ନୂଆସାହିରେ ୨୬ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର କଳସଯାତ୍ରା କରାଯାଇ କୁଞ୍ଜରେ ଠାକୁରଙ୍କୁ ସ୍ଥାପନ, ଅଖଣ୍ଡଦୀପ ସ୍ଥାପନ ଓ ଅଧିବାସ ପୂଜା ଆରମ୍ଭ ହୋଇଥିଲା। ଅଦ୍ୟ ସକାଳ ୬ ଘଟିକା ଠାରୁ ନାମଯଜ୍ଞ ଆରମ୍ଭ ହୋଇ ଆସନ୍ତା କାଲି ଗୁରୁବାର ସକାଳ ୬ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ। ଏହି ନାମଯଜ୍ଞରେ ଆଖପାଖ ଅଂଚଳର ୧୧ଦଳ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅହୋରାତ୍ର ସଙ୍କୀର୍ତ୍ତନ କରିଥିଲେ। ସନ୍ଧ୍ୟାରେ



ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱର୍ ଭକ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ଆସନ୍ତା କାଲି ନଗରକୀର୍ତ୍ତନ ଓ ବୈଠକ କୀର୍ତ୍ତନ ଅନୁଷ୍ଠିତ ହେବ। ପୂଜକ ଜଗନ୍ନାଥ ତ୍ରିପାଠୀ ସମସ୍ତ ପୂଜାକୁ ସୁଚାରୁରୂପେ ସମ୍ପନ୍ନ କରୁଛନ୍ତି। ସଭାପତି ଭରତ ସାସମଲ, ଉପସଭାପତି ମାନଗୋବିନ୍ଦ ସାହୁ, କୋଷାଧ୍ୟକ୍ଷ ବୁନୁ ଦାସ, ବିକ୍ରମ ପରିଡା ପ୍ରମୁଖଙ୍କ ସହିତ ଅଷ୍ଟପ୍ରହର କମିଟିର ସମସ୍ତ ସଦସ୍ୟମାନେ ଏହାକୁ ପରିଚାଳନା କରୁଛନ୍ତି।



ସୁପର୍ ମାର୍ଟ ବିଲ୍ଡିଂରେ ଅଗ୍ନିକାଣ୍ଡ

୨୪ ଘଣ୍ଟା ଧରି ନିଆଁ ସହ କସରତ





ଭୁବନେଶ୍ୱର, ୨୪।୨(ସମିସ): ରାଜଧାନୀ ଧଉଳି ଥାନା ଅନ୍ତର୍ଗତ ନୂଆଗାଁ ଛକ ନିକଟସ୍ଥ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଏସପି ଗ୍ରୁପ୍ ସୁପର ମାର୍ଟରେ ଘଟିଥିବା ଅଗ୍ନିକାଣ୍ଡ ରାଜଧାନୀର ସବୁଠାରୁ ଦୀର୍ଘସମୟ ବ୍ୟାପୀ ଅଗ୍ନିକାଣ୍ଡ। ୨୪ ଘଣ୍ଟା ପରେ ମଧ୍ୟ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ କରାଯାଇ ପାରି ନ ଥିବା ଜଣାପଡ଼ିଛି।

- **ନିଆଁ ଲିଭାଇବାକୁ ନାକେଦମ୍ ଅଗ୍ନିଶମ ବିଭାଗ**
- **କୋଠାରେ ନ ଥିଲା ଝରକା, ପ୍ରସ୍ଥାନ-ପ୍ରବେଶ ଦ୍ୱାର ଗୋଟିଏ**

ଖବର ଲେଖାହେବା ଦମକଳ ବାହିନୀପର୍ଯ୍ୟନ୍ତ ନିଆଁ ଲିଭା କାର୍ଯ୍ୟରେ ଲାଗିଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ କରିବାକୁ ଅବିରତ ପ୍ରୟାସ କରୁଛନ୍ତି। ପାଣି, ଫୋମ୍, ରୋବୋ ସ୍ପ୍ରେ ଠାରୁ ଆରମ୍ଭ କରି ସବୁକିଛି ଅତ୍ୟାଧୁନିକ ଉପକରଣ ବ୍ୟବହାର କରି ସାରିଲେଣି। ଯଦିଓ ନିଆଁ ଅନ୍ୟ କୌଣସି ବିଲ୍ଡିଂ କିମ୍ବା ଦୋକାନକୁ ବ୍ୟାପୀ ନାହିଁ କିନ୍ତୁ ଦହନଶୀଳ ପଦାର୍ଥ ଯୋଗୁଁ ମଲ ଭିତରେ କୁହୁଳି କୁହୁଳି ହୋଇ ଜଳୁଛି। ସେପଟେ ଦୀର୍ଘ ସମୟ ଧରି ନିଆଁ ଜଳୁ ଥିବାରୁ ବିଲ୍ଡିଂ ଦୁର୍ବଳ ହୋଇଗଲାଣି। ଯେକୌଣସି ମୁହୂର୍ତ୍ତରେ ବିଲ୍ଡିଂର ଚତୁର୍ଥ ମହଲା ଭୂଷୁଡିବାର ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ବିଲ୍ଡିଂ ଭିତରକୁ ଯାଇ ନିଆଁ ନ ଲିଭାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ସୋମବାର ରାତି ପ୍ରାୟ ୧୦ଟା ବେଳେ ନିଆଁ ଲାଗିଥିଲା। ଦ୍ୱିତୀୟ ମହଲାରେ ଥିବା ପ୍ଲାଷ୍ଟିକ୍ ହୋଲସୋଲ ସାମଗ୍ରୀ ଗଚ୍ଛିତ ଗୋଦାମରେ ଅଗ୍ନକାଣ୍ଡ ଘଟିଥିଲା। ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ସୋମବାର ରାତିରେ ପ୍ରଥମେ ଆଂଶିକ ନିଆଁ ଲାଗିଲା, ପରେ ହୁତୁହୁତୁ ହୋଇ ଜଳିବାରେ ଲାଗିଲା। ଚାହୁଁ ଚାହୁଁ ମଲ୍‌ର ଦ୍ୱିତୀୟ ଏବଂ ଶେଷ ମହଲାକୁ ନିଆଁ ବ୍ୟାପିବାକୁ ଲାଗିଲା। ଏହି ୩ଟି ଯାକ ମହଲାରେ ପ୍ଲାଷ୍ଟିକ୍ ହୋଲ୍‌ସେଲିଂ କରାଯାଉଥିଲା। ଏଣୁ ପ୍ରଚୁର ପରିମାଣରେ ଏଠାରେ ପ୍ଲାଷ୍ଟିକ୍ ସାମଗ୍ରୀ ଗଚ୍ଛିତ ଥିଲା। ପ୍ରାୟ ୫କୋଟି ଟଙ୍କାର ସାମଗ୍ରୀ ଜଳିପୋଡି ପାଉଁଶ ହୋଇଗଲା। ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଁଞ୍ଚି ଥିଲେ। ବାହାରୁ ନିଆଁକୁ ଆୟତ କରିବାକୁ ଚେଷ୍ଟା କଲେ ମଧ୍ୟ ଫଳପ୍ରଦ ହେଉ ନଥିଲା। ବିଲ୍ଡିଂର ଗୋଟିଏ ମାତ୍ର ପ୍ରବେଶ ପଥ ରହିଥିଲା। ଏହାସହ ଭିତରକୁ ପ୍ରବେଶ କରିବାକୁ କୌଣସି ଝରକା କିମ୍ବା ଫାଙ୍କା ସ୍ଥାନ ନଥିଲା। ଏଣୁ ଅଗ୍ନିଶମ ବିଭାଗ ପକ୍ଷରୁ ଭିତରକୁ ପ୍ରବେଶ କରିବାକୁ କୌଣସି ରାସ୍ତା ନଥିଲା। ଶେଷରେ ବିଲ୍ଡିଂ ଡାଡି ବାହାରୁ ପାଣି ଏବଂ ଫୋମ୍ ସ୍ପ୍ରେ କରାଯାଇଥିଲା। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଦମକଳ ଗାଡି ନିୟୋଜିତ ହୋଇଥିଲେ ମଧ୍ୟ ଶତାଧିକ କର୍ମଚାରୀ ନିୟୋଜିତ ହୋଇଛନ୍ତି।

ଜଳିଗଲା ୫ କୋଟିର ସାମଗ୍ରୀ

ଅଗ୍ନିକାଣ୍ଡରେ ୪ରୁ ୫ରୁ କୋଟି ଟଙ୍କା କ୍ଷତି ହୋଇଛି। ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରୁଛୁ ବୋଲି ମାଲିକ ସୁଶାନ୍ତ କୁମାର ବାରିକ କହିଛନ୍ତି। ମାଲିକ ସୁଶାନ୍ତ କୁମାର ବାରିକଙ୍କ ଠାରୁ ୫ ବର୍ଷ ହେବ କୋଠାକୁ ଭଡ଼ା ନେଇଛି। ସାଢେ ୪ବର୍ଷ ହେବ ସୁପର ମାର୍ଟ କରି ବ୍ୟବସାୟ କରୁଛି। କୋଠା ପାଇଁ ମାସିକ ୩ଲକ୍ଷ ଟଙ୍କା ଭଡ଼ା ଦେଉଛି। ମାଲିକ ସୁବାସଙ୍କ ପୈତୃକ ଘର ଯାଜପୁରରେ ହୋଇଥିବା ବେଳେ ସେ ଭୁବନେଶ୍ୱର ପଳାଶପଲ୍ଲୀରେ ପରିବାର ସହ ରୁହନ୍ତି।

ନଥିଲା ଫାୟର ସେଫ୍‌ଟି

ଏହି ମଲ୍‌ରେ ବହୁ ସଂଖ୍ୟାରେ କର୍ମଚାରୀ କାମ କରୁଛନ୍ତି। ଶହ ଶହ ସଂଖ୍ୟାରେ ଲୋକେ ଯାତାୟତ କରୁଛନ୍ତି। ଦିନରେ ଏଭଳି ଅଗ୍ନିକାଣ୍ଡ ଘଟିଥିଲେ ବହୁ ଜନଜୀବନ କ୍ଷତିଗ୍ରସ୍ତ ହୋଇଥାନ୍ତା। ତେବେ ଅଗ୍ନିକାଣ୍ଡ ପରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଏହି ବିଲ୍ଡିଂର ଫାୟାର ସେଫ୍‌ଟି ଅନୁମତି ନାହିଁ। ବିନା ଫାୟାର ସେଫ୍‌ଟି ଅନୁମତିରେ କିଭଳି ଏହି ମଲ୍ ଏତେ ଦିନ ହେବ ଚାଲିଲା ତାହାକୁ ନେଇ ପ୍ରଶ୍ନ ଉଠିଛି।

ଫସିଥିବା ୨ କର୍ମଚାରୀ ଉଦ୍ଧାର

ଉପର ମହଲରେ ଦୁଇ ଜଣ କର୍ମଚାରୀ ଫସି ରହିଥିଲେ। ସେମାନଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ। ଦୁଇ କର୍ମଚାରୀଙ୍କୁ ଅଗ୍ନିଶମ ଟିମ୍ ଉଦ୍ଧାର କରିଥିଲା ବୋଲି ମାର୍ଟ ମାଲିକ ସୁବାସ କହିଛନ୍ତି। କୋଠାର ପ୍ରଥମ ମହଲାରେ ତେଜରାତି, ଷ୍ଟିଲ ଓ କପ ସାମଗ୍ରୀ ବ୍ୟବସାୟ ହେଉଛି। ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହଲା ପ୍ଲାଷ୍ଟିକ ହୋଲସୋଲ ଗୋଦାମ। ଚତୁର୍ଥ ମହଲାରେ ୪ଜଣ କର୍ମଚାରୀ ରାତିରେ ରୁହନ୍ତି। ଅପରପକ୍ଷେ ଡେପୁଟି ଫାୟାର ଅଫିସର (ଡିଏଫଓ) ନାରାୟଣ ଦାସ କହିଛନ୍ତି, କୋଠାରେ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଗୋଟିଏ। ଏପରିକି କୋଠାରେ କୌଣସି ଝରକା ମଧ୍ୟ ନାହିଁ। ଯାହା ଫଳରେ କୋଠାର ଧୂଆଁ ବାହାରକୁ ଆସିପାରି ନ ଥିଲା। ଯେଉଁ ଦ୍ୱାର ଦେଇ ଆମେ ନିଆଁ ଲିଭାଇବାକୁ ଯାଉଥିଲୁ। ସେହି ଦ୍ୱାର ଦେଇ ଧୂଆଁ ବାହାରୁଥିଲା। ଏଥିପାଇଁ ଆମକୁ ବହୁତ କଷ୍ଟ କରିବାକୁ ପଡୁଛି। କୋଠାଟି ପ୍ଲାଷ୍ଟିକ ସାମଗ୍ରୀରେ ଭର୍ତ୍ତି ଥିଲା। ଫାୟାର ସେଫଟି ସାର୍ଟିଫିକେଟ୍ ଅଛି କି ସେନେଇ ତଦନ୍ତରେ ଯାଞ୍ଚ କରିବୁ।

ସୁପର ମାର୍ଟରେ କ୍ରେନ ଜରିଆରେ କୋଠାର ତୃତୀୟ ଓ ଚତୁର୍ଥ ମହଲା କାନ୍ଥ ଖୋଳି ନିଆଁ ଆୟତ୍ତ କରିବାକୁ ପ୍ରୟାସ କରାଯାଇଥିଲା। ବ୍ରୁଣ୍ଟୋ ଜରିଆରେ ଅଗ୍ନିଶମ କର୍ମଚାରୀମାନେ ଉଚ୍ଚକୁ ଯାଇ ପାଣି ପକାଇ ନିଆଁ ଲିଭାଉଥିଲେ। କେବଳ ପାଣି ନୁହେଁ, ପାଣି ସହ ଫୋମ ମିଶିଯାଇ ନିଆଁ ଲିଭା କାର୍ଯ୍ୟ ଜାରି ରହିଥିଲା। ଏପରିକି ଫାୟାର ଫାଇଟିଂ ରୋବର୍ଟ ମଧ୍ୟ ବ୍ୟବହାର କରାଯାଇଥିଲା।

ଟ୍ରାଫିକ ଜାମରେ ଫସିଲେ ଲୋକେ

ସୁପର ମାର୍ଟରେ ନିଆଁଲିଭା କାର୍ଯ୍ୟ ଚାଲୁଥିବାରୁ ଲୁଇସ୍ ରୋଡର ଗୋଟିଏ ପାର୍ଶ୍ୱକୁ ପୁଲିସ ପକ୍ଷରୁ ବନ୍ଦ କରିଦିଆଯାଇଥିଲା। ଫଳରେ ଗୋଟିଏ ପାର୍ଶ୍ୱରେ ଯାତାୟାତ ହୋଇଥିଲା। ଏଥିପାଇଁ ସେହି ଗୋଟିଏ ପାର୍ଶ୍ୱର ରାସ୍ତାରେ ପ୍ରବଳ ଟ୍ରାଫିକ ଜାମ ହୋଇଥିଲା। ଆମ ବସ୍, ଘରୋଇ ବସ୍, ଦୁଇଚକିଆ ଯାନ ଏବଂ ଅନ୍ୟ ଗାଡ଼ି ଗୋଟିଏ ପଟରେ ହିଁ ଚାଲୁଥିଲା। ପୁଲିସ କର୍ମଚାରୀମାନେ ରାସ୍ତାରେ ମୁତୟନ ହୋଇ ଗାଡି ଚଳାଚଳ ସ୍ୱଭାବିକ କରୁଥିଲେ।

ଧଉଳି ଥାନା ନୂଆଗାଁସ୍ଥିତ ସୁପରମାର୍ଟ ବିଲ୍ଡିଂରେ ଅଗ୍ନିକାଣ୍ଡ ରାତିରେ ଘଟିଥିଲା। ସୌଭାଗ୍ୟ ବସତଃ କୌଣସି ଲୋକେ ଏହି ବିଲ୍ଡିଂରେ ନ ଥିଲେ। ଏହାସହ ବିଲ୍ଡିଂରେ ଗୋଟିଏ ଦ୍ୱାର ରହିଥିଲା ଭିତରକୁ ଯିବାକୁ କୌଣସି ଝରକା ମଧ୍ୟ ନଥିଲା। ଏଣୁ ଅଗ୍ନିଶମ ବିଭାଗ ନିଜେ ସୁରକ୍ଷିତ ରଖି ନିଆଁକୁ ଆୟତ କରିବା ଯୋଜନା ଉପରେ କାମ ଆରମ୍ଭ କରିଥିଲା। ଯଦି ଏଠାରେ ଲୋକେ କେହି ଫସି ରହିଥାନ୍ତେ ତେବେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ଏହା ଭିତରେ ପଶି ଉଦ୍ଧାର କାର୍ଯ୍ୟ କରିଥାନ୍ତେ। କେବଳ ପ୍ଲାଷ୍ଟିକ୍ ସାମଗ୍ରୀ ପାଇଁ ଆମ କର୍ମର୍ଚାରୀ ଭିତରେ ପଶି ନିଆଁ ଲିଭାଇବା ଯୋଜନାକୁ ଲାଗୁ କରାଗଲା ନାହିଁ। ଆମର କେବଳ ଫୋକସ୍ ରହିଲା ନିଆଁ କିପରି ବାହାରକୁ ନ ବ୍ୟାପିବ, ଧୀରେ ଧୀରେ ନିଆଁକୁ ଆୟତ କରାଯିବ।

ଭଙ୍ଗାଯିବ ବିଲ୍ଡିଂ!

ବିଲ୍ଡିଂଟି ନିଆଁ ଯୋଗୁଁ ସମ୍ପୂର୍ଣ୍ଣ ଭାବେ ଦୁର୍ବଳ ହୋଇଯାଇଛି। ଏହାର ଛତ୍ ଗୁଡ଼ିକ ତରଳି ଯାଇଛି। ଏଣୁ ଚତୁର୍ଥ ମହଲାକୁ ଅଗ୍ନିଶମ କର୍ମଚାରୀଙ୍କୁ ନ ଯିବା ପାଇଁ କୁହାଯାଇଛି। ତେବେ ୨ଦିନ ପରେ ଇଞ୍ଜିନିୟରିଂ ବିଭାଗକୁ ଯାଞ୍ଚ କରିବାକୁ ଯିବ। ବିଲ୍ଡିଂର ସୁରକ୍ଷା ଠିକ୍ ନ ଥିଲେ ଏହାକୁ ଭଙ୍ଗାଯିବ।

● ବେଆଇନ ମାଟି ଚାଲାଣ ଅଭିଯୋଗ

ଦୁଇ ଟ୍ରାକ୍ଟର ସମେତ ଜେସିବି ଜବତ; ୩ ଗିରଫ

ବାଲିଅନ୍ତା, ୨୪।୨(ସମିସ): ବେଆଇନ ମାଟି ଚାଲାଣ ଅଭିଯୋଗରେ ବାଲିଅନ୍ତା ଥାନା ପୁଲିସ ୩ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲ୍ଲା ନାନେକେରା ଥାନା ଅଞ୍ଚଳର ସୁଧିର ହରିଚନ୍ଦନ (୩୫), ପ୍ରତାପରୁଦ୍ରପୁର ଗ୍ରାମର ରମେଶ ଭୋଇ (୪୦) ଏବଂ ପାରିବାସୁଦେଇପୁର ଗ୍ରାମର ବାବୁଲି ମଲ୍ଲିକ (୨୩)। ତେବେ କୋର୍ଟରେ ସେମାନଙ୍କ ଜାମିନି ଖାରଜ ହେବାରୁ ଝାରପଡ଼ା ହାଜତକୁ ପଠାଇ ଦିଆଯାଇଛି। ଘଟଣା ସ୍ଥଳରୁ ପୁଲିସ ୨ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ମେସିନ ଜବତ କରିଛି।



ଥାନା ଏସ୍.ଆଇ ଅରୂପାନନ୍ଦ ନାୟକ (୩୨) ଘଟଣାସ୍ଥଳରୁ ମାଟି ବୋଝେଇ ଟ୍ରାକ୍ଟର ଏବଂ ଖନନ କାର୍ଯ୍ୟରେ ବ୍ୟବହୃତ ଜେସିବି ମେସିନ ଜବତ କରିଥିଲେ। ଶ୍ରୀ ନାୟକଙ୍କ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ହୋଇଥିଲା। ସହ ଚାଳକମାନଙ୍କୁ ଗିରଫ କରିଥିଲେ। ଆଜି ଦିନ ସାଢେ ୧ଟା ବେଳେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ, ପରିବାସୁଦେଇପୁର ଅଞ୍ଚଳର ବନ ବିହାରୀ ମଠ ନିକଟସ୍ଥ ଏକ ଧାନ କ୍ଷେତରୁ ବେଆଇନ ଖନନ ଏବଂ ଉପର ମାଟିର ଚୋରା ଚାଲାଣ ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇଥିଲେ।

ସୂଚନା ଅନୁଯାୟୀ, ଗୋଟିଏ ଜେସିବି ମେସିନ ଦ୍ୱାରା ଦୁଇଟି ଟ୍ରାକ୍ଟର ଟ୍ରଲିରେ ଉପର ମାଟି ଖନନ କରାଯାଉଥିଲା। ପୋଲିସକୁ ଦେଖି ସୌମ୍ୟରଞ୍ଜନ ଜେନା ଓ ରାକେଶ ସ୍ୱାଇଁ ନାମକ ଦୁଇଜଣ ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇଯାଇଥିବା ବେଳେ ଘଟଣାସ୍ଥଳରୁ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଯାଞ୍ଚ ସମୟରେ, ଗିରଫ ଅଭିଯୁକ୍ତମାନେ ସେମାନଙ୍କର ପରିଚୟ ସୁଧୀର ହରିଚନ୍ଦନ, ରମେଶ ଚନ୍ଦ୍ର ଭୋଇ ଓ ବାବୁଲ ମଲ୍ଲିକ ବୋଲି ପ୍ରକାଶ କରିଥିଲେ ଏବଂ ବେଆଇନ ଭାବରେ ମାଟି ଖନନ କରି ଇଟା ଭାଟିକୁ ବିକ୍ରୟ ଉଦ୍ଦେଶ୍ୟରେ ପରିବହନ କରୁଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତମାନଙ୍କ ହେପାଜତରୁ ଗୋଟିଏ ଜେସିବି ମେସିନ ଓ ଉପର ମାଟି ବୋଝେଇ ଦୁଇଟି ଟ୍ରାକ୍ଟର-ଟ୍ରଲି ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ କୋର୍ଟକୁ ଚାଲାଣ କରାଯାଇଛି।

୧୬ ବର୍ଷରେ ଆସିଲା ରାୟ

ହତ୍ୟାକାରୀ ପ୍ରେମିକକୁ ଆଜୀବନ ଜେଲ୍

ଭୁବନେଶ୍ୱର, ୨୪।୨ (ସମିସ): ପ୍ରେମିକାକୁ କଟୁରିରେ ହାଣି ହତ୍ୟା ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଚତୁର୍ଥ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଶୁଭଞ୍ଜନ ମହାନ୍ତି ଖାରବେଳ ନଗର ଥାନା ଅଞ୍ଚଳରେ ଘଟିଥିବା ଏହି ହତ୍ୟାକାଣ୍ଡର ବିଚାରକରି ଅଭିଯୁକ୍ତ ରାଜେଶ କୁମାର ସେଠୀକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ଅଭିନ ଚନ୍ଦ୍ର ମେଡିକାଲ କଲେଜରେ ନର୍ସ ଭାବେ ଚାକିରି କରୁଥିବା ନିବେଦିତା ସାମନ୍ତରାୟ ଓ ତାଙ୍କ ସ୍ୱାମୀ ଗୋପାଳ ଚରଣ ସିଂ ସାମନ୍ତ କ୍ୟାମ୍ପସ ପରିସରରେ ଥିବା କ୍ୱାର୍ଟର୍ସରେ ରହୁଥିଲେ। ନିବେଦିତାଙ୍କ ଭଉଣୀର ଝିଅ ତଥା ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଅଞ୍ଚଳର ରୋଜାଲିନ ପଟେଲ ମଧ୍ୟ ସେହି କ୍ୱାଟରରେ ରହି ଏକ ଘରୋଇ କଲେଜରେ ବିଟେକ୍ ପଢୁଥିଲେ। କଲେଜର ସହପାଠୀ ତଥା ବାପୁଜୀ ନଗରର କୁମାର ସେଠୀ ଓ ରୋଜାଲିନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅଶୋକାଷ୍ଟମୀ ତଥା ୨୦୧୦ ମସିହା ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାରେ ଗୋପାଳ ଓ ନିବେଦିତା ତିନିମୁଣ୍ଡିଆ ଛକକୁ ଯାଇଥିବା ବେଳେ ରୋଜାଲିନ ଘରେ ଥିଲେ। ସେହି ସମୟରେ ରାଜେଶ ତାଙ୍କୁ ଭେଟିବାକୁ ଘରକୁ ଆସିଥିଲେ। କୌଣସି କାରଣକୁ ନେଇ ରୋଜାଲିନ ଓ ରାଜେଶ ମଧ୍ୟରେ ବଚସା ହୋଇଥିଲା। ରାଜେଶ ଉତକ୍ଷିପ୍ତ ହୋଇ ରୋଜାଲିନଙ୍କୁ କଟୁରିରେ ହାଣି ଦେଇଥିଲା। ସେ ମୃତ୍ୟୁବରଣ କରିବା ପରେ ରାଜେଶ ଫେରାର ହୋଇ ଯାଇଥିଲା। ସେପଟେ ରାତି ପ୍ରାୟ ୯ଟା ସମୟରେ ଗୋପାଳ ଓ ନିବେଦିତା ଫେରି କବାଟ ଖୋଲିବାକୁ ଡାକିଥିଲେ ମଧ୍ୟ ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ଏହାପରେ ନିବେଦିତା ସିଡ଼ି ପାର୍ଶ୍ୱ ଦେଇ ଘର ଭିତରକୁ ପ୍ରବେଶ କରିବା ପରେ ବାହାର ଦ୍ୱାର ବନ୍ଦ ଥିବା ଦେଖିଥିଲେ। କବାଟ ଖୋଲି ଭିତରକୁ ପଶିବା ବେଳକୁ ରୋଜାଲିନଙ୍କ ମୁହଁ ଓ କାନ୍ଧରେ ଗଭୀର ଆଘାତ ଲାଗିଥିବା ବେଳେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଦେଖିଥିଲେ।

- **ଜରିମାନା ରାଶି ସହ ପୀଡ଼ିତାଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**

ଗୋପାଳଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ କେସ୍ ନଂ - ୭୯/୧୦ ରେ ଦଫା ୩୨୦ ଓ ୨୦୧ ଆଇପିସି ଲଗାଇ ମାମଲା ରୁଜୁ କରିଥିଲା। ପ୍ରଥମେ ତତ୍କାଳୀନ ଥାନା ଅଧିକାରୀ ଉତ୍କଳ କେଶରୀ ଦାସ ଓ ତତ୍କାଳୀନ ଏସିପି ନିହାର ରଞ୍ଜନ ଦାସ ତଦନ୍ତ କରି ଅଭିଯୁକ୍ତ ରାଜେଶକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ସିଡିଆର୍ (କଲ୍ ଡିଟେଲ୍ସ ରିପୋର୍ଟ), ଭାରତୀୟ ସାକ୍ଷ୍ୟ ବିଧି ଆଇନ୍ ଧାରା ୨୭ ଅନୁସାରେ ରେକର୍ଡ ହୋଇଥିବା ଅଭିଯୁକ୍ତର ବୟାନ, ୨୦ ଜଣ ସାକ୍ଷୀ, ପ୍ରତିପକ୍ଷର ଜଣେ ସାକ୍ଷୀ ଓ ୩୫ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଆସାମୀ ରାଜେଶ କୁମାର ସେଠୀଙ୍କୁ ଆଇପିସି ଧାରା ୩୦୨ ଅନୁଯାୟୀ ଆଜୀବନ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହିତ ଆଇପିସି ଧାରା ୨୦୧ ଅନୁଯାୟୀ ୩ ବର୍ଷର କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମନା ଦେବାକୁ ଆଦେଶ ଦେଇଛନ୍ତି ଓ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସ୍ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଯଦି ଜୋରିମନା ରାଶି ପ୍ରଦାନ କିମ୍ବା ଆଦାୟ କରାଯାଏ, ତେବେ ଉକ୍ତ ରାଶିକୁ ମୃତକଙ୍କ ଆଇନଗତ ସତ୍ତ୍ୱାଧିକାରୀମାନଙ୍କୁ ପ୍ରଦାନ କରିବାକୁ ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ମୃତକଙ୍କ ସତ୍ତ୍ୱାଧିକାରୀମାନଙ୍କୁ ଓଡ଼ିଶା ପୀଡ଼ିତ କ୍ଷତିପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲ୍ଲା ଆଇନଗତ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଡ଼ଃ ସୁରେଶ କୁମାର ବାରିକ ସଫଳତାର ସହ ଏହି ମାମଲାକୁ ପରିଚାଳନା କରିଥିଲେ।

ହାବିଲଦାରଙ୍କୁ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୨୪।୨ (ସମିସ): ହାବିଲଦାରଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଡୁମୁଡୁମା ଫେଜ ୨ ରେ ରହୁଥିବା ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ବାଙ୍କ ଗ୍ରାମର ସୁଶାନ୍ତ କୁମାର ମହାନ୍ତି (୪୧)।

ପୁଲିସ ସୂଚନାନୁସାରେ, ଗତ ୩ ତାରିଖ ଅପରାହ୍ଣରେ ହାବିଲଦାର ରାକେଶ ଜେନା ପିସିଆର୍ ୧୭ରେ କାର୍ଯ୍ୟରତ ଥିବାବେଳେ ଡୁମୁଡୁମା ଅଞ୍ଚଳରେ ଘରୋଇ ବିବାଦ ନେଇ କଣ୍ଟ୍ରୋଲ ରୁମରୁ ଖବର ପାଇଥିଲେ। ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସୁଶାନ୍ତ ଉନ୍ମୁକ୍ତ କାଣ୍ଡ ଘଟାଇବା ସହ ସାଧାରଣ ଲୋକ ମାନଙ୍କୁ ଗାଳିଗୁଲଜ କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ଦେଖିବାକୁ ପାଇଥିଲେ। ହାବିଲଦାର ରାକେଶ ହସ୍ତକ୍ଷେପ କରିବାରୁ ସୁଶାନ୍ତ ତାଙ୍କୁ ଆକ୍ରମଣ କରିବା ସହ ଠେଲି ଦେଇଥିଲା। ଫଳରେ ସେ ତଳେ ପଡ଼ି ଆହତ ହୋଇଥିଲେ। ରାକେଶଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି ସୁଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ସୁଶାନ୍ତ ହଇରାଣ କରିବା ସହ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଉଥିବା ନେଇ ପତ୍ନୀ ଗତକାଲି ଖଣ୍ଡଗିରି



ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଆଉ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଜୀବନ ନେଉଛି ରାଜପଥ କଡ଼ ହୋର୍ଡିଂ

ଭୁବନେଶ୍ୱର, ୨୪।୨ (ସମିସ): ଜାତୀୟ ରାଜପଥ କଡ଼ରେ ବେଆଇନ ହୋର୍ଡିଂ ସଂଖ୍ୟା ଢେର୍ ବୃଦ୍ଧି ପାଇଛି। ରାଜପଥ କଡ଼ରେ ଲାଗୁଥିବା ଏହି ହୋର୍ଡିଂରୁ ବିଜ୍ଞାପନ ସଂସ୍ଥା ଓ ଜମି ମାଲିକ ଟଙ୍କା ରୋଜଗାର କରୁଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଏହା ବିପଦ ସାବ୍ୟସ୍ତ ହୋଇଛି। ବର୍ଷା ପବନ ସମୟରେ ହୋର୍ଡିଂରୁ ପୋଷ୍ଟର ଉଡ଼ି ଆସି ଗାଡ଼ିରେ ଲାଗିବାରୁ ଦୁର୍ଘଟଣା ଘଟୁଥିବା ବେଳେ ହୋର୍ଡିଂ ଷ୍ଟାଣ୍ଡ ଭୁଷୁଡ଼ି ମୂଲ୍ୟବାନ ଜୀବନ ଯାଉଛି। ହୋର୍ଡିଂ ଯୋଗୁଁ ବାରମ୍ବାର ଅଘଟଣ ଘଟୁଥିଲେ ମଧ୍ୟ ଏଥିରେ ନିୟନ୍ତ୍ରଣ ଲାଗି ପାରିନାହିଁ।

ମଙ୍ଗଳବାର ଅପରାହ୍ଣରେ ବର୍ଷା ଓ ପବନ ଯୋଗୁଁ ପୁଲିସ କର୍ମଚାରୀ ସନ୍ତୋଷ ପ୍ରଧାନଙ୍କ ପୁଅ ସଚ୍ଚିଦାନନ୍ଦ, ଅଧ୍ୟାପିକା ମୌସୁମୀ ପ୍ରିୟଦର୍ଶିନୀ ନାୟକ ଓ ଶ୍ରମିକ ଟୁନା ଗୌଡ଼ ଆଇଗିଣିଆ ଦୁର୍ଗାମଣ୍ଡପ ଛକରେ ଛିଡ଼ା ହୋଇଥିଲେ। ନିକଟରେ ଥିବା ହୋର୍ଡିଂ ଷ୍ଟାଣ୍ଡ ଭୁଷୁଡ଼ି ପଡ଼ିବାରୁ ଟୁନା ମୃତ୍ୟବରଣ କରିଥିଲେ। ଅନେକ ସମୟରେ ହୋର୍ଡିଂ ତଳୁ ସଚ୍ଚିଦାନନ୍ଦଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ତାଙ୍କ ଜୀବନ ଚାଲି ଯାଇଥିଲା। ଇଏ କେବଳ ଆଜିର ଅଘଟଣ ନୁହେଁ, ପୂର୍ବରୁ ହୋର୍ଡିଂ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏକାଧିକ ଜୀବନ ଯାଇଥିବା ବେଳେ



ଅନେକ ଲୋକ ଆହତ ହୋଇଛନ୍ତି। ଗତବର୍ଷ ଜୁନ୍ ୬ ତାରିଖ ଦିନ ଏକ ଆଇଚର୍ ଟ୍ରକ୍ ଖୋର୍ଦ୍ଧାରୁ ଭୁବନେଶ୍ୱର ଆଡ଼କୁ ଆସୁଥିଲା। ସେ ଯାଁଳା ନିକଟରେ ପାଇଥିବା ବେଳେ ରାଜପଥ କଡ଼ରେ ଲାଗିଥିବା ଏକ ହୋର୍ଡିଂ ବର୍ଷା ପବନରେ ଉଡ଼ି ଆସି ଟ୍ରକ୍ କାଚରେ ଲାଗିଥିଲା। କିଛି ଦେଖା ନ ଯିବାରୁ ଡ୍ରାଇଭର ଭାରସାମ୍ୟ ହରାଇଥିଲେ ମଧ୍ୟ ଗାଡ଼ିକୁ ରାସ୍ତା କଡ଼ରେ ଲଗାଇ ହୋର୍ଡିଂ କାଢୁଥିଲେ। ସେହି ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ଏକ ସ୍କୁଟି ଚାଳକ ଧକ୍କା ସିଧାସଳଖ ଆଇଚର୍ ଟ୍ରକ ପଛରେ ପିଟି ହୋଇ ମୃତ୍ୟୁବରଣ କରିଥିଲେ।

ସେହିପରି ଜଣେ ବାଇକ୍ ଆରୋହୀ ଡିଏନ୍ ରିଗାଲିଆ ଠାରୁ ତମାଣ୍ଡୋ ଆଡ଼କୁ ଯାଉଥିଲେ। ସେ ପାଟ୍ଟଶାଣୀ ହୋଟେଲ ଅତିକ୍ରମ କରୁଥିବା ବେଳେ ଏକ ହୋର୍ଡିଂ ଆସି ତାଙ୍କ ଦେହରେ ଗୁଡ଼ାଇ ହୋଇ ଯାଇଥିଲା। ଫଳରେ ସେ ଗାଡ଼ିରୁ ତଳେ ପଡ଼ି ଆହତ ହୋଇଥିଲେ।

ଭୁବନେଶ୍ୱର ଦେଇ ଜାତୀୟ ଯାଇଥିବା ରାଜପଥର ଦୁଇ ପାର୍ଶ୍ୱରେ ବେଆଇନ ହୋର୍ଡିଂ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଘରୋଇ ଜମି ମାଲିକମାନେ ଜମିକୁ ଭଡ଼ା ସୂତ୍ରରେ ଦେଉଛନ୍ତି। ବିଜ୍ଞାପନ କମ୍ପାନୀ ଜମିକୁ ବାର୍ଷିକ ଭଡ଼ାରେ ନେଇ ଲୁହା ଟାୱାର ବା ହୋର୍ଡିଂ ଷ୍ଟାଣ୍ଡ ନିର୍ମାଣ କରୁଛି। ସେଥିରେ ବିଭିନ୍ନ କମ୍ପାନୀର ବିଜ୍ଞାପନ ପୋଷ୍ଟର ମାରୁଛି। କେବଳ ବେସରକାରୀ ନୁହଁ, କିଛି ଦଲାଲ ରାଜପଥ କଡ଼ରେ ଖାଲି ପଡ଼ିଥିବା ସରକାରୀ ଜମିକୁ କବଜାକୁ ନେଉଛନ୍ତି। ପରବର୍ତ୍ତୀ ସମୟରେ ସେହି ଜମିକୁ ବିଜ୍ଞାପନ କମ୍ପାନୀ ହାତକୁ ଟେକି ଦେଉଛନ୍ତି। କମ୍ପାନୀ ମଧ୍ୟ ସେଥିରେ ବହୁ ଉଚ୍ଚର ବିଜ୍ଞାପନ ଟାୱାର ଛିଡ଼ା କରୁଛି। ଏହି କ୍ରମରେ ଭୁବନେଶ୍ୱର-ଖୋର୍ଦ୍ଧା ରାସ୍ତାର ଉଭୟ ପାର୍ଶ୍ୱରେ ୫୦୦ରୁ ଅଧିକ ହୋର୍ଡିଂ ଟାୱାର ଛିଡ଼ା ହୋଇଛି। ଏହିସବୁ ହୋର୍ଡିଂ ପାଇଁ ବିଭିନ୍ନ ସମୟରେ ଅଘଟଣ ଘଟି ଧନଜୀବନ ହାନୀ ହେଉଥିଲେ ମଧ୍ୟ ବେଆଇନ ହୋର୍ଡିଂ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି।



ଭୁବନେଶ୍ୱର ସିଟି

ଅଦିନିଆ ବର୍ଷାର ତାଣ୍ଡବ



- ହୋର୍ଡିଂ ପଡ଼ି ୨ ମୃତ, ଅଧ୍ୟାପିକା ଗୁରୁତର
- ଦେଢ଼ ଘଣ୍ଟାର ବର୍ଷାରେ ଜଳାର୍ଣ୍ଣବ ରାସ୍ତାଘାଟ
- ଜନପଥରେ ଲହଡ଼ି ଭାଙ୍ଗିଲା ବର୍ଷା ପାଣି
- ଗଛ ପଡ଼ିଲା; ଅଧିକାଂଶ ଅଞ୍ଚଳର ଅନ୍ଧାର

ଭୁବନେଶ୍ୱର, ୨୪ ।୨(ସମିସ): ଚଳିତ ବର୍ଷର ପ୍ରଥମ ବର୍ଷାରେ ଜଳବନ୍ଦୀ ହୋଇଛି ରାଜଧାନୀ। ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ସନ୍ଧ୍ୟାଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରରେ କାଳବୈଶାଖୀ ତାଣ୍ଡବ ରଚିଛି। ଅପରାହ୍ଣରେ ପ୍ରବଳ ଘଡ଼ଘଡ଼ି ସହିତ ବର୍ଷା, ପବନ ଆରମ୍ଭ ହୋଇଥିଲା। ଫଳରେ ବ୍ୟବସାୟୀମାନେ ଘରୁ ବାହାରି ପାରି ନଥିଲେ। ଯେଉଁମାନେ ରାସ୍ତାରେ ଯାଉଥିଲେ ସେମାନେ ମଧ୍ୟ ଛାତ ତଳ ଦେଖି ଅଟକି ଯାଇଥିଲେ। ପ୍ରାୟ ଦେଢ଼ଘଣ୍ଟା ଧରି ପ୍ରବଳ ବର୍ଷା ପବନରେ ଅନେକ ଧନଜୀବନ ନଷ୍ଟ ହୋଇଥିବା ସହ ଅନେକଙ୍କୁ କ୍ଷୟକ୍ଷତି ସହିବାକୁ ପଡ଼ିଛି। ମଙ୍ଗଳବାର ଅପରାହ୍ଣରେ ଅଚାନକ ପାଗ ପରିବର୍ତ୍ତନ ସହ ଅନ୍ଧାର ଘୋଟି ଯାଇଥିଲା। ପ୍ରବଳ ବର୍ଷା ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ଚାହୁଁ ଚାହୁଁ ବର୍ଷା ପାଣି ଭର୍ତ୍ତି ହୋଇଯାଇଥିଲା। ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିବା ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ବିଶେଷକରି ଜନପଥରେ ବର୍ଷାଜଳ ଲହଡି ଭାଙ୍ଗୁଥିବା ଦେଖିବାକୁ ମିଳିଥିଲା। ସେହିପରି ବିଭିନ୍ନ ସ୍ଥାନରେ ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଲହଡ଼ି ଭାଙ୍ଗିବା ସହ କେତେକଙ୍କ ଘର ଭିତରେ ପାଣି ପଶି ଯାଇଥିବା ସୂଚନା ରହିଛି। ରସୁଲଗଡ଼, ପଳାଶୁଣି, ରାଜମହଲ ଓ କଟକ ରୋଡ୍ ଆଦି ଅଞ୍ଚଳରେ ମଧ୍ୟ ବର୍ଷାର ପ୍ରଭାବ ପଡ଼ିଥିଲା। ଦୀର୍ଘ ଦିନର ବ୍ୟବଧାନ ପରେ ବର୍ଷା ହେବାରୁ ସନ୍ଧ୍ୟା ସମୟରେ ଥଣ୍ଡା ପବନ ପ୍ରବାହିତ ହେଉଥିଲା। ପାଗର ଏହି ଅଚାନକ ପରିବର୍ତ୍ତନ ସହରବାସୀଙ୍କୁ ଥଣ୍ଡା ଅନୁଭୂତି ଆଣି ଦେଇଥିବା ବେଳେ କାହାର ସଂସାର ଉଜାଡ଼ି ଦେଇଛି ଝଡ଼ତୋଫାନ। ତେବେ ପୂର୍ବରୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବର୍ଷା ହେବା ନେଇ ସୂଚନା ଦିଆଯାଇଥିଲା।



ମଙ୍ଗଳବାର ଅପରାହ୍ଣରେ ଆରମ୍ଭ ହେଇଥିଲା ଝଡ଼ବର୍ଷା। ବର୍ଷା ଘଡ଼ଘଡ଼ି ସାଙ୍ଗକୁ ପବନର ବେଗ ଏତେ ପ୍ରଖର ଥିଲା ଯେ, ପାତ୍ରପଡ଼ା ଆଇଗିଣିଆ ଦୁର୍ଗାମଣ୍ଡପ ପାଖରେ ରହିଥିବା ଏକ ବଡ଼ ହୋର୍ଡିଂ ଭୁଶୁଡ଼ି ପଡ଼ିଛି। ହୋର୍ଡିଂ ପଡ଼ିଯିବାରୁ ନିକଟସ୍ଥ ୫ରୁ ୬ଟି ଦୋକାନ ଘର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସହ ୨ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି। ଏଥି ସହିତ ଜଣେ ଅଧ୍ୟାପିକା ଗୁରୁତର ଆହତ ହୋଇଛନ୍ତି। ଏହାସହିତ ସହରର ବିଭିନ୍ନ ଅଞ୍ଚଳରେ ଗଛ, ବିଦ୍ୟୁତ ଖୁଣ୍ଟ ସମେତ ଅନେକ ଲୋକଙ୍କ ଘର ଛପର ଉଡ଼ିଯାଇଛି। ରାଜଧାନୀର ପ୍ରମୁଖ ଅଞ୍ଚଳର ସମେତ ଜାତୀୟ ରାଜପଥରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ରହିଥିଲା। ଅନେକ ଅଞ୍ଚଳ ଅନ୍ଧାରରେ ରହିଥିଲା।

ପୁରୁଣା ଫଟୋ; ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୪।୨(ସମିସ): ଧୂଳି ଜମିଥିବା ସେ ଧୂସର ଫଟୋ ଆଜି ବି କେତେକଙ୍କ ମନରେ କାଲି ପରି ସତେଜ। ଯେଉଁଠି ସାଇତା ଅଛି ଅନେକ ସ୍ମୃତିର ସ୍ରୋତ। ବାସ୍ତବରେ ଝାଉଁଳି ଝଡି ଯାଇଥିବା ଫୁଲ ପରି କିଛି ମଣିଷ ସେ ଦିନର ଫଟୋରେ ଆଜି ମଧ୍ୟ ଚଳପ୍ରଚଳ। ଯେଉଁମାନେ ହୁଏତ ଆଜି ଆଉ ନାହାନ୍ତି। ଫଟୋ ଚିତ୍ରର ରଙ୍ଗ ବଦଳିଛି, କାଗଜ ବି ଶୁଖିଛି। ଚାଲି ଯାଇଥିବା ସମୟ, ରହିଯାଇଥିବା ଛବି ଓ ସାଇତା ଅତୀତକୁ ମନେ ପକାଇବା ପାଇଁ ଆମର ଅଜିର ଏହି ଉପସ୍ଥାପନା।

ସମାଜିକ ଗଣମାଧମରୁ ଆସିଥିବା ଏହି ଫଟୋଚିତ୍ରଟି କଟକ-ଭୁବନେଶ୍ୱର ରୋଡ୍‌ର ଫଟୋ। ଏହି ଫଟୋ ଚିତ୍ରଟି ୧୯୯୬ରୁ ୧୯୯୭ ମସିହା ସମୟର ବୋଲି ଜାଣିବାକୁ ମିଳିଛି। ଯେଉଁଥିରେ ସେ ସମୟର ଅଧିକ ବ୍ୟବହୃତ ହେଉଥିବା ଆମ୍ବାସଡର କାର, ମାରୁତି ଓମନି ଭ୍ୟାନ, ବଜାଜ ସ୍କୁଟର ଆଦି ଗାଡି ଦେଖିବାକୁ ମିଳିଛି। ଯାହା ବର୍ତ୍ତମାନ ସମୟରେ ଦେଖିବା ବିରଳ। ସେ ସମୟର ସିଙ୍ଗଲ ଲେନ ବିଶିଷ୍ଟ ଏ ରାସ୍ତାର ଦୃଶ୍ୟ ହୁଏତ କେତେକଙ୍କ ସ୍ମୃତି ତାଜା କରିବ ନିଶ୍ଚିତ। ତେବେ ସେତେବେଳେ ଯେ, ଯାନବାହାନ ସଂଖ୍ୟା ଯଥେଷ୍ଟ କମ୍ ଥିଲା ଏବଂ ଆଜିର ତୁଳନାରେ ପ୍ରଦୂଷଣ ମାତ୍ର କମ୍ ଥିଲା ଯାହା ଏହି ଫଟୋରୁ ଫଟୋରୁ ସମ୍ୟକ ସୂଚନା ମିଳୁଛି।

ଉଦ୍‌ଯାପିତ ହେଲା କଳିଙ୍ଗ ନାଟ୍ୟ ମହୋତ୍ସବ

'ଶତାବ୍ଦୀର କଳାକାର ସମ୍ମାନ' ପ୍ରଦାନ

ଭୁବନେଶ୍ୱର, ୨୪ ।୨(ସମିସ): ଶତାବ୍ଦୀର କଳାକାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବର ସୋମବାର ସନ୍ଧ୍ୟାରେ ୨ଟି ଭାଷାର ଦୁଇଟି ନାଟକ ପରିବେଷିତ ହୋଇଥିଲା। ପ୍ରଥମେ ପଶ୍ଚିମବଙ୍ଗର ଦମ୍‌ଦମ୍ ଶବ୍ଦମୁଦ୍ର ନାଟ୍ୟକେନ୍ଦ୍ର ପକ୍ଷରୁ ରାକେଶ ଘୋଷଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ମାୟା ମୃଦଙ୍ଗ' ମଞ୍ଚସ୍ଥ ହୋଇଥିଲା। ଏହା ପରେ ଝାଡ଼ଖଣ୍ଡର ମାସୁମ୍ ଆର୍ଟ ଗ୍ରୁପ ପକ୍ଷରୁ ସୈକତ୍ ଚଟୋପାଧ୍ୟାୟଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ସନ୍ଧ୍ୟା ତାରା' ମଞ୍ଚସ୍ଥ ହୋଇଥିଲା। ଏହି ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ସଙ୍ଗୀତକାର ଲକ୍ଷ୍ମୀକାନ୍ତ ପାଲିତ ଯୋଗ ଦେଇଥିଲେ। ଏହି ଅବସରରେ ନୃତ୍ୟଗୁରୁ ବିରଞ୍ଚି ଦାସ, ରଞ୍ଜନା ନାୟକ ଓ ପ୍ରଶାନ୍ତ ପାଇକରାୟଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଧୀରେନ୍ଦ୍ର ନାଥ ମଲ୍ଲିକ ସଭା ପରିଚାଳନା କରିଥିଲେ। ଏହିପରି ମଙ୍ଗଳବାର ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ନାଟ୍ୟକାର ଡ଼. ବିଜୟ ଶତପଥୀ, ଓ ଡ଼. ପ୍ରସନ୍ନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ କର୍ଣ୍ଣ ଭୁବନେଶ୍ୱର ଉତ୍ତର ପୁରୁଷ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା। ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଏକାମ୍ର ବିଧାୟକ ବାବୁ ସିଂ, ସାମ୍ବାଦିକ ଶ୍ରୀରାମ ଦାସ, ସମ୍ବାଦ ଖବରକାଗଜର ସମ୍ପାଦକ ତନୟା ପଟ୍ଟନାୟକ, ନାଟ୍ୟକାର ଶଙ୍କର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।



୨୭ରେ ମନୋଜ ଦାସ ଜୟନ୍ତୀ



ଭୁବନେଶ୍ୱର, ୨୪।୨(ସମିସ) : ଆସନ୍ତା ୨୭ ତାରିଖ ସନ୍ଧ୍ୟାରେ ଗୀତ ଗୋବିନ୍ଦ ସଦନରେ ଯଶସ୍ୱୀ ଲେଖକ ମନୋଜ ଦାସଙ୍କ ୯୩ତମ ଜୟନ୍ତୀ ଉତ୍ସବ ପାଳନ କରାଯିବ। ମନୋଜ ଦାସ ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଭାବେ ଏହି ଜୟନ୍ତୀ ପାଳନ କରିବା ସହିତ ମନୋଜ ଦାସଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରାଯିବ। ସଂସଦର ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଖ୍ୟାତ ସମାଲୋଚକ ଓ କଥାକାର ଡ଼ ଆଦିକନ୍ଦ ସାହୁ, ମୁଖ୍ୟ ବକ୍ତା ଭାବେ କଥାକାର ଯଶୋଧାରା ମିଶ୍ର, ସମ୍ମାନିତ ଅତିଥି ଭାବେ ପବିତ୍ର ମୋହନ ଦାଶ ପ୍ରମୁଖ ଯୋଗ ଦେବେ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତି ହୋଇଛି। ପ୍ରସ୍ତୁତି ବୈଠକରେ ମନୋଜ ଦାସ ସ୍ମୃତି ସଂସଦ ସମ୍ପାଦକ ଗୌତମବୁଦ୍ଧ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଉପଦେଷ୍ଟା ରଞ୍ଜିତା ଦାସ, ବିଶିଷ୍ଟ ସାହିତ୍ୟିକ ପବିତ୍ର ମୋହନ କର, ଅମିତାଭ ଖିଲାର, ସଂସଦର କାର୍ଯ୍ୟନିର୍ବାହୀ ସମ୍ପାଦକ ସରୋଜ ବଳ, ସହ ସମ୍ପାଦକ ରାମଜୀବନ ଗୋଛାୟତ, ଚିତ୍ର ଶିଳ୍ପୀ ପଞ୍ଚାନନ ସାମଲ, ଚିନ୍ତାମଣି ବିଶ୍ୱାଳ, ଅଧ୍ୟାପକ ଉତ୍ପଳ ପ୍ରଧାନ, ଅଧ୍ୟାପିକା ଡ଼ ରୋଜା ଘୋଷ, ସମାଜସେବୀ ବେଣୁଧର ବିଶ୍ୱାଳ, ମଣିରାମ ଜେନା, ସାଗରିକା ମହାନ୍ତି, ସାମ୍ବାଦିକ ସାଗର ଦାଶ, ଶୁଭାଙ୍ଗୀ ମଧୁସ୍ମିତା ବସ୍ତିଆ ପ୍ରମୁଖ ଯୋଗ ଦେଇ ସୁଚିନ୍ତିତ ମତ ପ୍ରଦାନ କରିଥିଲେ।

ରୋଟାରୀ ରୟାଲ୍ କପ୍ ଜିତିଲା କଟକ



ଭୁବନେଶ୍ୱର, ୨୪।୨ (ସମିସ): ସ୍ଥାନୀୟ ହାଇଟେକ୍ ମେଡିକାଲ କ୍ରିକେଟ୍ ପଡ଼ିଆରେ ରୋଟାରୀ ରୟାଲ୍ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ରୟାଲ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରୋଟାରୀ କ୍ଲବ ଅଫ୍ କଟକ ଚାମ୍ପିଅନ ହୋଇଛି। ଫାଇନାଲରେ ରୋଟାରୀ କ୍ଲବ ଅଫ୍ ମେଡୋଜକୁ ପରାସ୍ତ କରି କଟକ ରୟାଲ୍ କ୍ଲବ ଟ୍ରଫି ଜିତିଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ମନୋଜ ତ୍ରିପାଠୀ ଉଦଘାଟନ କରିଥିଲେ। ଏଥିରେ ମୋଟ୍ ୪ଟି ଦଳ ଭାଗନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ରୋଟାରିଆନ ଅଶ୍ୱିନ କର, ଇନ୍ଦ୍ରଜିତ୍ ସାହୁ, ଶିବବ୍ରତ ଦାସ, ଅନିଲ ସାମଲ, ରୟାଲ କ୍ଲବ ସଭାପତି ଅର୍ଜୁନ ସାହୁ, ସମ୍ପାଦକ ଦୀପକ ସେହଗଲ, ବିଶ୍ୱଜିତ୍ ମିଶ୍ର, ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।


ଆମ ବସ୍‌କୁ ଧକ୍କା ଦେଲା ଆମ୍ବୁଲାନ୍ସ; ୩ ଆହତ

ଭୁବନେଶ୍ୱର, ୨୪।୨(ସମିସ): ରୁଟ୍ ନମ୍ବର ୨୦ରେ ଚଳାଚଳ କରୁଥିବା ଆମ ବସ୍ ମଙ୍ଗଳବାର ସନ୍ଧ୍ୟା ସମୟରେ ବିଜିପୁର ବସ୍ ଷ୍ଟପେଜ୍, ତମାଣ୍ଡୋ ନିକଟରେ ବସ୍ ଷ୍ଟପେଜ୍‌ରେ ଯାତ୍ରୀ ଚଢ଼ିବା ଓ ଓହ୍ଲାଇବା ପାଇଁ ପାର୍କ୍ କରିଥିଲା ବେଳେ ପଛପଟୁ ଏକ ଆମ୍ବୁଲାନ୍ସ ଧକ୍କା ଦେଇଥିଲା। ଆମ୍ବୁଲାନ୍ସର ସାମ୍ନା ଭାଗ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଭିତରେ ଥିବା ୩ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଆମ ବସ୍ ସଦସ୍ୟମାନେ ପ୍ରାଥମିକ ଚିକିତ୍ସା ନିମନ୍ତେ ସରକାରୀ ଅମ୍ବୁଲାନ୍ସ ସହିତ ଯୋଗାଯୋଗ କରିଥିଲେ। ଆହତ ଆମ୍ବୁଲାନ୍ସ ଚାଳକଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ ଏବଂ ଆବଶ୍ୟକ ଆଇନଗତ ପଦକ୍ଷେପ ପାଇଁ ପିସିଆରକୁ ସୂଚିତ କରିବା ସହିତ ମୁଖ୍ୟ କାର୍ଯ୍ୟାଳୟକୁ ସମ୍ପର୍କ କରିଥିଲେ।

ଚୋରି ଉଦ୍ୟମ କରି ଭଡ଼ାଟିଆ ଗିରଫ

ଭୁବନେଶ୍ୱର, ୨୪।୨ (ସମିସ): ମାଲିକଙ୍କ ଘରୁ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ଭଡ଼ାଟିଆକୁ କାବୁ କରିଛନ୍ତି ଲୋକେ। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସ୍ଥାନୀୟ ବିଜିପୁରରେ ରହୁଥିବା ବାଙ୍କୀ ଥାନା ଓସ୍ତପୁରର ନୀଳମାଧବ ରାଉତ (୩୩)।

ପୁଲିସ ସୂଚନାନୁଯାୟୀ, ଡ଼ା ଜିତେନ୍ଦ୍ର କୁମାର ଦାସଙ୍କର ବିଜିପୁରରେ ନିଜେ ରହୁଥିବା ବେଳେ ନୀଳମାଧବ ସମେତ ଅନ୍ୟ କିଛି ଲୋକଙ୍କୁ ଘରଭଡ଼ା ଦେଇଛନ୍ତି। ଭଗବାନପୁର ଗ୍ରାମର ସୁବାସିଷ ଦାସ ସେଠାରେ କେୟାର ଟେକର ଭାବେ କାମ କରୁଛନ୍ତି। କିଛି ଦିନ ହେବ ଘର ମାଲିକ ଶ୍ରୀ ଦାସ କୌଣସି କାମରେ ବାହାରକୁ ଯାଇଛନ୍ତି। ନୀଳମାଧବ ଗତକାଲି ରାତି ପ୍ରାୟ ୩ଟା ବେଳେ ମାଲିକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଘର ତାଲା ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରୁଥିଲା। ତାଲା ଭଙ୍ଗିବା ସମୟରେ ଅନ୍ୟ ଭଡାଟିଆ ଓ ପଡ଼ୋଶୀ ଲୋକ ଉଠି ପଡ଼ି ନୀଳମାଧବକୁ କାବୁ କରି ପୁଲିସ ଜିମା ଦେଇଥିଲେ। କେୟାର ଟେକର ଏନେଇ ଶୁଭାଶିଷ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ନୀଳମାଧବକୁ ଗିରଫ କରିବା ସହ ତା' ଠାରୁ କଟୁରି, ପ୍ଲାସ୍, ଛେଣି ଓ ହେମଦସ୍ତା ପୁଆ ଜବତ କରିଥିଲା।



'ଆମ ବସ୍' ନା ଯମ ବସ୍

ଭୁବନେଶ୍ୱର, ୨୪।୨(ସମିସ): ସହରରେ ଦିନକୁ ଦିନ 'ଆମ ବସ୍'ର ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲିଛି। ଏଥିସହ ଦୁର୍ଘଟଣା ମଧ୍ୟ ବଢ଼ୁଛି। କେଉଁଠି ଲୋକଙ୍କ ଉପରେ ଆମ ବସ୍ ଚଢ଼ିଗଲାଣି ତ ଆଉ କେଉଁଠି ଆମ ବସ୍ ଲୋକଙ୍କୁ ଧକ୍କା ଦେଇ ଲୋକଙ୍କୁ ମାରିଲାଣି। ଏଥିସହିତ ରାସ୍ତା ହେଉ ଅବା ଡ଼ିପୋରେ ଆମ ବସ୍‌ରେ ନିଆଁ ଲାଗିଲାଣି ତ ଆଉ କେଉଁଠି ଖରାପ ହୋଇ ରାସ୍ତାକଡ଼ରେ ଠିଆହେଉଛି। ଫଳରେ ଏହି ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନେ ଦିନକୁ ଦିନ ଅସୁରକ୍ଷିତ ମନେ କରୁଛନ୍ତି। ସ୍ୱଳ୍ପ ଟଙ୍କାରେ ଯାତାୟତ କରିବା ପାଇଁ ସହଜ ହଉଥିବାରୁ ଲୋକମାନେ ଆମ ବସ୍ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ହେଲେ ଦିନକୁ ଦିନ ଆମ ବସ୍‌ର ଦୁର୍ଘଟଣାରେ ଲୋକମାନେ ମୃତ୍ୟୁର ଶିକାର ହେଉଛନ୍ତି ତ ଆଉ କେଉଁଠି ପଙ୍ଗୁ ହୋଇଯାଉଛନ୍ତି। ଯାଦ୍ୱାରା ଲୋକମାନେ ଏହି ଆମ ବସ୍‌କୁ ଯମ ବସ୍ ବୋଲି କହୁଛନ୍ତି।




ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମୋ ବସ୍ ବର୍ତ୍ତମାନ 'ଆମ ବସ୍' ଯୋଜନା ଲୋକମାନଙ୍କୁ ବହୁତ ଉପକୃତ ହେଉଥିଲେ। ହେଲେ ବର୍ତ୍ତମାନ ଏହି ଉପକୃତ ଅପକୃତ ହେବାରେ ଲାଗିଛି। 'ଆମ ବସ'ରେ ଘଟୁଥିବା ଦୁର୍ଘଟଣା ବସ୍ ଚାଳକମାନଙ୍କର ବେପାରୁଆ ଗାଡ଼ି ଚଳନା ପାଇଁ ହେଉଛି। ସେମାନଙ୍କୁ ଦିଆଯାଇଥିବା ସମୟସୀମାରେ ପହଞ୍ଚିବା ପାଇଁ ସେମାନେ ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି। ସେମାନଙ୍କର ସମୟସୀମା ବଢ଼ାଇଦିଆଯିବା ସହ ଚାଳକମାନେ ନିଶାଦ୍ରବ୍ୟ ସେବନ କରିଛନ୍ତି କି ନାହିଁ ଏହାକୁ କଡ଼ାକଡ଼ି ଯାଞ୍ଚ କରାଯାଏ, ତେବେ ଦୁର୍ଘଟଣାର ସମ୍ଭାବନା କମିପାରିବ।

-ପଲ୍ଲିଶ୍ରୀ ପ୍ରିତିପୁଷ୍ପା ପାତ୍ର, ସ୍ୱାସ୍ଥ୍ୟ ମିତ୍ର



ଆମ ବସ୍‌ରେ ଯାତାୟତ କରିବା ସାଧାରଣତଃ ସୁରକ୍ଷିତ ରହିଥିଲା। କିନ୍ତୁ ବିଗତ କିଛି ମାସ ମଧ୍ୟରେ ଘଟିଥିବା ଦୁର୍ଘଟଣାମାନଙ୍କୁ ଦେଖି ମନରେ ସଦାସର୍ବଦା ଭୟର ପରିବେଶ ସୃଷ୍ଟି ହେଉଛି। ଏହି ପରିସ୍ଥିତିରେ ଆମ ବସ୍ ଚାଳକ ଓ କଣ୍ଡକ୍ଟରମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ଅତ୍ୟନ୍ତ ଆବଶ୍ୟକ। ଏହା ସହିତ, ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ଡ୍ରାଇଭରମାନଙ୍କ ବିରୁଦ୍ଧରେ ସରକାରଙ୍କ ଦ୍ୱାରା କଡ଼ା ଯାଞ୍ଚ ବ୍ୟବସ୍ଥା କରାଯିବା ଉଚିତ୍। ଏପରି ଅବୈଧ କାର୍ଯ୍ୟ ପାଇଁ କଠୋର ଦଣ୍ଡବିଧାନ ଲାଗୁ କରାଯାଇଥିଲେ ଦୁର୍ଘଟଣା କମିପାରିବ। ଏହିପରି ବସରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପ୍ରତି କଣ୍ଡକ୍ଟରମାନଙ୍କ ବ୍ୟବହାର ସଭ୍ୟ ଓ ଶିଷ୍ଟ ହେବା ଉଚିତ୍। ସମସ୍ତଙ୍କ ସହଯୋଗ ଓ ସଚେତନତା ଦ୍ୱାରା ଯାତ୍ରାକୁ ଆହୁରି ସୁରକ୍ଷିତ ଓ ସୁଖଦ କରିପାରିବା।

-ସତ୍ୟଜିତ୍ ପଣ୍ଡା, ଏମ୍‌ବିଏ ଛାତ୍ର



-ଦିନଥିଲା ଅଳ୍ପ ଟଙ୍କାରେ ସବୁ ସ୍ଥାନକୁ ଯାଇ ହେଉଥିବାରୁ ଆମ ବସ୍ ସମସ୍ତଙ୍କ ପ୍ରିୟ ହୋଇଥିଲା। ଏବେବି ଏହି ବସ୍‌ରେ ପାସ୍ ସୁବିଧା ସହ ଆପ୍‌ରେ ମଧ୍ୟ ଟିକେଟ୍ ସୁବିଧା ହୋଇଗଲାଣି। ବସ୍ ଭିତରେ ସୁବିଧା ରହିଥିଲେ ମଧ୍ୟ ବସ୍‌କୁ ବାହାରୁ ଦେଖି ଅସୁରକ୍ଷିତ ମନେ ହେଉଛି। ହେଲେ ଏବେ ପ୍ରତି ମାସରେ ଆମ ବସ୍‌ର ଛୋଟ ବଡ଼ ଦୁର୍ଘଟଣା ଦେଖି ମନରେ ଛନକା ବହୁତ ରହିଛି। ଆମ ବସ୍‌ରେ କେଉଁଆଡ଼େ ଯିବା ପାଇଁ ହେଲେ ଶହେଥର ଭାବିବାକୁ ପଡ଼ୁଛି।

-ରୋଜାଲିନ୍ ପାତ୍ର, ଗୃହିଣୀ



ଆମ ବସ୍‌ରେ ଥିବା ପାସ୍ ସିଷ୍ଟମ ଦ୍ୱାରା ପ୍ରତିଦିନ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅଧିକ ସହଜ ହେଉଛି। ଏଥିସହିତ ବରିଷ୍ଠ ନାଗରିକ, ମହିଳା, ଓ ଭିନ୍ନକ୍ଷମମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସିଟ୍ ବ୍ୟବସ୍ଥା ରହିଛି। ଏହା ଏକ ଉତ୍ତମ ବ୍ୟବସ୍ଥା ହେଲେ ବର୍ତ୍ତମାନ ପରିସ୍ଥିତିରେ ଆମ ବସ୍‌ର ଦୁର୍ଘଟଣା ସର୍ବସାଧାରଣଙ୍କ ପାଇଁ ଏକ ପ୍ରକାରର ଭୟର ବାତାବରଣ ଦର୍ଶାଉଛି। ହେଲେ ସରକାରୀ ଓ ବିଭାଗୀୟ କ୍ଷେତ୍ରରେ ଏହାର କଡ଼ାକଡ଼ି ଯାଞ୍ଚ ଆବଶ୍ୟକ ରହିଛି। କିନ୍ତୁ ଦୁର୍ଘଟଣାର ଗୋଟେ ଦିନ ପରେ ତତ୍ପରତା ଭେଳିକି ହେଇଯାଉଛି।

-ରଚନା ପଣ୍ଡା, ପିଏମ ଆରୋଗ୍ୟ ମିତ୍ର

ଆମ ବସ୍ ଚାଳକଙ୍କୁ କେବଳ ଲାଇସେନ୍ସ ନୁହେଁ, ବରଂ ମାନସିକ ସ୍ୱାସ୍ଥ୍ୟ ଏବଂ ସଂଯମତା ପାଇଁ ନିୟମିତ ପ୍ରଶିକ୍ଷଣ ଦିଆଯିବା ସହ ପ୍ରତି ଯାତ୍ରା ପୂର୍ବରୁ ବ୍ରେକ୍, ଲାଇଟ୍ ଏବଂ ଟାୟାରର ଅବସ୍ଥା ଯାଞ୍ଚ କରିବା ବାଧ୍ୟତାମୂଳକ ହେଉ। ସମସ୍ତ ବସରେ ବେଗ ନିୟନ୍ତ୍ରଣ ଯନ୍ତ୍ରକୁ ସକ୍ରିୟ ରଖାଯାଉ। ଚାଳକ ମଦ୍ୟପାନ କରିଥିଲେ ବା ମୋବାଇଲ୍ ବ୍ୟବହାର କଲେ ଯାତ୍ରୀମାନେ ଏକାଠି ହୋଇ ପ୍ରତିବାଦ କରନ୍ତୁ। ବସରେ ଜିପିଏସ ଏବଂ ସିସିଟିଭି କ୍ୟାମେରା ଲଗାଇବା ଦ୍ୱାରା ଚାଳକଙ୍କ ଗତିବିଧି ଉପରେ ନଜର ରଖାଯାଇପାରିବ। ନିରାପଦ ଯାତ୍ରା ଆମର ଅଧିକାର, କିନ୍ତୁ ଏଥିପାଇଁ ସଚେତନତା ଆମର କର୍ତ୍ତବ୍ୟ।



-କୃଷ୍ଣଚନ୍ଦ୍ର ସାହୁ, ଛାତ୍ର



ଆମ ବସରେ ଯାତ୍ରା ଏବେ ଅସୁରକ୍ଷିତ ହୋଇପଡ଼ିଛି। ବିଶେଷ କରି ବସ ଚାଳକଙ୍କ ଅସାବଧାନତା, ରାସ୍ତା ସ୍ଥିତି ଖରାପ ପାଇଁ ବସ୍ ଦୁର୍ଘଟଣା ଘଟୁଛି। ବିଭାଗୀୟ କ୍ଷେତ୍ରରେ ବସ୍ ଦୁର୍ଘଟଣା କମାଇବା ପାଇଁ ଯାହା ପଦକ୍ଷେପ ନିଆଯାଉଛି ଏହାକୁ ସଠିକ୍ ଭାବରେ ପରିଚାଳନା କରାଯିବା ଆବଶ୍ୟକ। ଏଥିସହିତ ଚାଳକମାନଙ୍କୁ ଯଥେଷ୍ଟ ଟ୍ରେନିଂର ଆବଶ୍ୟକତା ରହିଛି।

-ଲିଜାରାଣୀ ସାହୁ, କଷ୍ଟ ଆକାଉଣ୍ଟାଣ୍ଟ୍



ସବୁ ଆମ ବସ୍ ଦୁର୍ଘଟଣା ପାଇଁ କେବଳ ଡ୍ରାଇଭରଙ୍କୁ ଦୋଷ ଦେବା ଠିକ୍ ନୁହେଁ। ଲୋକେ ଡ୍ରାଇଭ କରୁଥିବା ବେଳେ ମୋବାଇଲ୍ ବ୍ୟବହାର, ଅସଚେତନ ପଦଚାରୀ, ଖରାପ ରାସ୍ତା ପରିସ୍ଥିତି ଓ ଅନ୍ୟ ଗାଡ଼ିଚାଳକଙ୍କ ଅନୁଶାସନ ଅଭାବ ଏହି ସମସ୍ତ କାରଣ ମିଶି ଦୁର୍ଘଟଣା ମଧ୍ୟ ଘଟିଥାଏ। ଦୁର୍ଘଟଣା ରୋକିବା ପାଇଁ ଡ୍ରାଇଭରମାନଙ୍କ ପାଇଁ ନିୟମିତ ରିଫ୍ରେଶର ଟ୍ରେନିଂ ସହ କଠୋର ଜରିମାନା, ସଠିକ୍ ସିଗ୍ନାଲ୍ ବ୍ୟବସ୍ଥା ଓ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ଅଭିଯାନ କରିବା ଦରକାର। ସୁରକ୍ଷିତ ଯାତ୍ରା କେବଳ ସରକାର କିମ୍ବା ପରିଚାଳନା କମ୍ପାନୀର ଦାୟିତ୍ୱ ନୁହେଁ ଏହା ପ୍ରତ୍ୟେକ ଡ୍ରାଇଭର, ଯାତ୍ରୀ ଓ ପଦଚାରୀଙ୍କ ସଚେତନତା ଏହାର ମୂଳ ଆଧାର।

-ପ୍ରଶ୍ମିତ କୁମାର ଗୁରୁ, ସିଏମଏ ଛାତ୍ର

ରୋଟାରୀ ପ୍ରତିଷ୍ଠା ଦିବସ ପାଳିତ



ବାଲେଶ୍ୱର,୨୪।୨(ସମିସ): ରୋଟାରୀ କ୍ଲବ୍ ଶାସ୍ୱତ, ବାଲେଶ୍ୱର ପକ୍ଷରୁ ଆଜି ରୋଟାରୀ ଫାଉଣ୍ଡେସନ୍ ତଥା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାର୍ଥି କଲେଜ ବିବିଏ ଓ ବିସିଏ ବିଭାଗ ଛାତ୍ରଛାତ୍ରୀ ପ୍ରଧାନ ଆଚାର୍ଯ୍ୟ ବିଶ୍ୱଜିତ ପ୍ରଧାନ ଏବଂ ଏ.ଓ. ଗୌରୀଶଙ୍କର ଶତପଥିଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବ୍ ଅଧ୍ୟକ୍ଷ ରୋଟାରିୟାନ୍ ଡ. ଲକ୍ଷ୍ମୀନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। କ୍ଲବ୍ ସଚିବ ରୋଟାରିୟାନ୍ ରାଜକିଶୋର ମିଶ୍ର ରୋଟାରୀର ଇତିହାସ, ଲକ୍ଷ୍ୟ ଓ ବିଭିନ୍ନ ସେବାମୂଳକ କାର୍ଯ୍ୟଧାରା ବିଷୟରେ ଅବଗତ କରାଇଥିଲେ। ପାଷ୍ଟ ପ୍ରେସିଡେଣ୍ଟ ରୋଟାରିୟାନ୍ ଇଂ ହୃଷିକେଶ ସାହୁ ଯୁବିପିଢ଼ିଙ୍କୁ ସମାଜସେବାରେ ଭାଗ ନେବାକୁ ଆହ୍ୱାନ ଦେଇଥିଲେ। ପାଷ୍ଟ ପ୍ରେସିଡେଣ୍ଟ ରୋଟାରିୟାନ୍ ଇଂ ସୁଗତ ବୋଷ୍ ଶିକ୍ଷା ସାଙ୍ଗକୁ ସାମାଜିକ ଦାୟିତ୍ୱବୋଧ ଗଢ଼ି ତୋଳିବାରେ ଉପରେ ଜୋର୍ ଦେଇଥିଲେ। ଇନର୍ ହ୍ୱିଲ୍ ଅଧ୍ୟକ୍ଷା (ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟତ୍ରୀ) ସତ୍ୟଭାମା ମୁଦୁଲି ସର୍ଭିସ୍ "ଏବୋଭ୍ ସେଲଫ୍'ମନୋଭାବକୁ ଅନୁସରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ। ପାଷ୍ଟ ପ୍ରେସିଡେଣ୍ଟ ଡ. ଉପେନ୍ଦ୍ର ନାଥ ପାତ୍ର ରୋଟାରୀର ଜନହିତକର ପ୍ରୟାସ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଇନର୍ ହ୍ୱିଲ୍ ସଚିବ ସୁସନ୍ଧ୍ୟା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ ଶିଶିର ଚରଣ ଜେନା, ବିଜୟଲକ୍ଷ୍ମୀ ମିଶ୍ର ଓ ଇଂ ସୁକୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଯୁବକଙ୍କୁ ହତ୍ୟା ନେଇ ଗୋପାଳପୁର ପୁଲିସ ପ୍ରମାଣ ନଷ୍ଟ କରିବା ଅଭିଯୋଗ

ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ପୂର୍ବାଞ୍ଚଳ ଆଇଜି

ବାଲେଶ୍ୱର, ୨୪।୨(ସମିସ)

ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ଅଧୀନ ତାଳକୁରୁଣିଆ ଗ୍ରାମର ଜଣେ ଯୁବକଙ୍କୁ ଟଙ୍କା ଦେଣନେଣକୁ ନେଇ ହତ୍ୟା କରାଯିବା ଘଟଣାରେ ପୁଲିସ ଅଭିଯୋଗକାରୀଙ୍କ ମୋବାଇଲରୁ ହତ୍ୟାକାଣ୍ଡ ସମ୍ପର୍କିତ ପ୍ରମାଣ ସ୍ୱରୂପ ଭିଡିଓକୁ ଡ଼ିଲିଟ୍ କରି ନଷ୍ଟ କରିବା ଘଟଣା ନେଇ "ସକାଳ'ରେ ଖବର ପ୍ରକାଶ ପରେ ଆକ୍ସନ ମୋଡ଼କୁ ଆସିଛି ପୁଲିସ ପ୍ରଶାସନ। ଉକ୍ତ ଖବର ଆଧାରରେ ପୂର୍ବାଞ୍ଚଳ ଆଇଜି ପିନାକ ମିଶ୍ର ବାଲେଶ୍ୱର ଏସପିଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଗତ ଡିସେମ୍ବର ୧୫ ତାରିଖରେ ତାଳକୁରୁଣିଆ ଗ୍ରାମର ହେମନ୍ତ ମହାରଣାଙ୍କ ପୁଅ ଜୀବନ ଜ୍ୟୋତି ମହାରଣା (୩୦) ଝାଡ଼ତା ତାଳାକୁରୁଣିଆ ରାସ୍ତା ପାଶ୍ୱର୍ରେ ମୃତ ଅବସ୍ଥାରେ ପଡ଼ିଥିବା ବେଳେ ତାଙ୍କ ଉପରେ ସାଇକେଲ ଲଦା ଯାଇଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ଗୋପାଳପୁର ଥାନାକୁ ଖବର ଦେବା ପରେ ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମାଲା ରୁଜୁ କରି ଚୁପ ବସିଥିଲା। ହେଲେ ମୃତ ଯୁବକଙ୍କ ମାଆ ତାଙ୍କ ପୁଅର ମୃତ୍ୟୁକୁ ସ୍ୱାଭାବିକ ମୃତ୍ୟୁ ନୁହଁ ବୋଲି ସନ୍ଦେହ କରିଥିଲେ। ସେ ଓଡ଼ିଶା ବାହାରେ ରହୁଥିବାରୁ ଘରକୁ ଆସି ତାଙ୍କର ପୁଅର ସାଙ୍ଗ ମାନଙ୍କୁ ପଚରାଉଚୁରା କରିଥିଲେ। ଏମିତି କି ତାଙ୍କର ପୁଅର ସାଙ୍ଗ ସେହି ଗ୍ରାମର ଜୟ ନାରାୟଣ ଦାଶଙ୍କୁ ସେ ପଚରାଉଚୁରା ପରେ ତାଙ୍କ ପୁଅର ସ୍ୱାଭାବିକ ମୃତ୍ୟୁ ନୁହଁ ବରଂ ତାଙ୍କ ପୁଅକୁ ହତ୍ୟା କରାଯାଇଥିବାର ଜାଣିବାକୁ ପାଇଥିଲେ। ପ୍ରମାଣ ସ୍ୱରୂପ କେମିତି ହତ୍ୟା କରାଯାଇଥିଲା, କିଏ କିଏ ହତ୍ୟା କରିଥିଲେ ତାଙ୍କ ମୋବାଇଲରେ ତାଙ୍କର ବୟାନ ରେକଡର୍ କରିଥିଲେ। ପରେ ସେହି ଯୁବକଙ୍କ ସହ ତାଙ୍କର ମୋବାଇଲ ବୟାନ ରେକଡର୍‌ର ଭିଡିଓକୁ ଧରି ଗୋପାଳପୁର ଥାନାରେ ପହଁଚିଥିଲେ। ପୁଲିସ ସମସ୍ତ ପ୍ରମାଣ ଦେଖିବା ପରେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ମୋବାଇଲକୁ ନେଇ ସେଥିରେ ଥିବା ହତ୍ୟାକାଣ୍ଡର ପ୍ରମାଣକୁ ଗୋପାଳପୁର ଥାନା ସବ ଇନିସ୍ପେକ୍ଟର ଚନ୍ଦ୍ରଶେଖର ମହାନ୍ତି ଡ଼ିଲିଟ୍ କରି ନଷ୍ଟ କରିଦେଇଥିବା ନେଇ ଅଭିଯୋଗ ହୋଇଛି।

'ସକାଳ' ପ୍ରଭାବ

ଏମିତି କି ବୟାନ ଦେଇଥିବା ଯୁବକଙ୍କୁ ଉଠାଇ ନେଇଥିବାର ଅଭିଯୋଗ କରି ଅଭିଯୁକ୍ତଙ୍କୁ ଛାଡ଼ି ଅଭିଯୋଗକାରୀଙ୍କ ସମ୍ପର୍କୀୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଗୋପାଳପୁର ପୁଲିସ। ହେଲେ ବ୍ୟବଚ୍ଛେଦ ରିପୋର୍ଟ ଖୋଲିଥିଲା ହତ୍ୟାକାଣ୍ଡର ଗୁମର। ଜୀବନଜ୍ୟୋତି ମହାରଣାଙ୍କୁ ଏକ ଶକ୍ତ ପ୍ରହାର ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି ବୋଲି ଜଣା ପଡ଼ିଥିଲା। ପରେ ମୃତ ଯୁବକଙ୍କ ମାଆ ଶୁଭଲକ୍ଷ୍ମୀ ଗୋପାଳପୁର ଥାନାରେ ହତ୍ୟା ଅଭିଯୋଗ ଆଣିଥିଲେ। ଗୋପାଳପୁର ଥାନା ପୁଲିସ ଥାନରେ ୨୯/୨୬ ରେ ୬ ଜଣଙ୍କ ନାମରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ପରେ ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ପରେ ହତ୍ୟାକାଣ୍ଡ ଉପରୁ ପରଦା ଉଠିଥିଲା। ପୁଲିସ ଆଦ୍ୟାବଧି ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ହେଲେ ପୁଲିସ ତଦନ୍ତ ନ କରି ଅଭିଯୋଗକାରୀଙ୍କ ମୋବାଇଲରୁ ହତ୍ୟାକାଣ୍ଡାର ପ୍ରମାଣ ନଷ୍ଟ କରିବା ଏବଂ ଅଭିଯୁକ୍ତଙ୍କୁ ଛାଡ଼ି ଅଭିଯୋଗକାରୀଙ୍କ ସମ୍ପର୍କୀୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣାରେ ଲିଖିତ ଅଭିଯୋଗ ପରେ ବି ଜିଲ୍ଲା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏ ନେଇ ଗତ ସୋମବାର "ସକାଳ' ଖବର କାଗଜରେ "ତାଳକୁରୁଣିଆରେ ଯୁବକଙ୍କୁ ହତ୍ୟା ଘଟଣା, ଅଭିଯୋଗକାରୀଙ୍କ ମୋବାଇଲରୁ ପ୍ରମାଣ ନଷ୍ଟ କରିଛି ପୁଲିସ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏ ନେଇ ସୋସିଆଲ ମିଡ଼ିଆ "ଏକ୍ସ'ରେ ପୁଲିସ ଅଧିକାରୀଙ୍କ ଏଭଳି କାର୍ଯ୍ୟ ବିଷୟରେ ଜାଣିବାକୁ ପାଇଥିଲେ ବାଲେଶ୍ୱର ପୂର୍ବାଞ୍ଚଳ ଆଇଜି ପିନାକ ମିଶ୍ର। ପରେ "ସକାଳ'ରେ ପ୍ରକାଶିତ ଖବର ଆଧାରରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିୱାକରଙ୍କୁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କ ସମ୍ମିଳନୀ



ବାଲେଶ୍ୱର,୨୪।୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ମହାବିଦ୍ୟାଳୟ ଉନ୍ନୟନ ପରିଷଦ ପକ୍ଷରୁ ଅଧୀନସ୍ଥ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କର ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଓଡିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ମୁଖ୍ୟଅତିଥି ଓ ବିଶେଷଜ୍ଞ ଭାବେ ଯୋଗଦେଇ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଅଧ୍ୟକ୍ଷ ଓ ପ୍ରତିନିଧିମାନଙ୍କୁ ସମ୍ବୋଧନ କରିଥିଲେ। ସେ ଜାତୀୟ ଶିକ୍ଷା ନୀତି୨୦୨୦ର ମୂଳ ଧାରଣା, ବିଶ୍ୱବିଦ୍ୟାଳୟ ମାନ୍ୟତା ଆୟୋଗଙ୍କ ନବ ସଂଶୋଧିତ ବିଧିବିଧାନ, ବିଶ୍ୱବିଦ୍ୟାଳୟସ୍ତରରେ ନିୟମାବଳୀ ଗଠନ ପ୍ରକ୍ରିୟା, ନୀତି ଓ ବିଭିନ୍ନ ନିୟମର କାର୍ଯ୍ୟକରଣ ପ୍ରଣାଳୀ ସମ୍ବନ୍ଧରେ ତଥ୍ୟବହୁଳ ଆଲୋଚନା କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ, ଅଧ୍ୟକ୍ଷ ଓ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ସ୍ପଷ୍ଟୀକରଣ ସହ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡିକ ପ୍ରଦାନ କରିଥିଲେ। ଏଥିସହିତ ସେ ଓଡିଶାର ଉଚ୍ଚ ଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟ ମାନ୍ୟତା ଆୟୋଗଙ୍କ ନବ ବିଧିବିଧାନ, ପରୀକ୍ଷା ପ୍ରଣାଳୀ, ମାନ୍ୟତା ଓ ସମ୍ପର୍କୀୟତା ପ୍ରକ୍ରିୟା ବିଷୟରେ ବ୍ୟାପକ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ ସମଗ୍ର ଉନ୍ନତି ନିମନ୍ତେ ସମସ୍ତ ମହାବିଦ୍ୟାଳୟ ପରସ୍ପର ସମନ୍ୱୟ, ସହଯୋଗ ଓ ସମର୍ଥନର ମାଧ୍ୟମରେ ଏକତ୍ର କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ପରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ଓ ପରୀକ୍ଷା ନିୟନ୍ତ୍ରକ ଡ. କମଳାକାନ୍ତ ଜେନା ମଧ୍ୟ ନିଜନିଜ ଅଭିଭାଷଣ ରଖି ଶିକ୍ଷା ପ୍ରଶାସନ ଓ ପରୀକ୍ଷା ପ୍ରଣାଳୀ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୫୯ଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ରଖିଥିବା ବେଳେ ଆଭ୍ୟନ୍ତରୀଣ ଗୁଣମାନ ନିଶ୍ଚିତିକରଣ କୋଷର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହି ଧନ୍ୟବାଦ ଅର୍ପଣ କରିଥିଲେ। ସହାୟକ ଅଧ୍ୟାପିକା ଡ଼କ୍ଟର ରାଜଶ୍ରୀ ଦତ୍ତ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଜିଲ୍ଲା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କୁ ଏତଲା ପ୍ରଦାନ



ବାଲେଶ୍ୱର,୨୪।୨(ସମିସ): ସଂସଦ ଭିତରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଅପଶବ୍ଦ ଓ ଅଶାଳୀନ ଆଚରଣର ପ୍ରତିବାଦରେ ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ବାଲେଶ୍ୱର ଏସପିଙ୍କ ନିକଟରେ ଏତଲା ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଓ ନେତାମାନେ ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏସପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପିଙ୍କ ଏତଲା ପ୍ରଦାନ କରିଥିଲେ। ଲୋକସଭା ଭିତରେ ଖୋଦ୍ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏବଂ ବିଜେପି ସାଂସଦ ନିଶିକାନ୍ତ ଦୁବେ ରାହୁଲ ଗାନ୍ଧିଙ୍କୁ ଯେଉଁଭଳି ଶବ୍ଦ ଓ ଆଚରଣ ପ୍ରଦର୍ଶନ କରିଛନ୍ତି, ତାହା ନିନ୍ଦନୀୟ। ତେଣୁ ତୁରନ୍ତ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ସେମାନଙ୍କୁ ଗିରଫ କରାଯାଉ ବୋଲି କଂଗ୍ରେସ ପକ୍ଷରୁ ଏହି ଏତଲାରେ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଉର୍ମିଳା ମାଝୀ, ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ, ଦେବଦତ୍ତ ଦାସ, ତୁଷାରକାନ୍ତି ତପସ୍ୱୀ, ନିଶିଥ ବାରିକ, ବିଜୟ ମହାନ୍ତି, ଟାଉନ ସଭାପତି ଅନୁପ ସ୍ୱାଇଁ, ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ, ପଶୁପତି ଉପାଧ୍ୟାୟ, ରେମୁଣା ବ୍ଲକ କଂଗ୍ରେସ ସଭାପତି କହ୍ନେଇ ବେହେରା, ତରୁଣ ଦାସ, ଯୋଗେଶ୍ୱର ବେହେରା, ରାମକୃଷ୍ଣ ଜେନା ପ୍ରମୁଖ ସାମିଲ ହୋଇଥିଲେ।

ଭାଷାପକ୍ଷ ଓ କୁଟୀର ବହିମେଳାର ଦ୍ୱିତୀୟ ଦିବସ

କବି ଦୀପ୍ତି ଦାସ ସାହିତ୍ୟ ସନ୍ଧ୍ୟା



ବାଲେଶ୍ୱର,୨୪।୨ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଭାଷାପକ୍ଷ ଓ କୁଟୀର ବହିମେଳାର ଦ୍ୱିତୀୟ ଦିବସରେ କବୀ ଦୀପ୍ତି ଦାସ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଉତ୍ସବରେ ପୌରୋହିତ୍ୟ କରିଥିଲେ। ଆଲୋଚକ ଭାବେ ଯୋଗଦେଇ ଫକୀରମୋହନ ସାହିତ୍ୟ ପରିଷଦ ସଂପାଦକ ଡ. ରତ୍ନାକର ସିଂହ କବିତା ଆଧୁନିକ ମଣିଷର ଜୀବନ ଜିଜ୍ଞାସାର ଅନ୍ତାକ୍ଷରୀ। ସାହିତ୍ୟରେ ପ୍ରବନ୍ଧ ଯଦି ମନେ ଭୂମିର ଫସଲ, ତେବେ କବିତା ହୃଦୟଭୂମିର ଅମଳ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟତମ ଆଲୋଚକ କବି ରଂଜନ ମହାନ୍ତି କହିଥିଲେ, କବୀ ପ୍ରେମ ପ୍ରଣୟ ସମର୍ପଣ କୃତଜ୍ଞତାର ଜୀବନ୍ତ ଆଲେଖ୍ୟ, ତ୍ୟାଗ ତର୍ପଣର ଶୁକ୍ଳପକ୍ଷ, ଶବ୍ଦ ସାଧନାର ପୁଣ୍ୟ ମୟୂଖ। ଏହି ଅବସରରେ କବୀ ଶ୍ରୀମତୀ ଦାସଙ୍କ ରଚିତ କେତୋଟି କବିତାକୁ କବି ଶ୍ରୀଦେବ, ବାସନ୍ତୀ ଦେ, ଡ. ରମାକାନ୍ତ ନାୟକ, କୃଷ୍ଣା ପ୍ରଧାନ, ପଦ୍ମଲୋଚନ ପ୍ରଧାନ, ପୀତାମ୍ବର ବେହେରା, ଡ. ସାରଙ୍ଗଧର ତ୍ରିପାଠୀ ପ୍ରମୁଖ ପାଠ କରିଥିଲେ। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍ ବକ୍ତବ୍ୟ ରଖିଥିବା ବେଳେ ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ମଞ୍ଚ ଆବାହନ ଓ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ପଣ୍ଡା, ଡ. ସୁବାସ ଚନ୍ଦ୍ର ପାତ୍ର, ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡ. ହେମମାଳା ଦାଶ, ପ୍ରତିମା ପଣ୍ଡା, ଜଲ୍ୟାଣୀ ନନ୍ଦ, ପୁଷ୍ପା ଚକ୍ରବର୍ତ୍ତୀ, ଉର୍ମିଳା ନାୟକ, ଶରତ କୁମାର ମହାପାତ୍ର, ମଧୁସୂଦନ ମାଝୀ, ପ୍ରଭାକର ସାହୁ, ତ୍ରିନାଥ ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

ରେଳଷ୍ଟେସନରେ ଚୋରି ମୋବାଇଲ ଉଦ୍ଧାର, ଜଣେ ଅଟକ



ବାଲେଶ୍ୱର,୨୪।୨(ସମିସ): ବାଲେଶ୍ୱର ରେଳଷ୍ଟେସନରେ ଯାତ୍ରୀଙ୍କୁ ଘାରିଛି ମୋବାଇଲ ଚୋରିର ଭୟ। ରେଳଷ୍ଟେସନରେ ଯାତ୍ରୀମାନେ ସୁରକ୍ଷିତ ଭାବେ ରହିପାରୁନଥିବା ଜଣାପଡ଼ିଛି। କେତେବେଳେ କେଉଁଠି ମୋବାଇଲ ଚୋରି ହେଉଛି ତାହା ଜାଣିବା କଷ୍ଟକର ହୋଇପଡୁଛି। କାରଣ ସାତିଛନ୍ତି ମୋବାଇଲ ଚୋର। ବାଲେଶ୍ୱର ଷ୍ଟେସନରେ ଜଣେ ଯାତ୍ରୀଙ୍କଠାରୁ ଚୋରି ହୋଇଥିବା ମୋବାଇଲ ଫୋନ୍ ଆଜି ଉଦ୍ଧାର ହୋଇଛି। ମୋବାଇଲ୍ ଚୋରି କରିଥିବା ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ସେ ହେଉଛନ୍ତି ନୂଆବଜାର ଗୋଲାପୋଲ ନିକଟ ଜତିନ ବିଶ୍ୱାଳ(୧୯)। ସୂଚନାଯୋଗ୍ୟ, ଆରପିଏଫ ପୋଷ୍ଟ/ବାଲେଶ୍ୱର, ସିଆଇବି/ଖଡ଼ଗପୁର ଏବଂ ଟାସ୍କ ଟିମ୍/ଖଡ଼ଗପୁର ଦ୍ୱାରା କରାଯାଇଥିବା ଟିଓପିବି ଅଭିଯାନ ସମୟରେ ବାଲେଶ୍ୱରରେ ଆରପିଏଫ କର୍ମଚାରୀମାନେ ସିସିଟିଭି ନିରୀକ୍ଷଣ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ଲକ୍ଷ୍ୟ କରିଥିଲେ। ଚଢାଉ ଦଳକୁ ତୁରନ୍ତ ସୂଚନା ଦିଆଯାଇଥିଲା। ଯାହା ଫଳରେ ପ୍ଲାଟଫର୍ମ ନମ୍ବର ୦୩ (ଖଡ଼ଗପୁର ଶେଷ) ରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିଲା। ପଚରାଉଚରା ଏବଂ ଯାଞ୍ଚ କରିବା ପରେ ସେହି ବ୍ୟକ୍ତିଙ୍କ ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇଥିଲା। ଯାହାର ମୂଲ୍ୟ ୧୩ ହଜାର ଟଙ୍କା ଏବଂ ଗୋଟିଏ ଛୋଟ ଲୁହା ଛୁରି ଜବତ କରାଯାଇଥିଲା। ସେ ବାଲେଶ୍ୱର ଷ୍ଟେସନରେ ଜଣେ ଯାତ୍ରୀଙ୍କଠାରୁ ମୋବାଇଲ୍ ଫୋନ୍ ଚୋରି କରିଥିବା ସ୍ୱୀକାର କରିଥିଲେ। ଉଦ୍ଧାର ସାମଗ୍ରୀ ଜବତ କରାଯାଇଛି ଏବଂ ଅଭିଯୁକ୍ତଙ୍କୁ ଜିଆରପିଏସ/ବାଲେଶ୍ୱରକୁ ହସ୍ତାନ୍ତର କରାଯାଇ ଏକ ମାମଲା ପଞ୍ଜିକୃତ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

ନୂତନ ଶନିମନ୍ଦିର ପ୍ରତିଷ୍ଠା ଉତ୍ସବ

ରେମୁଣା,୨୪।୨(ସମିସ): ରେମୁଣା ଅଞ୍ଚଳରେ ଥିବା ଖୁସାଲିଗାଞ୍ଜି ଗ୍ରାମରେ ନୂତନ ଶନିମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ୪୦୦ରୁ ଅଧିକ ମହିଳା କଳସ ଶୋଭା ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସାତ ଜଣ ବ୍ରାହ୍ମଣଙ୍କ ଦ୍ୱାରା ତିନି ଦିନ ଧରି ଶନି ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ପ୍ରଥମ ଦିନ କଳସ ଶୋଭାଯାତ୍ରା କରାଯାଇଥିଲା, ଦ୍ୱିତୀୟ ଦିନ



ଯଜ୍ଞ ଏବଂ ନ୍ୟାସ କରାଯାଇଥିଲା, ତୃତୀୟ ଦିନ ପ୍ରସାଦ ସେବନ କରାଯାଇଥିଲା। ଶନିମନ୍ଦିର କମିଟି ପକ୍ଷରୁ ତିନି ହଜାରରୁ ଅଧିକ ଲୋକ ମାନଙ୍କ ପାଇଁ ପ୍ରସାଦର ବନ୍ଦୋବସ୍ତ କରାଯାଇଥିଲା ଛସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗର ହାତ ବଢେଇବା ସହିତ ପ୍ରସାଦ ସେବନ ଏବଂ ରୋୟାଲ ଚେଲେଞ୍ଜର ଯାତ୍ରାପାର୍ଟିକୁ ଅନୁଭବ କରିଥିଲେ।

ଗ୍ରାମ୍ୟ ପୂଜକ ଗିରିଜା ଶଙ୍କର ପତିଙ୍କ ବିୟୋଗ

ଜଳେଶ୍ୱର, ୨୪।୨ (ସମିସ) : ବାଲେଶ୍ୱର ଜିଲାପାଳ କାର୍ଯ୍ୟାଳୟରେ ଦୀର୍ଘ ୩୩ବର୍ଷ ଚାକିରୀ କରି ୨୦୦୭ ମସିହାରେ ଅବସର ଗ୍ରହଣ କରିଥିବା ନାମ୍ପୋ ଗାଁର ଗିରିଜା ଶଙ୍କର ପତି(୮୦)ଙ୍କ ବିୟୋଗ ହୋଇ ଯାଇଛି। ସେ ଗ୍ରାମ୍ୟ ଶିବମନ୍ଦିରରେ ପୂଜକ ଥିବା ବେଳେ ଦୀର୍ଘଦିନ ବାର୍ଦ୍ଧକ୍ୟ ରୋଗରେ ପୀଡିତ ଥାଇ ଗତକାଲି ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ତଥା ପ୍ରାକ୍ତ ସମିତି ସଦସ୍ୟା ସର୍ବଜୟା ପତି, ପୁତ୍ରବଧୂ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ୍ୟ ଶ୍ମଶାନରେ ଦୁଇପୁତ୍ର ଦିଲ୍ଲୀପ ପତି ଓ ରଂଜନ ପତି ମୁଖାଗ୍ନି ଦେଇଥିବା ବେଳେ ପଞ୍ଚାୟତ ସମିତି ଚେୟାରମ୍ୟାନ ମାନସ ଦତ୍ତ, ଗ୍ରାମବାସୀ ବନ୍ଧୁବାନ୍ଧବ ଶେଷ ଦର୍ଶନ କରିଛନ୍ତି।


ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ନୀଳଗିରି, ୨୪।୨ (ସମିସ): ବୋହୂ ଆକ୍ରମଣରେ ଶାଶୂ ଗୁରୁତର ଅବସ୍ଥାରେ ରେମୁଣା ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ ସାନ ପାଟପୁର ଗ୍ରାମର ଉମାକାନ୍ତ ରାଉତଙ୍କ ପୁଅ ସନ୍ତୋଷ ଜୟପୁର ଗ୍ରାମର ମୃତ୍ୟୁଞ୍ଜୟ ଦାସଙ୍କ ଝିଅ ରାଜଶ୍ରୀଙ୍କୁ ଭଲ ପାଇଁ ୨୦୨୦ରେ ବିବାହ କରିଥିଲେ। ତାଙ୍କ ଔରସରୁ ଝିଅଟି ଜନ୍ମିତ ହୋଇଅଛି। ବେଶ୍ କିଛି ମାସ ଭଲରେ ରହୁଥିବା ବେଳେ ଗତ ୨୦୨୪ମସିହା ଠାରୁ ଶଶୁର ଘରୁ ପଳାଇ ଆସି ରାଜଶ୍ରୀ ବାପ ଘରେ ରହି ଆସୁଥିଲେ। ଦେଢ଼ ବର୍ଷର ଝିଅକୁ ନେଇ ରହୁଥିଲା। ଚଳିତ ମାସ ୨୦ତାରିଖରେ ଝିଅର ଅଣ୍ଡା ନେବା ପାଇଁ ସାନ ପାଟପୁର ଅଙ୍ଗନବାଡ଼ି କେନ୍ଦ୍ରକୁ ନିଜ ଭଉଣୀକୁ ଧରି ଆସିଥିବା ବେଳେ ଶାଶୂ ସୁମତି ରାଉତ ଝିଅକୁ ସଙ୍ଗରେ ଆଣୁ ନାହୁ କ'ଣ ପାଇଁ ପଚାରନ୍ତି ବୋହୂର ଭଉଣୀ ରାଗରେ ସୁମତିଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ଏପରିକି ଏକ ଇଟାରେ ମାଡ଼ ମାରି ରକ୍ତାକ୍ତ କରି ପକାଇ ଥିଲା। ଚିତ୍କାର ଶୁଣି ଲୋକେ ରୁଣ୍ଡ ହେବାରୁ ଘଟଣା ସ୍ଥଳରୁ ପଳାଇ ଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ସୁମତିଙ୍କୁ ପ୍ରଥମେ ନୀଳଗିରି ମେଡିକାଲ ପରେ ରେମୁଣା ମେଡିକାଲ କଲେଜ କୁ ସ୍ଥାନାନ୍ତରିତ କରା ଯାଇଛି। ଏ ନେଇ ସୁମତି ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ୪ଦିନ ଧରି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଥାନାକୁ ଆସିବା ସମ୍ଭବପର ହୋଇ ପାରିନଥିଲା। ଏପଟେ ନୀଳଗିରି ଥାନାରେ ଅପରପକ୍ଷେ ଅଭିଯୋଗ କରିଥିବା ବେଳେ ଉଭୟ ମାମଲାକୁ ପୁଲିସ ତଦନ୍ତ ଜାରି ରଖିଛନ୍ତି।

● ମାର୍ଚ୍ଚ ୬ରୁ ବାଲେଶ୍ୱର ପ୍ରିମିୟର ଲିଗ୍‌ର ୧୩ତମ ସଂସ୍କରଣ

୬ ଟିମ୍ ପାଇଁ ସରିଲା ଖେଳାଳି ଚୟନ

ବାଲେଶ୍ୱର,୨୪।୨(ସମିସ): କ୍ରିକେଟର୍ସ ଆସୋସିଏସନ୍ ଆନୁକୂଲ୍ୟରେ ହେବାକୁ ଥିବା ବାଲେଶ୍ୱର ପ୍ରିମିୟର ଲିଗ୍‌ର ୧୩ତମ ସଂସ୍କରଣ ପାଇଁ ଖେଳାଳୀ ନିଲାମ୍ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ସହରର ଉଦ୍ୟୋଗ ଭବନରେ ଆୟୋଜିତ କାର୍ଯ୍ୟକ୍ରମକୁ ହରି ଉଦ୍ୟୋଗର ଚେୟାରମେନ୍ ସଞ୍ଜୟ ଦାସ୍ ଏବଂ ଏସ୍‌ବିଆଇର ଡେପୁଟି ଜେନେରାଲ୍ ମ୍ୟାନେଜର ପ୍ରଭାତ କୁମାର ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି, ଚେୟାରମେନ୍ ରାଜେଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ନିଲାମ କାର୍ଯ୍ୟକ୍ରମକୁ ଅଭ୍ୟୁଦୟ ଦାସ୍, ଅମିତ୍ ଅମିତାଭ୍ ମହାକୁଡ଼, ସଂଗ୍ରାମ ପଣ୍ଡା, ବିଶ୍ୱରୂପ ପରିଡ଼ା, ନୀଳମାଧବ ବିଶ୍ୱାଳ ଓ ଅଶ୍ୱିନୀ ସାମଲ ପ୍ରମୁଖ ପରିଚାଳନା କରିଥିଲେ। ସୂଚନା ଅନୁସାରେ ଏହି ଲିଗ୍ ୬ଟି ଦଳ ଯଥା: ଡେକାନ୍ ୱାରିୟର୍ସ, ଶିବାଜୀ ଟାଇଟନସ୍, ଦି ଟାଇଟନସ୍, ଗ୍ରୀନ୍ ଲିଫ୍ ଫାଇଟର୍ସ, ଓଡିୱାନ୍ ଫାଇଟର୍ସ, ହାଇଲାଣ୍ଡ ହରିକନସ୍‌କୁ ନେଇ ଆସନ୍ତା ମାର୍ଚ୍ଚ ମାସ ୬ ତାରିଖରୁ ୧୫ ତାରିଖ ମଧ୍ୟରେ ଖେଳାଯିବ। ପ୍ରତ୍ୟେକ ଦଳ ପାଇଁ ୧୫ ଜଣ ଲେଖାଏଁ ଖେଳାଳିଙ୍କୁ ଚୟନ କରାଯାଇଥିଲା। ବାଲେଶ୍ୱର ବାହାରୁ କିମ୍ବା ରାଜ୍ୟ ବାହାରୁ ବିଦେଶୀ ଖେଳାଳୀ ଭାବେ ଦୁଇ ଜଣ ଖେଳାଳୀ ସବୁ ଦଳରେ ରହିବା ବାଧ୍ୟତା ମୂଳକ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଥିଲା। ଏହି ଲିଗ୍‌ର ସମସ୍ତ ମ୍ୟାଚ୍ ମ୍ୟାଚ୍ ଦିବାରାତ୍ର ବିଶିଷ୍ଟ ଖେଳାଯିବ। ଏସ.କେ. ଇଫିହାର, ବିଶ୍ୱରଞ୍ଜନ ରାଉତ୍, ରାଜେଶ୍ ନାୟକ, ରବୀନ୍ଦ୍ର ମାଝୀ, ସ୍ୱାଧିନ ପଣ୍ଡା, ସିଂଧା ସୌରଭ, ସୁମନ୍ତ, ସିମ୍ରନ୍, ସମ୍ମୁ, ପ୍ରକାଶ ମହାନ୍ତି, ମଣ୍ଟୁ ପେରିୱାଲ, ମିଟୁ ମହାରଣା, ଶାନ୍ତନୁ ଦାସ୍, ଅଜୟ ପ୍ରଧାନ, ରାହୁଲ୍ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳ ଆୟୋଜନ କରିଥିଲେ। ସମ୍ପାଦକ ସପନ ଖିଲାର ଶେଷରେ ଧନ୍ୟବାଦ ଦେଇଥିଲେ।



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାକୁ ସରକାରୀ ଅବହେଳା

ବାଲେଶ୍ୱର,୨୪।୨(ସମିସ)



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାକୁ ସରକାରୀ ଅବହେଳା ଓ ସ୍ୱାସ୍ଥ୍ୟସେବା ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଗ୍ରହଣ ନିମିତ୍ତ ଆସନ୍ତା ମାର୍ଚ୍ଚ ପହିଲା ଦିନ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାସ୍ତରୀୟ ସାଂଗଠନିକ ସମ୍ମିଳନୀ ବାଲେଶ୍ୱର ଓକିଲ ସଂଘ ସଭାଗୃହରେ ଆହ୍ୱାନ କରାଯାଇଛି। ଗତ ବାର୍ଷିକ ସମ୍ମିଳନୀରେ ଗୃହୀତ ଦାବିଗୁଡ଼ିକୁ ନେଇ ଓ ସାପ୍ତାହିକ ବୈଠକର ନିଷ୍ପତି କ୍ରମେ ଏହି ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକରେ ବ୍ଲକ୍ ଓ ଶାଖା କମିଟିର ପ୍ରତିନିଧିମାନେ ଯୋଗଦେବାକୁ କ୍ରିୟାନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କମିଟିର ସାପ୍ତାହିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଓ ମେଡିକାଲ୍ କଲେଜରେ ରୋଗୀମାନଙ୍କୁ ସେବା ଯୋଗାଇଦେବାରେ ରୋଗୀ ଓ ରୋଗୀଙ୍କ ସଂପର୍କୀୟମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ସଂପର୍କରେ ଉପସ୍ଥାପିତ କରିଥିଲେ। ବାଲେଶ୍ୱର ଏମ୍‌ସରେ ରୋଗୀମାନେ ସ୍ୱାସ୍ଥ୍ୟସେବା

୧ରେ କ୍ରିୟାନୁଷ୍ଠାନ କମିଟିର ସାଂଗଠନିକ ସମ୍ମିଳନୀ

ନପାଇ ହତାଶ ହେଉଥିବାରୁ ରୋଗୀ ସଂଖ୍ୟା ହ୍ରାସ ପାଉଛି। ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସପ୍ତାହବ୍ୟାପୀ ଗଣଧାରଣା ଓ ବିଭିନ୍ନ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିଗୁଡ଼ିକର କୌଣସି ସମାଧାନ ହୋଇନାହିଁ। ଚଳିତ ବିଧାନସଭାର ବଜେଟ୍ ଅଧିବେଶନରେ ରାଜ୍ୟ ସରକାର ବାଲେଶ୍ୱର ଜିଲ୍ଲାବାସୀଙ୍କ କୌଣସି ଦାବିକୁ ବିଚାରକୁ ନେଇ ନଥିବା ସଂପର୍କରେ ଶ୍ରୀ ଦାସ ବୈଠକରେ ଜଣାଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ସର୍ବଶ୍ରୀ ନିରଞ୍ଜନ ରାଉତ, ଗୌରାଙ୍ଗ ପାଣିଗ୍ରାହୀ, ଡା. ତାରାକାନ୍ତ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଶ୍ୟାମସୁନ୍ଦର ଜେନା, ସଚୀନ୍ଦ୍ର ଦାସ, ଦୀପକ ମିଶ୍ର, ବିଜନ ଦେ, ଯୋଗେଶ ଚନ୍ଦ୍ର ପ୍ରଧାନ, ଶଶାଙ୍କ ଦତ୍ତ, ଯୋଗେଶ ଚନ୍ଦ୍ର ମାହାର୍ଡ଼ା, ଯତୀନ୍ ପାତ୍ର ପ୍ରମୁଖ ସରକାରଙ୍କ ଅବିଚାରକୁ ବିରୋଧ କରି ଉଦ୍‌ବେଗ ପ୍ରକାଶ କରିଥିଲେ। ଆସନ୍ତା ମାର୍ଚ୍ଚ ପହିଲାରେ ଜିଲ୍ଲାସ୍ତରୀୟ ସାଂଗଠନିକ ସମ୍ମିଳନୀରେ ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ବିବରଣୀ ଆଗତ କରିଥିଲେ ଓ ସୁକୁମାର ବେହେରା ଧନ୍ୟବାଦ ଦେଇଥିଲେ।

ପୀତବାସ ହତ୍ୟା ମାମଲା; ୯ ରେ ପରବର୍ତ୍ତୀ ଶୁଣାଣି

- ଟ୍ରଙ୍କରେ ଯେମିତି କପି ଆଣିଥିଲା, ସେମିତି ଫେରାଇ ନେଲା ପୁଲିସ
- ୫ରେ ପୁଣି ସମସ୍ତ ସ୍ୱଚ୍ଛ କପି ଦାଖଲ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ
- ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଦ୍ୱାରା ମଦନ ଦଳେଇଙ୍କ ଚିକିତ୍ସା
- ଏମ୍‌କେସିଜିରେ ବିକ୍ରମ ଓ ମଳୟଙ୍କ ଚିକିତ୍ସା ଜାରି
- ହାଇକୋର୍ଟରେ ବିକ୍ରମଙ୍କ ଜାମିନ ଆବେଦନର ଶୁଣାଣି ଆଜି

ବ୍ରହ୍ମପୁର,୨୪।୨(ସମିସ): ସ୍ଥାନୀୟ ଏଡିଜେ-୩ଙ୍କ କୋର୍ଟରେ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ରହିଥିଲା। ସମସ୍ତ ଅଭିଯୁକ୍ତ କୋର୍ଟରେ ହାଜର ହୋଇ ନଥିବାରୁ ଚାର୍ଜଫ୍ରେମ ସମ୍ଭବପର ନୁହେଁ। ଏଣୁ ଚାର୍ଜଫ୍ରେମ ପରେ ହିଁ ବିଚାରଣା ଆରମ୍ଭ ହୋଇପାରିବ। ଫଳରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ସହିତ ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ମାର୍ଚ୍ଚ ୯କୁ ଧାର୍ଯ୍ୟ କରାଯାଇଛି।

ସେପଟେ ମାମଲାରେ ପୁଲିସର ଟ୍ରଙ୍କ ଡ୍ରାମା ଜାରି ରହିଥିବା ବେଳେ ଆଜି ଏହାକୁ ନେଇ ପୁଲିସକୁ କୋର୍ଟରେ ଅପଦସ୍ତ ହେବାକୁ ପଡ଼ିଛି। ପ୍ରାଥମିକ ଚାର୍ଜସିଟ ଦାଖଲ ବେଳେ ପୁଲିସ ଯେଉଳି ଦୁଇଟି ଟ୍ରଙ୍କରେ ନଥିପତ୍ର ଆଣିଥିଲା ଅନୁରୂପ ଭାବେ ଆଜି ମଧ୍ୟ ଅନ୍ୟ ଏକ ଟ୍ରଙ୍କରେ ବିଭିନ୍ନ କପି ଆଣି କୋର୍ଟରେ ଦାଖଲ କରିଥିଲା ପୁଲିସ। ତେବେ କପି ଗୁଡିକ ସଠିକ ଭାବେ ଦୃଶ୍ୟମାନ ହେଉନଥିବା ନେଇ ଅଭିଯୁକ୍ତଙ୍କ ଓକିଲ ଅଭିଯୋଗ କରିବା ପରେ ପୁଲିସ ସେଗୁଡିକୁ ଫେରାଇ ନେବାକୁ ବାଧ ହୋଇଥିଲା ଏବଂ ଆସନ୍ତା ମାର୍ଚ୍ଚ ୫ ସୁଦ୍ଧା ସମସ୍ତ ସ୍ୱଚ୍ଛ କପି କୋର୍ଟରେ ଦାଖଲ କରିବାକୁ ମାନ୍ୟବର କୋର୍ଟ ପୁଲିସକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ପୀତବାସ ପଣ୍ଡା ହତ୍ୟା ମାମଲାରେ ଦିନ ଗଡୁଥିବା ବେଳେ ବିଭିନ୍ନ କାରଣରୁ ଅଭିଯୁକ୍ତଙ୍କ ଚାର୍ଜଫ୍ରେମ ନହୋଇ ବିଚାରଣା ଆରମ୍ଭ ହୋଇପାରୁନାହିଁ। ଏହି ମାମଲାର ପ୍ରଥମେ ଶୁଣାଣି ଚଳିତମାସ ୨ରେ ଧାର୍ଯ୍ୟ ହୋଇଥିବା ବେଳେ ଉକ୍ତଦିନ ପିଣ୍ଟୁ ଦାଶଙ୍କ ସମେତ ମୋଟ ୧୫ଜଣ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ ହେଁ ଆଇନଜୀବୀ ମଦନ ଦଳାଇ ସ୍ୱାସ୍ଥ୍ୟଗତ କାରଣରୁ ଅନୁପସ୍ଥିତ ଥିଲେ। ଦ୍ୱିତୀୟ ଥର ଅର୍ଥାତ୍ ୬ ତାରିଖରେ ମଦନ ବ୍ୟକ୍ତିଗତ ଭାବେ କୋର୍ଟରେ ହଜାର ହୋଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୁକ୍ତ ଜେଲରୁ ଭିସି ଯୋଗେ ହାଜର ହୋଇ ମାମଲାର କମିଟ୍‌ମେଣ୍ଟ ହୋଇ ଜିଲ୍ଲା କୋର୍ଟରୁ ଅତିରିକ୍ତ ଜିଲ୍ଲା ଦୌରାଜଜ ତୃତୀୟଙ୍କ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୦ତାରିଖରେ କେବଳ ଜାମିନ ଶୁଣାଣି ହେବା ସହ ମାମଲାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର ସାହୁଙ୍କୁ କୋର୍ଟ ଜାମିନ ପ୍ରଦାନ କରିଥିବା ବେଳେ ଶୂନ୍ୟ ଚନ୍ଦ୍ର ଦାସଙ୍କ ଜାମିନ ଖାରଜ ହୋଇଥିଲା।

ଅନୁରୂପ ଭାବେ ଚତୁର୍ଥ ଥର ଅର୍ଥାତ୍ ୧୭ତାରିଖରେ ବିକ୍ରମ ପଣ୍ଡା ଓ ମଳୟ ବିଷୋୟୀଙ୍କୁ ବାଦ ଦେଇ ଅନ୍ୟ ସମସ୍ତ ଅଭିଯୁକ୍ତ ଭିସିରେ ହାଜର ହୋଇଥିଲେ। ଏହାପରେ ଆଜି ଏହି ମାମଲାରେ ବିକ୍ରମ ପଣ୍ଡା, ମଦନ ଦଳେଇ ଓ ମଳୟ ବିଷୋୟୀଙ୍କୁ ବାଦ୍ ଦେଇ ଅନ୍ୟ ୧୩ଜଣ ଅଭିଯୁକ୍ତ ଭିସିରେ ହାଜର ହୋଇଥିଲେ। ପୁଲିସ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ଅନେକ ତଥ୍ୟ ଓ ପ୍ରମାଣ କପିରେ ଅଭାବ ଥିବା ଦର୍ଶାଇ ଅଭିଯୁକ୍ତଙ୍କ ଓକିଲ ସ୍ୱଚ୍ଛ କପି ପାଇଁ ପିଟିସନ ଦାଖଲ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶରେ ପୁଲିସ ଆଜି ପୁଣି ଏକ ଟ୍ରଙ୍କରେ ବିଭିନ୍ନ ତଥ୍ୟ ଓ ପ୍ରମାଣର କପିକୁ ଅଣାଯାଇଥିଲା। କିନ୍ତୁ ଏଥର ମଧ୍ୟ କପିଗୁଡ଼ିକ ପୂର୍ବ ଭଳି ଦୃଶ୍ୟମାନ ନଥିବା ଅଭିଯୁକ୍ତଙ୍କ ଓକିଲ କୋର୍ଟରେ ଅଭିଯୋଗ କରିଥିଲେ। ପୁଣି ଭଲ କପି ପ୍ରଦାନ କରିବାକୁ କୋର୍ଟକୁ ଅନୁରୋଧ କରିଥିଲେ। ଫଳରେ କୋର୍ଟ ପୁଲିସକୁ ଆସନ୍ତା ୫ତାରିଖରେ ସ୍ୱଚ୍ଛ ତଥା ଦୃଶ୍ୟମାନ କପି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ଜବତ ଫଟୋ, ପେନଡ୍ରାଇଭ, ସିସିଟିଭି କପି ଅଭିଯୁକ୍ତଙ୍କ ଓକିଲଙ୍କୁ ପ୍ରଦାନ କରାଯାଇନାହିଁ। ତେଣୁ ମାମଲାର କିଭଳି ଶୁଣାଣି ଆରମ୍ଭ ହେବ ବୋଲି ଅଭିଯୁକ୍ତଙ୍କ ଓକିଲ ଚକ୍ରପାଣି ନାହାକ ପ୍ରଶ୍ନ କରିଥିଲେ। ସେପଟେ ଆଜି ୫ଜଣଙ୍କ ଜାମିନ ଆବେଦନ ନେଇ ଶୁଣାଣି ରହିଥିବା ବେଳେ କପିରେ ସମସ୍ୟା ଯୋଗୁ ଶୁଣାଣି ଆସନ୍ତା ୯କୁ ଘୁଞ୍ଚିଥିବା ସ୍ୱତନ୍ତ୍ର ସରକାରୀ ଓକିଲ କାଳିପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ଆସନ୍ତା ୫ତାରିଖ ସୁଦ୍ଧା ପୁଲିସ କୋର୍ଟରେ ତଥ୍ୟ ପ୍ରମାଣର କପି ଦେବାକୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଫଟୋ, ପେନଡ୍ରାଇଭ ସହ ସିସିଟିଭି କ୍ୟାମେରାର କପି ଫରେନସିକ୍ ଲାବ୍‌କୁ ପରୀକ୍ଷା ପାଇଁ ପଠାଇ ଦିଆଯାଇଛି। ତେବେ ୫ତାରିଖରେ ପୁଲିସ କ'ଣ ସବୁ କୋର୍ଟରେ ଦାଖଲ କରୁଛି ତାହା ଉପରେ ମାମଲାର ପରବର୍ତ୍ତୀ ବିଚାରଣା ନିର୍ଭର କରୁଛି ବୋଲି ଅଭିଯୁକ୍ତଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି।

ସେପଟେ ଆଜି ମେଡ଼ିକାଲରେ ମଦନ ଦଳାଇଙ୍କୁ ଚିକିତ୍ସା କଲେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍। ମଳୟ ଆଇସିୟୁରେ ଭର୍ତ୍ତି ହୋଇଥିବା ବେଳେ ବିକ୍ରମଙ୍କ ଚିକିତ୍ସା ଜାରି ରହିଛି। ବୁଧବାର ହାଇକୋର୍ଟରେ ବିକ୍ରମଙ୍କର ଜାମିନ ଆବେଦନ ଶୁଣାଣି ରହିଛି। ଯାହା ଉପରେ ରହିଛି ସମସ୍ତଙ୍କ ନଜର। ହାଇକୋର୍ଟରେ ବିକ୍ରମଙ୍କ ଜାମିନ ଆବେଦନର ଶୁଣାଣି ଥିବାରୁ ପୁଲିସ ଏଭଳି ଟ୍ରଙ୍କ ଡ୍ରାମା କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ଗଞ୍ଜାମରେ ହାଲୁକା ବର୍ଷା

ବ୍ରହ୍ମପୁର,୨୪।୨(ସମିସ): ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ହାଲୁକା ବର୍ଷା ହୋଇଛି। ଦିନ ତମାମତ ଖରା ଅନୁଭୂତ ହୋଇଥିବା ବେଳେ ଅପରାହ୍ନରେ ହାଲୁକା ବର୍ଷା ଦେଖିବାକୁ ମିଳିଥିଲା। ବର୍ଷା ପରେ ସମ୍ପ୍ରତି ପାଗ ମେଘୁଆ ରହିଛି। କିଛି ସମୟ ପର୍ଯ୍ୟନ୍ତ ସାମାନ୍ୟ ଘଡ଼ଘଡ଼ି ମଧ୍ୟ ଅନୁଭୂତ ହୋଇଛି। ବର୍ଷା ସମ୍ଭାବନା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୨୦୨୬ମସିହାର ଏହା ପ୍ରଥମ ବର୍ଷା ବୋଲି କୁହାଯାଉଛି। ମାତ୍ର ଚାଷୀଙ୍କ ପାଇଁ ଏହି ଅଦିନିଆ ବର୍ଷା ଦାଉ ସାଧିଛି। ବିଭିନ୍ନ ସ୍ଥାନରେ ମଣ୍ଡିରେ ଧାନ ପଡ଼ିଥିବାବେଳେ ମୁଗ ଚାଷ ଏହି ବର୍ଷାଦ୍ୱାରା ପ୍ରଭାବିତ ହେବା ଆଶଙ୍କା ରହିଛି।

ବିରଳ ଆଲ୍‌ବିନୋ କମନ ଉଲ୍‌ଫ(ଚିତି) ସାପ ଉଦ୍ଧାର

ବ୍ରହ୍ମପୁର,୨୪।୨(ସମିସ): ସୋମବାର ବିଳମ୍ବିତ ରାତିରେ ବିଜିପୁର ରଥ ସାହିରୁ ଏକ ବିରଳ ସାପକୁ ସ୍ନେକ ହେଲ୍ପ ଲାଇନ୍ ସଂଯୋଜକ ସ୍ୱାଧୀନ ସାହୁ ଉଦ୍ଧାର କରିଛନ୍ତି। ମଙ୍ଗଳବାର ଡିଏଫ୍‌ଓ ସନି ଖୋଖରଙ୍କ ପରାମର୍ଶକ୍ରମେ ସାପଟିକୁ ସଂରକ୍ଷିତ ଜଙ୍ଗଲରେ ଛଡ଼ାଯାଇଛି। ସୂଚନା ମୁତାବକ, ସୋମବାର ରାତିରେ ରଥ ସାହିର ନଳୀନି ପଣ୍ଡାଙ୍କ ଘର ବାଡ଼ିରେ ପାଚେରି ଉପରେ ସାପଟି ଥିବା ପରିବାର ସଦସ୍ୟ ଦେଖିଥିଲେ। ଉଦ୍ଧାର କରିବାକୁ ସ୍ନେକ ହେଲ୍ପ ଲାଇନକୁ ଯୋଗାଯୋଗ କରିଥିଲେ। ସ୍ୱାଧୀନ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। କିନ୍ତୁ ସାପଟି ଦେଖିବାକୁ ପୁରା



ଭିନ୍ନ ଥିଲା। ସାପଟିର ଶରୀର ରଙ୍ଗ ପୁରା ଧଳା ଥିବାବେଳେ ଆଖି ଦୁଇଟି ଦେଖିବାକୁ ଲାଲ। ଏନେଇ ସ୍ୱାଧୀନ କହିଛନ୍ତି, ଏହା କମନ ଉଲଫ୍(ଚିତି) ସାପ। କିନ୍ତୁ ଆଲବିନୋ। ସହରରେ ସବୁଠି ଏହି ପ୍ରଜାତିର ଚିତି ସାପ ମିଳୁଛି। କିନ୍ତୁ ଆଲବିନୋ ମିଳିବା ବିରଳ। ସାପଟି ଅଣ୍ଡାରେ ରହିଥିବା ସମୟରେ ଏକ ନିର୍ଦ୍ଦିଷ୍ଟ ରୋଗ କାରଣରୁ ଏହି ପରି ଧଳା ରଙ୍ଗ ହୋଇଥାଏ। ସାପଟିର ଲମ୍ବ ପାଖାପାଖି ୨ଫୁଟ ରହିଥିବା ସେ କହିଛନ୍ତି।

ପୁଲିସକୁ ଭୟ କରୁନାହାନ୍ତି ଦୁର୍ବୃତ୍ତ

ବ୍ରହ୍ମପୁର,୨୪।୨(ସମିସ): ପୁଲିସକୁ ଜମାରୁ ଭୟ କରୁନାହାନ୍ତି ଦୁର୍ବୃତ୍ତ। ରୋଡ଼ ମଝିରେ ବାଇଲ ରାଲି କରି ହୋହଲ୍ଲା କରି ଯାଉଥିବା ବେଳେ ପୁଲିସକୁ ମଧ୍ୟ ଆକ୍ରମଣ କରୁଥିବା ପୂର୍ବରୁ ନଜିର ରହିଛି। ଗତକାଲି ରାତିରେ ଗୋପାଳପୁର ଥାନା ଅନ୍ତର୍ଗତ କରାପଲ୍ଲୀ ଛକରେ ପୁଲିସ ପେଟ୍ରୋଲିଂ ବେଳେ ଥାନା ଅଧିକାରୀଙ୍କ ଗାଡ଼ିକୁ ପଛପଟୁ ପଇଡ଼ ଫିଙ୍ଗିଥିଲେ ଦୁର୍ବୃତ୍ତ। ଏଭଳି ଘଟଣା ପୁଲିସ ପ୍ରତି ଭୟ ନଥିବା ଦର୍ଶାଉଛି। ସେହିଭଳି ଗତ କିଛିଦିନ ପୂର୍ବେ ଆଙ୍କୁଲିରେ ରହୁଥିବା ମଦ ବ୍ୟବସାୟୀ ନାରାୟଣ ସାହୁଙ୍କ ଘରେ ପୁଲିସ ଚଡ଼ଉ କରିଥିଲା। ଚଡ଼ଉ ବେଳେ ନାରାୟଣଙ୍କ ସ୍ତ୍ରୀ' ସ୍ୱାତୀ ଥାନାଧିକାରୀ ସୁଚିତ୍ରା ପରିଡ଼ା ଓ ତାଙ୍କ ଟିମ୍‌କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ଘର ଭିତର ନଛାଡ଼ି ନାନା ପ୍ରକାର ଧମକଚମକ ଦେଇଥିଲେ। ଏଭଳି ଭାବେ ଦୁର୍ବୃତ୍ତମାନେ ଖଣ୍ଡା ଧରି ରୋଡ଼ ମଝିରେ ଯାତାୟାତ ଲୋକଙ୍କୁ ଟଙ୍କା ମାଗୁଛନ୍ତି। ନ ଦେଲେ ଆକ୍ରମଣ କରୁଛନ୍ତି। ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଗୋଟିଏ ପରେ ଗୋଟିଏ କାଣ୍ଡ କରିଚାଲିଛନ୍ତି। ଦୁର୍ବୃତ୍ତଙ୍କ ଏଭଳି କାର୍ଯ୍ୟକୁ ଦେଖି ଲୋକେ କହିଲେଣି ପୁଲିସକୁ ଆଉ ଭୟ କରୁ ନାହାନ୍ତି ଦୁର୍ବୃତ୍ତମାନେ। ଏଣୁ ଏମାନଙ୍କ ପ୍ରତି ପୁଲିସ କଠୋର ହେବା ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

ଆଇଆଇସିଙ୍କ ଗାଡ଼ିକୁ ପଇଡ଼ ମାଡ଼ ଘଟଣା; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୪।୨(ସମିସ): ଗୋପାଳପୁର ଥାନା ଅଧିକାରୀଙ୍କ ଗାଡ଼ି ଉପରକୁ ପଇଡ଼ ମାଡ କରିଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କରାପଲ୍ଲୀ ବଡ଼ସାହିର ଏନ୍. ତ୍ରିନାଥ ରେଡ୍ଡି। ସୂଚନା ପ୍ରକାରେ କରାପଲ୍ଲୀ ଛକରେ ତ୍ରିନାଥ ଦେଶୀମଦ ଦୋକାନ ନିକଟ ରାସ୍ତା ଉପରେ ନିଜ ସ୍କୁଟି ରଖିଥିଲେ। ଫଳରେ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଥିଲା। ପାଟ୍ରୋଲିଂ ସମୟରେ ଗାଡ଼ିଟି ରାସ୍ତା ଉପରେ ରହିଥିବାରୁ ପୁଲିସ ଗାଡ଼ିର ଫଟୋ ଉଠାଇଥିଲା। ସେହି ସମୟରେ ଗୋପାଳପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ପହଞ୍ଚି ରାସ୍ତା ଉପରେ ଯାନବାହନ ନ ରଖିବାକୁ ତାଗିଦ କରି ଫେରୁଥିବା ବେଳେ ଅଭିଯୁକ୍ତ ତ୍ରିନାଥ ରାଗିଯାଇ ପଇଡ଼ ମାରିବାରୁ ପୁଲିସ ଗାଡ଼ିର ପଛ ଗ୍ଲାସ ଭାଙ୍ଗି ଯାଇଥିଲା। ତଦନ୍ତ ପରେ ଅଭିଯୁକ୍ତକୁ ଥାନାକୁ ଆଣି ପଚରାଉଚରା ପରେ ସେ ଦୋଷ ସ୍ୱୀକାର କରିବା ପରେ ଏକ ମାମଲା (ନଂ.୯୭/୨୬) ରୁଜୁ କରି ଆଜି କୋର୍ଟ ଚାଲାଣ କରିଥିବା ବେଳେ ଏକ ସ୍କୁଟିକୁ ଜବତ କରିଥିବା ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ସୂଚନା ଦେଇଛନ୍ତି।

ଦୁଇ ଚୋର ଗିରଫ; ବ୍ୟାଟେରି ଜବତ



ବ୍ରହ୍ମପୁର,୨୪।୨(ସମିସ): ନିମଖଣ୍ଡି ପୁଲିସ ଦୁଇଜଣ ଚୋରଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭାବିନିପୁର ଗ୍ରାମର ରବି ଗୌଡ଼ (୨୨) ଏବଂ ସୁମନ ସେଠୀ (୧୮)। ଚୋରି ହୋଇଥିବା ବ୍ୟାଟେରି ପୁଲିସ ସେମାନଙ୍କ ନିକଟରୁ ଜବତ କରିଛି। ତଦନ୍ତ ସମୟରେ ପୁଲିସ ଘଟଣାସ୍ଥଳ ପରିଦର୍ଶନ କରି ସିସିଟିଭି ଫୁଟେଜ୍ ଯାଞ୍ଚବେଳେ ଦୁଇଜଣ ଯୁବକ ବ୍ୟାଟେରି ଲକ୍ ଭାଙ୍ଗି ଚୋରି କରିଥିବା ଜଣାପଡ଼ିଥିଲା। ଅପରାଧୀ ରେକର୍ଡ ଯାଞ୍ଚ କରି ସେମାନଙ୍କୁ ଚିହ୍ନଟ କରାଯାଇଥିଲା। ଜେରା ସମୟରେ ଅଭିଯୁକ୍ତମାନେ ଚୋରି କରିଥିବା ସ୍ୱୀକାର କରିଥିଲେ। ମାମଲା ନଂ.୪୬/୨୬ରେ ଉଭୟ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଯେ, ଚନ୍ଦନ କୁମାର ସାହୁ ଗତ ୧୮ ତାରିଖ ରାତିରେ ତାଙ୍କ ଘର ସମ୍ମୁଖରେ ଅଟୋ ପାର୍କ କରିଥିଲେ। ପରଦିନ ସକାଳୁ ଉଠି ଦେଖିବା ବେଳକୁ ବ୍ୟାଟେରିକୁ କେହି ଦୁର୍ବୃତ୍ତ ଚୋରି କରିନେଇଛି। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

ନବୀକରଣ ହେବ ଗ୍ରାମଦେବତୀଙ୍କ ମନ୍ଦିର

ବ୍ରହ୍ମପୁର,୨୪।୨(ସମିସ): ସ୍ଥାନୀୟ ଗ୍ରାମଦେବତୀ ସାହି ସ୍ଥିତ ମା' ଗ୍ରାମଦେବତି, ଶ୍ରୀ ଉଦୟେଶ୍ୱର ମହାଦେବ ଓ ଶ୍ରୀ ସନ୍ତୋଷୀ ମା'ଙ୍କ ଜୀର୍ଣ୍ଣ ମନ୍ଦିରର ନବୀକରଣ ନିମନ୍ତେ ପୂଜାଅର୍ଚ୍ଚନା କରାଯାଇଛି। ପଣ୍ଡିତ ଅଶୋକ ପାଢ଼ୀଙ୍କ ଦ୍ୱାରା ରୀତିନୀତି ଅନୁସାରେ ସମସ୍ତ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ଆସନ୍ତ ନବରାତ୍ରୀ ମଧ୍ୟରେ ମନ୍ଦିରର ନବୀକରଣ କାର୍ଯ୍ୟ ଶେଷ କରିବାକୁ କମିଟି ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ନବୀକରଣ କାର୍ଯ୍ୟ ମଧ୍ୟରେ ମନ୍ଦିର ପରିସରରେ ଭକ୍ତ ପାଇଁ ଦର୍ଶନ ମଣ୍ଡପ, ପୂଜା ମଣ୍ଡପ, ମା'ଙ୍କ ଜାନୀ ଯାତ୍ରା ପାଇଁ ଏକ ଯାତ୍ରା ମଣ୍ଡପ, ପ୍ରସାଦ ପ୍ରସ୍ତୁତି ନିମନ୍ତେ ପାକଶାଳା ଓ ପ୍ରସାଦ ସେବନ ପାଇଁ ମଣ୍ଡପ ଏବଂ ଭଣ୍ଡାର ଗୃହ ସମେତ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି।



ଏଥିନିମନ୍ତେ ବ୍ରହ୍ମପୁର ବିଧାୟକଙ୍କ ହାତ ପାଣ୍ଠିରୁ ୨୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ମା' ଗ୍ରାମଦେବତୀ ମନ୍ଦିର ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା କମିଟ ସଭାପତି ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଲା, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ରାୟଗୁରୁ, ଉପସଭାପତି ଦେବହରି ସାହୁ, ଚିଦାନନ୍ଦ ସାହୁ, ଚିତରଞ୍ଜନ ସାହୁ, ସମ୍ପାଦକ ଅଜୟ କୁମାର ସାହୁ, ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ବେହେରା, ଦିଲ୍ଲିପ ପାଣିଗ୍ରାହି ଓ ପ୍ରଫୁଲ୍ଲ କୁମାର ପାଣିଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

ଭାଗ ଚାଷୀଙ୍କ ଅଧିକାର ସୁରକ୍ଷା ଦାବିରେ ଗଣଧାରଣା



ବ୍ରହ୍ମପୁର,୨୪।୨(ସମିସ): ଓଡ଼ିଶା କୃଷକ ସଭା ପକ୍ଷରୁ ବେଆଇନ ଭାବେ ପଟ୍ଟା ଦେବାରେ ତଦନ୍ତ କରିବା ଓ ଭାଗ ଚାଷୀଙ୍କ ଅଧିକାର ସୁରକ୍ଷା ଦାବି ନେଇ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଓଡିଶା କୃଷକ ସଭା ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଅନୁଷ୍ଠିତ ଗଣଧାରଣାରେ ଜିଲ୍ଲାର ବରିଷ୍ଠ କୃଷକ ନେତା କୈଳାଶ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦକ ପି. ଶିବ ଶଙ୍କର, ଗୋପାଳ କୃଷ୍ଣ ପାଣିଗ୍ରାହି, ଯୋଗେଶ ଚନ୍ଦ୍ର ସାହୁ, ବିଦ୍ୟାଧର ଜେନା, ଜିଲ୍ଲା କମିଟି ସଭ୍ୟ କୁରେସୁ ପଣ୍ଡା, ସୁଶାନ୍ତ ଷଡ଼ଙ୍ଗୀ, ଶଶୀ ରଥ, ବିଜୟ ବିଷୋୟୀ, ମଙ୍ଗଳା ଡାକୁଆ ଓ ବାବୁଲା ନାୟକଙ୍କ ସମେତ ବହୁ ଭାଗ ଚାଷୀ ଉପସ୍ଥିତ ଥିଲେ।

ଚାଚା ନେହରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବ୍ରହ୍ମପୁର,୨୪।୨(ସମିସ): ସ୍ଥାନୀୟ ଚାଚା ନେହେରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୬ତମ ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରାଜେଶ୍ୱରୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଦେବେନ୍ଦ୍ର କୁମାର ବେହେରା, ବିଶିଷ୍ଟ ଅତିଥି ଭାବେ କର୍ପୋରେଟର କାଦମ୍ବରୀ ଦାସ, ମୁଖ୍ୟବକ୍ତା ଭାବେ ରଙ୍ଗଇଲୁଣ୍ଡା ବ୍ଲକ ବିଆରସିସି ଜଗନ୍ନାଥ ଭୂୟାଁ, ସାମ୍ମନିତ ଅତିଥି ଭାବେ ଚାଚା ନେହେରୁ କ୍ଲଷ୍ଟର ଆଞ୍ଚଳିକ ସଂଯୋଜକ ବାଙ୍କ ପ୍ରଧାନ, ବ୍ରହ୍ମପୁର ମହାନଗର ଶିକ୍ଷକ ସଂଘର ସଭାପତି ଗିରିଜା ଶଙ୍କର ପଣ୍ଡା, ଆବାହକ ରାଜେଶ କୁମାର ତାରିଣୀ, ଉପସଭାପତି ବିଭୁତି ଭୂଷଣ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ମୁଖପତ୍ର 'ଗୋଲାପ'ର ଉନ୍ମୋଚନ ସହ ପଞ୍ଚମ ଶ୍ରେଣୀର ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଥବା ଛାତ୍ରୀ ଏ. ମେଘେନା, ଓଏଭି ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବା ଅଭିଷେକ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ସଚ୍ଚିଦାନନ୍ଦ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।


ହନୁମାନ ପଇସା ଦେବା ନାଁରେ ଠକେଇ ମାମଲା; ୨ ଗିରଫ

ରଙ୍ଗେଇଲୁଣ୍ଡା,୨୪।୨(ସମିସ): ହନୁମାନ ପଇସା ଦେବା ନାଁରେ ୪୦ ଲକ୍ଷ ଟଙ୍କା ଠକେଇ କରିଥିବା ମାମଲାରେ ଗୋଳନ୍ଥରା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ବାସନା ଥାନା ଅନ୍ତର୍ଗତ ବିତାଙ୍ଗିଲର ପୂଜା ପଟେଲ(୩୨) ଓରଫ କବିତା ଓରଫ କ୍ରିଷ୍ଣା ସାଓ ଏବଂ ଛତିଶଗଡ଼ ବାସନା ଥାନା ଅନ୍ତର୍ଗତ ଚିମରକାଲର ଠାକୁର ଓରଫ ପୀତାମ୍ବର ସାଗର (୫୮) ବୋଲି ପୁଲିସ ସୂଚନା ଦେଇଛି। ପୁଲିସ ସେମାନଙ୍କ ନିକଟରୁ ଏକ ଲକର ସମେତ ଏକ ମାଟିପାତ୍ର ସହ ୪ଟି ମୋବାଇଲ ଫୋନ୍ ଜବତ କରିଛି।

ଅଭିଯୋଗ ଅନୁଯାୟୀ, ବିଏନ୍‌ପୁର ଥାନା ଅନ୍ତର୍ଗତ ଅଶୋକନଗର ୩ୟ ଲେନ୍ ନିବାସୀ ରାମନାରାୟଣ ପୁରୋହିତ ଗତ ଜାନୁଆରୀ ୨୧ରେ ଗୋଳନ୍ଥରା ଥାନାରେ ହନୁମାନ ପଇସା ପାଇବା ଆଶାରେ ୪୦ ଟଙ୍କା ତାଙ୍କଠାରୁ ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ। ପୁଲିସ ନଂ.୩୭/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୨୦୨୫ ସେପ୍ଟେମ୍ବର ୧୫ରେ ଉଭୟ ଗିରଫ ଅଭିଯୁକ୍ତ ହଳଦିଆପଦର ଅଟୋନଗର ଛକଠାରେ ହନୁମାନ ପଇସା ଦେଖାଇ ଏହାକୁ ୪୦ ଲକ୍ଷ ଟଙ୍କା ବିନିମୟରେ ରାମନାରାୟଣକୁ ଦେବେ ବୋଲି କହିଥିଲେ। ଏହା ପୂର୍ବରୁ ରାମନାରାୟଣ ସୋସିଆଲ ମିଡ଼ିଆରେ ଅଭିଯୁକ୍ତଙ୍କ ସମ୍ପର୍କ ରେ ଆସିଥିଲେ। ଘଟଣା ପରେ ରାମନାରାୟଣ ଓ ତାଙ୍କର ଦୁଇ ସହଯୋଗୀଙ୍କ ସହ ମିଶି ନୂଆପଡ଼ାଠାରେ ଅଭିଯୁକ୍ତକୁ ୪୦ ଲକ୍ଷ ଦେଇ ସେମାନଙ୍କ ଠାରୁ ଏକ ଲକର ସେଥିରେ ମାଟିପାତ୍ର ପାଇଥିଲେ। ଅଭିଯୁକ୍ତମାନେ ଉକ୍ତ ଲକରକୁ ଘରକୁ ଯାଇ ଖୋଲିବାକୁ ପରାମର୍ଶ ଦେଇଥିଲେ। ରାମନାରାୟଣ ଘରକୁ ଫେରି ଲକର୍ ଖୋଲିବା ବେଳେ ସେଥିରେ କେବଳ ମାଟିପାତ୍ର ରହିଥିବା ବେଳେ ହନୁମାନ ପଇସା ନପାଇ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ପୁଲିସ ପକ୍ଷରୁ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରାଯାଇ ତଦନ୍ତ ଚାଲୁ ରହିଥିବା ବେଳେ ବ୍ରହ୍ମପୁର ଆସିଥିବା ଜଣାପଡ଼ିଥିଲା। ପୁଲିସ ବ୍ରହ୍ମପୁରରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଆରମ୍ଭ ହେଲା ପ୍ରସିଦ୍ଧ ଝାମୀ ଯାତ୍ରା

ବ୍ରହ୍ମପୁର,୨୪।୨(ସମିସ): ସହରର ଅନ୍ୟତମ ପ୍ରସିଦ୍ଧ ଝାମୀ ଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି। ପ୍ରତିବର୍ଷ ଭଳି ପାରମ୍ପରିକ ରୀତିନୀତି ଅନୁସାରେ ଉକ୍ତ ଯାତ୍ର ଆରମ୍ଭ ହୋଇଥିବା ବେଳେ ଦୋଳପୂର୍ଣ୍ଣିମା ଦିନ ଶେଷ ହେବ। ସକାଳରୁ ମାଆ ଏଲମା ଠାକୁରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପରେ ମା'ଙ୍କ ମାଜଣା, ଅଭିଷେକ, ସକାଳ ଧୂପ, ଆଳତି ଓ ମୁଆଁ ଭୋଗ ହୋଇଥିଲା। ମା'ଙ୍କ ବାପାଘର ଆଗାସାହିରୁ ଝାମୀ ମନ୍ଦିରକୁ ଆସି ମନ୍ଦିର ପରିକ୍ରମା କରାଯିବା ପରେ ମା'ଙ୍କୁ ସଚେତ କରାଯାଇଥିଲା। ଏହାପରେ ମନ୍ଦିର ପଛପଟେ ମା'ଙ୍କୁ ବାର୍ଷିକ ଭୋଗ ତଥା ପଡ଼ି ଭୋଗ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସାଧାରଣ ପୂଜା ହେବା ସହ ଶ୍ରଦ୍ଧାଳୁଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ମାନସିକଧାରୀମାନେ ମନ୍ଦିର ଉପରକୁ ମୁଆଁ ଫୋପାଡ଼ି ଥିବା



ସହ ମା'ଙ୍କୁ ରଙ୍ଗ ଚୁଡ଼ି ଓ କଳା ଶାଢ଼ି ଅର୍ପଣ କରିଥିଲେ। ଦର୍ଶନ ପାଇଁ ଯାତ୍ରା କମିଟି ପକ୍ଷରୁ ବିଶେଷ ପ୍ରସ୍ତୁତି କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପରିସରରେ ବାଉଁଶରେ ବ୍ୟାରିକେଟ୍ କରାଯିବା ସହ ପୁଲିସ ସୁରକ୍ଷାରେ ନିୟୋଜିତ ରହିଥିଲେ। ପ୍ରାୟ ଦୁଇଶହ ବର୍ଷ ଧରି ଏହି ଯାତ୍ରା ସହରରେ ହୋଇ ଆସୁଥିବା ମୁଖ୍ୟ ସେବକ ସୁରେଶ କୁମାର ସାହୁ କହିଛନ୍ତି।

ନେତା, ନୀତି ଓ ପ୍ରତିଶ୍ରୁତି ସବୁ ଶିଥିଳ

ଛାତ୍ରନେତା ପାଇଁ ସାତସପନ ନିର୍ବାଚନ; କ୍ୟାମ୍ପସରେ ଅସନ୍ତୋଷ

ବ୍ରହ୍ମପୁର,୨୪।୨(ସମିସ): ରାଜ୍ୟର ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡିକରେ ଛାତ୍ର ସଂଘ ନିର୍ବାଚନ ଆୟୋଜନ ନେଇ ନୂତନ ସରକାର ଆସିବା ପରେ ଆଶା ଉଦ୍‌ଜୀବିତ ହୋଇଥିଲା। ଏନେଇ ନେତାମାନେ ଏ ସମ୍ପର୍କରେ ମତ ବି ରଖୁଥିଲେ। ଏହା ପରେ ବିଭିନ୍ନ ସମୟରେ ବିଭାଗୀୟ ମନ୍ତ୍ରୀ ମଧ୍ୟ ଛାତ୍ର ନିର୍ବାନଚ ସପକ୍ଷରେ ମତ ରଖୁଥିଲେ। ଇତିମଧ୍ୟରେ ବହୁ ମାସ ବିତିଯାଇଥିବା ବେଳେ ଛାତ୍ର ନେତାଙ୍କ ପାଇଁ ନିର୍ବାଚନ ସାତ ସପନ ହୋଇପଡ଼ିଛି। ନିର୍ବାଚନ ନେଇ ଅନେକଥର ଆଶ୍ୱାସନ ଦିଆଯାଇଥିବା ବେଳେ କୌଣସି ସ୍ପଷ୍ଟ ପଦକ୍ଷେପ ନେଉ ନଥିବାରୁ କ୍ୟାମ୍ପସଗୁଡିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦୀର୍ଘ ୭ବର୍ଷ ହେବ ଛାତ୍ର ସଂଘ ନିର୍ବାଚନ ବନ୍ଦ ରହିଛି। ନିର୍ବାଚନ ମାଧ୍ୟମରେ ଛାତ୍ରସମାଜ ନିଜର ପ୍ରତିନିଧି ବାଛିପାରେ ଏବଂ ପ୍ରଶାସନ ସମ୍ମୁଖରେ ନିଜ ଦାବି ଉପସ୍ଥାପନ କରିପାରୁନଥିବା ଛାତ୍ରମାନେ କହିଛନ୍ତି। କିନ୍ତୁ ନିର୍ବାଚନ ବନ୍ଦ ରହିବାରୁ ସେମାନେ ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସେହିପରି ହୋଷ୍ଟେଲ ସମସ୍ୟା, ଶିକ୍ଷା ଫି ବୃଦ୍ଧି, ପରୀକ୍ଷା ବ୍ୟବସ୍ଥାର ଅସୁବିଧା ଓ କ୍ୟାମ୍ପସ ସୁବିଧା ନେଇ ଅନେକ ଅଭିଯୋଗ ରହିଛି। କିନ୍ତୁ ଶିକ୍ଷାନୁଷ୍ଠାରେ ନିର୍ବାଚିତ ନେତା ନଥିବାରୁ ଉକ୍ତ ଦାବି ଗୁଡ଼ିକ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାନ ହେଇପାରୁ ନାହିଁ। ସାଧାରଣଃ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ସହରର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଓ ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭଳି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କ୍ୟାମ୍ପସଗୁଡିକରେ ଆଲୋଚନା ସଭା, ପ୍ରତିବାଦ କାର୍ଯ୍ୟକ୍ରମ ଓ ସ୍ମାରକପତ୍ର ଦେବା ଭଳି କାର୍ଯ୍ୟକଳାପ ସଠିକ ଭାବେ ହୋଇ ପାରୁନାହିଁ। ତେଣୁ ବହୁ ଛାତ୍ର ସଂଗଠନ ସ୍ପଷ୍ଟ ରୋଡମ୍ୟାପ ଓ ନିର୍ବାଚନ ତାରିଖ ଘୋଷଣା ପାଇଁ ଦାବି ହୋଇଛି। ଅନ୍ୟପକ୍ଷରେ ସରକାରଙ୍କ ଦୋଷ ଦୁର୍ବଳତା ଓ ଅପରାଗତା ପଦାରେ ପଡ଼ିବା ସମ୍ଭାବନା ରହିଥିବାରୁ ଛାତ୍ର ସଂସଦ ନିର୍ବାଚନ କରାଯାଉନି ବୋଲି ଛାତ୍ରନେତାମାନେ କହିଛନ୍ତି। ଶିକ୍ଷାନୁଷ୍ଠାନରେ ନିର୍ବାଚିତ ପ୍ରତିନିଧିଙ୍କ ଜରିଆରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି, ଅବ୍ୟବସ୍ଥା ଶିକ୍ଷାଦାନ ଓ କ୍ୟାମ୍ପସରେ ଲାଗି ରହିଥିବା ଛାତ୍ରୀ ନିର୍ଯାତନା ଭଳି ବହୁ ସମସ୍ୟା ଦୂର ହୋଇପାରିଥାନ୍ତା। ତେଣୁ ଛାତ୍ରସଂଘର ନିର୍ବାଚନ ଘୋଷଣ କରିବାକୁ ଏଆଇଡ଼ିଏସଓ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ ଦାବି କରିଛନ୍ତି। ଛାତ୍ର ସଂଘ ନିର୍ବାଚନ କେବଳ ନେତୃତ୍ୱ ଗଠନର ମାଧ୍ୟମ ନୁହେଁ। ଏହା ଗଣତାନ୍ତ୍ରିକ ପ୍ରକ୍ରିୟାର ପ୍ରାଥମିକ ପାଠଶାଳା ହୋଇଥିବା ବେଳେ ଏହା ଦ୍ୱାରା ଭବିଷ୍ୟତର ନେତୃତ୍ୱ ଗଢ଼ି ଉଠିଥାଏ। ତେଣୁ ସରକାର ଏହାକୁ ଗୁରୁତ୍ୱ ସହ କରି ବିଚାର କରି ଶୀଘ୍ର ସ୍ପଷ୍ଟ ଘୋଷଣା କରିବାକୁ ଦାବି ହୋଇଛି। ଏଥିରେ ବିଳମ୍ବ କରାଗଲେ ଆନ୍ଦୋଳନର ପନ୍ଥାକୁ ଆପଣା ଯିବ ବୋଲି ସେ କହିଛନ୍ତି।

● ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା

ପୀଡ଼ିତାଙ୍କୁ ଭେଟିଲେ ମହିଳା କଂଗ୍ରେସ ପ୍ରତିନିଧି



ରାଜକନିକା,୨୪।୨(ସମିସ): ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଆଜି ରାଜ୍ୟ କଂଗ୍ରେସ ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କୁ ଭେଟିଛି। ପୀଡ଼ିତାଙ୍କୁ ସମବେଦନା ଜଣାଇ ସରକାରଙ୍କ ନିକଟରେ ନ୍ୟାୟ ଦାବି କରିଛନ୍ତି। ଆଜି ଅପରାହ୍ନରେ ରାଜ୍ୟ କଂଗ୍ରେସ ମହିଳା ମୋର୍ଚ୍ଚାର ରାଜ୍ୟ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ପ୍ରାକ୍ତନ ବିଧାୟିକା ଡାକ୍ତର ସିପ୍ରା ମଲିକ, ରାଜ୍ୟ ସମ୍ପାଦିକା ଜୟସ୍ମୀତା ମହାନ୍ତି, କେନ୍ଦ୍ରାପଡ଼ା ଜିଲ୍ଲା ସଭାନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା, ରାଜ୍ୟ ମହିଳା ମୋର୍ଚ୍ଚା ସଭ୍ୟା କୁସୁମ ପ୍ରଧାନ, ଅପସନା ବେଗମ ପ୍ରମୁଖ ପୀଡିତାଙ୍କ ପ୍ରତି ହୋଇଥିବା ବର୍ବୋରଚିତ କାଣ୍ଡରେ ସମବେଦନା ଜଣାଇଥିଲେ। ଏଥିସହିତ ଏହି ନାରକୀୟ ଘଟଣାରେ ସାମିଲ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବହୁ ମହିଳା, ସଚେତନ ନାଗରିକ ଉପସ୍ଥିତ ଥିଲେ।

ଦାମୋଦରଜୀଉ ବିଦ୍ୟାପୀଠ-ନୋଳସାହି ରାଇସ ମିଲ୍ କେନାଲ ବନ୍ଧ ରାସ୍ତା ମରଣଯନ୍ତା

ରାସ୍ତାରେ ଗୋଡ଼ି, ମେଟାଲ, ଖାଲଖମା; ଲୋକେ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୨୪।୨(ସମିସ)



ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଦାମୋଦର ଜୀଉ ବିଦ୍ୟାପୀଠ ଠାରୁ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ରାଇସ ମିଲ ପର୍ଯ୍ୟନ୍ତ ୮ ନମ୍ବର କେନାଲ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି।ଏହି ରାସ୍ତା ଦୀର୍ଘଦିନ ହେଲା ମରଣଯନ୍ତା ପାଲଟିଥିବା ବେଳେ ରାସ୍ତାରେ ଗୋଡ଼ି, ମେଟାଲ,ଖାଲ ଖମାରେ ପଡ଼ିରହି ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି।ସରକାର ହେଉ କି ପ୍ରଶାସନ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ଭଲ ରାସ୍ତାକୁ ମରାମତି କରୁଥିବା ବେଳେ ମରଣଯନ୍ତା ପାଲଟିଥିବା କେତେକ ଆର ଡି ରାସ୍ତା କୁ ମରାମତି କରିବା ପାଇଁ ଖାମ୍ ଖିଆଲି ମନୋଭାବ ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି।ନୂତନ ସରକାର ଆସିବା ପରେ ଆଖି ଦୃଷ୍ଟିଆ ରାସ୍ତା କାମ ହୋଇ ନଥିବା ବେଳେ ଯେଉଁଠି ରାସ୍ତା କାମ ହୋଇଛି ନିମ୍ନ ମାନର ରାସ୍ତା କାମ କରି ଠିକାଦାର ଓ ପ୍ରଶାସନ ଅଧିକାରୀ ମାନେ ମାଲେମାଲ ହେଉଥିବା ଅଭିଯୋଗ ହେଉଛି।ଗତବର୍ଷ ଏହି ରାସ୍ତା ମରାମତି କରିବା ପାଇଁ ଏକ ଠିକାଦାର ଜଣକ ଅଳ୍ପ କିଛି ରାସ୍ତାରେ ପିଚୁ କାମ ଆରମ୍ଭ କରି ପରେ ଛୁ ମାରିଥିଲା।ସେହି ଦୀନଠୁ ରାସ୍ତାରେ ବାଲି କି ଗୋଡ଼ି ପଡ଼ି ନଥିବା ଅଭିଯୋଗ ହେଉଛି।ସେହିପରି ତ୍ରିପୁରାରି ପୁର ଠାରୁ ଛୋଟି ପର୍ଯ୍ୟନ୍ତ କୋଟିକୋଟି ଟଙ୍କାର ଜଣେ ଠିକାଦାର ନିମ୍ନ ମାନର କାମ କରି ଥିବା ଦେଖିବାକୁ ମିଳୁଛି।ଏଥି ପ୍ରତି ସରକାର ହେଉ କି ପ୍ରଶାସନ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର କେତେକ ପଞ୍ଚାୟତର ଲୋକେ ହଇରାଣ ହରକତ ହେଉଛନ୍ତି।ଏହି ରାସ୍ତାରେ ଲୋକମାନେ ଯାତାୟତରେ ଅସୁବିଧା ହେଉଥିବା ଅଭିଯୋଗ ହେଉଛି।ଏହି ରାସ୍ତା ଦେଇ ବିଭିନ୍ନ ସ୍କୁଲ କଲେଜ, ଡ଼ାକ୍ତରଖାନା କୁ ବିଭିନ୍ନ ପ୍ରକାରର ଗାଡ଼ି ମଟର ଚଳାଚଳ କରୁଥିବା ବେଳେ ଏହି ରାସ୍ତାରେ ଲକ୍ଷ୍ମୀବସ୍ ଚଳାଚଳ କରୁଥିବା ଦେଖିବାକୁ ମିଳୁଛି ଏହି ରାସ୍ତାକୁ ବେଣପୁର,ଛୋଟି,ମଙ୍ଗଳପୁର ଓ ରଘୁଦେଇପୁର ପଞ୍ଚାୟତର ଅଧିକାଂଶ ଲୋକ ମାନେ ଯାତାୟାତ କରୁଛନ୍ତି।ଏହାର ତଦନ୍ତ କରାଯାଇ ଜିଲ୍ଲା ପ୍ରଶାସନ ଅଧିକାରୀ ମାନେ ରାସ୍ତାର ଶୀଘ୍ର ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ

ପଞ୍ଚୁପାଣ୍ଡବ,୨୪।୨(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଜମିବାଡ଼ିକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗରେ ଗ୍ରାମର ମନୋରଞ୍ଜନକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗ୍ରାମର କିଛି ଅନାବାଦୀ ଜାଗାକୁ କେନ୍ଦ୍ରକରି ଦୀର୍ଘଦିନ ଧରି ଗ୍ରାମର ସନ୍ତୋଷ ସାମଲ ଓ ମନୋରଞ୍ଜନ ସାହୁଙ୍କ ମଧ୍ୟରେ ବିବାଦ ଥିଲା। ରବିବାର ସନ୍ତୋଷ ପାନଦୋକାନକୁ ପାନ ପାଇଁ ଯାଇଥିବାବେଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସନ୍ତୋଷକୁ ମୁରଲୀଧର ସାହୁଙ୍କ ପୁଅ ମନୋରଞ୍ଜନ ସାହୁ ଓ ସାନ ପୁଅ ଚିତ୍ତରଞ୍ଜନ ସାହୁ ମିଶି ଆକ୍ରମଣ କରିଥିଲେ। ସନ୍ତୋଷଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ବାମ ହାତ ଭାଙ୍ଗିଯାଇଥିଲା। ଖବର ପାଇ ପରିବାର ଓ ଗ୍ରାମର କିଛି ଯୁବକ ମିଶି ସନ୍ତୋଷଙ୍କୁ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଘଟଣାରେ ସନ୍ତୋଷଙ୍କ ଖୁଡି କମଳା ଡେରାବିଶ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରି ଅଭିଯୁକ୍ତ ମନୋରଞ୍ଜନ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

● ବଳଦେବଜୀଉ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ଉଦ୍ୟମ

୭ ଘଣ୍ଟା ବିଳମ୍ବରେ ଆରମ୍ଭ ହେଲା ଶ୍ରୀଜୀଉଙ୍କ ନୀତି

ପାଳିଆ ସେବାୟତଙ୍କ ଅସନ୍ତୋଷ

କେନ୍ଦ୍ରାପଡ଼ା,୨୪।୨(ସମିସ): କେନ୍ଦ୍ରାପଡ଼ାସ୍ଥ ବଳଦେବଜୀଉ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ଉଦ୍ୟମ ଅଭିଯୋଗକୁ ନେଇ ମଙ୍ଗଳବାର ଶ୍ରୀଜୀଉଙ୍କ ନୀତିକାନ୍ତି ଦୀର୍ଘ ସାତ ଘଣ୍ଟା ବିଳମ୍ବ ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ପାଳିଆ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିଦିନ ଭଳି ସକାଳ ସମୟରେ ମନ୍ଦିରର ଦକ୍ଷିଣ ପାଚେରି ଗେଟ୍ ପୌର ସଂସ୍ଥା କର୍ମଚାରୀଙ୍କ ଦ୍ୱାରା ପତ୍ର ଓ ଆବର୍ଜନା ସଫା କରିବା ପାଇଁ ଖୋଲାଯାଇଥିଲା। ସଫେଇ କାର୍ଯ୍ୟ ଶେଷ ପରେ ଛୋଟ କବାଟ ବନ୍ଦ କରାଯାଇଥିଲା। ତେବେ ସିସିଟିଭି ଫୁଟେଜ ଯାଞ୍ଚରେ ସକାଳ ୬ଟା ୪୧ ମିନିଟ୍‌ରୁ ୬ଟା ୪୨ ମିନିଟ୍ ମଧ୍ୟରେ ଜଣେ ଅଣହିନ୍ଦୁ ବ୍ୟକ୍ତି ଗେଟ୍ ଖୋଲାଥିବା ସୁଯୋଗ ନେଇ କୁଣ୍ଡ ନିକଟରେ ପହଞ୍ଚି କିଛି ପ୍ଲାଷ୍ଟିକ ବୋତଲ ସଂଗ୍ରହ କରୁଥିବା ଦେଖାଯାଇଥିଲା। ଏହି ବ୍ୟକ୍ତି ମନ୍ଦିର ବେଢ଼ା ଭିତରକୁ ପ୍ରବେଶ କରିଥିବା ନେଇ ଜଣେ ସେବାୟତ ସନ୍ଦେହ ପ୍ରକାଶ କରିବା ପରେ ଘଟଣାକୁ ନେଇ ଚର୍ଚ୍ଚା ହୋଇଥିଲା। ପରେ ପରମ୍ପରା ଅନୁଯାୟୀ ମନ୍ଦିର ପରିସର ଶୋଧନ, ରୋଷ ମାର୍ଜନା ଓ ପୁନଃ ପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା। ଫଳସ୍ୱରୂପ ସକାଳ ୬ଟାରେ ହେବାକୁ ଥିବା ଜୟ ମଙ୍ଗଳା ଆଳତି ଦିନ ପ୍ରାୟ ୧ଟାରେ ଅନୁଷ୍ଠିତ ହୋଇଥିଲା। ପରେ ଅନ୍ୟାନ୍ୟ ନୀତିକାନ୍ତି କ୍ରମାନୁସାରେ ସମ୍ପନ୍ନ ହୋଇଥିଲା। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସମ୍ପୃକ୍ତ ବ୍ୟକ୍ତି ମନ୍ଦିର କୁଣ୍ଡ ନିକଟରେ ଥିଲେ ମଧ୍ୟ ମୁଖ୍ୟ ବେଢ଼ା ଭିତରକୁ ପ୍ରବେଶ କରି ନ ଥିଲେ। ତଥାପି ପରମ୍ପରା ଓ ନୀତି ଅନୁଯାୟୀ ଶୋଧନ କାର୍ଯ୍ୟ ପରେ ନୀତିକାନ୍ତି ଆରମ୍ଭ କରାଯାଇଥିଲା। ଫଳରେ ଦୀର୍ଘ ସମୟ ବିଳମ୍ବ ହୋଇଥିଲା। ଏହି ଘଟଣାକୁ ନେଇ ସେବାୟତ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଆଗାମୀ ଦିନରେ ଏପରି ଘଟଣାର ପୁନରାବୃତ୍ତି ନ ହେବାକୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପାଇଁ ଦାବି ହୋଇଛି।

ରକ୍ତଦାନ କରି ଜୀବନ ବଞ୍ଚାଇଲେ ସୁମନ୍ତ

ମହାକାଳପଡ଼ା,୨୪।୨(ସମିସ): ମହାକାଳପଡ଼ା ବ୍ଲକ ଅଧୀନସ୍ଥ ବିଜୟନଗର ପଞ୍ଚାୟତ ଅନ୍ତର୍ଗତ ବିଜୟନଗର ଗ୍ରାମର ସୁଦର୍ଶନ ରାଉତଙ୍କ ପୁଅ ତଥା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସୁମନ୍ତ ରାଉତ ଆଜି ରକ୍ତଦାନ କରି ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇଛନ୍ତି। ମଙ୍ଗଳବାର ବଟିରା ପଞ୍ଚାୟତ ବଟିରା ଗ୍ରାମର କ୍ଷୀରୋଦ ଜେନା ଶ୍ୱାସଜନିତ ସମସ୍ୟାରେ ପୀଡିତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ଏକ ଜରୁରିକାଳୀନ ରକ୍ତ ଆବଶ୍ୟକ ବୋଲି ସୂଚନା ଆସିଥିଲା। ସୂଚନା ପାଇ ସୁମନ୍ତ ତୁରନ୍ତ କେନ୍ଦ୍ରାପଡ଼ା ରକ୍ତ କେନ୍ଦ୍ରରେ ପହଞ୍ଚି ରକ୍ତଦାନ କରିଥିଲେ। ସୁମନ୍ତଙ୍କ ରକ୍ତଦାନ ପାଇଁ କ୍ଷୀରୋଦଙ୍କୁ ରକ୍ତ ଦିଆଯାଇଥିଲା। ସୁମନ୍ତଙ୍କ ଏହି ମହାନ ପ୍ରୟାସ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

ରାଜଗଡ଼ରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ

ରାଜନଗର,୨୪।୨(ସମିସ): ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ଼ ଗ୍ରାମରେ ମହାଶିବରାତ୍ରୀ ଉପଲକ୍ଷେ ଶ୍ରୀଶ୍ରୀ ହରଗୌରୀ ପୂଜା ଉତ୍ସବ ଓ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଦୀର୍ଘ ୫ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସୁବ୍ରତ ରଥ, ପଣ୍ଡିତ ମହେନ୍ଦ୍ର ଶତପଥୀ, ପଣ୍ଡିତ ଫକୀର ଶତପଥୀ, ପଣ୍ଡିତ ଶୁଭେନ୍ଦୁ ନାରାୟଣ ଦାଶ, ପଣ୍ଡିତ ପବିତ୍ର ଷଡଙ୍ଗୀ, ପଣ୍ଡିତ ମହେନ୍ଦ୍ର ଶତପଥୀ ପୂଜାର୍ଚ୍ଚନା କରିଥିଲେ। ହରଗୌରୀଙ୍କର ଷୋଡ଼ଶ ପୂଜା ଉପଚାର ସହିତ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର କଳସ ଯାତ୍ରା, ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋମାତା ପୂଜା, ରୁଦ୍ରାଭିଷେକ, ଯଜ୍ଞକର୍ମ, ଚଣ୍ଡୀପାଠ, ଗୀତାପାଠ ଓ ଶେଷରେ ପୁଷ୍ପାଞ୍ଜଳି ପୂର୍ଣ୍ଣାହୂତି କରାଯାଇଥିଲା। ଯଜ୍ଞର ପୁରୋଧା ଭାବେ ମନୋଜ ମହାନ୍ତି ଓ ତାଙ୍କ ସହଧର୍ମିଣୀ ମିନତୀ ମହାନ୍ତି ଓ ହରଗୌରୀ ପୂଜାରେ ଶୁଭେନ୍ଦୁ ସ୍ୱାଇଁ ଓ ତପସ୍ୱିନୀ ସ୍ୱାଇଁ କାର୍ଯ୍ୟ ନିର୍ବାହ କରିଥିଲେ। ଗ୍ରାମର ସମସ୍ତ ବିବାହିତ ଝିଅଙ୍କୁ ନିମନ୍ତ୍ରଣ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଯଜ୍ଞ ପୂର୍ଣ୍ଣାହୂତି ଉତ୍ସବରେ ଯୁବ ନେତା ଗଙ୍ଗାଧର ଦାସ, ସମିତି ସଭ୍ୟ ସଞ୍ଜୟ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସନାତନ ରାଉତ, ଅଜୟ ସାହୁ, ବିକ୍ରମ ରାଉତ, ସାଇ ଆଲୋକ ରାଉତ, ରବିନ୍ଦ୍ର ଓଝା, ଶିବରାମ ବେହେରା, ବାଦଲ ଦାସ, ପ୍ରଶାନ୍ତ ଦାସ, ରବୀନ୍ଦ୍ର ବେହେରା, ମାୟାଧର ଦାସ, ବିବେକ ରାଉତ, ଶଙ୍କର୍ଷଣ ଦାସ, ପ୍ରଦୀପ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

ବୀଣାପାଣି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରାଜକନିକା, ୨୪।୨(ସମିସ): ଚରପଡ଼ାସ୍ଥ ବୀଣାପାଣି ବିଦ୍ୟାମନ୍ଦିରର ଏକବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପିସିସି ସମ୍ପାଦିକା ଡ. ଦେବସ୍ମିତା ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଆମେ ଇତିହାସ ଦେଖି ନିଜକୁ ତଥା ନିଜ ପୂର୍ବପୁରୁଷଙ୍କୁ ନେଇ ଗର୍ବିତ। କିନ୍ତୁ ଆମେ ନିଜେ କାହିଁକି ଇତିହାସ ସୃଷ୍ଟି ହେବାକୁ ପଛାଇ ଯାଉଛେ। ଏ ବୀଣାପାଣି ବିଦ୍ୟାମନ୍ଦିରର କୁନି କୁନି ପିଲା କାଲି ଏମିତି କାମ କରନ୍ତୁ, ଦିନେ ଇତିହାସ ଆମକୁ ମନେ ରଖିବ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ସଭାକୁ ପରିଚାଳନା କରିଥିବାବେଳେ ମୁଖ୍ୟବକ୍ତା ଭାବେ ସମାଜସେବୀ ବାବୁରାମ ଜେନା, ସମ୍ମାନିତ ଅତିଥି ଭାବେ ବାଙ୍ଗରା ପଞ୍ଚାୟତ ସରପଞ୍ଚ ଜ୍ଞାନରଞ୍ଜନ ଜେନା, କଟକ ଜିଲ୍ଲା ଭୂଦାନ ଅଧିକାରୀ ସରୋଜ ସାମଲ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଗୁରୁଜୀ ମିତ୍ରଭାନୁ ସାମନ୍ତସିଂହାର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାକ୍ତନ ଗୁରୁମା ସକୁନ୍ତଳା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଦିବସରେ ପ୍ରତିଷ୍ଠାତା ଲୋତକ ବିନ୍ଦୁ ଦାସ ସଭାକୁ ଉଦ୍‌ଘାଟନ କରିଥିବାବେଳେ ଅପରାହ୍ନ ଅଧିବେଶନରେ କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟା ଉପସଭାପତି ତଥା ବିକେବି ହାଇସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ ସାମଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରାଜକନିକା ଏବିଓ ତଥା ବିଆରସିସି କୈଳାସ ସାହୁ, ମୁଖ୍ୟବକ୍ତା ଭାବେ ରାଜକନିକା ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମାକୁମାରୀ ଲିନା ଭଉଣୀ, ଓଷ୍ଟା ସମ୍ପାଦକ ଅରବିନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୁରୁଜୀ ଅଶୋକ ରାଉତ, ଗୁରୁମା ସ୍ୱର୍ଣ୍ଣପ୍ରଭା ବଳ, ପୂର୍ଣ୍ଣସ୍ମିତା ବାରିକ, ବୈଶାଖୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବଙ୍ଗ ଭାଷୀଙ୍କୁ ଜମି ପଟ୍ଟା ପ୍ରଦାନ ନେଇ ବୈଠକ



ମହାକାଳପଡ଼ା,୨୪।୨(ସମିସ): ମହାକାଳପଡ଼ା ବ୍ଲକରେ ଦୀର୍ଘ ବର୍ଷ ଧରି ବସବାସ କରି ଆସୁଥିବା ବଙ୍ଗଭାଷୀଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ସମ୍ବନ୍ଧୀୟ ଏକ ବୈଠକ ଆଜି ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ, ଜିଲ୍ଲା ପ୍ରଶାସନ, ମହାକାଳପଡ଼ା ତହସିଲ ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହାକାଳପଡ଼ା ବ୍ଲକର ରାମନଗର, ଖରିନାସୀ ଓ ବଟୀଘର ପଞ୍ଚାୟତରେ ଦୀର୍ଘ ବର୍ଷରୁ ବସବାସ କରିଆସୁଥିବା ବଙ୍ଗଭାଷୀ ୧୪ ବର୍ଷ ଧରି ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଲଢ଼େଇ କରିଆସୁଛନ୍ତି। ବିଧାୟକ ଶ୍ରୀ ନାୟକ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ। ଏ ସଂକ୍ରାନ୍ତରେ ତୃତୀୟ ବୈଠକ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, ମହାକାଳପଡ଼ା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ରାମଚଣ୍ଡୀ ସର୍କଲ ରାଜସ୍ୱ ନିରୀକ୍ଷକ ବିଜୟ ବେହେରା, ସ୍ଥାନୀୟ ପ୍ରତିନିଧି ରନି ହାଲଦାର, ବଟୀଘର ସମିତି ସଭ୍ୟ କ୍ରିଷ୍ଣପଦ ମଣ୍ଡଳ, ଦେବବ୍ରତ ମିସ୍ତ୍ରୀ ଓ ସୁମନ୍ତ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଏକ ମାସ ମଧ୍ୟରେ ସମସ୍ତ ପ୍ରକ୍ରିୟା ପ୍ରସ୍ତୁତ କରାଯାଇ ୧୯୬୨ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କଟକ ହୁକୁମ ମୁତାବକ ୧୯୭୬ରେ ପୁନଃବସତି ବିଭାଗ ଦ୍ୱାରା ଓଡ଼ିଶା ସରକାର ଦ୍ୱାରା ମିଳିଥିବା ଜମି ପଟ୍ଟା ଓ କେ ଫର୍ମ, ଜଙ୍ଗଲ କିସମ ଜମି ସମ୍ବନ୍ଧୀୟ ଜମିର ପଟ୍ଟା ପାଇଁ କେନ୍ଦ୍ର ସରକାର ନିକଟକୁ ଚିଠି କରାଯାଇ ଏହି ସମସ୍ୟାର ସ୍ଥାୟୀ ସମାଧାନ କରି ଅଞ୍ଚଳବାସୀଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ଆଲୋଚନା ହୋଇଥିଲା।

ଉମାକାନ୍ତ ପାତ୍ର ଏଆଇଏଫୟୁସିଟିଓର ଜାତୀୟ ଉପସଭାପତି



ପଟ୍ଟାମୁଣ୍ଡାଇ,୨୪।୨(ସମିସ): ଶିକ୍ଷକନେତା ତଥା ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ସଂଗଠନ (ଏଆଇଏଫୟୁସିଟିଓ)ର ସର୍ବଭାରତୀୟ ଉପସଭାପତି ଭାବେ ଦ୍ୱିତୀୟଥର ନିର୍ବାଚିତ ହୋଇଛନ୍ତି। ମଦୁରାଇଠାରେ ଆୟୋଜିତ ସର୍ବଭାରତୀୟ ସମ୍ମିଳନୀରେ ଅନୁଷ୍ଠିତ ନିର୍ବାଚନରେ ପ୍ରଫେସର ପାତ୍ର ଭାଗ ନେଇ ଉପସଭାପତି ଭାବେ ନିର୍ବାଚିତ ହୋଇ ରାଜ୍ୟ, କେନ୍ଦ୍ରାପଡ଼ା ଜିଲ୍ଲା ଓ ପଟ୍ଟାମୁଣ୍ଡାଇ, ରାଜନଗର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ପ୍ରଫେସର ପାତ୍ର ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ନିରବଚ୍ଛିନ୍ନ ସଂଗ୍ରାମ କରିଆସୁଛନ୍ତି। ସେ ସମ୍ପ୍ରତି ଏଓଏନଜିସିଟିଏ ସଂଗଠନର ରାଜ୍ୟ ସମ୍ପାଦକ ଭାବେ ନିଷ୍ଠାର କାର୍ଯ୍ୟ କରି ପ୍ରଶଂସାଭାଜନ ହେବା ସହିତ ପଟ୍ଟାମୁଣ୍ଡାଇ ରାଜନଗର ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ସର୍ବଭାରତୀୟ ଶିକ୍ଷକ କର୍ମଚାରୀ ସଂଗଠନର ଉପସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ପ୍ରଫେସର ପାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

ବାବା ବଳିଆଙ୍କ ସତସଙ୍ଗ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୨୪।୨(ସମିସ): ସନ୍ଥ ସଦଗୁରୁ ପୂଜ୍ୟପାଦ ବାବା ବଳିଆଙ୍କ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବା ବଳିଆଙ୍କ ଶିଷ୍ୟ ଦିଲ୍ଲୀପ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୩ ତାରିଖରେ ସାମୂହିକ ପ୍ରାର୍ଥନା, ଗୁରୁ ପୂଜା ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ୨୪ ତାରିଖରେ ଆଶୀର୍ବଚନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ ଓ ଭଜନ ଜଣାଣ ପରିବେଷଣ କରିଥିଲେ। ପଟ୍ଟାମୁଣ୍ଡାଇ ମହିଳା କଲେଜ ନିକଟରେ ଆୟୋଜିତ ମନୋଜ୍ଞ ଆଧ୍ୟାତ୍ମିକ



ସମାବେଶରେ ପୂଜ୍ୟପାଦ ବାବା ବଳିଆ ପ୍ରବଚନ ଦେଇ ସ୍ୱଚ୍ଛ ନିର୍ମଳ ବିଚାରଧାରା ନେଇ ସୁନ୍ଦର ପରିବାର, ସମାଜ ଓ ଦେଶ ଗଠନ କରିବାକୁ ପରାମର୍ଶ ଦେଇ ଆଧ୍ୟାତ୍ମିକ ମାର୍ଗରେ ରହି ଅନୀତି ଭ୍ରଷ୍ଟାଚାର ଓ କୁସଂସ୍କାର ବିରୋଧରେ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ। ଦିଲ୍ଲୀପ ଜେନା ଧନ୍ୟବାଦ ଦେଇଥିଲେ।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଡେରାବିଶ,୨୪।୨(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଳୋସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ପୂର୍ବାହ୍ନରେ ମାନସଭୂଷଣ ପଣ୍ଡିତ ହୃଷିକେଶ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ



ପ୍ରସାଦ ମନ୍ତ୍ରୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ସହଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସଚିଦାନନ୍ଦ ମିଶ୍ର, ବିଆରସିସି ଦେବଦତ୍ତ ଶତପଥୀ, ସ୍ଥାନୀୟ ସରପଞ୍ଚ କନକଲତା ପ୍ରଧାନ, ଅନୁଷ୍ଠାନର ସଭାପତି ଅଜୟ ନାୟକ, ଅଧ୍ୟକ୍ଷ ଶରତ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷାର ମହତ୍ତ୍ୱ ବିଷୟରେ ପରାମର୍ଶ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅପରାହ୍ନ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା, ମୁଖ୍ୟବକ୍ତା ଭାବେ କେନ୍ଦୁଝର ଜିଲ୍ଲା ସହଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅକ୍ଷୟ ସାହୁ, ଶିକ୍ଷାକେନ୍ଦ୍ରର ସମ୍ପାଦିକା କୁସୁମମଞ୍ଜରୀ ନାୟକ, ବଙ୍ଗାଳପୁର ସରପଞ୍ଚ ଅମୀୟ ଜେନା ଯୋଗଦେଇ ଛାତ୍ରଛାତ୍ରୀଙ୍କଠାରେ ଥିବା ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରାଇ ସମାଜସେବାରେ ବିନିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଏ ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ରତ୍ନାକର ନାୟକଙ୍କ ଅବଦାନ ପାଇଁ ପ୍ରଶଂସା କରିଥିଲେ। ପରେ ଅତିଥିମାନେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉଭୟ ଅଧିବେଶନରେ ପରିଚାଳକ ଦିଲ୍ଲୀପ କୁମାର ନାୟକ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ରମେଶ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଭାଇ ଓ ଅପାମାନେ ପରିଚାଳନା କରିଥିଲେ।

ବଳଭଦ୍ରପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୨୪।୨(ସମିସ): ବଳଭଦ୍ରପୁର ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶେଷଦେବ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ବିଇଓ ଅନୀଲ ବଳ ମୁଖ୍ୟଅତିଥି, ଶିକ୍ଷାବିତ ଅଶୋକ ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସେବା ନିବୃତ୍ତ ଶିକ୍ଷକ ତ୍ରିଲୋଚନ ସ୍ୱାଇଁ ଓ ଅଭିରାମଙ୍କ ସ୍କୁଲ ବିକାଶ କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସିଆରସିସି ଆଶିଷ ମହାପାତ୍ର, ଆଳି ବ୍ଲକ ପ୍ରାକ୍ତନ ବିଇଓ ନଳିନୀ ରାଉତରାୟ, ଶିକ୍ଷାବିତ ରବୀନ୍ଦ୍ର ପରିଡା, ପୂର୍ବତନ ସରପଞ୍ଚ ବାବାଜୀ ଧଳ, ଉତିକଣ ଚାଷୀ ମୂଳିଆ ଆବାହକ ଭାସ୍କର ରାଉତରାୟ, ଶିକ୍ଷକ ନେତା ହରିହର ପତି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭାଂଶୁ ଦାସ, ନିହାର ସେଠୀ, ଆଦିକନ୍ଦ କୁଣ୍ଡ, ଆନନ୍ଦ ମଲ୍ଲିକ, ପ୍ରହଲ୍ଲାଦ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ ସୁରେଶ ଜେନା ସ୍ୱାଗତ ଭାଷଣ ଓ ନିଶିକାନ୍ତ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦାୟୀ ଶିକ୍ଷକ ତ୍ରିଲୋଚନ ସ୍ୱାଇଁ ଓ ଅଭିରାମ ରାଉତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହକାରୀ ଶିକ୍ଷକ ସୁଧାଂଶୁ ଷଡଙ୍ଗୀ, ସ୍କୁଲ ପରିଚାଳନା କମିଟି ସଭ୍ୟ ପଙ୍କଜ ମଲ୍ଲିକ ଓ ନୀଳାମ୍ବର ପରିଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସ୍ୱନକ୍ଷତ୍ର ଦିବସ

କେନ୍ଦ୍ରାପଡ଼ା,୨୪।୨(ସମିସ)



କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ୩୯ତମ ସ୍ୱନକ୍ଷତ୍ର ଦିବସ ମଙ୍ଗଳବାର ଅପରାହ୍ନରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଛି। ପ୍ରାରମ୍ଭରେ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ଦିବଂଗତ ଭାଗବାତ ପ୍ରସାଦ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବର୍ତ୍ତକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋଚିତ୍ର ନିକଟରେ ପୁଷ୍ପାର୍ଘ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ୟାଙ୍କର ଆର୍ଥିକ ଅଭିବୃଦ୍ଧି ଓ ଭବିଷ୍ୟତ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ସେ କହିଥିଲେ, ବ୍ୟାଙ୍କ ଉପରେ ଲାଗିଥିବା ବିଭିନ୍ନ କଟକଣା ହଟିଯାଇଥିବାରୁ ଏବେ ବ୍ୟାଙ୍କର କାର୍ଯ୍ୟକ୍ଷେତ୍ର ବ୍ୟାପକ ହୋଇଛି। ଆଗାମୀ ଦିନରେ ଜିଲ୍ଲାରେ ଆହୁରି ଚାରିଟି ନୂତନ ଶାଖା ଖୋଲିବା ପାଇଁ ଯୋଜନା ରହିଛି। ଏଥିସହ ଅଂଶୀଦାରଙ୍କୁ ଲାଭାଂଶ ବର୍ଣ୍ଟନ, ପୁଞ୍ଜି ବିନିଯୋଗ ବୃଦ୍ଧି ଓ ବ୍ୟାଙ୍କର ସେବା ବିସ୍ତାର ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କକୁ ଆର୍ଥିକ ଭାବେ ସୁଦୃଢ଼ ଓ ଉତ୍ତମ ପରିଚାଳିତ ବ୍ୟାଙ୍କ ଭାବେ ପରିଗଣିତ କରାଯାଇଛି। ଭାରତ ସରକାରଙ୍କ ଅମ୍ବ୍ରେଲା ଅର୍ଗାନାଇଜେସନ ଦ୍ୱାରା ସଫ୍ଟୱେୟାର ଚୟନ ପାଇଁ ଦେଶର ୧୪ଟି ପ୍ରମୁଖ ଅର୍ବାନ ବ୍ୟାଙ୍କ ମଧ୍ୟରେ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ଚୟନ ହେବା ଗୌରବର ବିଷୟ ବୋଲି କୁହାଯାଇଥିଲା। ବ୍ୟାଙ୍କର ନେଟ୍ ଏନ୍‌ପିଏ ଶୂନ୍ୟ ପ୍ରତିଶତ

● କଟକଣା ହଟିବା ପରେ ବ୍ୟାଙ୍କର ନୂତନ ଉଡାଣ

● ଜିଲ୍ଲାରେ ଖୋଲିବ ଆହୁରି ୪ ଶାଖା, ଏନ୍‌ପିଏ ହ୍ରାସ ଲକ୍ଷ୍ୟ


ରହିଥିବାବେଳେ ଗ୍ରସ୍ ଏନ୍‌ପିଏ ୧୧ ପ୍ରତିଶତ ରହିଛି। ଏହାକୁ ଆଗାମୀ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୭ ପ୍ରତିଶତକୁ କମାଇବା ଲକ୍ଷ୍ୟ ରଖାଯାଇଛି। ସେହିପରି ବ୍ୟାଙ୍କର ପୁଞ୍ଜି ପର୍ଯ୍ୟାପ୍ତତା ହାର ୧୨ ପ୍ରତିଶତକୁ ପହଞ୍ଚିଥିବା ସଭାପତି ସୂଚନା ଦେଇଥିଲେ। ପରିଚାଳନା ପରିଷଦ ସଦସ୍ୟ ଡ. ବିଶ୍ୱପ୍ରକାଶ କାନୁଗୋ, ଆକବର ଅଲ୍ଲୀ, ଲକ୍ଷ୍ମୀନାରାୟଣ ଦାଶ, ପ୍ରାକ୍ତନ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶୀଲ ସାମଲ, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସରୋଜ ସାହୁ, ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ମନୋଜ ସାହୁ, ପରେଶ ଦାଶ, ପ୍ରଦୀପ ମହାନ୍ତି, ଶରତ ବେହୁରା ଓ ସନ୍ତୋଷ ସେଠୀ ପ୍ରମୁଖ ଯୋଗଦେଇ ବ୍ୟାଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରିଥିଲେ। ପରିଶେଷରେ ବ୍ୟାଙ୍କର ଉପସଭାନେତ୍ରୀ ଅପର୍ଣ୍ଣା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟାଙ୍କ କର୍ମଚାରୀ ରାଜୀବ ପଣ୍ଡା, ସୁରେଶ ପରିଡା, ଶଶାଙ୍କଶେଖର ଲେଙ୍କା ଓ ଆଦିତ୍ୟ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ୟାଙ୍କର ପରିଚାଳନା ପରିଷଦ ସଦସ୍ୟ ପ୍ରଫୁଲ୍ଲ ସାହୁ, ବିଧୁଭୂଷଣ ମହାପାତ୍ର, ରଶ୍ମିରଞ୍ଜନ ଚୈଧୁରୀ, ମହେନ୍ଦ୍ର ପରିଡା, ନବଜ୍ୟୋତି ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଚାନ୍ଦୋଳକୁ ବ୍ଲକ୍ ମାନ୍ୟତା ଦେବାକୁ ଜନଶକ୍ତି ପାର୍ଟିର ଦାବି

ଡେରାବିଶ, ୨୪।୨(ସମିସ): ପ୍ରଶାସନ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ପାଇଁ ଭୌଗୋଳିକ ଦୃଷ୍ଟିରୁ ଡେରାବିଶ ବ୍ଲକ୍‌ର ଚାନ୍ଦୋଳକୁ ବ୍ଲକ୍ କରିବାକୁ ଜନଶକ୍ତି ପାର୍ଟି ସଭାପତି ଆଇନଜୀବୀ ପ୍ରଦୀପ ଦାଶ ଦାବି କରିଛନ୍ତି। ଡେରାବିଶ ବ୍ଲକ୍ କେନ୍ଦ୍ରାପଡ଼ାର ଉପକଣ୍ଠରେ ଥିବାରୁ ଏହି ବ୍ଲକ୍‌ର ଯଅଁରାବାରିମୂଳ, ହରିଅଙ୍କ, ଇନ୍ଦାଳୋ ପଞ୍ଚାୟତର ଜନସାଧାରଣ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ୨୦ କିଲୋମିଟର ଯିବାକୁ ପଡୁଥିବାବେଳେ ଚାନ୍ଦୋଳ, ପଲେଇ, ମୁକୁନ୍ଦପୁର, ଦାନପୁର, ରତାଦିଆଖଣ୍ଡସାହି, ବସପୁର ଇତ୍ୟାଦି ପଞ୍ଚାୟତର ଜନସାଧାରଣଙ୍କୁ ୧୫ କିଲୋମିଟର ଯିବାକୁ ପଡୁଛି। ଅନ୍ୟପକ୍ଷରେ ଲୁଣାକରାଣ୍ଡିଆ ଦ୍ୱୀପାଞ୍ଚଳରେ ଥିବା ଜଳପକ ଓ ଆୟତପୁର ପଞ୍ଚାୟତ ମାର୍ଶାଘାଇ ବ୍ଲକ ଅଧୀନରେ ରହିଛି। ଏହି ଦୁଇ ପଞ୍ଚାୟତର ଜନସାଧାରଣ ବ୍ଲକ୍ କାର୍ଯ୍ୟାଳୟକୁ ଯିବାକୁ ହେଲେ ୨୫ କିଲୋମିଟର ବାଟ ଯିବାକୁ ପଡୁଛି। ନୂତନ ବ୍ଲକ୍ ଗଠନ ସମୟରେ ଭୌଗୋଳିକ, ପ୍ରଶାସନିକ ଦୃଷ୍ଟିକୋଣରୁ ଚାନ୍ଦୋଳକୁ ନୂତନ ବ୍ଲକ ମାନ୍ୟତା ଦେଇ ଏହାର ଅଧୀନରେ ଚାନ୍ଦୋଳ, ଖମୋଳ, ପଲେଇ, ମୁକୁନ୍ଦପୁର, ଦାନପୁର, ରତାଦିଆଖଣ୍ଡସାହି, ବସପୁର, ଇନ୍ଦାଳୋ, ହରିଅଙ୍କ, ଯଅଁରାବାରିମୂଳ ଏବଂ ମାର୍ଶାଘାଇ ବ୍ଲକର ଜଳପୋକ ଓ ଆୟତିପୁର, ଗରଦପୁର ବ୍ଲକର ଭଗବାନପୁର ଓ ବଙ୍ଗାଳପୁର, ଏପରିକି କେନ୍ଦ୍ରାପଡ଼ା ବ୍ଲକ୍‌ର ଭାଗବତପୁର ପଞ୍ଚାୟତକୁ ସାମିଲ କରାଗଲେ ଏହାର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଶ୍ରୀ ଦାଶ କହିଛନ୍ତି।

୨୪/୨/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୮୯,୦୯୦/- ସୁନା:୦୪.୦୦୦ ଗ୍ରାମ୍ ରୁପା: ୦୪.୮୦୦ ଗ୍ରାମ୍





ଦୋଳ ପୂର୍ଣ୍ଣିମା ଓ ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟ

ରାତି ୮ରୁ ସାଢ଼େ ୯ ମଧ୍ୟରେ ମହାପ୍ରଭୁଙ୍କ ସୁନାବେଶ

ପୁରୀ,୨୪।୨(ସମିସ): ଆସନ୍ତା ୩ ତାରିଖରେ ଦୋଳ ପୂର୍ଣ୍ଣିମା। ଏହି ଦିନ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ସଂଘଟିତ ହେଉଥିବାବେଳେ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ତେଣୁ ଗୋଟିଏ ଦିନରେ ଦୋଳପୂର୍ଣ୍ଣିମା, ଚନ୍ଦ୍ରଗ୍ରହଣ ରହିଥିବାବେଳେ ଏହା ପୂର୍ବଦିନ ହେବାକୁ ଥିବା ମେଣ୍ଢାପୋଡ଼ି ନୀତି କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେଥିଲାଗି ମଙ୍ଗଳବାର ବସିଥିଲା ଛତିଶା ନିଯୋଗ ଏବଂ ନୀତି ସବ୍ କମିଟିର ଯୁଗ୍ମ ବୈଠକ। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୋଳ ପୂର୍ଣ୍ଣିମା, ଚନ୍ଦ୍ରଗ୍ରହଣ ଏବଂ ମେଣ୍ଢାପୋଡ଼ି ନୀତି ନିର୍ଘଣ୍ଟ କରାଯାଇଛି। ଏତଦ୍‌ବ୍ୟତୀତ ମାର୍ଚ୍ଚ ୧ ଓ ୨ ତାରିଖ ଦୁଇଦିନ ଭିତର କାଠରୁ ଦର୍ଶନ ବନ୍ଦ ରହିବ। ଶ୍ରଦ୍ଧାଳୁମାନେ ବାହାର କାଠରୁ ଦର୍ଶନ କରିବା ନେଇ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମାର୍ଚ୍ଚ ୩ ତାରିଖ ଫାଲ୍‌ଗୁନ ପୂର୍ଣ୍ଣିମା ଦିନ କେତୁଗ୍ରସ୍ତ ଗ୍ରସ୍ତୋଦୟ ଚନ୍ଦ୍ରଗ୍ରହଣ ରହିଛି। ପୁରୀକୁ ଏହା ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ସ୍ପର୍ଶ କରିବ। ଗ୍ରାସ ଥାଇ ଚନ୍ଦ୍ର ଉଦୟ ହେବ। ସନ୍ଧ୍ୟା ୬ଟା ୪୭ ମିନିଟ୍ ୧୩ ସେକେଣ୍ଡରେ ସର୍ବମୋକ୍ଷ ରହିଛି। ତେଣୁ ଗ୍ରହଣ ଗ୍ରସ୍ତୋଦୟ ହେଉଥିବାରୁ ସୂର୍ଯ୍ୟ ଉଦୟରୁ ସନ୍ଧ୍ୟା ୬ଟା ୪୭ ମିନିଟ୍ ପର୍ଯ୍ୟନ୍ତ ପାକକର୍ମ, ଅନ୍ନଭୋଗ ଓ ଦେବନୀତି ନିଷେଧ। ତେଣୁ ଦେବନୀତି ସୂର୍ଯ୍ୟ ଉଦୟ ପୂର୍ବରୁ ସାରିବାକୁ ପଡ଼ିବ। ଏହାକୁ ନଜରରେ ରଖି ଛତିଶା ନିଯୋଗ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ନୀତି ନିର୍ଘଣ୍ଟ ହୋଇଛି।

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ମାର୍ଚ୍ଚ ୨ ତାରିଖରେ ମେଣ୍ଢାପୋଡ଼ି ନୀତିକୁ ସଅଳ ସାରି ରାତି ୧୦ଟାରେ ରାତ୍ର ପହୁଡ଼ କରାଯିବ। ରାତ୍ର ୧ଟାରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ଚାଲିବ। ୩ ତାରିଖ ସକାଳ ୬ଟାରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନକୁ ବିଜେ କରିବେ। ବିମାନ ବେଢ଼ା ପରେ ଏହି ସମୟରୁ ଦେବନୀତି ବନ୍ଦ ରହିବ। ଭକ୍ତମାନେ ମହାପ୍ରଭୁଙ୍କୁ ରତ୍ନସିଂହାସନରେ ଦର୍ଶନ କରିପାରିବେ। ଗ୍ରହଣ ଲାଗିବା ପରେ ମହାପ୍ରଭୁଙ୍କର ମଇଲମ ଓ ଗ୍ରହଣ ମହାସ୍ନାନ ନୀତି କରାଯିବ। ଏହାପରେ ଅନ୍ୟାନ୍ୟ ନୀତି ଯେପରିକି ସାଦାବେଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ସନ୍ଧ୍ୟା ସାଢ଼େ ୬ଟାରେ ଗ୍ରହଣ ଭୋଗ ହେବ। ୭ଟାରେ ମଇଲମ ପରେ ରାତି ୮ଟାରୁ ସାଢ଼େ ୯ଟା ମଧ୍ୟେର ମହାପ୍ରଭୁଙ୍କ ସୁନାବେଶ ବା ରାଜାଧିରାଜ ବେଶ ଅନୁଷ୍ଠିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ସଅଳ ନୀତିକାନ୍ତି ହୋଇ ନ ପାରିଲେ ବିଧି ଅନୁସାରେ ଗ୍ରହଣ ମୋକ୍ଷ ନୀତି ପରେ ସମସ୍ତ ନୀତି କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିବା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି।

ଯେହେତୁ ଦୋଳପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ରହିଛି ତେଣୁ ନୀତିକାନ୍ତିକୁ ସଅଳ କରାଯିବା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ସେବାୟତମାନେ ମଧ୍ୟ ସହମତି ପ୍ରକାଶ କରିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରତୀକ୍ ସିଂ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ, ନୀତି ପ୍ରଶାସକଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ଓ ବରିଷ୍ଠ ସେବାୟତ ପ୍ରମୁଖ ଯୋଗଦେଇଥିଲେ।



- ମାର୍ଚ୍ଚ ୧ ଓ ୨ରେ ଭିତରକାଠ ଦର୍ଶନ ବନ୍ଦ
- ୩ ତାରିଖ ସକାଳ ୬ଟା ସୁଦ୍ଧା ବିମାନକୁ ଦିଁଅ ବିଜେ
- ସଅଳ ନୀତି କରିବାକୁ ସେବାୟତଙ୍କୁ ପରାମର୍ଶ

ବେଣ୍ଟ ନୀତି; ମୃଗ ଶିକାର କଲେ ଶ୍ରୀରାମ

ପୁରୀ,୨୪।୨(ସମିସ): ଫାଲ୍‌ଗୁନ ଶୁକ୍ଳ ସପ୍ତମୀ ତିଥିରେ ମଙ୍ଗଳବାର ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀରାମଚନ୍ଦ୍ର ବୀର ବେଶରେ ଜଗନ୍ନାଥ ବଲ୍ଲଭ ମଠରେ ବିଜେ ହୋଇ ମୃଗ ଶିକାର କରିଥିଲେ। ଠାକୁରଙ୍କ ପକ୍ଷରୁ ଲେଙ୍କା ସେବକ ଶର ବିନ୍ଧିବା ପରେ ଏହି ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ମଙ୍ଗଳ ଆଳତି ସରିଗଲା ପରେ ଶ୍ରୀରାମ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବିଜେ କରିଥିଲେ। ବିମାନବଡୁ ସେବକମାନେ ବିମାନକୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନେଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦାପନା ପରେ ଶ୍ରୀରାମଙ୍କୁ ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀ କୂଳକୁ ବିଜେ ହୋଇଥିଲେ। ଭିତରଛ ତୀର କମାଣ ଶ୍ରୀଅଙ୍ଗରେ ଛୁଆଁଇବା ପରେ ଲେଙ୍କା ସେବକଙ୍କୁ ବଢ଼ାଇ ଦେଇଥିଲେ। ଲେଙ୍କା ମୃଗ ଜ୍ଞାନରେ ପଇଡ଼କୁ ବିନ୍ଧ କରିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ଼ ମଧ୍ୟରୁ ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳାର ପରିପ୍ରକାଶ।

● ଜାତୀୟ ପତାକା ବ୍ୟବହାର ନିର୍ଦ୍ଦେଶନାମା

ଜାତୀୟ ପତାକା ଆମ ରାଷ୍ଟ୍ରର ସମ୍ମାନ ଓ ଗୌରବର ପ୍ରତୀକ

ପୁରୀ,୨୪।୨(ସମିସ): ଜାତୀୟ ପତାକା ଆମ ରାଷ୍ଟ୍ରର ସମ୍ମାନ ଓ ଗୌରବର ପ୍ରତୀକ। ଏହାକୁ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଜାତୀୟ ପତାକା ବ୍ୟବହାର ଏବଂ ସମ୍ମାନ ପ୍ରଦର୍ଶନ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜାତୀୟ ସମ୍ମାନର ଅପମାନ ନିବାରଣ ଆଇନ ୧୯୬୧ ଏବଂ ଭାରତୀୟ ଜାତୀୟ ପତାକା ସଂହିତା ୨୦୦୨(୨୦୨୧ ଏବଂ ୨୦୨୨ରେ ସଂଶୋଧନ)ରେ ଜାତୀୟ ପତାକାର ବ୍ୟବହାର, ଉତ୍ତୋଳନ, ପ୍ରଦର୍ଶନକୁ ନିୟନ୍ତ୍ରଣ କରାଯାଇଛି। ସଂଶୋଧିତ ଆଇନ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସାଂସ୍କୃତିକ ଏବଂ କ୍ରୀଡ଼ା କାର୍ଯ୍ୟକ୍ରମ ଅବସରରେ ସାଧାରଣ ଜନତା କାଗଜ ତିଆରି ଜାତୀୟ ପତାକା ଉଡ଼ାଇ ପାରିବେ। ତେବେ ଏହି କାଗଜ ତିଆରି ଜାତୀୟ ପତାକା କାର୍ଯ୍ୟକ୍ରମ ସମ୍ପାଦନ ପରେ ଫୋପାଡ଼ି ଦିଆଯିବ ନାହିଁ କିମ୍ବା ଭୂମିରେ ଫିଙ୍ଗାଯିବ ନାହିଁ। ପତାକାଗୁଡ଼ିକୁ ବ୍ୟବହାରକାରୀ ପତାକାର ମର୍ଯ୍ୟାଦା ସହିତ ବ୍ୟକ୍ତିଗତ ଭାବେ ନଷ୍ଟ କରିବେ। ଜାତୀୟ ପତାକା ପ୍ରତି ସାର୍ବଜନୀନ ଶ୍ରଦ୍ଧା, ସମ୍ମାନ ଏବଂ ଆନୁଗତ୍ୟ ରହିଛି। ତଥାପି ଜାତୀୟ ପତାକା ପ୍ରଦର୍ଶନ ପାଇଁ ପ୍ରଯୁଜ୍ୟ ଆଇନ, ଅଭ୍ୟାସ ଏବଂ ସମ୍ମିଳନୀ ସମ୍ପର୍କରେ ସଚେତନତାର ଏକ ସ୍ପଷ୍ଟ ଅଭାବ ପ୍ରାୟତଃ ପରିଲକ୍ଷିତ ହେଉଛି। ତେଣୁ ଭାରତୀୟ ଜାତୀୟ ପତାକା ସଂହିତାର ଯଥାର୍ଥ ଅନୁପାଳନ ନିମନ୍ତେ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି।

ମହାପ୍ରଭୁଙ୍କୁ ସମର୍ପଣ ହେଲା ଗଣତିମଣତି ଏସ୍‌ଓପି

ପୁରୀ,୨୪।୨(ସମିସ): ରତ୍ନଭଣ୍ଡାର ଗଣତିମଣତି ପାଇଁ ପୂର୍ବରୁ ପ୍ରସ୍ତୁତ ଚିଠା ଏସ୍‌ଓପି ବା ମାର୍ଗଦର୍ଶିକା ଚୂଡ଼ାନ୍ତ ହୋଇଯାଇଛି। ରାଜ୍ୟ ସରକାର ଏହାକୁ ଅନୁମୋଦନ ଦେବା ପରେ ଏହା ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ତେବେ ମଙ୍ଗଳବାର ଏସ୍‌ଓପି ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ଏହି ମାର୍ଗଦର୍ଶିକାକୁ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରାଯାଇଥିଲା। ଏହାପରେ ଏହି ଏସ୍‌ଓପିକୁ ବୈଠକସ୍ଥଳକୁ ଅଣାଯାଇ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ୧୪ ପୃଷ୍ଠା ବିଶିଷ୍ଟ ମାର୍ଗଦର୍ଶିକାରେ ରତ୍ନଭଣ୍ଡାରର ରତ୍ନ ଅଳଙ୍କାର ଗଣତି ପ୍ରକ୍ରିୟା କେଉଁପରି ଭାବେ କରାଯିବ ତାହା ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

କବି ଶ୍ୟାମ ପ୍ରକାଶ ସେନାପତି ସମ୍ବର୍ଦ୍ଧିତ



ପୁରୀ,୨୪।୨(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ପ୍ରମୁଖ ସାହିତ୍ୟ ପତ୍ରିକା 'ରତ୍ନଚିରା' ଦ୍ୱାରା ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଆୟୋଜିତ ବସନ୍ତ ମିଳନ ଆସର 'ଭାବସଞ୍ଜ' କାର୍ଯ୍ୟକ୍ରମ ଅବସରରେ କବି ତଥା ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ରାଜ୍ୟ ସଂସ୍କୃତି ବିଭାଗର ପ୍ରାକ୍ତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ବିଶିଷ୍ଟ ପ୍ରାବନ୍ଧିକା ଓ ସମାଲୋଚିକା ବିଷ୍ଣୁପ୍ରିୟା ଓତା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ବିଶେଷ ସନ୍ଧ୍ୟାଟି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁନାମଧନ୍ୟ କବି ଗୋପାଳକୃଷ୍ଣ ରଥଙ୍କୁ ସମର୍ପିତ କରାଯାଇଥିଲା। କବି ସ୍ନେହଲତା ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆସରରେ ପ୍ରତିଷ୍ଠିତ କବି ପ୍ରଦୀପ ବିଶ୍ୱାଳ, ରଞ୍ଜନ କୁମାର ଦାସ, ରକ୍ଷକ ନାୟକ, ସୂର୍ଯ୍ୟ ମିଶ୍ର, କମଳ ମହାନ୍ତି, ବିଜୟ ମଲ୍ଲଙ୍କ ସମେତ ଓଡ଼ିଶାରୁ ୩୦ ଜଣ କବି ଯୋଗଦେଇଥିଲେ।

ପୁଲିସର ସାହିଯାତ ପ୍ରସ୍ତୁତି

ମାର୍କଣ୍ଡେଶ୍ୱର ସାହିରେ ସମନ୍ୱୟ ସଭା



ପୁରୀ, ୨୪।୨ (ସମିସ): ପାଖେଇ ଆସିଲାଣି ଶ୍ରୀକ୍ଷେତ୍ରର ସାହିଯାତ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସୂଚାରୁ ରୂପେ ପାଳନ କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଲାଣି ପୁରୀ ପୁଲିସ। ଏହି କ୍ରମରେ ମଙ୍ଗଳବାର ମାର୍କଣ୍ଡେଶ୍ୱର ସାହି ଅଞ୍ଚଳରେ ସାହି କମିଟି ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୁଲିସ ଅଧିକାରୀମାନଙ୍କ ସହ ସାହିର ସ୍ଥାନୀୟ କମିଟି ସଦସ୍ୟ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ସଭାରେ ସାହିଯାତ ଅବସରରେ ଭିଡ଼ ନିୟନ୍ତ୍ରଣ, ଆପାତ୍‌କାଳୀନ ସେବା ଓ ସାଧାରଣ ଲୋକଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ସାହି ମାଧ୍ୟମରେ ଯାଉଥିବା ପ୍ରମୁଖ ରୁଟ୍, ବିକଳ୍ପ ରୁଟ୍ ଚିହ୍ନଟ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଟ୍ରାଫିକ୍ ଡିଏସ୍‌ପିଙ୍କ ପକ୍ଷରୁ ଯାତ୍ରା ଦିନ ଟ୍ରାଫିକ୍ ବ୍ୟବସ୍ଥା ଲାଗୁ କରାଯିବା ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ପ୍ରମୁଖ ସ୍ଥାନଗୁଡ଼ିକରେ ଡାଇଭର୍ସନ ବ୍ୟବସ୍ଥା କରାଯିବ ଓ ଆବଶ୍ୟକତାନୁସାରେ ପୁଲିସ ଓ ଟ୍ରାଫିକ୍ କର୍ମଚାରୀ ମୁତୟନ କରାଯିବ। ଏସ୍‌ପି ସ୍ଥାନୀୟ ସାହି କମିଟି ସଦସ୍ୟମାନଙ୍କୁ ସହଯୋଗ ପାଇଁ ଅନୁରୋଧ କରି କହିଥିଲେ ଯେ, ପୁଲିସ ଓ ଜନସାଧାରଣ ସମନ୍ୱୟ ଦ୍ୱାରା ଏପରି ପାରମ୍ପରିକ ଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିହେବ। ସାହି ଭିତର ରାସ୍ତା ସଫାସୁତରା ରଖିବା, ବେଆଇନ ପାର୍କିଂ ରୋକିବା, ବିଦ୍ୟୁତ୍ ତାର ଓ ଅସ୍ଥାୟୀ ଟେଣ୍ଟ ଯାଞ୍ଚ କରିବା ପାଇଁ ସ୍ଥାନୀୟ କମିଟିଙ୍କ ସହଯୋଗ କାମନା କରାଯାଇଥିଲା। ଏହି ବୈଠକରେ ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ର, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ଟାଉନ ଥାନା ଅଧିକାରୀ ଗୋକୁଳ ଦାସ, ଟ୍ରାଫିକ୍ ଥାନା ଅଧିକାରୀ ସଙ୍ଗୀତା ଦାଶଙ୍କ ସହ ଅନ୍ୟାନ୍ୟ ପୁଲିସ ଅଧିକାରୀ ଯୋଗଦେଇଥିଲେ।

■ ବାଲିଗୁଆଳି ପଞ୍ଚାୟତ

ରାସ୍ତାକଡ଼ରୁ ସଫା ହେଲା ଅଳିଆ ଆବର୍ଜନା

ପୁରୀ,୨୪।୨(ସମିସ): ପୁରୀ ସହରକୁ ଲାଗି ରହିଛି ସଦର ବ୍ଲକ୍‌ର ବାଲିଗୁଆଳି ପଞ୍ଚାୟତ। ଏହି ପଞ୍ଚାୟତରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲଠାରୁ ଆରମ୍ଭ କରି ଅନେକ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ପ୍ରକଳ୍ପ ରହିଛି। ହେଲେ ଦୁର୍ଭାଗ୍ୟର ବିଷୟ ଏହି ଅଞ୍ଚଳର ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦିଆଯାଉ ନାହିଁ। ସ୍ୱଚ୍ଛତା ଏକପ୍ରକାର ଫେଲ୍ ମାରିଛି ବୋଲି ଅଭିଯୋଗ ଆଣିଥିଲେ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସଭାପତି ସଞ୍ଜୀବ କୁମାର ମହାନ୍ତି। ଏ ନେଇ ସୋମବାର ସେ ବାଲିଗୁଆଳି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତତ୍ପରତା ପ୍ରକାଶ ପାଇଛି। ଶ୍ରୀ ମହାନ୍ତି ଯେଉଁ ଦାବି କରିଥିଲେ ତାହାର ବାସ୍ତବତାକୁ ଅନୁଭବ କରିଥିଲେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜିତ ମହାନ୍ତି। ମଙ୍ଗଳବାର ନିଜେ ଉପସ୍ଥିତ ରହି ପ୍ରମୁଖ ରାସ୍ତାକଡ଼ରେ ଜମା ହୋଇଥିବା ଅଳିଆ ଆବର୍ଜନା ସଫେଇ କରାଇଛନ୍ତି। ଏହି କାର୍ଯ୍ୟରେ ସରପଞ୍ଚ ସିଲୁ ସେନାପତି ସହଯୋଗ କରିଥିବାରୁ ତାଙ୍କୁ ଆପ୍ ପକ୍ଷରୁ ଧନ୍ୟବାଦ ଦିଆଯାଇଛି। କିନ୍ତୁ ପଞ୍ଚାୟତକୁ ସଫେଇ ପାଇଁ ଯେତିକି ଅନୁଦାନ ଆସିବା କଥା ତାହା ଆସୁନାହିଁ। ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିବା ସୂଚନା ଦେଇଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି।



ସ୍ତ୍ରୀକୁ ପିଟିପିଟି ମାରିଦେଲା ସ୍ୱାମୀ

ବ୍ରହ୍ମଗିରି,୨୪।୨(ସମିସ): ମଙ୍ଗଳବାର ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଦନପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ କେନ୍ଦ୍ରକରି ସ୍ୱାମୀ ପିଟିପିଟି ସ୍ତ୍ରୀକୁ ହତ୍ୟା କରିଥିବା ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ ସୂଚନା ଅନୁସାରେ, ପଦନପୁର ଗ୍ରାମର ବିଜୟ ଭୋଇ ଓ ତାଙ୍କ ସ୍ତ୍ରୀ ରମା ଭୋଇଙ୍କ ମଧ୍ୟରେ ପାଟିତୁଣ୍ଡ ଉଗ୍ରରୂପ ନେଇଥିଲା। ବିଜୟ ସ୍ତ୍ରୀ ରମାଙ୍କୁ ନିର୍ଘୁମ ପିଟିଥିଲେ। ଫଳରେ ରମାଙ୍କର ମୃତ୍ୟୁ ହୋଇଯାଇଥିଲା। ମାଆକୁ ପିଟିପିଟି ବାପା ମାରିଦେଇଥିବା ବିଜୟଙ୍କ ପୁଅ ରାଜେଶ ଭୋଇ ବ୍ରହ୍ମଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ୮୩/୨୦୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାପା ବିଜୟ ଭୋଇକୁ ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି। ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମଗିରି ଥାନା ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି।

ଥାନାରେ ପୁଅର ଅଭିଯୋଗ ପରେ ବାପା ଅଟକ

ବୁଲା କୁକୁରଙ୍କ ଆକ୍ରମଣରୁ ଶିଶୁଙ୍କୁ ସୁରକ୍ଷା ବୈଠକ

ପୁରୀ,୨୪।୨(ସମିସ): ବୁଲା କୁକୁର ଆକ୍ରମଣରୁ ଶିଶୁମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ମଙ୍ଗଳବାର ଜିଲ୍ଲାର ଅଧିକାରୀମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା କାର୍ଯ୍ୟସୂଚୀ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜିକା, ମିଶନ ଶକ୍ତି ଓ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ, ଅଙ୍ଗନବାଡ଼ି ପରିବେଶରେ ଅଙ୍ଗନବାଡ଼ି କର୍ମୀମାନେ ନୋଡାଲ ଅଫିସର ଭାବେ ଶିଶୁମାନଙ୍କୁ ବୁଲା କୁକୁର ଓ ଗାଈମାନଙ୍କଠାରୁ କିପରି ସୁରକ୍ଷିତ ରଖିବେ, ବଳକା ଖାଦ୍ୟ ଏଠିସେଠି ନ ପକାଇ ଡଷ୍ଟବିନ୍‌ରେ ପକାଇବେ ଓ ଏ ସମ୍ବନ୍ଧରେ ଅନ୍ୟମାନଙ୍କୁ ସଚେତନ କରିବା ସହ ନିଜର ଅର୍ଥାତ୍ ଅଙ୍ଗନବାଡ଼ି କର୍ମୀଙ୍କର ନାମ, ପଦ ଓ ଫୋନ୍ ନମ୍ବର ଅଙ୍ଗନବାଡ଼ି ବାହାର କାନ୍ଥରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲେଖିବେ ବୋଲି ଜଣାଇଥିଲେ। ସେହିପରି ଜିଲ୍ଲାର ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଶରତ କୁମାର ବେହେରା କୋର୍ଟଙ୍କ ଆଦେଶ ମୁତାବକ ବୁଲା କୁକୁରମାନଙ୍କୁ ରାସ୍ତାଘାଟ ବା ଏଣେତେଣେ ଖାଇବାକୁ ଦେବା ଦଣ୍ଡନୀୟ ଅପରାଧ ଅଟେ ବୋଲି କହିବା ସହ ଏଥିରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ।



ଆଜିଠୁ ରଙ୍ଗଶାଳାର ଜାତୀୟ ନାଟକ ମହୋତ୍ସବ

ପୁରୀ,୨୪।୨(ସମିସ): ବୁଧବାରଠାରୁ ନାଟ୍ୟାନୁଷ୍ଠାନ 'ରଙ୍ଗଶାଳା' ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ ୧୬ତମ ଜାତୀୟସ୍ତରୀୟ ନାଟକ ମହୋତ୍ସବ। ଏହା ଚାରିଦିନ ଧରି ଅର୍ଥାତ୍ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ 'ରଙ୍ଗଶାଳା'ର ନିଜସ୍ୱ ନାଟକ 'ବ୍ରେନ୍ ଗେନ୍ ଡଟ୍ କମ୍' ମଞ୍ଚସ୍ଥ ହେବ। ଡ. ସଞ୍ଜୟ ହାତୀଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ। ୨୬ ତାରିଖରେ ମିରର୍ ଥିଏଟର ବେଲପାହାଡ଼ ପକ୍ଷରୁ ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ଉଲପି', ୨୭ରେ ନ୍ୟୁ କ୍ରେଷ୍ଟ ରିପୋଟ୍ରି ରାଉରକେଲାର ଡ. ବିଜୟ ଶତପଥୀଙ୍କ ରଚିତ ଏବଂ ଯୁବ ନିର୍ଦ୍ଦେଶକ ନଳିନୀ ନିହାର ନାୟକଙ୍କ ନିର୍ଦ୍ଦେଶିତ କାରାଗାରର କାହାଣୀ ଏବଂ ଚତୁର୍ଥ ତଥା ଶେଷ ସନ୍ଧ୍ୟାରେ ୨ଟି ନାଟକ ମଞ୍ଚସ୍ଥ ହେବ। ପ୍ରଥମ ନାଟକ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପକ୍ଷରୁ ଡ. ହରିନାରାୟଣ ଦିକ୍ଷୀତଙ୍କ ରଚିତ ଏବଂ ଡ. ସୁବ୍ରତ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶିତ ସଂସ୍କୃତ ନାଟକ 'ମେନକା ବିଶ୍ୱାମିତ୍ରମ୍' ଏବଂ ଦ୍ୱିତୀୟ ନାଟକ ଭାବେ ମ୍ୟାଜିକ୍ ଥିଏଟର ଭୁବନେଶ୍ୱର ପକ୍ଷରୁ ପ୍ରଖ୍ୟାତ ହାସ୍ୟ ଅଭିନେତା ପ୍ରଜ୍ଞାରଞ୍ଜନ ଖଟୁଆଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ନିଶାପ' ପରିବେଷଣ କରାଯିବ। ଏହି ଅବସରରେ ଓଡ଼ିଶାର ଲୋକପ୍ରିୟ ୫ ଜଣ ରଙ୍ଗମଞ୍ଚ ପ୍ରତିଭା ମିହିର କୁମାର ମେହେର, ସୁଧାଂଶୁ ମୋହନ ଦ୍ୱିବେଦୀ, ପ୍ରସନ୍ନ ମିଶ୍ର, ଦିଲ୍ଲୀଶ୍ୱର ମହାରଣା ଏବଂ ଲାଲା ବୀରେନ୍ ପ୍ରସାଦ ରାୟଙ୍କୁ 'ରଙ୍ଗଶାଳା' ସମ୍ମାନରେ ସମ୍ମାନିତ କରାଯିବ। ଦୀର୍ଘ ୧୬ ବର୍ଷ ଧରି ରଙ୍ଗଶାଳା ଏହି ନାଟକ ମହୋତ୍ସବ ଆୟୋଜନ କରିଆସୁଛି ବୋଲି ମଙ୍ଗଳବାର ସିଟି ରୋଡ୍‌ସ୍ଥିତ ନାୟକ ବିଚ୍ ରିସୋର୍ଟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠାନର ସଭାପତି ଗିରୀଶ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ରୂପକଳ୍ପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅନ୍ନପୂର୍ଣ୍ଣାରେ ୪ ଦିନରେ ମଞ୍ଚସ୍ଥ ହେବ ୫ ନାଟକ


ନଡ଼ିଆ ଗଛରେ ବସା ବାନ୍ଧିଛି ଗୁଣ୍ଡୁଚି ମୂଷା

ବେଆଇନ କରତ କଳରେ ଚଢ଼ଉ

୨୫ ଲକ୍ଷ ଟଙ୍କାର ଉପକରଣ, ମୂଲ୍ୟବାନ କାଠ ଜବତ

ପୁରୀ,୨୪।୨(ସମିସ): ପୁରୀ ଜିଲ୍ଲାର କେତେକ ସ୍ଥାନରେ ବେଆଇନ ଭାବେ କରତ କଳ ଚାଲୁଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ମଙ୍ଗଳବାର ଭିଜିଲାନ୍ସର ବନ ବିଭାଗ ପକ୍ଷରୁ ମିଳିତ ଭାବେ ସତ୍ୟବାଦୀ ଥାନା ଅନ୍ତର୍ଗତ ବିଳାସପୁର ଗ୍ରାମ ଏବଂ ଡେଲାଙ୍ଗର ମାଟିଗଡ଼ିଆ ଗାଁରେ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ କରତକଳ ଉପକରଣ ସହିତ ମୂଲ୍ୟବାନ କାଠ ଏବଂ ଗୋଟିଏ ଟ୍ରାକ୍ଟର ଏହିଭଳି ମୋଟ ୨୫ ଲକ୍ଷ ଟଙ୍କାର ଉପକରଣ ଜବତ କରାଯାଇଥିଲା। ଏହି କରତକଳଗୁଡ଼ିକ ଓଡ଼ିଶା କରତକଳ ଏବଂ କରତକଳ (ନିୟନ୍ତ୍ରଣ) ଆଇନ-୧୯୯୧ର ଧାରା-୪ ଉଲ୍ଲଙ୍ଘନ କରି କୌଣସି ବୈଧ ଲାଇସେନ୍ସ ନ ଥାଇ ଚାଲୁଥିଲା। ଏ ସମ୍ପର୍କରେ ଖୋର୍ଦ୍ଧା ବନ ବିଭାଗ ଅଧୀନ ଡେଲାଙ୍ଗ ରେଞ୍ଜରେ ଦୁଇଟି ମାମଲା (କେସ୍ ନଂ. ୧୧ ଏବଂ ୧୨) ରୁଜୁ କରାଯାଇ ତଦନ୍ତ ଚାଲିଛି।

ସକାଳ
THE SAKALA

ମଦ୍ୟପ ପୁଅର ମା' ପ୍ରତି ଅତ୍ୟାଚାର

ଘର ଛାଡ଼ି ବୁଲୁଥିବା ବୃଦ୍ଧାଙ୍କୁ ଉଦ୍ଧାର

ପାରାଦୀପ,୨୪।୨(ସମିସ)



ପାରାଦୀପ ଗଡ଼ ଗ୍ରାମରେ ରହୁଥିବା ସତୁରି ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା ମାଧବୀ ଦାସଙ୍କୁ ଉଦ୍ଧାର କରି ବୃଦ୍ଧାଶ୍ରମରେ ଛାଡ଼ିଛନ୍ତି ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ। ପାରାଦୀପ ଗଡ଼ ଗ୍ରାମରେ ରହୁଥିବା ସ୍ୱର୍ଗତ ଫକୀର ଦାସଙ୍କ ସତୁରି ବର୍ଷୀୟା ପତ୍ନୀ ମାଧବୀ ଦାସ ଝିଅ ବିବାହ ପରେ ପୁଅବୋହୂଙ୍କ ପାଖରେ ରହି ଆସୁଥିଲେ। ହେଲେ ପୁଅ ଦୈନନ୍ଦିନ ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ପିଲାମାନଙ୍କୁ ଗାଳିଗୁଲଜ କରିବା ସହିତ ବୃଦ୍ଧା ମା'ଙ୍କୁ ମଧ୍ୟ ମାଡ଼ ମାରୁଥିଲେ। ଯାହା ଫଳରେ ପୁଅର ଗାଳି ଓ ମାଡ଼ ସହି ନ ପାରି ମାଧବୀ ଘର ଛାଡ଼ି ଦୀର୍ଘଦିନ ହେବ ଏଣେତେଣେ ବୁଲୁଥିଲେ। ବୟସର ଅପରାହ୍ନରେ ଏଭଳି ଅସହାୟ ଅବସ୍ଥାରେ ବୁଲୁଥିବା ବୃଦ୍ଧା ମହିଳାଙ୍କ ଅସହାୟତା ବିଷୟରେ ସ୍ଥାନୀୟ ଲୋକ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଜଣାଇଥିଲେ। ଆଜି ସ୍ନେହମୟୀ ନିଜର ସାଥିଙ୍କୁ ଧରି ପାରାଦୀପ ଗଡ଼ରେ ରହିଥିବା ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ପୁଅ ବୋହୂ ଓ ଝିଅଙ୍କ ଉପସ୍ଥିତରେ ମାଧବୀଙ୍କୁ ଉଦ୍ଧାର କରି ସ୍ଥାନୀୟ ବୃଦ୍ଧାଶ୍ରମରେ ଛାଡ଼ିଛନ୍ତି। କିଛି ସମୟପାଇଁ ପୁଅବୋହୂ ସମାଜର ଲଜ୍ଜାକୁ ନେଇ ବୃଦ୍ଧା ମାଧବୀଙ୍କୁ ପାଖରେ ରଖିବାକୁ କହୁଥିଲେ ମଧ୍ୟ ମାଧବୀ ସିଧାସଳଖ ମନା କରିଦେଇଥିଲେ। କହିଲେ ମୁଁ ଆଶ୍ରମ ଯିବି, ଯଦି ମୋତେ କେହି ଅଟକାଇବ ତା' ହେଲେ ସନ୍ଧ୍ୟା ବେଳକୁ ମୋର ମୃତଦେହ ଦେଖିବ ବୋଲି ସିଧାସିଧା ଶୁଣାଇଦେଇଥିଲେ। ଯାହାକୁ ନେଇ ପୁଅବୋହୂ, ଝିଅଙ୍କ ଉପସ୍ଥିତରେ ମାଧବୀଙ୍କୁ ସାଥିରେ ଆଣି ସ୍ଥାନୀୟ ସାଇରାମ ଜରାଶ୍ରମରେ କିଛିଦିନ ପାଇଁ ରଖିବା ସହିତ ଯଦି ବୃଦ୍ଧା ମାଧବୀ ନିଜର ମନସ୍ଥିର କରନ୍ତି ଏବଂ ତାଙ୍କ ପିଲାମାନେ ଯଦି ତାଙ୍କୁ ପାଖକୁ ନେବାକୁ ଚାହାଁନ୍ତି; ତେବେ ସେଥିରେ କିଛି ଆପତ୍ତି ନାହିଁ ବୋଲି କହିଛନ୍ତି ସ୍ନେହମୟୀ।

ହମ୍ପସ ଜାଣି ନ ପାରି ଛିଟିକି ପଡ଼ିଲେ ବାଇକ୍ ଚାଳକ


ପାରାଦୀପ,୨୪।୨(ସମିସ): ବିଶ୍ୱାଳି ଛକରେ ହମ୍ପସ୍ ପାଇଁ ଦୁଘଟଣା ଘଟୁଛି। ଚଣ୍ଡିଖୋଲ-ପାରାଦୀପ ରାସ୍ତା ସମ୍ପ୍ରସାରଣ କାମ ନେଇଥିବା ଏଆର୍‌ଏସ୍‌ଏସ୍ କମ୍ପାନୀ ରାତିରେ ହଠାତ ହମ୍ପସ ନିର୍ମାଣ କରିବାର ଠିକ୍ ୨୦ ମିନିଟ୍ ପରେ ଜଣେ ବୁଲେଟ ଚାଳକ ସେହି ହମ୍ପସକୁ ଜାଣି ନପାରି ଛିଟିକି ପଡ଼ିଥିଲେ। କାରଣ ସେହି ହମ୍ପସରେ କୌଣସି ରେଡିୟମ ଲାଗି ନଥିଲା। ସେ ସ୍ଥାନ ଅନ୍ଧାରିଆ ଥିବାରୁ ବାଇକ ଆରୋହୀ ହମ୍ପସ ଜାଣି ନପାରି ଗାଡି ଚଳାଇବାରେ ନିୟନ୍ତ୍ରଣ ହରାଇ ୫୦ ମିଟର ପର୍ଯ୍ୟନ୍ତ ଛିଟିକି ପଡ଼ିଲେ। ସ୍ଥାନୀୟ ଲୋକେ ପୁଲିସକୁ ଯୋଗାଯୋଗ କରିଥିଲେ। ପୋଲିସ ପିସିଆର ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଅଠରବାଙ୍କି ମେଡ଼ିକାଲକୁ ନେଇଥିଲେ। ଗୁରୁତର ଯୁବକଙ୍କ କାନ ନାକ ପଟୁ ରକ୍ତସ୍ରାବ ହୋଇଥିବା ଦେଖିବାକୁ ମିଳିଥିଲା।

ଦଧିବାମନଜିଉଙ୍କ ବାର୍ଷିକ ଉତ୍ସବ



ବାଲିକୁଦା,୨୪।୨(ସମିସ): ବାଲିକୁଦା ବ୍ଲକ ଖାଲଙ୍ଗା ସ୍ଥିତ ଶ୍ରୀନୃସିଂହନାଥ, ଶ୍ରୀଦଧିବାମନଜିଉଙ୍କ ୧୫ତମ ବାର୍ଷିକ ଉତ୍ସବ ମହାବୀର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଇଂ. ପୂର୍ଣ୍ଣଚନ୍ଦ୍ର ପାଳଙ୍କ ସଭାପତିତ୍ୱ ଓ କବି ପ୍ରଶାନ୍ତ ମହାନ୍ତିଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୌରାଙ୍ଗ ମଠ ପୁରୀର ସନ୍ଥ ବାବାଜୀ ସନତ ସୁଜାତାନନ୍ଦ ଦାସ ମହାରାଜ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱାଗତ ସଙ୍ଗୀତ ପରିବେଷଣ ପ୍ରତିମା ପ୍ରିୟଦର୍ଶିନୀ ପରିଡା କରିଥିବା ବେଳେ ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ଅନୁଷ୍ଠାନର ସମ୍ପାଦକ ଇଂ. ମଧୁସୂଦନ ସ୍ୱାଇଁ ପାଠ କରିଥିଲେ। କାର୍ଯ୍ୟକ୍ରମ ଅବସରରେ କବି ପ୍ରଶାନ୍ତ ମହାନ୍ତି ଓ ପ୍ରତିମା ପ୍ରିୟଦର୍ଶିନୀ ପରିଡ଼ାଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା। ମଞ୍ଚରେ ବରିଷ୍ଠ ସଦସ୍ୟ ଅବସରପ୍ରାପ୍ତ ପୁଲିସ ଅଧିକାରୀ ରବୀନ୍ଦ୍ର ନାଥ ପ୍ରଧାନ, କୋଷାଧକ୍ଷ ଅପର୍ତ୍ତୀ ଚରଣ ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଉତ୍ସବ ଚରଣ ପାଳ ଧନ୍ୟବାଦ ଅର୍ପଣ କରିଥିଲେ। ୭ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଗବତ କଥା ଓ ଗୀତା କଥା ଆଲୋଚନା କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସଦସ୍ୟ ଶିବ ଚରଣ ଜେନା, ଉମେଶ ଚନ୍ଦ୍ର ମହାନ୍ତି, ରଘୁନାଥ ସ୍ୱାଇଁ, ନୀଳମଣି ସ୍ୱାଇଁ, ବିଶ୍ୱଜିତ ପ୍ରଧାନ, ବାବାଜୀ ଚରଣ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଓ ଖାଲଗାଁ ଗ୍ରାମବାସୀ ସହାୟତା ପ୍ରଦାନ କରିଥିଲେ।

ମୋହନ ଗିରିଙ୍କ ସ୍ମୃତିସଭା



ତିର୍ତ୍ତୋଲ, ୨୪।୨ (ସମିସ): ବିଶିଷ୍ଟ ସମାଜସେବୀ, ଆଧ୍ୟାତ୍ମିକ ବ୍ୟକ୍ତି ତଥା ଅବସରପ୍ରାପ୍ତ ଅଧିକାରୀ ମୋହନ ଚରଣ ଗିରିଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ଆସନ୍ତା ବୁଧବାର ଅନୁଷ୍ଠିତ ହେବ। ଏ ନେଇ ତାଙ୍କ ନିଜ ଗ୍ରାମ ତିର୍ତ୍ତୋଲ ବ୍ଲକ ଯୋଗଣିଆ ଗ୍ରାମରେ ଏକ ସ୍ମୃତିସଭା, ଭଜନ ସମୋରୋହ ହେବାର କାର୍ଯ୍ୟକ୍ରମ ରହିଛି। ସେ ଟେଲି ଯୋଗାଯୋଗ ବିଭାଗର ଅଧିକାରୀ ଭାବେ କାର୍ଯ୍ୟ କରି ଅବସର ନେବା ପରେ ଗାଁରେ ରହୁଥିଲେ। ଗାଁରେ ବିଭିନ୍ନ ସାମାଜିକ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲେ। ଗତବର୍ଷ ମାର୍ଚ୍ଚ ୮ ତାରିଖ ଫାଲ୍ଗୁନ ଶୁକ୍ଳ ନବମୀ ତିଥିରେ ତାଙ୍କର ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଥିଲା। ତାଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାରରେ ସେ ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କ ମନ କିଣି ପାରିଥିଲେ।

କୁଜଙ୍ଗ ମେଡ଼ିକାଲ ସମ୍ମୁଖରେ ଧାରଣା



କୁଜଙ୍ଗ,୨୪।୨(ସମିସ): ବରିଷ୍ଠ ନାଗରିକ ମଞ୍ଚ କୁଜଙ୍ଗ ଶାଖା ପକ୍ଷରୁ ମଙ୍ଗଳବାର କେତେକ ସ୍ୱାସ୍ଥ୍ୟ ସମସ୍ୟା ଓ ତାର ନିରାକରଣ ସମ୍ବନ୍ଧିତ ୮ ଦଫା ଦାବି ନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଣଧାରଣା ଦିଆଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣା ଓ ପ୍ରତିବାଦ ସଭାରେ ପୂର୍ବତନ ସରପଞ୍ଚ ବିଜୟ ଖଟାଇ, ରଜନୀକାନ୍ତ ଦାସ, ପୀତାମ୍ବର ତରାଇ, କୃଷକ ନେତା ବିଭୂତି ଭୂଷଣ ଜେନା, ନୂତନ ତ୍ରିପାଠୀ, ସୁବାସ ସାମନ୍ତରାୟ, ଡ. ଗଙ୍ଗାଧର ସାମନ୍ତରାୟ, ନବୀନ ପ୍ରଧାନ, ଆଇନଜୀବୀ ପ୍ରିୟମ୍ବଦା ପାଣି, ଗୀତା ଦାସ, ଜାନକୀ ମହାରଥା, ପଣ୍ଡୁଆ ଶାଖାର ସମ୍ପାଦକ ଯଦୁମଣି ଦାସ, ପହଲୀ ସ୍ୱାଇଁ ପ୍ରମୁଖ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ଶଲ୍ୟ, ଦନ୍ତ, ଚକ୍ଷୁ ଗଳା ଓ ନାସା ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ନିଯୁକ୍ତି ସହ ଫିଜିଓଥେରପି କେନ୍ଦ୍ର ଖୋଲିବାକୁ ଦାବି କରିଥିଲେ। ସେହିପରି ଘରୋଇ ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ମାଗଣା ଚିକିତ୍ସା ସୁବିଧା ପ୍ରଦାନ, ସ୍ୱାସ୍ଥ୍ୟ କେନ୍ଦ୍ରରେ ଜେନେରିକ ମେଡିସିନ ପ୍ରଚଳନ ଓ ବହୁମୂତ୍ର ରୋଗୀଙ୍କ ପାଇଁ ଲିପିଡ ପ୍ରୋଫାଇଲ୍ ପରୀକ୍ଷା ପ୍ରଭୃତି ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷିକା ଡାକ୍ତର ଚେତନା ପୁରୋହିତଙ୍କ ଜରିଆରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ରାହୁଲ ଗାନ୍ଧୀଙ୍କ ପ୍ରତି ଅରୁଚିକର ମନ୍ତବ୍ୟକୁ ପ୍ରତିବାଦ



ଜଗତସିଂହପୁର,୨୪।୨(ସମିସ): କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଓ ବିଜେପି ସାଂସଦ ନିଶିକାନ୍ତ ଦୁବେ, ରାହୁଲ ଗାନ୍ଧୀଙ୍କ ପ୍ରତି ଅରୁଚିକର ଶବ୍ଦ ପ୍ରୟୋଗ କରିଥିବାରୁ କଂଗ୍ରେସ ଏହାକୁ ତୀବ୍ର ନିନ୍ଦା କରିଛି। ଏଭଳି ମନ୍ତବ୍ୟ ଦେଇଥିବା ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତା ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହା ସହିତ ଟାଉନ ହଲ ଛକ ଠାରୁ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ମହମ୍ମଦ ଅବଦୁଲ ୱାହିଦ, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବିଦ୍ୟାଧର ବାରିକ, ଶୁଭ ନାରାୟଣ ନାୟକ, ଆର୍ତ୍ତବନ୍ଧୁ ବିଶ୍ୱାଳ, ଧନଞ୍ଜୟ ସୂତାର, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ପ୍ରହଲ୍ଲାଦ ବିଶ୍ୱାଳ, ବୃନ୍ଦାବନ ପ୍ରଧାନ, ମନମୋହନ ଗୋଛାୟତ, ଦେବୀ ପ୍ରସାଦ ପରିଡ଼ା, ସରୋଜ କୁମାର ପ୍ରଧାନ, ସୌଭାଗ୍ୟ ବିଶ୍ୱାଳ, ଦିଲ୍ଲିପ କୁମାର ମାହାର, ପବିତ୍ର ମନ୍ତ୍ରୀ, କାର୍ଯ୍ୟକାରୀ ସଦସ୍ୟ ଦୀପକ ପଶାୟତ, ବିଜୟ ବେହେରା, କୋଷାଧ୍ୟକ୍ଷ ବିଶ୍ୱଜିତ ପୋଥାଳ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ପୃଷ୍ଟି, ନାଉଗାଁ ବ୍ଲକ କଂଗ୍ରେସ ସଭାପତି ବିଚିତ୍ରା ନନ୍ଦ ଲେଙ୍କା, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ୍, ଯୁବ କଂଗ୍ରେସ ଜାତୀୟ ସଂଯୋଜକ ସତ୍ୟବ୍ରତ ଦାସ, ଯୁବ ନେତା ପ୍ରିତମ ପରିଜା, ବରିଷ୍ଠ କଂଗ୍ରେସ ନେତା ମହନି ଚରଣ ରାଉତ, ନାରାୟଣ ନାୟକ, ନିହାର ରଞ୍ଜନ ଦାସ, ଜିଲ୍ଲା ନରେଗା ସଂଯୋଜକ ଅଭିଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ଷଣ୍ଢ ଆକ୍ରମଣରେ ଜଣେ ଗୁରୁତର

ବାଲିକୁଦା,୨୪।୨(ସମିସ): ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ପୋଦରୁଆଁ ଗ୍ରାମର ସଞ୍ଜୟ ମହାନ୍ତି (୫୧)ଙ୍କୁ ଏକ ବୁଲା ଷଣ୍ଢ ଆକ୍ରମଣ କରିଥିବା କାରଣରୁ ବେକରେ ଗୁରୁତର ଆଘାତ ଲାଗିଛି। ସଞ୍ଜୟଙ୍କୁ ପ୍ରଥମେ ଦଶବାଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ସେଠାରୁ ତାଙ୍କୁ ଜଗତସିଂହପୁର ମେଡିକାଲ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଆଜି ଅପରାହ୍ନ ପ୍ରାୟ ୫ଟା ସମୟରେ ନିଜ ଘର ପଛ ପଟ ଚାଷ ଜମିରେ ମୁଗ ବୁଣିଥିବା କ୍ଷେତରେ ଷଣ୍ଢ ମୁଗ ଗଛ ଖାଉଥିବା ଖବର ପାଇ ଘଉଡ଼ାଇବା ପାଇଁ ଯାଇଥିବା ସମୟରେ ଷଣ୍ଢ ଆକ୍ରମଣ କରିଥିଲା। ଏହି ସମୟରେ ସଞ୍ଜୟଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିବା ଗ୍ରାମର ବିନୁପ୍ରଭା ମହାନ୍ତି, ଶାରଳା ମହାରଣା, ଅସୀମା ପଣ୍ଡା, ବଇ ବେୱା ପ୍ରମୁଖଙ୍କୁ ମଧ୍ୟ ଷଣ୍ଢଟି ଆକ୍ରମଣ କରିଥିଲା। ଫଳରେ ଏମାନେ ସମସ୍ତେ ଦଶବାଟିଆ ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ଗୁରୁତର ସଞ୍ଜୟଙ୍କୁ ଜଗତସିଂହପୁର ମେଡିକାଲ ପଠାଇ ଦିଆଯାଇଛି। ଅଞ୍ଚଳରେ ଏହିପରି ଘଟଣା ବାରମ୍ବାର ଘଟୁଥିବା ବେଳେ ପ୍ରତ୍ୟକ ଦିନ ରାସ୍ତା କଡ଼ରେ ଥିବା ଅନେକ ବାଇକ୍‌କୁ ମଧ୍ୟ ଭାଙ୍ଗି ଦେଉଛନ୍ତି ଷଣ୍ଢ। ଏମାନଙ୍କ ଉପଦ୍ରବ କାରଣରୁ ହେକ୍ଟର ହେକ୍ଟର ଚାଷ ଜମିରେ ଚାଷୀ ଏଥର ମୁଗ ଫସଲ କିମ୍ବା ଅନ୍ୟ ପନିପରିବା ଚାଷ କରିନାହାନ୍ତି। ଏନେଇ ପୂର୍ବରୁ ୨ ଥର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଏନେଇ ପ୍ରଶାସନ କୌଣସି ତତ୍ପରତା ଦେଖାଉ ନଥିବା ଦେଖିବାକୁ ମିଳିଛି। ଏଣୁ ଷଣ୍ଢ ଉପଦ୍ରବ ରୋକିବା ପାଇଁ ଦାବି କରିଛନ୍ତି ବୀରବର ବିଶ୍ୱାଳ, ଜଗବନ୍ଧୁ ମହାନ୍ତି, ଦୀପକ ପଣ୍ଡା, ପିଣ୍ଟୁ ବିଶ୍ୱାଳ, ବିପିନ ବିଶ୍ୱାଳ, ନାରାୟଣ ମହାରଣା ବାବୁଲା ବିଶ୍ୱାଳ, ନିରଞ୍ଜନ ନାୟକ, ଉପନୀ ପଣ୍ଡାଙ୍କ ସମେତ ଅନେକ ଜନସାଧାରଣ।

ୱିସ୍‌ଡମ୍ ଗ୍ରୁପ୍‌ର ମାସିକ ସମ୍ମିଳନୀ

ନାଉଗାଁ,୨୪।୨(ସମିସ): ନାଉଗାଁ ବ୍ଲକ୍ ଅନ୍ତର୍ଗତ ଗାରୋଇ ଜଗନ୍ନାଥ ମନ୍ଦିର ପରିସରରେ ୱିସ୍‌ଡମ ଗ୍ରୁପର ମାସିକ ସମ୍ମିଳନୀ ଆବାହକ ପ୍ରାକ୍ତନ ମଣ୍ଡଳ ସହ ଶିକ୍ଷା ଅଧିକାରୀ ବାମଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଗାରୋଇ ଆଶ୍ରମର ବାବା ଆଦିତ୍ୟ ନାରାୟଣ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ସହ ଶିକ୍ଷା ନିର୍ଦ୍ଦେଶକ ଡ. ଅଭୟ କୁମାର ମଲ୍ଲିକ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀ, ବିଜୟ କୁମାର ସ୍ୱାଇଁ, ଭାବଗ୍ରାହୀ ଭୋଳ, ପୂର୍ବତନ ସହ ଶିକ୍ଷା ଅଧିକାରୀ ପବିତ୍ର କୁମାର ସାଉ, ସବିତା ଦାସ, ସରୋଜିନୀ ଦେବୀ ପ୍ରମୁଖ ଯୋଗଦେଇଥିଲେ। ଗ୍ରୁପର ସମ୍ପାଦକ ଅଶୋକ କୁମାର ସ୍ୱାଇଁ ସ୍ୱାଗତ କରିଥିବା ବେଳେ ଶିକ୍ଷକ ରଶ୍ମିରଞ୍ଜନ ମଲ୍ଲିକ ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ଆଲୋଚନାରେ ଅନାଦି ଚରଣ ଖଟୁଆ, ବିଚିତ୍ରାନନ୍ଦ ସ୍ୱାଇଁ, ରାମଚନ୍ଦ୍ର ପରିଡ଼ା, ଜ୍ୟୋତ୍ସ୍ନାମୟୀ ପ୍ରଧାନ, ରମେଶ ଚନ୍ଦ୍ର ପରିଡ଼ା, ସୁଧାଂଶୁ ମୋହନ ନାୟକ, ଗଙ୍ଗାଧର ବିଶ୍ୱାଳ, ବାଟକୃଷ୍ଣ ସାମନ୍ତରାୟ, ଶମ୍ଭୁନାଥ ରାଉଳ, ଅଭୟ କୁମାର ବାରିକ ପ୍ରମୁଖ ସାମିଲ ହୋଇଥିଲେ। ଗ୍ରୁପରେ ନୂଆ ସଦସ୍ୟମାନଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗାରୋଇର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ହେପାଟାଇଟିସ ବି ଓ ସି'ର ଚିହ୍ନଟ ଶିବିର

ଜଗତସିଂହପୁର,୨୪।୨(ସମିସ): ଜଗତସିଂହପୁର ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଭିଏଚ୍‌ସିପି) ତରଫରୁ ସୋମବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଣିଜଙ୍ଗାର ସହଯୋଗରେ ଦୁର୍ଗା ଓ ମା' ଇଟାଭାଟି ଠାରେ ଏକ ହେପାଟାଇଟିସ-ବି ଓ ସି' ଚିହ୍ନଟ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାର (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ) ମାଇକ୍ରୋ ବାୟୋଲୋଜିଷ୍ଟ, ଲ୍ୟାବ-ଟେକ୍ନିସିଆନ୍ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସେଠାରେ କାମ କରୁଥିବା ୧୦୩ ଜଣ ଉଚ୍ଚ ବିପଦପୂର୍ଣ୍ଣ ଗୋଷ୍ଠୀ ଲୋକମାନଙ୍କର ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରକୁ ପଠାଇଥିଲେ। ପ୍ରକାଶ ଥାଉ କି, ଏମାନଙ୍କ ମଧ୍ୟରୁ ଯେଉଁ ମାନଙ୍କର ପଜିଟିଭ୍ ଆସିବ, ସେମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇ ଦିଆଯିବା ସହ ନିୟମିତ ବ୍ୟବଧାନରେ ତାଙ୍କର ଓ ତାଙ୍କ ପରିବାର ବର୍ଗଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ।

ଜାତୀୟ ପତାକା ବ୍ୟବହାର ସଂପର୍କରେ ସଚେତନତା

ଜଗତସିଂହପୁର,୨୪।୨(ସମିସ): ଜାତୀୟ ପତାକାକୁ ସମ୍ମାନ ଜଣାଇବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ କର୍ତ୍ତବ୍ୟ। ଭାରତୀୟ ଜାତୀୟ ପତାକା ଆଶା ଓ ଉଚ୍ଚାକାଂକ୍ଷା ଭାବେ ଆମ ଦେଶର ଜନସାଧାରଣଙ୍କ ପ୍ରତିନିଧିତ୍ୱ କରିଥାଏ। ତେଣୁ ଜାତୀୟ ପତାକାକୁ ଭଲ ପାଇବା, ସମ୍ମାନ ଦେବା ଓ ଏହା ପ୍ରତି ଆନୁଗତ୍ୟ ଦେଖାଇବା ଉଚିତ୍। ଜାତୀୟ ସମ୍ମାନ ନିୟମ ୧୯୭୧ ଅନୁଯାୟୀ ଜାତୀୟ ପତାକାକୁ ଅସମ୍ମାନ କଲେ ଆଇନାନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି। ସେହିପରି ଫ୍ଲାଗ କୋର୍ଡ ଅଫ୍ ଇଣ୍ଡିଆ-୨୦୦୨ ନିୟମ ଅନୁଯାୟୀ ଏହାର ବ୍ୟବହାର ସଠିକ୍ ଭାବରେ କରାଯିବା ଉଚିତ। ଗୁରୁତ୍ୱପୂର୍ଣ୍ଣ ଜାତୀୟ ଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରୀଡା ମହାକୁମ୍ଭ ସମୟରେ ପ୍ଲାଷ୍ଟିକ୍ ଜାତୀୟ ପତାକା ପରିବର୍ତ୍ତେ କାଗଜରେ ତିଆରି ଜାତୀୟ ପତାକା ବ୍ୟବହାର କରାଯିବା ଉଚିତ। ଏହି ସବୁ କାର୍ଯ୍ୟକ୍ରମ ସମୟରେ ଜନସାଧାରଣ ବ୍ୟବହାର କରୁଥିବା କାଗଜ ତିଆରି ଜାତୀୟ ପତାକାକୁ ଏଣେ ତେଣେ ପଡ଼ିଆରେ ପକାଇଥାନ୍ତି, ଯାହାକି ଜାତୀୟ ପତାକାକୁ ଅସମ୍ମାନ ଅଟେ। ସରକାରଙ୍କ ବିନା ଆଦେଶରେ ଜାତୀୟ ପତାକାକୁ ଅର୍ଦ୍ଧ ନମିତ ଭାବରେ ଉଡ଼ାଇବା ଅନୁଚିତ୍। ଜାତୀୟ ପତାକାକୁ ପୋଷାକ ପରିଚ୍ଛେଦ, ୟୁନିଫର୍ମ, କୌଣସି ପ୍ରକାର ଗଦି, ରୁମାଲ, ଗାମୁଛା ଓ ପୋଷାକ ପତ୍ରରେ ବ୍ୟବହାର କରାଯାଇ ପାରିବନାହିଁ। ଜାତୀୟ ପତାକା ଉପରେ କୌଣସି ଲେଖାଲେଖି କରିବା ଅନୁଚିତ୍। କୌଣସି ଆତିଥ୍ୟ ଗ୍ରହଣ ସମୟରେ, ବିତରଣ ସମୟରେ, କୌଣସି ଦ୍ରବ୍ୟ ବହନ ସମୟରେ ଜାତୀୟ ପତାକାକୁ ବ୍ୟବହାର କରାଯାଇ ପାରିବନାହିଁ। ସାଧାରଣତନ୍ତ୍ର ଦିବସ ଓ ସ୍ୱାଧୀନତା ଦିବସ ପାଳନ ସମୟରେ ପତାକା ଉଡ଼ାଇବା ପୂର୍ବରୁ କେବଳ ପତାକା ମଧ୍ୟରେ ଫୁଲ ପାଖୁଡା ରଖାଯାଇ ପାରିବ। ପ୍ରତିମୂର୍ତ୍ତି ଉନ୍ମୋଚନ ସମୟରେ ପ୍ରତିମୂର୍ତ୍ତିକୁ ଆଚ୍ଛାଦିତ କଲାଭଳି ଜାତୀୟ ପତାକା ବ୍ୟବହାର କରାଯାଇ ପାରିବନାହିଁ। ପ୍ରତିମୂର୍ତ୍ତି ସ୍ଥଳରେ ପୃଥକ ଭାବରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇପାରିବ। ଇଚ୍ଛାକୃତ ଭାବେ ଜାତୀୟ ପତାକାକୁ ଚଟାଣ, ଭୂମି କିମ୍ବା ଜଳରେ ସ୍ପର୍ଶ କରାଯିବା ଅନୁଚିତ୍। ଯାନବାହନ, ରେଳଗାଡି, ନୌକା, ବିମାନର ହୁଡ୍, ପଛପାଖ, ଉଭୟ ପାର୍ଶ୍ୱରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇ ପାରିବନାହିଁ। ଜନସାଧାରଣ ଓ ଅନୁଷ୍ଠାନ ଏ ସଂପର୍କରେ ସଚେତନତା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଛି।

ରେଲୱେ ବିଭାଗରେ ନିର୍ବାଚନ ପାଇଁ ଦାବି

ପାରାଦୀପ,୨୪।୨(ସମିସ): ରେଲୱେ ବିଭାଗରେ ନିର୍ବାଚନକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କିଛି କର୍ମଚାରୀ ନିରପେକ୍ଷ ନିର୍ବାଚନ କରିବା ପରିବର୍ତ୍ତେ ଏକତରଫା ନିର୍ବାଚନ କରାଇ ସମସ୍ତଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଦୀର୍ଘ ୧୩ ବର୍ଷ ହେଲା ବିନା ଭୋଟିଂରେ ଅଲ୍ ଇଣ୍ଡିଆ ସିଡ୍ୟୁଲ କାଷ୍ଟ ଆଣ୍ଡ ସିଡ୍ୟୁଲଡ ଟ୍ରାଇବ୍ ରେଲୱେ ଏମ୍ପ୍ଲୋଇ ଆସୋସିଏସନ୍‌ର ପଦପଦବୀକୁ ଜବରଦସ୍ତି ମାଡ଼ି ବସିଛନ୍ତି କିଛି ବ୍ୟକ୍ତି। ଏହି କର୍ମଚାରୀମାନଙ୍କ ପାଇଁ ରେଲୱେ ପକ୍ଷରୁ ମିଳୁଥିବା ଏକାଧିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ଶତାଧିକ କର୍ମଚାରୀ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପାରାଦୀପର ଅଲ୍ ଇଣ୍ଡିଆ ସିଡ୍ୟୁଲ କାଷ୍ଟ ଆଣ୍ଡ ସିଡ୍ୟୁଲଡ ଟ୍ରାଇବ୍ ରେଲୱେ ଏମ୍ପ୍ଲୋଇ ଆସୋସିଏସନ୍‌ର ସଭ୍ୟ। ଖୋର୍ଦ୍ଧା ଡିଭିଜନ ଅଧୀନରେ ପ୍ରତ୍ୟେକ ତିନିବର୍ଷରେ ଥରେ ନିର୍ବାଚନ ହେବା କଥା। ମାତ୍ର ଦୀର୍ଘ ୧୩ ବର୍ଷ ହେଲା ନିର୍ବାଚନକୁ ତଞ୍ଚକତା କରି ବାତିଲ କରିବା ସହିତ ପୂର୍ବ କର୍ମକର୍ତ୍ତା ଗାଦି ମାଡ଼ି ବସିଛନ୍ତି। ଶନିବାର ସେମାନଙ୍କ ନିକଟକୁ ମେସେଜ



ଆସିଥିଲା ରବିବାର ୧୨ଟା ଠାରୁ ୨ଟା ଭିତରେ ପାରାଦୀପରେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପାଇଁ ନିର୍ବାଚନ ହେବ। ତେଣୁ ସମସ୍ତ ସଦସ୍ୟ ଉପସ୍ଥିତ ରହି ନିର୍ବାଚନ ରେ ଭାଗ ନେବେ। ମେସେଜ ପାଇବା ପରେ ସମସ୍ତ ସଦସ୍ୟ ଅଫିସ ନୀକଟରେ ବସିଥିଲେ ମଧ୍ୟ ସେମାନେ ୧.୪୫ ମିନିଟରେ ଅଫିସରେ ପହଞ୍ଚି ଥିଲେ ଏବଂ ବିନା କୌଣସି ସୂଚନାରେ ପଳାଇଯାଇଥିଲେ। ଯାହା ଦ୍ୱାରା କୌଣସି ନିର୍ବାଚନ ମଧ୍ୟ ହୋଇପାରିନଥିଲା। ତେବେ ଏହି ଘଟଣାକୁ ନେଇ ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହିତ ନିରପେକ୍ଷ ନିର୍ବାଚନ କରାଇବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି।

ବାଲ୍ୟ ବିବାହ ନିଷେଧ ସଚେତନତା କର୍ମଶାଳା

ଜଗତସିଂହପୁର,୨୪।୨(ସମିସ):



ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣର ତରଫରୁ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜାତୀୟ ଆଇନ ସେବା ପ୍ରାଧିକରଣର "ଆସା' ଯୋଜନା ଅନୁଯାୟୀ ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନସେବା ସଚିବ ବିଡିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ଉପ ଆରକ୍ଷୀ ଅଧିକ୍ଷକ ସରୋଜିନୀ ସିଂ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ, ଆଇସିଡିଏସ୍ ସୁପରଭାଇଜର, ଚାଇଲ୍ଡଲାଇନ୍‌ର କର୍ମକର୍ତ୍ତା ଏବଂ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। ବାଲ୍ୟ ବିବାହକୁ ରୋକିବାକୁ ଶିକ୍ଷକ, ଆଶା ଓ ଅଙ୍ଗନୱାଡି କର୍ମୀ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ତୃଣମୂଳ ସ୍ତରରେ ବାଲ୍ୟ ବିବାହକୁ ଚିହ୍ନଟ କରି ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ନିଷେଧ କରିପାରିବେ ଓ ଯେକୌଣସି ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ଜାତୀୟ ଆଇନ ସେବା ପ୍ରାଧୀକରଣ ହେଲ୍ପଲାଇନ ନମ୍ବର ୧୫୧୦୦ରେ ଯୋଗାଯୋଗ କରିବାକୁ ସଚିବ ସଚେତନ କରାଇଥିଲେ। ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତି ସେଠୀ ପ୍ରତ୍ୟେକ ବ୍ଲକରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ କ୍ଷମତା ଦିଆଯାଇଛି ବୋଲି କହିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ନିଜ ଅଞ୍ଚଳରେ ଘଟୁଥିବା ବାଲ୍ୟ ବିବାହ ସମ୍ପର୍କରେ ସୂଚନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାଲ୍ୟବିବାହ ନିଷେଧ ଅଧିକାରୀ ସୂଚନା ପାଇଲା ପରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ପୋଲିସକୁ ନେଇ ଏକ ଟିମ୍ ଗଠନ କରି ବାଲ୍ୟ ବିବାହକୁ ନିଷେଧ କରିଥାନ୍ତି। ସେହିପରି ଉପଆରକ୍ଷୀ ଅଧିକ୍ଷକ ଶ୍ରୀମତି ସିଂ କହିଥିଲେ ଯେ ବାଲ୍ୟ ବିବାହ ରୋକିବା ପାଇଁ ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍ କାମ କରିଥାନ୍ତି। ତଥ୍ୟ ପ୍ରଦାନ କରିଥିବା ବ୍ୟକ୍ତିର ପରିଚୟ ଗୋପନ ରହେ। ଅନ୍ୟତମ ବକ୍ତା ଭାବେ ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ରାଉତ ବାଲ୍ୟ ବିବାହ ନିଷେଧ କରିବାରେ ଗାଁ କଲ୍ୟାଣ ସମିତିର ଭୂମିକା ବିଷୟରେ ମଧ୍ୟ ଆଲୋଚନା କରିବା ସହ ପ୍ରତ୍ୟେକ ଅଭିଭାବକମାନେ ତାଙ୍କ କନ୍ୟା ସନ୍ତାନମାନଙ୍କୁ କିପରି ବିଦ୍ୟାଳୟରେ ନାମ ଲେଖାଇ ଉଚ୍ଚ ଶିକ୍ଷିତା କରିପାରିବେ ଏହି ବିଷୟରେ ସଚେତନ କରାଇଥିଲେ।

ସକାଳ
THE SAKALA

କନ୍ୟା ଭ୍ରୂଣହତ୍ୟା ରୋକିବାକୁ ଜିଲ୍ଲାସ୍ତରୀୟ କର୍ମଶାଳା

ଝାରସୁଗୁଡ଼ା,୨୪।୨(ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ 'ପ୍ରାକ-ଗର୍ଭଧାରଣ ଏବଂ ପ୍ରସବ ପୂର୍ବ ନିଦାନ କୌଶଳ (ଲିଙ୍ଗ ଚୟନ ନିଷେଧ) ଆଇନ' ବା ପିସି ଏବଂ ପିଏନଡିଟି ଆଇନର ସଫଳରୂପାୟନ ନିମନ୍ତେ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲ୍ଲା ଏବଂ ବ୍ଲକ୍ ସ୍ତରୀୟ ସମସ୍ତ ସରକାରୀ ଅଧିକାରୀମାନଙ୍କୁ ଆଇନର କଡାକଡି ଅନୁପାଳନ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ସଚେତନ କରାଯିବା ସହ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଝାରସୁଗୁଡ଼ା ସରକାରୀ ଓକିଲ ବି. ନାଗେଶ୍ୱରୀ, ସହକାରୀ ସରକାରୀ ଓକିଲ ସମୀର ମିଶ୍ର, ଅଧିବକ୍ତା ଆଶିଷ ପଣ୍ଡା, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ, 'ସେହତା' ସଂଗଠନର ନିର୍ଦ୍ଦେଶିକା ଏବଂ 'ଏ ସ୍କୋୟାର ହସ୍ପିଟାଲ'ର ନିର୍ଦ୍ଦେଶିକା ବବିତା ରମାନୀ ଯୋଗ ଦେଇଥିଲେ। ସମାଜରେ କନ୍ୟା ଭ୍ରୂଣହତ୍ୟା ବନ୍ଦ ପାଇଁ ଲିଙ୍ଗ ନିରୂପଣ ଭଳି ଅପରାଧକୁ ରୋକିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଡ.ରାଧାରମଣ ବିଡ଼ିଆ ପିସି ଏବଂ ପିଏନଡିଟି ଆଇନ ଅନୁଯାୟୀ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକର ନିରୀକ୍ଷଣ ଏବଂ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଡ.ଦୁର୍ଜୟ ଦତ୍ତ ସମାଜରେ କନ୍ୟା ସନ୍ତାନର ସମ୍ମାନ ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ବିଭିନ୍ନ ସାମାଜିକ ସଂଗଠନ ଓ ସରକାରୀ ପକ୍ଷର ଭୂମିକା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ କୌଣସି ବ୍ୟକ୍ତି ବେଆଇନ ବା ଅଣପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ବିଷୟରେ ସୂଚନା ପ୍ରଦାନ କଲେ ତାଙ୍କ ପରିଚୟ ଗୋପନ ରଖାଯିବା ସହ ସରକାରଙ୍କ 'ସୂଚନାଦାତା ପ୍ରୋତ୍ସାହନ ଯୋଜନା' ଅଧୀନରେ ସେହି ବ୍ୟକ୍ତିଙ୍କୁ ୨୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ନେଇ ଘୋଷଣା ହୋଇଥିଲା।



- ସରକାରଙ୍କ 'ସୂଚନାଦାତା ପ୍ରୋତ୍ସାହନ ଯୋଜନା'
- ବେଆଇନ ଲିଙ୍ଗ ନିରୂପଣର ସୂଚନା ଦେଲେ ୨୫ ହଜାର ଟଙ୍କା ପୁରସ୍କାର

ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୪।୨(ସମିସ): ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ 'ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ' କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବ୍ଲକ୍‌ରେ କାର୍ଯ୍ୟରତ ବହୁ ସଂଖ୍ୟକ ସିଆରପି ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଜିଲ୍ଲା ଅଗ୍ରଣୀ ପ୍ରବନ୍ଧକ ଶିରପାଣି ନାୟକ ଯୋଗଦେଇ ଚିଟ୍‌ଫଣ୍ଡର ଅପକାରିତା ଏବଂ ଜନସାଧାରଣ କିଭଳି ଠକାମିର ଶିକାର ନହେବେ ସେଥିପାଇଁ ସତର୍କ କରାଇଥିଲେ। ଏହାସହ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବୀମା ଓ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଝାରସୁଗୁଡ଼ା ଓଏଲଏମର ଡିପିଏମ୍ ପୁଷ୍ପଶ୍ରୀ ନାୟକ ଆର୍ଥିକ ସାକ୍ଷରତାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଝାରସୁଗୁଡ଼ା ଶାଖାର ଅଧିକାରୀ ସୁମିତ ପ୍ରମାଣିକ ସାଇବର ଅପରାଧର ନିରାକରଣ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

ଅଲେଖ ମହିମା ବ୍ରହ୍ମଯଜ୍ଞ ଆରମ୍ଭ

ବ୍ରଜରାଜନଗର,୨୪।୨(ସମିସ): ବ୍ରଜରାଜନଗର ସହରାଞ୍ଚଳ ଅଧୀନ ୱାର୍ଡ ନମ୍ବର ୧ ମଣ୍ଡଳୀୟା ସ୍ଥିତ ଅଲେଖ ମହିମା ମଠରେ ବ୍ରହ୍ମ ଯଜ୍ଞ ସୋମବାର ଠାରୁ ଆରମ୍ଭ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ସ୍ଥାନୀୟ ଆଦିବାସୀ କଲୋନୀ ପୋଖରୀରୁ କଳସରେ ଜଳ ଆଣି ଶୋଭାଯାତ୍ରାରେ ମଠ ପର୍ଯ୍ୟନ୍ତ ପହଞ୍ଚିଥିଲେ। ଯଜ୍ଞ ସ୍ଥଳରେ କଳସ ସ୍ଥାପନ ସହ ଯଜ୍ଞ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ଅତିଥି ରୂପେ ଯୋଗ ଦେଇଥିଲେ। ଆୟୋଜକ କମିଟିର ସଭାପତି ସୁଦର୍ଶନ ଦେବତା, ସମ୍ପାଦକ ମଧୁସୂଦନ ରାଉଳ, ୱାର୍ଡ କାଉନସିଲର ପ୍ରଭାତୀ ଗଡନାୟକ, ମାୟାଧର ସାହୁ, ଗୋବିନ୍ଦ ସାହୁ, ଘାଷିଆ ମଲ୍ଲ, ପିତାମ୍ବର ପ୍ରଧାନ ଓ କମିଟିର ଅନେକ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଯଜ୍ଞ ୪ ଦିନ ଧରି ଆୟୋଜନ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ନୂଆଁଡିହିରେ ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଝାରସୁଗୁଡ଼ା,୨୪।୨(ସମିସ): ଜିଲ୍ଲାର ବ୍ରଜରାଜନଗର ପୌର ପରିଷଦ ଅଧୀନ ୱାର୍ଡ ନଂ ୨୨ ନୂଆଁଡିହି ଗାଁରେ ୩୯ ତମ ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗାଁର ଶତାଧିକ ମହିଳା ନିତେଇ ବନ୍ଧରୁ ଜଳ ଆଣି ପୂଜା ସ୍ଥାନରେ ସ୍ଥାପନ କରିଥିଲେ। ଗୁରୁବାର ଅଧିବାସ ହୋଇ ଶୁକ୍ରବାର ଅଖଣ୍ଡ ମାଧବ ଗୌରମନ୍ତ୍ର ନାମ ଆରମ୍ଭ ହୋଇଥିଲା। ସୋମବାର ନାମ ସମାପନ ପରେ ପୂର୍ଣ୍ଣାହୁତି, ନଗର କୀର୍ତ୍ତନ, ଦଧିଭାଣ୍ଡ ଭଞ୍ଜନ ସହ କଳସ ବିସର୍ଜନ କରାଯାଇଥିଲା। ନାମ ସଙ୍କୀର୍ତ୍ତନରେ ୨୮ଟି ସଙ୍କୀର୍ତ୍ତନ ଦଳ ଯୋଗ ଦେଇଥିଲେ। ରବିବାର ଗ୍ରାମବାସୀଙ୍କ ତରଫରୁ ୫୬ ଭୋଗ ଅର୍ପଣ କରାଯାଇଥିଲା। ଖଏରକୁନି, ଭଗପାଲି, ମଲଦା ପୁଣୋର, ବରମପୁର, କୁଲିତା ନୂଆଁପାଲି, ତାଲପଟିଆ, ତୁମ୍ବାଯୋର, ଲୁହାଖଣ୍ଡି, ଖୁଣ୍ଟମୁଣ୍ଡା, ଗୋପାଳପାଲି, କାର୍ତ୍ତିକପଡା, ଗୋଲାମାଳ, ଝାରୁପଡା ଓ ବଇଦାର ନୂଆଁପାଲି ସଙ୍କୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିଥିଲେ। ଏହି ନାମଯଜ୍ଞରେ ପୂଜକ ମିତ୍ରଭାନୁ ମିଶ୍ର ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିଲେ। ସୁନିଲ କଉଡି ଓ ତାଙ୍କ ଧର୍ମପତ୍ନୀ ଟିକେଶ୍ୱରି କଉଡି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଷଡବୈଷ୍ଣବ ଭାବେ ଚନ୍ଦ୍ରମଣିରଣା, ନିବାସ ପ୍ରଧାନ, କେଦାର ସାହୁ, କିରନ ବଡ଼ାଇ, ରାଧାକାନ୍ତ ପ୍ରଧାନ ଓ ମଣ୍ଟୁ କଉଡି ପ୍ରମୁଖ ଉପସ୍ଥିତ ଥିଲେ।

ଦୁର୍ଘଟଣାରେ ଜଣେ ମୃତ

ଝାରସୁଗୁଡ଼ା,୨୪।୨(ସମିସ): ଜିଲ୍ଲାର ଲଖନପୁର ବ୍ଲକ୍ ରେଙ୍ଗାଲି ଥାନା ଅଧୀନ ମହାସିଂମଚିଦା ଆରଡି ରାସ୍ତାରେ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ନାଚେନମୁରା ଗାଁର ସୁବଳ ଖଡିଆ ଓ ସଞ୍ଜୀବ କିଶାନ ଏକ ବାଇକରେ ଯାଉଥିବା ବେଳେ ବିପରୀତ ଦିଗରୁ ମଚିଦା ଗାଁର ଓମ ପ୍ରକାଶ ପଧାନ (୧୭) ଓ ମିଥିଲେଶ ଭୋଇ ଅନ୍ୟ ଏକ ବାଇକରେ ଆସୁଥିଲେ। ବାଞ୍ଜିପାଲି ଗାଁ ନିକଟରେ ଏକ ବୁଲାଣିରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ଉଭୟ ବାଇକରେ ଥିବା ଓମ ପ୍ରକାଶ, ମିଥିଲେଶ, ସୁବଳ ଓ ସଞ୍ଜୀବ ଗୁରୁତର ହୋଇଥିଲେ। ଖବର ପାଇ, ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଚିତ୍ରସେନ ଦେହେରୀ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଓମ ପ୍ରକାଶଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

ସାଇବର୍ ଠକେଇ, ୨ ଗିରଫ

ଝାରସୁଗୁଡ଼ା,୨୪।୨(ସମିସ): ସାଇବର ଠକେଇରେ ଜଡିତ ଆନ୍ତଃରାଜ୍ୟ ସାଇବର ଠକେଇରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ଓରିଏଣ୍ଟ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଅମିତ ସିଂହଙ୍କ ସୂଚନା ଆଧାରରେ ମଙ୍ଗଳବାର ଆଉ ଦୁଇଜଣ ଅଭିଯୁକ୍ତ ଓରିଏଣ୍ଟ ଥାନା ଗାୟତ୍ରୀନଗରର ଗଣପତ ରାୟ ଓ ଆଦର୍ଶ ନଗରର ରାଜକୁମାରଙ୍କୁ ଗିରଫ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ, ଦୁଇଟି ଆଧାର କାର୍ଡ, ଡିଜିଟାଲ ଡକ୍ୟୁମେଣ୍ଟ ଆଦି ଜବତ କରାଯାଇଛି। ମ୍ୟୁଲ ଆକାଉଣ୍ଟ ମାଧ୍ୟମରେ ଠକେଇ କରୁଥିବା ଗ୍ୟାଙ୍ଗର ପ୍ରଦାଫାଶ କରାଯାଇ ଅନେକ ଅଭିଯୁକ୍ତଙ୍କୁ ଜିଲ୍ଲାରେ ପୂର୍ବରୁ ଗିରଫ କରାଯାଇଛି।

■ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ଚୋରି

ଲୁଟିନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

ଝାରସୁଗୁଡ଼ା,୨୪।୨(ସମିସ): ଝାରସୁଗୁଡ଼ା ସହର ଉପକଣ୍ଠ ସାରସମାଲ ସ୍ଥିତ ଅର୍ବାନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ କବାଟ ତାଡି ବ୍ୟାପକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମୁଖ୍ୟ ଫାଟକର ତାଲା ଭାଙ୍ଗି ଭିତରକୁ ପଶିବା ସହ ମେଡିକାଲର ଅନେକ ଦାମୀ ସାମଗ୍ରୀ ଲୁଟି ନେଇଛନ୍ତି। ଆଜି ସକାଳେ ହସ୍ପିଟାଲ କର୍ମଚାରୀ କାର୍ଯ୍ୟକୁ ଆସିବା ବେଳେ ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ହୋଇଥିବା ଦେଖିଥିଲେ। ଯାଞ୍ଚ ପରେ ଦୁର୍ବୃତ୍ତ କଳାକନା ବୁଲାଇଥିବା ଜଣା ପଡ଼ିଥିଲା। ଚୋରି ସାମଗ୍ରୀ ମଧ୍ୟରେ ୨ଟି ଇନଭର୍ଟର ବ୍ୟାଟେରୀ, ସିସିଟିଭି ରେକର୍ଡର, ଏଲଇଡି ଟିଭି, ହସ୍ପିଟାଲ ଆସବାବପତ୍ର ଓ ଚିକିତ୍ସା ଉପକରଣ ରହିଛି। ଏ ସମ୍ପର୍କରେ ହସ୍ପିଟାଲର ଫାର୍ମାସିଷ୍ଟ ଶୁଭମ ନାୟକ ଝାରସୁଗୁଡ଼ା ସଦର ଥାନାରେ ଏକ ଲିଖିତ ଏତଲା ଦାୟର କରିଛନ୍ତି। ସିସିଟିଭିର ଡିଭିଆର ଚୋରି ହୋଇଥିବାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା କଷ୍ଟକର ହେଉଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଜିଲ୍ଲାପାଳଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଝାରସୁଗୁଡ଼ା,୨୪।୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ଝାରସୁଗୁଡ଼ା ପୌରପାଳିକା ଅଧୀନ ବିଭିନ୍ନ ସ୍ଥାନରେ ନିର୍ମିତ ହୋଇଥିବା ବହୁମୁଖୀ ପ୍ରେକ୍ଷାଳୟ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ନବନିର୍ମିତ କୋଠାର, ଭିତିଭୂମି ଏବଂ ଆନୁଷଙ୍ଗିକ ସୁବିଧାର ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏହି ପ୍ରେକ୍ଷାଳୟ ଗୁଡ଼ିକ ସହାୟକ ହେବ। ପରିଦର୍ଶନ କାଳରେ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସମ୍ପୂର୍ଣ୍ଣ ହୋଇସାରିଥିବା ବହୁମୁଖୀ ପ୍ରେକ୍ଷାଳୟ ଗୁଡ଼ିକୁ ଜିଲ୍ଲାର ୩ଟି ପୌରପାଳିକା କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ପୌରପାଳିକାର ବରିଷ୍ଠ ଅଧିକାରୀ ଏବଂ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

ଝାରସୁଗୁଡ଼ା: ଓଡ଼ିଶା ସହରାଞ୍ଚଳ ଆବାସ ମିଶନ ପକ୍ଷରୁ ଜାରି ହୋଇଥିବା ନୂତନ ମାର୍ଗଦର୍ଶିକା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ ଅଧୀନ 'ସୁଲଭ ଭଡ଼ା ବାସଗୃହ' ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଆଜି ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ଏହି ବହୁମୁଖୀ ଗୃହରେ ପ୍ରାୟ ୧୦୦ ଜଣ ଶିଶୁ ଏବଂ ମା'ମାନଙ୍କ ରହିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ବିଶେଷ କରି ସ୍ୱାସ୍ଥ୍ୟ ଏବଂ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ସେଠାରେ ୧୨ରୁ ଅଧିକ ନୂତନ ଶୌଚାଳୟ ନିର୍ମାଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। କୋଠାର ରକ୍ଷଣାବେକ୍ଷଣ ସହିତ ସ୍ୱଚ୍ଛତା ଓ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ଯେପରି ସୁନିଶ୍ଚିତ ହେବ, ସେଥିପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ଆଗାମୀ ୧୫ ଦିନରେ ବାକି ଥିବା ସମସ୍ତ ନିର୍ମାଣ ଓ ମରାମତି କାର୍ଯ୍ୟକୁ ଶେଷ କରିବାକୁ ଜିଲ୍ଲାପାଳ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳରେ ରହୁଥିବା ଆର୍ଥିକ ଅନଗ୍ରସର ଶ୍ରେଣୀ ଏବଂ ଅଳ୍ପ ଆୟକାରୀ ଗୋଷ୍ଠୀ ଯଥା ପ୍ରବାସୀ ଶ୍ରମିକ, ଗୃହହୀନ ଏବଂ ଅଭାବୀ ଶ୍ରେଣୀର ଲୋକଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗାଇଦେବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ରହିଛି। ଏଥିରେ ପରିତ୍ୟକ୍ତ ବା ବ୍ୟବହାର ହେଉ ନଥିବା ସରକାରୀ କୋଠାଗୁଡିକୁ ଗରିବ ଶ୍ରେଣୀର ଲୋକଙ୍କୁ ଆଶ୍ରୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି।



ଗରିବଙ୍କ ପାଇଁ ସୁଲଭ ଭଡ଼ାଘର ପ୍ରକଳ୍ପ ସମୀକ୍ଷା

ଝାରସୁଗୁଡ଼ା: ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଆଜି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ମୃତ୍ତିକା ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ଦେଖିବା ସହ କୃଷି ଅଧିକାରୀଙ୍କ ସହ ଜିଲ୍ଲାର କୃଷି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ମୃତ୍ତିକା ପରୀକ୍ଷା ଲାବୋରେଟୋରୀରେ ଚାଷୀଙ୍କ ଜମିରୁ ସଂଗୃହିତ ମୃତ୍ତିକାର ନମୁନା ପରୀକ୍ଷଣ କିଭଳି କରାଯାଉଛି ସେ ନେଇ ଜିଲ୍ଲାପାଳ ପଚାରି ବୁଝିଥିଲେ। ମୃତ୍ତିକାର ଗୁଣବତ୍ତା ଅନୁଯାୟୀ ଚାଷୀ କିଭଳି ଉପଯୁକ୍ତ ସାର ଓ ବିହନ ବ୍ୟବହାର କରିବେ, ସେଥିପାଇଁ ସେମାନଙ୍କୁ ତୁରନ୍ତ 'ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ' ଯୋଗାଇଦେବାକୁ ଜିଲ୍ଲାପାଳ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା କେନ୍ଦ୍ରରେ ଥିବା ବିଭିନ୍ନ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ସହ ଲାବୋରେଟୋରୀର ପରିବେଶକୁ ସ୍ୱଚ୍ଛ ରଖିବାକୁ ଗୁରୁତ୍ୱାରୋପ କରିଥିଲେ। ଚାଷୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ହୁଏ, ସେଥିପ୍ରତି ଯତ୍ନବାନ ରହିବାକୁ ସେ କୃଷି ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।



ଜିଲ୍ଲା କୃଷି କାର୍ଯ୍ୟାଳୟ ଓ ମୃତ୍ତିକା ପରୀକ୍ଷା କେନ୍ଦ୍ର ପରିଦର୍ଶନ

ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ଝାରସୁଗୁଡ଼ା ବନଖଣ୍ଡର ବ୍ୟାପକ ପ୍ରସ୍ତୁତି

ଝାରସୁଗୁଡ଼ା,୨୪।୨(ସମିସ): ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁର ଭୟାବହତାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମଙ୍ଗଳବାର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନୁ ଅଶୋକ ଭଟ୍ଟ, ଆଇଏଫ୍‌ଏସ, ଡିଏଫଓ, ଜଙ୍ଗଲ ସୁରକ୍ଷା ଓ ଅଗ୍ନି ନିରାକରଣ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ଜଙ୍ଗଲ ନିଆଁ ପ୍ରାକୃତିକ ସମ୍ପଦ ନଷ୍ଟ କରିବା ସହ ବନ୍ୟଜନ୍ତୁଙ୍କ ଜୀବନ ବିପନ୍ନ କରେ ଏବଂ ବାୟୁ ପ୍ରଦୂଷଣ ଓ ଜନବସତି ପାଇଁ ବିପଦ ସୃଷ୍ଟି କରିଥାଏ। ଏହାର ପ୍ରତିକାର ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ଜଙ୍ଗଲ ନିଆଁକୁ ପ୍ରତିହତ କରିବା ପାଇଁ ବନଖଣ୍ଡ ଅଧୀନରେ ୪୫୬ ଆର୍‌କେଏମ୍ ଫାୟାର ଲାଇନ୍ ନିର୍ମାଣ କରାଯାଇଛି। ନିଆଁ ଲିଭାଇବା କାମ ପାଇଁ ୬୪ଟି ସ୍ୱତନ୍ତ୍ର ଫାୟାର ସ୍କ୍ୱାଡ୍ ମୁତୟନ କରାଯାଇଛି। ଏହି ଟିମ୍‌କୁ ୯୧ଟି ଅଗ୍ନିନିର୍ବାପକ ଯନ୍ତ୍ର ଓ ୨୭ଟି ନୂତନ ଲିଫ୍ ବ୍ଲୋୟର୍ ଯୋଗାଇ ଦିଆଯାଇଛି। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରତ୍ୟେକ ରେଞ୍ଜରେ ଗୋଟିଏ ଲେଖାଏଁ ଏହିପରି ମୋଟ ୫ଟି ଗାଡି ନିୟୋଜିତ ହୋଇଛି। ଏଥିସହ ବନଖଣ୍ଡ ସ୍ତରରେ ୯୮୬୧୭୩୫୯୯୫ ନମ୍ବର ସହ ଏକ ୨୪-ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟ କରୁଛି।

ବନ ବିଭାଗର ବିଶ୍ଳେଷଣ ଅନୁଯାୟୀ, ଜଙ୍ଗଲ ତଳ ସଫା କରି ମହୁଲ ଫୁଲ ସଂଗ୍ରହ କରିବା ପାଇଁ ନିଆଁ ଲଗାଇବା, କୃଷି ଜମିର ଅବଶିଷ୍ଟାଂଶ ପୋଡିବା ଏବଂ କେନ୍ଦୁପତ୍ରର ଭଲ ଅମଳ ପାଇଁ ନିଆଁ ଲଗାଇବା ହେଉଛି ଅଗ୍ନିକାଣ୍ଡର ମୁଖ୍ୟ କାରଣ। ଏହାବ୍ୟତୀତ ରାସ୍ତା ଦେଇ ଯାଉଥିବା ପଥିକଙ୍କ ଦ୍ୱାରା ଜଳୁଥିବା ବିଡି, ସିଗାରେଟ୍ ବା ଦିଆସିଲି କାଠି ଫିଙ୍ଗିବା ଯୋଗୁଁ ଅନେକ ସମୟରେ ଭୟଙ୍କର ନିଆଁ ଲାଗିଥାଏ। ଗତ ୩ ବର୍ଷର ପରିସଂଖ୍ୟାନ ଅନୁଯାୟୀ, ୨୦୨୫ରେ ସର୍ବାଧିକ ୧୫୨ଟି ଜଙ୍ଗଲ ନିଆଁ ସ୍ଥାନ ଚିହ୍ନଟ ହୋଇଥିଲା। 'ମୋବାଇଲ୍ ରଥ' ଓ ପ୍ରୋତ୍ସାହନ ବ୍ୟବସ୍ଥା ଜନସଚେତନତା ସୃଷ୍ଟି କରିବା ପାଇଁ ବନଖଣ୍ଡ ପକ୍ଷରୁ ସମ୍ବେଦନଶୀଳ ଗାଁ ଗୁଡିକରେ ପରିଭ୍ରମଣ କରୁଛି। ଗାଁ ସ୍ତରରେ ନାଟକ, କ୍ରିକେଟ୍ ମ୍ୟାଚ୍ ଓ ପ୍ରଚାରପତ୍ର ମାଧ୍ୟମରେ ଲୋକଙ୍କୁ ଶିକ୍ଷା ଦିଆଯାଉଛି। ଏହାସହ ଜଙ୍ଗଲର କୌଣସି ସ୍ଥାନରେ ନିଆଁ ଦେଖିଲେ ତୁରନ୍ତ ବିଭାଗକୁ ଜଣାଇବାକୁ ବନ ଅଧିକାରୀମାନେ ନିବେଦନ କରିଛନ୍ତି।

୬୪ ସ୍କ୍ୱାଡ୍ ଓ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍

● ଚେକ୍ ବାଉନ୍ସ ଘଟଣା

ଜରିମାନା ସହିତ ବ୍ୟବସାୟୀଙ୍କୁ ଜେଲ୍

ଦେବଗଡ଼,୨୪।୨(ସମିସ): ଦେବଗଡ଼ ଏସ୍‌ଡିଜେଏମ୍ ଧନଞ୍ଜୟ ନାୟକ ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ସମ୍ବଲପୁର ଅଇଁଠାପାଲି ଥାନା ଅଧୀନ ଦାନୀପାଲି ଗାଁର ଜଣେ ବ୍ୟବସାୟୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ଉକ୍ତ ବ୍ୟବସାୟୀଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ସହିତ ଜରିମାନା ବାବଦକୁ ୧୫ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ଅଇଁଠାପାଲି ଥାନା ଅଧୀନ ଦାନୀପାଲି ଗାଁରେ 'ଏଜିଏମ୍' ସୋଲାର ଏନର୍ଜୀର ମ୍ୟାନେଜିଂ ଡାଇରେକ୍ଟର ଗଜେନ୍ଦ୍ର ପଟେଲ ସୋଲାର ଏନର୍ଜୀ ବ୍ୟବସାୟ କରୁଛନ୍ତି। ସମ୍ବଲପୁର ସମେତ ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ, ମୟୁରଭଞ୍ଜ, ବାଲେଶ୍ୱର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲା ପାଇଁ ସେ ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ କରିଥିଲେ। ଏନେଇ ଦେବଗଡ଼ର ବ୍ୟବସାୟୀ ଜିତେନ୍ଦ୍ର ଅଗ୍ରୱାଲା ଓ ଗଜେନ୍ଦ୍ରଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଜିତେନ୍ଦ୍ର ଚୁକ୍ତି ଅନୁଯାୟୀ ଗଜେନ୍ଦ୍ରଙ୍କୁ ୧୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ମାତ୍ର ଗଜେନ୍ଦ୍ର ଚୁକ୍ତି ଖିଲାପ କରି ଅନ୍ୟ ଜଣେ ବ୍ୟବସାୟୀଙ୍କୁ ଡିଷ୍ଟ୍ରିବ୍ୟୁଟରସିପ୍ ପ୍ରଦାନ କରିଥିଲେ। ଫଳରେ ଜିତେନ୍ଦ୍ର ନିଜ ୧୧ଲକ୍ଷ ଟଙ୍କା ଫେରସ୍ତ ମାଗିଥିଲେ। ବାରମ୍ବାର ମାଗିବା ପରେ ଗଜେନ୍ଦ୍ର ତାଙ୍କୁ ୪ଟି ଚେକ ପ୍ରଦାନ କରିଥିଲେ। ୨୦୧୮ ସେପ୍ଟେମ୍ବରରେ ଜିତେନ୍ଦ୍ର ଚେକ୍ ଗୁଡ଼ିକୁ ବ୍ୟାଙ୍କରେ ଜମା କରିଥିଲେ। ମାତ୍ର ଟଙ୍କା ନଥିବା ଦର୍ଶାଇ ବ୍ୟାଙ୍କ କର୍ତ୍ତୃପକ୍ଷ ଚେକ ଗୁଡ଼ିକୁ ଫେରାଇ ଦେଇଥିଲେ। ସେହବର୍ଷ ଅକ୍ଟୋବରରେ ଜିତେନ୍ଦ୍ର ଓକିଲଙ୍କ ଜରିଆରେ ଗଜେନ୍ଦ୍ରଙ୍କୁ ନୋଟିସ ପଠାଇଥିଲେ। ମାତ୍ର ଗଜେନ୍ଦ୍ର ଓକିଲଙ୍କ ନୋଟିସର ଉତ୍ତର ଦେଇ ନଥିଲେ କି ଟଙ୍କା ଫେରସ୍ତ କରି ନଥିଲେ। ବାଧ୍ୟ ହୋଇ ଜିତେନ୍ଦ୍ର ୨୦୧୮ ଡିସେମ୍ବରରେ ଏନେଇ ଏସ୍‌ଡିଜେଏମ୍‌ଙ୍କ ଅଦାଲତର ଆଶ୍ରୟ ନେଇଥିଲେ। ଅଦାଲତ ଏନ୍‌ଆଇ ଆକ୍ଟରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗଜେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜି ଉପରୋକ୍ତ ରାୟ ଶୁଣାଇଛନ୍ତି।

● ଦ୍ୱିତୀୟ ଦିନରେ ଚାଷୀଙ୍କ ରାସ୍ତାରୋକ

ଆଲୋଚନା ବିଫଳ, ଜିଦ୍‌ରେ ଅଟଳ ଚାଷୀ

ଇବଥର୍ମାଲ,୨୪।୨(ସମିସ): ମାଁ ସମଲେଇ ଆଞ୍ଚଳିକ କୃଷକ ସଙ୍ଗଠନ ଆହ୍ୱାନ କ୍ରମେ ଲଖନପୁର ବ୍ଲକ୍ ଜୋନ୍-୩ ଅନ୍ତର୍ଗତ ତିଲିଆ ରମ୍ପେଲା କୁମ୍ଭାରବନ୍ଧ ତଥା ପିପିଲିକାନି ପଞ୍ଚାୟତର ଚାଷୀଙ୍କ ରାସ୍ତାରୋକ ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ସୋମବାର ସଂଧ୍ୟାରେ ପ୍ରବଳ ଝଡ ସାଙ୍ଗକୁ ବର୍ଷା ସତ୍ତ୍ୱେ ଚାଷୀ ତାଙ୍କର ହକ୍ ପାଇଁ ଲଢ଼େଇ ଜାରି ରଖିଛନ୍ତି। ଅନ୍ୟପଟେ ସାହାଜବାହାଲ ସ୍ଥିତ ଜେଏସଡବ୍ଲ୍ୟୁ ପାୱାରପ୍ଲାଣ୍ଟକୁ କୋଇଲା ପରିବହନ ସମେତ ଓପିଜିସି ଓ ଜେଏସଡବ୍ଲ୍ୟୁ ଠାରୁ ଆଶ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସମ୍ବଲପୁରକୁ ଯିବା ଏ ଅଞ୍ଚଳର ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ସାଧାରଣ ଯାତାୟତ ବାଧାପ୍ରାପ୍ତ ହୋଇଛି। ଏଣୁ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି। ଆଜି ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଝାରସୁଗୁଡ଼ା ଜିଲ୍ଲା କୃଷକ ସଂଗଠନର ସଭାପତି ଦିଲ୍ଲିପ ବଡ଼େଇ, ପ୍ରବକ୍ତା ବିରଞ୍ଚି ସାହୁ, ସଭ୍ୟ ବିମ୍ବାଧର ବଡ଼େଇ, ହିମାଂଶୁ ପ୍ରଧାନ, ପଞ୍ଚାନନ ପ୍ରଧାନ, ଈଶ୍ୱର ବାରିକ, ସୁନାରି ପାକ୍ସ ସଭାପତି ଗୌତମ ପ୍ରଧାନ, ସରପଞ୍ଚ ସଂଘ ଜିଲ୍ଲା ସଭାପତି ସଞ୍ଜିବ ପ୍ରଧାନ ଅତାବିରା ସରପଞ୍ଚ ସୁଜାତା ପ୍ରଧାନ, ପଣ୍ଡରୀ ସରପଞ୍ଚ ସୁବାସିନୀ ସାହୁ, ପଲସଦା ସରପଞ୍ଚ ତନୟା ଚାନ୍ଦ, ଭିକମପାଲି ସରପଞ୍ଚ ପଦ୍ମିନୀ ସାହୁ, କଂଗ୍ରେସ ଜିଲ୍ଲା ସଭାପତି ଜୀବନ ସାର୍ଥକ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ଝାରସୁଗୁଡ଼ା ଏସିଏସଓ ଜୟନ୍ତକୁଣ୍ଡୁ, ଏସିଏସଓ ସୂର୍ଯ୍ୟ ପାଣିଗ୍ରାହୀ, ଲଖନପୁର ସପ୍ଲାଏ ଇନିସପେକ୍ଟର ଅଜୟ କେର୍କେଟା, ବନହରପାଲି ଆଇଆଇସି ରଞ୍ଜିତ ନାଏକ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଚାଷୀଙ୍କ ପକ୍ଷରୁ ଜିଲ୍ଲା ସଭାପତି ଦିଲ୍ଲିପ ବଡ଼େଇ, ପ୍ରବକ୍ତା ବିରଞ୍ଚି ସାହୁ, ତିଲିଆ ପେକ୍ସ ସଭାପତି ଭୋନାଥ ବଡ଼େଇ, ବୋର୍ଡ ମେମ୍ବର ଲିଙ୍ଗରାଜ ବଡ଼େଇ, ଦାମୋଦର ବଡ଼େଇ, ପ୍ରେମଚାନ୍ଦ ଠାକୁର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଲୋଚନା ବେଳେ ଅଧିକାରୀ ମାନେ ସୋମବାର ତିଲିଆ ପାକ୍ସକୁ ୩ହଜାର କ୍ୱିଣ୍ଟାଲ ଧାନ କିଣିବାରେ ଟାର୍ଗେଟ ଦିଆ ସରିଛି ଏବଂ ଆଜି ଆହୁରି ୪ହଜାର କ୍ୱିଣ୍ଟାଲ ଧାନ ଉଠିବାର ଟାର୍ଗେଟ ଦିଆଯିବ ବୋଲି କହିବା ସହ ରାସ୍ତାରୋକରୁ ଉଠିଯିବାକୁ ଅନୁରୋଧ କରିଥିଲେ। ହେଲେ ଚାଷୀଙ୍କ ପକ୍ଷରୁ ପାକ୍ସରେ ୯୯୪ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଥିବାରୁ ସରକାରଙ୍କ ନିୟମାନୁସାରେ ୪୫ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ ଲକ୍ଷ ଥିବା ବେଳେ ଆଜି ପର୍ଯ୍ୟନ୍ତ ମାତ୍ର ୩୧ ହଜାର ୭୧୦ କ୍ୱିଣ୍ଟାଲ ଧାନ କ୍ରୟ କରିବାକୁ ଟାର୍ଗେଟ ଦିଆଯାଇଛି ବୋଲି କୁହାଯାଇଥିଲା। ବାକି ୧୩ ହଜାର ୨୯୦ କ୍ୱିଣ୍ଟାଲ ଧାନ ଟାର୍ଗେଟ ମିଳିବା ବୋଲି ସେମାନେ ଦାବି କରିଥିଲେ। ସରକାର ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ କିଣିବାକୁ ପ୍ରତିଶ୍ରୁତି ବଦ୍ଧ। ହେଲେ ଆନ୍ଦୋଳନ ପରେ ୩ ହଜାର କ୍ୱିଣ୍ଟାଲ ଧାନର ଟାର୍ଗେଟ ଦିଆଗଲା। ସେଥିରେ ଆଲୋଚନା ବିଫଳ ହେବାରୁ ଆଜି ଆଉ ୪ ହଜାର କ୍ୱିଣ୍ଟାଲ ଟାର୍ଗେଟ ଦେବାକୁ କହୁଛନ୍ତି। କିନ୍ତୁ ବାକି ୬ ହଜାର ୨୯୦ କ୍ୱିଣ୍ଟାଲ ଟାର୍ଗେଟ୍ ଦେବା, ପର୍ଯ୍ୟାୟ କ୍ରମେ ଧାନ ଉଠା ଯିବା ଓ ଯେଉଁ ଟୋକନ ସମସ୍ୟାର ସମାଧାନ କରାଯିବାକୁ ଚାଷୀ ଲିଖିତ ପ୍ରତିଶ୍ରୁତି ମାଗିଥିଲେ। ଆଲୋଚନା ଅନେକ ରାଉଣ୍ଡ ସତ୍ତ୍ୱେ ଲିଖିତ ପ୍ରତିଶ୍ରୁତି ମିଳି ନଥିଲା କି ୪ ହଜାର କ୍ୱିଣ୍ଟାଲ ଟାର୍ଗେଟ ଧାନ ପାକ୍ସକୁ ଆସି ନଥିଲା। ଏଣୁ ଚାଷୀ ଅଧିକାରୀ ମାନଙ୍କ କଥାରେ ଅରାଜି ହୋଇ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିକାରୀ ଗଣ ଆସି ଆନ୍ଦୋଳନ ସ୍ଥଳରେ ରାତି ୯.୩୦ ଯାଏଁ ଆଲୋଚନା କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରି ପାରି ନାହିଁ।




ମନ୍ତ୍ରୀ ଓ ସାଂସଦ ଥାଇ ଅବହେଳିତ ଜାତୀୟ ରାଜପଥ-୪୯

ଦାବି ସତ୍ତ୍ୱେ ପ୍ରଶାସନର ଅବହେଳା / ପ୍ରତିଦିନ ଘଟୁଛି ଦୁର୍ଘଟଣା

ଝାରସୁଗୁଡ଼ା,୨୪।୨(ସମିସ): ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ଜାତୀୟ ରାଜପଥ ୪୯ ମୃତ୍ୟୁମୁଖୀ ହେଉଛି। ଏହିରାଜପଥର ନାଁ ଧରିଲେ ଅଞ୍ଚଳବାସୀଙ୍କ ମନରେ ଭୟ ଦେଖା ଦେଉଛି। ସୁରକ୍ଷିତ ଭାବେ ଏହି ରାସ୍ତା ପାରି କରିବାକୁ ଭାଳେଣି ପଡୁଛି। ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଜନତାଙ୍କ ଜୀବନ ଯାଉଛି କିମ୍ବା ନିଜର ସର୍ବସ୍ୱ ହରାଉଥିବା ଦେଖାଦେଉଛି। ଜିଲ୍ଲାର ପ୍ରତିନିଧିତ୍ୱ କରୁଥିବା ସାଂସଦ, ପୂର୍ବତନ ସାଂସଦ ଏବଂ ବର୍ତ୍ତମାନର ରାଜସ୍ୱ ମନ୍ତ୍ରୀ ଏହିରାଜପଥର ଉନ୍ନତି ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନାହାନ୍ତି ବୋଲି ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ସାଧାରଣରେ ଆଲୋଚନା ଜୋର ଧରିଛି। ପୂର୍ବରୁ ଏହି ଜାତୀୟ ରାଜପଥରେ ଅନେକ ଦୁର୍ଘଟଣା ଘଟିଥିଲେ ମଧ୍ୟ ବିଶେଷକରି ଗତ ୨୨ ତାରିଖରେ ହୋଇଥିବା ଦୁର୍ଘଟଣାରେ ୫ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ପରେ ଜିଲ୍ଲାରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଜିଲ୍ଲାରୁ ୨ ଜଣ ବରିଷ୍ଠ ରାଜନେତା ପ୍ରତିନିଧିତ୍ୱ କରୁଥିବା ବେଳେ ଶାସନକଳ ତାଙ୍କ ହାତରେ ରହିଛି। ଏହାସତ୍ତ୍ୱେ ଅଞ୍ଚଳରେ ଗୋଟିକ ପରେ ଗୋଟିଏ ଜୀବନ ନେଉଥିବା ଏହି ଗୋଟିଏ ସଡ଼କର ଉନ୍ନତି କାହିଁକି ହୋଇ ପାରୁନାହିଁ ବୋଲି ଲୋକ ପ୍ରଶ୍ନ କରିଛନ୍ତି।

ଗତ ୨୦୦୨ରେ କେନ୍ଦ୍ରରେ ଥିବା ବିଜେପି ସରକାରରେ ଓଡ଼ିଶାର ଦେବଗଡ଼ ସାଂସଦ ଡ.ଦେବେନ୍ଦ୍ର ପ୍ରଧାନ ପରିବହନ ମନ୍ତ୍ରୀ ହୋଇଥିଲେ। ସେହିବର୍ଷ ଏହିରାସ୍ତାକୁ ଜାତୀୟରାଜପଥ ୨୦୦ର ମାନ୍ୟତା ମଧ୍ୟ ଦେଇଥିଲେ। ପରେ ୨୦୦୪ରେ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚିତ ହୋଇଥିଲେ। ସେ ସମୟର କେନ୍ଦ୍ରର କଂଗ୍ରେସ ସରକାର ବିରୋଧରେ ଅଞ୍ଚଳବାସୀଙ୍କ ପାଇଁ ଲଢ଼ିଥିଲେ। ଫଳରେ ଏହିରାଜପଥ ବିଳାସପୁରରୁ ଚଣ୍ଡିଖୋଲ ଯାଏଁ ୨୦୦୭ରେ ଜାତୀୟରାଜପଥ ୪୯ର ମାନ୍ୟତା ପାଇଥିଲା ଏବଂ ଏହାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ୨୦୦୯ରେ କଂଗ୍ରେସ ସାଂସଦ ସଞ୍ଜୟ ଭୋଇ, ୨୦୧୪ରେ ବିଜେଡି ସାଂସଦ ଡ.ପ୍ରଭାସ ସିଂ, ୨୦୧୯ରେ ବିଜେପିର ସୁରେଶ ପୂଜାରୀ ଏବଂ ବର୍ତ୍ତମାନ ସାଂସଦ ଭାବେ ବିଜେପିର ପ୍ରଦୀପ ପୁରୋହିତ ନିର୍ବାଚିତ ହୋଇ ଅଞ୍ଚଳର ପ୍ରତିନିଧିତ୍ୱ କରୁଛନ୍ତି। ହେଲେ ଏହିରାଜପଥ ଉନ୍ନତି ତଥା ୪ ଲେନ ପାଇଁ କୌଣସି ପ୍ରତିନିଧି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହାନ୍ତି। କେବଳ ଫାଇଲ ଓ ଡିପିଆରରେ ବାହାନା ଦେଖାଇ ସମୟ ଗଡ଼ାଇ ଚାଲିଛନ୍ତି। ଏଠାକାର ଜନସାଧାରଣ କେବଳ ଘୋଷଣା ଶୁଣି ଖୁସି ହେଉଥିବା ବେଳେ ଜାତୀୟରାଜପଥରେ ଗମନାଗମନ ଅବସ୍ଥା ଯେମିତି କୁ ସେମିତି ରହିଛି। ପୂର୍ବରୁ ଏଠାକାର ସାଂସଦ ଥିବା ଏବଂ ବର୍ତ୍ତମାନ ଓଡ଼ିଶା ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଥିବା ସୁରେଶ ପୂଜାରୀ ଜଣେ ଜାତୀୟସ୍ତରର ପ୍ରଭାବଶାଳୀ ନେତା ଭାବେ ପରିଚିତ। ମନ୍ତ୍ରୀ ହେବା ପୂର୍ବରୁ ୨୦୧୯ରେ ବରଗଡ଼ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ସମୟରେ କେନ୍ଦ୍ରରେ ବିଜେପିର ସରକାର ମଧ୍ୟ ଥିଲା। ଏହାସତ୍ତ୍ୱେ ରାଜପଥର କୌଣସି ଉନ୍ନତି ହେଲା ନାହିଁ। ଜିଲ୍ଲାରେ ୨ ଜଣ ପ୍ରଭାବଶାଳୀ ନେତା ଥାଇ ମଧ୍ୟ ଏହିରାଜପଥର ଉନ୍ନତିକରଣ ପାଇଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ବେଳେ ରାଜପଥରେ ବାରମ୍ବାର ଜନଜୀବନ ହାନୀ ହେଉଥିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆସନ୍ତା ପଞ୍ଚାୟତ ଓ ସାଧାରଣ ନିର୍ବାଚନରେ ଏହାର ପ୍ରଭାବ ବେଶ୍ ଦେଖିବାକୁ ମିଳିବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ପ୍ରକାଶ କରୁଛନ୍ତି।




ସକାଳ
THE SAKALA

ବୀରମହାରାଜପୁରରେ ଡରାଉଛି କିଡ୍‌ନୀ ରୋଗ

୨ ଦିନରେ ୨ ଜଣଙ୍କ ମୃତ୍ୟୁ



କିଡ୍‌ନୀ ରୋଗୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ ଦାବି



ବୀରମହାରାଜପୁର,୨୪।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ କିଡ୍‌ନୀ ରୋଗ ଏବେ ଡରାଉଛି। ପୂର୍ବରୁ ଅଞ୍ଚଳରେ ଲଗାତାର ଭାବେ କିଡନୀ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଦିନ ମଧ୍ୟରେ ପୁଣି ୨ ଜଣ କିଡ୍‌ନୀ ରୋଗ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଗତ ୨୦ ତାରିଖରେ ବ୍ଲକ୍‌ର ବହଳପଦର ପଞ୍ଚାୟତ ଗୁଡୁଗୁଡା ଗ୍ରାମର ପ୍ରହ୍ଲାଦ ପଧାନ(୭୩)ଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇଥିବା ବେଳେ ୨୧ ତାରିଖରେ ବୀରମହାରାଜପୁର ଉପଖଣ୍ଡ ସୂଚନା କେନ୍ଦ୍ର ଓ ପାଠାଗାରରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସାମନ୍ତ କୁମ୍ଭାର (୫୮) ଙ୍କ ମୃତ୍ୟୁ ହୋଇଛି। ଉଭୟେ ଦୀର୍ଘଦିନ ହେଲା କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଏବେ ଦୁଇ ଦିନ ମଧ୍ୟରେ ଦୁଇ କିଡ୍‌ନୀ ଆକ୍ରାନ୍ତଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ବହଳପଦର ପଞ୍ଚାୟତ ଗୁଡୁଗୁଡା ଗ୍ରାମର ପ୍ରହ୍ଲାଦ ପ୍ରଧାନ ୨୦୧୬ରୁ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଜ୍ୱର ହେବା ପରେ ପ୍ରଥମେ ବୀରମହାରାଜପୁର ଚିକିତ୍ସାଳୟ, ପରେ ସୋନପୁର ଓ ସମ୍ବଲପୁର ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇଥିଲେ। ସମ୍ବଲପୁରରେ ପରୀକ୍ଷା ପରେ ତାଙ୍କୁ କିଡ୍‌ନୀ ରୋଗ ହୋଇଥିବା ଜଣାପଡିଥିଲା। ପ୍ରହ୍ଲାଦଙ୍କ ସ୍ତ୍ରୀଙ୍କ ଦୁଇ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ତାଙ୍କର ଦୁଇ ଝିଅ ଅଛନ୍ତି। ବଡ଼ ଝିଅଙ୍କ ବିବାହ ହୋଇ ସାରିଥିବା ବେଳେ ବାପା ପ୍ରହ୍ଲାଦଙ୍କ କିଡନୀ ରୋଗର ଚିକିତ୍ସା ଯୋଗୁଁ ସାନଝିଅ ପ୍ରତିମାରାଣୀଙ୍କ ବିବାହ ହୋଇ ପାରି ନାହିଁ। ଘରେ ଥିବା ସୁନା ଗହଣା ସବୁ ବିକି ଚିକିତ୍ସା ପରେ ଏବେ ଧାର କରଜ କରି ଦୀର୍ଘ ୧୦ ବର୍ଷ କାଳ ବିଭିନ୍ନ ସ୍ଥାନରେ ଚିକିତ୍ସା କରି ପରିବାର ଏବେ ଅସହାୟ ହୋଇପଡିଛନ୍ତି। ତେବେ ଉକ୍ତ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ସେହିପରି ବୀରମହାରାଜପୁର ଉପଖଣ୍ଡ ସୂଚନା କେନ୍ଦ୍ର ଓ ପାଠାଗାରର ଚତୁର୍ଥ ଶ୍ରେଣୀ କର୍ମଚାରୀ ସାମନ୍ତ କୁମ୍ଭାର(୫୮) ମଧ୍ୟ ଦୁଇ ବର୍ଷ ହେଲା କିଡନୀ ରୋଗର ଆକ୍ରାନ୍ତ ହୋଇଥିଲେ। ସେ ମଧ୍ୟ ଧାର କରଜ କରି ଚିକିତ୍ସା ହେଉଥିଲେ। ସାମନ୍ତଙ୍କ ଘର ବଲାଙ୍ଗୀର ଜିଲ୍ଲା ଗର୍ଏଁତଲା ଗ୍ରାମରେ ହୋଇଥିବା ବେଳେ ସେ ବୀରମହାରାଜପୁରରେ ରହି ସୂଚନା କେନ୍ଦ୍ର ଓ ପାଠାଗାରରେ କାମ କରୁଥିଲେ। ଅଞ୍ଚଳରେ କିଡନୀ ରୋଗୀଙ୍କ ମୃତ୍ୟୁ ନେଇ ଅଭିଯୋଗ ପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ କେତେକ ମୃତକଙ୍କ ଘରକୁ ଯାଇ କେବଳ ପଚରାଉଚରା କରି ଦେଇ କାମ ସାରି ଦେଉଛନ୍ତି। ମାତ୍ର ସଂପୃକ୍ତ ପରିବାରକୁ କୌଣସି ସରକାରୀ ଭାବେ ଆର୍ଥିକ ସହାୟତା ପ୍ରଦାନ କରାଯାଉ ନାହିଁ। ତେବେ ଏହି ଅଞ୍ଚଳରୁ ଏତେ ସଂଖ୍ୟକ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ହେଉଥିଲେ ମଧ୍ୟ କିଡନୀ ରୋଗର ପ୍ରତିକାର ପାଇଁ ତଥା ସଚେତନତା ପାଇଁ ଆଖିଦୃଷ୍ଟିଆ ଭାବେ କୌଣସି ପଦକ୍ଷେପ ନିଆ ଯାଇ ପାରୁ ନାହିଁ। ବର୍ତ୍ତମାନ ବୀରମହାରାଜପୁର ଅଞ୍ଚଳରେ ଶତାଧିକ କିଡନୀ ରୋଗୀ ଥିଲେ ମଧ୍ୟ ଏଠାରେ କିଡନୀ ରୋଗର ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ମିଳି ପାରୁ ନାହିଁ। ଅନ୍ୟପଟରେ ବୀରମହାରାଜପୁର ଅଞ୍ଚଳରେ ମଲ୍ଲିକା ଭେରାଇଟିର କପା ଚାଷ ପାଇଁ ଦିନକୁ ଦିନ କିଡନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ଚର୍ଚ୍ଚା ହେଉଛି। ଏହି ଅଞ୍ଚଳର ଗୁରୁତର କିଡନୀ ରୋଗୀମାନେ ଡାଏଲିସିସ୍ ପାଇଁ ବୌଦ୍ଧ, ସମ୍ବଲପୁର, ବୁର୍ଲା, ସୋନପୁର ମେଡ଼ିକାଲ ଉପରେ ନିର୍ଭର କରୁଛନ୍ତି। ଏଣୁ କିଡନୀ ରୋଗୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଡାଏଲିସିସ ମେସିନ୍ ଯୋଗାଇ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ମା' ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ତୃତୀୟ ଦିବସ

ପାରାୟଣ ଓ ଭଜନ ସମାରୋହରେ କମ୍ପିଲା ଫୁଲମୁଠୀ

ବିନିକା,୨୪।୨(ସମିସ): ବିନିକା ବ୍ଲକ ଚରଦା ପଞ୍ଚାୟତ ଫୁଲମୁଠୀ ଗ୍ରାମରେ ଚାଲିଥିବା ମା' ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠାର ତୃତୀୟ ଦିନରେ ଆଜି ଧନ୍ୟାଭିସେକ, ଅନ୍ନାଭିସେକ, ଫଳାଦିଭିସେକ, ଫୁଲାଦିଭିସେକ ଓ ମଧୁଭିସେକ ସହ ମାହେଶ୍ୱରୀଙ୍କ ସପ୍ତସତୀ ଚଣ୍ଡୀଙ୍କ ହବନ, ମନ୍ଦିର ଶିଖରୀ ସ୍ନାନ ଆଦି ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ମୁଖ୍ୟଆଚାର୍ଯ୍ୟ ଭାବେ ବାସୁଦେବ ହୋତା, ସହଯୋଗୀ ପୂଜକମାନେ ଅଭିନାସ ମିଶ୍ର, ଦାମୋଦର ନନ୍ଦ, ଦେବା ହୋତା, ବିଷ୍ଣୁ ପଣ୍ଡା ଓ ମାହେଶ୍ୱରୀଙ୍କ ପୂଜକ ମୋହନ ଦେହେରୀ ପୂଜାର୍ଚ୍ଚନା କରୁଥିବା ବେଳେ ମୁଖ୍ୟ କର୍ତ୍ତା ଭାବେ ବନ ବିହାରୀ ମହାକୁର ଓ ତାଙ୍କ ପତ୍ନୀ ମାଳତୀ, ଯଜ୍ଞ କର୍ତ୍ତା ଭାବେ ରାଖାଲ ବରିହା ଓ ତାଙ୍କ ପତ୍ନୀ ସସ୍ମିତା ଦାୟିତ୍ୱ ନିର୍ବାହ କରୁଛନ୍ତି।

ଏହି ଅବସରରେ ୨୪ ପ୍ରହର ନାମ ଯଜ୍ଞ ସହ ବଲାଙ୍ଗିରର ସୋନାଲି ମହାପାତ୍ର ସୁନ୍ଦରାକାଣ୍ଡ ପାରାୟଣ ପରିବେଷଣ କରିଥିଲେ। ସେହିପରି ଘଣ୍ଟବାଦ୍ୟ ଓ ସଙ୍କୀର୍ତ୍ତନର ତାଳେ ତାଳେ ବରଗଡ ବ୍ରଜ ଗୋପୀଧାମର କଳାକାରମାନେ ଏକ ବିରାଟ ଶୋଭାଯାତ୍ରାରେ ପୂଜାର୍ଚ୍ଚନା ସାମଗ୍ରୀ ଧରି ଗ୍ରାମ ପରିକ୍ରମା କରି ଇଷ୍ଟଦେବୀଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ



ଗୋପିଧାମ କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ଆଜି ହଜାର ହଜାର ଶ୍ରଦ୍ଧାଳୁ ମା' ମାହେଶ୍ୱରୀଙ୍କ ଦର୍ଶନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

ବାଉଁଶୁଣିରେ ନୂତନ ଥାନା ଅଧିକାରୀ

ଶଗଡା,୨୪।୨(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନାରେ ନୂତନ ଥାନାଧିକାରୀ ଭାବେ ଇନ୍ସପେକ୍ଟର ମହେନ୍ଦ୍ର ବେହେରା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଇନ୍ସପେକ୍ଟର ଶ୍ରୀ ବେହେରା ପୂର୍ବରୁ ଶଗଡା ଫାଣ୍ଡି



ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀ ବେହେରା କାର୍ଯ୍ୟରେ ଯୋଗଦେଇ ସମସ୍ତ ପୁଲିସ କର୍ମଚାରୀ ସହ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।

ଖରଝୁରାରେ ଅଷ୍ଟାଦଶ ପୁରାଣ ପଠନ

ତରଭା,୨୪।୨(ସମିସ): ସୋନପୁର ବ୍ଲକ ଖରଝୁରାରେ ସୋମବାର ୧୫୫ ବ୍ରାହ୍ମଣ ଅଷ୍ଟାଦଶ ପୁରାଣ ପଠନ କରିଥିଲେ। କର୍ତ୍ତା ଭାବରେ ଘନଶ୍ୟାମ ମିଶ୍ର ଓ ତାଙ୍କ ପତ୍ନୀ



ମାଳତୀ ମିଶ୍ର ଦାୟିତ୍ୱ ତୁଲାଇଥିବା ବେଳେ ଉମାକାନ୍ତ ପାଣିଗ୍ରାହୀ ପୂଜା କରିଥିଲେ। ଏହି ଅବସରରେ ବ୍ରାହ୍ମଣମାନେ ବ୍ରହ୍ମ ପୁରାଣ, ପଦ୍ମ ପୁରାଣ, ମହାବିଷ୍ଣୁ ପୁରାଣ, ଶିବ ପୁରାଣ, ନାରଦ ପୁରାଣ, ମାର୍କଣ୍ଡ ପୁରାଣ, ଅଗ୍ନି ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣ , ଲିଙ୍ଗ ପୁରାଣ, ବରାହ ପୁରାଣ, ସ୍କନ୍ଦ ପୁରାଣ, ବାମନ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଗରୁଡ଼ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ଶ୍ରୀମଦ ଭାଗବତ, ଶ୍ରୀମଦ ଭାଗବତ ଗୀତା, ବିଷ୍ଣୁ ସହସ୍ର ନାମ, ଗୋପାଳ ସହସ୍ର ନାମ, ହନୁମାନ ଚାଳିଶା ପଠନ କରିଥିଲେ।

କର୍ଲାଜୁରୀ ପଞ୍ଚାୟତରେ ପାଠାଗାର ଉଦ୍‌ଘାଟିତ

ଡୁଙ୍ଗୁରିପାଲି,୨୪।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ କର୍ଲାଜୁରୀ ପଞ୍ଚାୟତରେ ଗ୍ରାମ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅଶ୍ୱିନୀ କୁମାର ମେହେର, ବିଡିଓ ସଞ୍ଜିବ କୁମାର ସାହ ଯୋଗଦେଇ ଫିତା କାଟି ପାଠାଗାରକୁ ଉଦଘାଟନ



କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ସରପଞ୍ଚ ସୁଜାତା ସେଠୀ, ସମିତି ସଭ୍ୟା ଭାରତୀ ସାହୁ, ପିଇଓ ସୁରେଶ କୁମାର ଦୀପ, ନାଏବ ସରପଞ୍ଚ ସୁରେଖା ସାହୁ, ୱାର୍ଡ ସଭ୍ୟ ବାଳଗୋପାଳ ବାଗର୍ତ୍ତି, ଧନମତି ସାହୁ, ସଦାନନ୍ଦ ପାଣ୍ଡେ, ଅଷାଢୁ ବାଗ, ବରୁଣ ସାହୁ, ୱାର୍ଡ ସଭ୍ୟା ରିନା ଯୁଆଡି, ଯଜ୍ଞସିନି ବରିହା, ଜାନକୀ ଦୀପ, ସୁନାଫୁଲ ସାହୁ, ବନିତା ନନ୍ଦ ଓ ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣ ଉପସ୍ଥିତ ଥିଲେ।


ଯାଦୁଗର ଉଦ୍ଧବ ପଧାନଙ୍କୁ ଶ୍ରୀକ୍ଷେତ୍ର କଳାରତ୍ନ ସମ୍ମାନ



ବୀରମହାରାଜପୁର,୨୪।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଯୁବ ରେଡକ୍ରସ କାଉନସେଲର ତଥା ପ୍ରସିଦ୍ଧ ଯାଦୁଗର ଉଦ୍ଧବ ପଧାନଙ୍କୁ ଉତ୍କଳ କଳା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ହେପି ମୋମେଣ୍ଟ ଇଣ୍ଡିଆର ୧୪ତମ ପ୍ରତିଷ୍ଠା ଦିବସ ଓ ଶ୍ରୀକ୍ଷେତ୍ର ପ୍ରତିଭା ସମ୍ମାନ ସମାରୋହ ପୁରୀ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଯାଦୁଗର ଶ୍ରୀ ପଧାନଙ୍କୁ ଶିକ୍ଷା, ସମାଜ ସେବା ଏବଂ ଅନ୍ଧବିଶ୍ୱାସ ଉପରେ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଶିଶୁ କଲ୍ୟାଣ ସଂଘ ଅଧ୍ୟକ୍ଷ ଡ଼. ଅଜିତ ମହାରଣା, ସମ୍ମାନିତ ଅତିଥି ଭାବେ ଆଧ୍ୟାତ୍ମିକ ସଂସ୍କାରକ ଆଦିମାତା କଳ୍ପନା, ଓଲିଉଡ଼ କଳାକାର ଜୟନ୍ତ ସନ୍ଥ, ବିଶିଷ୍ଟ ସାହିତ୍ୟିକା ଡ. ରୋଜାଲିନ ସେନାପତି ପ୍ରମୁଖ ଉପସ୍ଥିତ ରହି ମାନପତ୍ର, ଉପଢୌକନ ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ଦେଶର ବିଭିନ୍ନ ରାଜ୍ୟରୁ କଳା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବାନନ୍ଦ ବାରିକ ପରିଚାଳନା କରିଥିବା ବେଳେ ସଂସ୍ଥାପକ ତଥା ଅଧ୍ୟକ୍ଷ ଡ଼. ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିପାଇଁ ସୁବର୍ଣ୍ଣପୁର ଜିଲ୍ଲା ଯାଦୁଗର ସଙ୍ଘ, ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଦେବୀ ଶୀତଳୟାଙ୍କ ବାର୍ଷିକ ବାସନ୍ତିକ ପୂଜା

ବୌଦ୍ଧ,୨୪।୨(ସମିସ): ବୌଦ୍ଧ ସହର ଭୈରବୀ ଛକ ନିକଟରେ ବିରାଜିତ ଦେବୀ ଶୀତଳୟାଙ୍କ ବାର୍ଷିକ ବାସନ୍ତିକ ପୂଜା ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସକାଳେ ଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଚଳନ୍ତି ପ୍ରତିମାକୁ ମନ୍ଦିରରୁ ନଗର ପରିକ୍ରମା ପାଇଁ ବିମାନରେ ଅଧିଷ୍ଠିତ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ



ନେଇ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରାଇଥିଲେ। ଅନେକ ସ୍ଥାନରେ ଭକ୍ତଙ୍କ ଦ୍ୱାରରେ ଦେବୀଙ୍କ ପୂଜାର୍ଚ୍ଚନା ଓ ବନ୍ଦାଣ କରା ଯାଇଥିଲା।

ଚୁଡ଼ାଖାଇ ଯାତ୍ରା ଡଙ୍ଗରର ବିକାଶ ପାଇଁ ନିର୍ଦ୍ଦେଶ

ଶଗଡା,୨୪।୨(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ କଶୁରବନ୍ଧ ପଞ୍ଚାୟତର ପ୍ରସିଦ୍ଧ ଚୁଡ଼ାଖାଇ ଯାତ୍ରା ଡଙ୍ଗରର ବିକାଶ ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ ପରିଦର୍ଶନ କରିଛନ୍ତି। ପାହାଡ ଉପରେ ଥିବା ମା ମାହେଶ୍ୱରୀଙ୍କ ଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପାହାଡ଼ ଉପରେ ଥିବା ପଞ୍ଚରା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ମନ୍ଦିରକୁ ଯିବା ପାଇଁ ପାହାଚ



ସ୍ଥଳ, ଭୋଗ ମଣ୍ଡପ ଇତ୍ୟାଦିର ନିର୍ମାଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରସ୍ତାବ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏ ନେଇ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନକୁ ଦୃଷ୍ଟି ଆକର୍ଷଣ କରିଥିଲେ। ବିଳମ୍ବରେ ହେଲେ ମଧ୍ୟ ପ୍ରଶାସନିକ ତତ୍ପରତା ଦେଖା ଦେଇଛି। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ଗୋଷ୍ଠୀ ଉନ୍ନୟନ

ନିର୍ମାଣ, ରାସ୍ତାଘାଟର ଉନ୍ନତିକରଣ ଏବଂ ଆଲୋକିକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଭକ୍ତମାନଙ୍କ ପାଇଁ ପିଇବା ପାଣି, ବିଶ୍ରାମ ନେବା ପାଇଁ ଆଶ୍ରୟ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ, ସରପଞ୍ଚ ସରୋଜ କର୍ଣ୍ଣ, ସମ୍ପୃକ୍ତ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ କର୍ମଚାରୀ ଉପସ୍ଥିତ ଥିଲେ।

ମନମୁଣ୍ଡାରେ ଆର୍ଥିକ ସାକ୍ଷରତା ଶିବିର

ମନମୁଣ୍ଡା,୨୪।୨(ସମିସ): ମନମୁଣ୍ଡା ପଞ୍ଚାୟତ ସଭାଗୃହରେ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ବେଦବ୍ୟାସ ଭବସାଗରଙ୍କ ତତ୍ତ୍ୱାବଧାନ ଓ ମନମୁଣ୍ଡା ଏମବିକେ ଇନ୍ଦୁମତି ମେହେରଙ୍କ ସହଯୋଗରେ ଅନୁଷ୍ଠିତ ଶିବିରରେ ବିମଳ କିଶୋର ମହାନ୍ତି, ମନମୁଣ୍ଡା ଏସବିଆଇ ମ୍ୟାନେଜର ବାଳ ଗୋପାଳ ନାୟକ, ଇଣ୍ଡିଆନ ବ୍ୟାଙ୍କ ସହକାରୀ ମ୍ୟାନେଜର ଅଭିଜିତ ସାହୁ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମ୍ୟାନେଜର ସବ୍ୟସାଚୀ ପରିଡ଼ା ପ୍ରମୁଖ ଯୋଗ ଦେଇ ଆର୍ଥିକ ସାକ୍ଷରତା ସମ୍ପର୍କରେ ବିସ୍ତୃତ ଭାବେ



ବୁଝାଇ କହିଥିଲେ। ଏହା ସହ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ଅଟଳ ପେନସନ ଯୋଜନା ଇତ୍ୟାଦି ଆହୁରି ଅନେକ ଯୋଜନା ସମ୍ପର୍କରେ କହିଥିଲେ। ଶିବିରରେ ଉପସ୍ଥିତ ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଗଣଙ୍କୁ ବ୍ୟାଙ୍କ୍‌ର ବିଭିନ୍ନ ଯୋଜନା, ସୁଧ ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସାଇବର ଠକାମୀ କେଉଁ ପ୍ରକାରେ ହେଉଛି ସେଥିରେ ନ ଫସିବାକୁ ସଚେତନ କରିଥିଲେ। ଏହି ଅବସରରେ ପିଏମଏସବିୱାଇରେ ମାତ୍ର ୨୦ଟଙ୍କା ଜମା ଦେଇଥିବା ହିତାଧିକାରୀ ଦେଉଳି (ମନମୁଣ୍ଡା) ନିବାସୀ ଉମେଶ ମେହେରଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାରୁ ତାଙ୍କ ନୋମିନି ସରସ୍ୱତୀ ମେହେରଙ୍କୁ ମନମୁଣ୍ଡା ଏସବିଆଇ ତରଫରୁ ୨ ଲକ୍ଷ ଟଙ୍କାର ଏକ ଚେକ୍ ଦିଆଯାଇଥିଲା।

କାଳେଶ୍ୱର ମହାନଦୀରୁ ବେଆଇନ ବାଲି ଉତ୍ତୋଳନ

ବୌଦ୍ଧ,୨୪।୨(ସମିସ): କାଳେଶ୍ୱର ମହାନଦୀ ଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଛି। ଲିଜ୍ ଅଞ୍ଚଳ ବାହାରେ ଏହି ବାଲି ଉତ୍ତୋଳନ ହେଉଥିବା ସ୍ପଷ୍ଟ ହୋଇଛି। ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨୦୦/୩୦୦ ମିଟର୍ ଦୂରରେ ମହାନଦୀ ଗର୍ଭରୁ ଦିନ ରାତି ଜେସିବି ମାଧ୍ୟମରେ ବାଲି ଉତ୍ତୋଳନ ଓ ହାଇୱାରେ ପରିବହନ ହେଉଥିଲେ ମଧ୍ୟ ପ୍ରଶାସନ କୌଣସି ଟେର ପାଉ



ନ ଥିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ସୋମବାର ରାତିରେ ଲିଜ୍ ଅଞ୍ଚଳ ବାହାରୁ ବାଲି ଉତ୍ତୋଳନ ଚାଲିଥିବା ବେଳେ ଜେସିବି ଅଚଳ ହୋଇପଡିଥିଲା। ନଦୀ ମଧ୍ୟରେ ରାସ୍ତା ତିଆରି କରି ହାଇୱାରେ ବାଲି ଲୁଟ୍ ହେଉଥିବା ମଙ୍ଗଳବାର ସକାଳେ ପ୍ରଚାରିତ ହୋଇଥିଲା। ନିର୍ଭୟରେ ଲିଜ୍ ଅଞ୍ଚଳ ବାହାରୁ ବାଲି ଉତ୍ତୋଳନ ପାଇଁ ଲିଜ୍‌ଧାରୀ କିପରି ସାହସ କରୁଛି ତାହା ଜନ ସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଖୁଣ୍ଟିଆପଡା ନିକଟରେ ଟ୍ରେନ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ଜହ୍ନାପଙ୍କ,୨୪।୨(ସମିସ): ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଖୁଣ୍ଟିଆପଡା ଗ୍ରାମ ନିକଟରେ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଣ୍ଟିଆପଡା ଗ୍ରାମର ଜୟ ଘିବେଲାଙ୍କ ପତ୍ନୀ କସ୍ତୁରୀ ଘିବେଲା(୬୦)। ଗାଆଁ ମୁଣ୍ଡ ଦେଇ ଯାଇଥିବା ରେଳଲାଇନ ପାର ହେଉଥିବା ବେଳେ ସୋନପୁର ପଟୁ ଆସୁଥିବା ଏକ ଟ୍ରେନ୍ ଧକ୍କା ତାଙ୍କୁ ଦେଇଥିଲା।

ଗ୍ରାମ୍ୟ କବିରାଜଙ୍କ ପରଲୋକ

ଶଗଡା,୨୪।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ପଥର୍ଲା ଗ୍ରାମର ଗ୍ରାମ୍ୟ କବିରାଜ କୁଶ୍ଳେ ବାଘଙ୍କ ୬୧ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୀର୍ଘ ଦିନ ହେବ ସେ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିଲେ। ମଙ୍ଗଳବାର ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥରେ ତାଙ୍କର ପରଲୋକ ହୋଇଯାଇଛି। ଗାଁ ସ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।



ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବଡ଼ପୁଅ ଅମିତ ବାଘ ମୁଖାଗ୍ନି ଦେଇଥିଲେ।

ବଳମତୁମା ଜଙ୍ଗଲରୁ ୩୦୨. କେଜି ଗଞ୍ଜେଇ ଜବତ



କଣ୍ଟାମାଳ,୨୪।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବଳମତୁମା ଫରେଷ୍ଟ ଜଙ୍ଗଲରେ ଚଢଉ କରି ୩୦୨.କେଜି ଗଞ୍ଜେଇ ଜବତ କରିଛି। ତେବେ ପୁଲିସକୁ ଦେଖି ଗଞ୍ଜେଇ ମାଫିଆ ପଳାଇବାରେ ସଫଳ ହୋଇଛନ୍ତି। ଏସ୍‌ଆଇ ପ୍ରକାଶ ଭୋଇ, ଏଏସ୍‌ଆଇ ଅଭୟ ପ୍ରଧାନ, ହାବିଲଦାର ମାନସ ପ୍ରଧାନ, କନେଷ୍ଟବଳ ସୁନିଲ ପ୍ରଧାନ, ଭକ୍ତ ଲୁହା, ହୋମଗାଡର୍ ଜୀବନ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ଘନ ସାହୁ ଓ ଆଇଆରବି ଫୋରର୍ସ ସାମିଲ ଥିଲେ।

● ଡକାୟତି ଉଦ୍ୟମ ପଣ୍ଡ

ପ୍ରତିବାଦ କରିବାରୁ ମହିଳାଙ୍କୁ ଆକ୍ରମଣ

ବୌଦ୍ଧ,୨୪।୨(ସମିସ): ବୌଦ୍ଧ ସହର ମୁସଲିମପଡାର ମହମ୍ମଦ୍ ସଫିଉଲଙ୍କ ଘରେ ଡକାୟତି ଉଦ୍ୟମ ପଣ୍ଡ ହୋଇଛି। ପରିବାରର ଜଣେ ମହିଳା ଡକାୟତଙ୍କୁ ଦେଖି ପାଟି କରିବାରୁ ତାଙ୍କୁ ଆକ୍ରମଣ କରି ଫେରାର ମାରିଥିବା ସୂଚନା ମିଳିଛି। ଏହା ଜଣା ପଡିବା ପରେ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବାରମ୍ବାର ବୌଦ୍ଧ ସହର ଓ ଆଖପାଖ ଅଞ୍ଚଳରେ ଚୋରି ଡକାୟତି ଘଟଣା ବୃଦ୍ଧି ପାଉଛି।

ଜାମୁଖୋଲ ଗ୍ରାମରେ ନବାହ୍ନ ପାରାୟଣ ଶୁଭାରମ୍ଭ

ବୌଦ୍ଧ,୨୪।୨(ସମିସ): ବୌଦ୍ଧ ବ୍ଲକ୍ ଟିକରପଡା ପଞ୍ଚାୟତ ଜାମୁଖୋଲ୍ ଗ୍ରାମରେ ପବିତ୍ର ଫାଲଗୁନ ପୂର୍ଣ୍ଣିମା ଅବସରରେ ନବାହ୍ନ ପାରାୟଣ ଶୁଭାରମ୍ଭ ହୋଇଛି। ବ୍ୟାସ ଭାବରେ କାହ୍ନା ଦାଶ ରାମାୟଣ ପଠନ କରୁଛନ୍ତି। ସଭାପତି ଗୌର ମଲ୍ଲିକଙ୍କ ସମେତ ଚନ୍ଦ୍ରମଣି ମଲ୍ଲିକ, ଗଜିନ୍ଦ୍ର ମଲ୍ଲିକ, କିଶୋର କହଁରଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।

ମହିଳା ସଶକ୍ତିକରଣ ସମ୍ପର୍କୀତ ଜିଲ୍ଲାସ୍ତରୀୟ କାର୍ଯ୍ୟଶାଳା

ବୌଦ୍ଧ,୨୪।୨(ସମିସ): ବୌଦ୍ଧ ଟାଉନ ହଲ୍‌ରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ନାରୀ ସଶକ୍ତିକରଣ ସମ୍ପର୍କୀତ ଏକ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ପାଇଁ ଡିଜିଟାଲ କୌଶଳ, ଆଇନ୍ ଗତ ଅଧିକାର, ମହିଳା ଉଦୋଗୀଙ୍କ ପାଇଁ ବଜାର ସୁଯୋଗ, ଆର୍ଥିକ ସାକ୍ଷରତା ଓ ସଶକ୍ତିକରଣ ସମ୍ପର୍କରେ



ଆଲୋଚନା ହୋଇଥିଲା। ଜିଲ୍ଲା ପରିଷଦ ଏପିଡି ଚିଲ୍ଲୁ ନାଏକ, ପ୍ରୋଗ୍ରାମ୍ ଅଫିସର୍ ସନ୍ତୋଷିନୀ ଭୋଇ, ସିଡ଼ିପିଓ ପଙ୍କଜିନୀ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡାମଣି ବାରିକ, ଉପ ଖଣ୍ଡ ସମାଜ ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

୨୭ରେ ବିକଶିତ ଭାରତ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ

ତରଭା,୨୪।୨(ସମିସ)



ଆସନ୍ତା ୨୭ ତାରିଖରେ ସୋନପୁର ମଡେଲ ଡିଗ୍ରି ମହାବିଦ୍ୟାଳୟରେ ବିକଶିତ ଭାରତ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଆୟୋଜିତ ହେବ।

ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମିନି ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମଡେଲ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର ୧୮ ରୁ ୨୫ ବର୍ଷ ବୟସ୍କ ପ୍ରାୟ ୨୦୦ ଯୁବ ପ୍ରତିଯୋଗୀ ଓ ଛାତ୍ରଛାତ୍ରୀ ଭାଗ ନେବେ। ଏହି ବିକଶିତ ଭାରତ ଜାତୀୟ ଯୁବ ସଂସଦରେ 'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକ ଆଲୋଚନାର ବିଷୟବସ୍ତୁ ରହିଥିବା ବେଳେ ପ୍ରତିଯୋଗୀମାନେ ଏହି ବିଷୟ ବସ୍ତୁ ଉପରେ ନିଜସ୍ୱ ମତ ରଖିବେ ବୋଲି ସ୍ଥିର ହୋଇଛି। ଏହାକୁ ସଫଳ କରିବାକୁ କାର୍ଯ୍ୟସୂଚୀ ଓ ଆଲୋଚ୍ୟ ବିଷୟ ବସ୍ତୁ ସମ୍ପର୍କରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟକୁ ପତ୍ର ମାଧ୍ୟମରେ ଜଣାଇବା ସହ ସୋନପୁର ସହିତ ସମସ୍ତ ପଞ୍ଚାୟତ ସମିତି ମୁଖ୍ୟାଳୟମାନଙ୍କର ଛକ ଜାଗା ମାନଙ୍କରେ ପୋଷ୍ଟର ଲଗାଇ ବହୁଳ ପ୍ରଚାର ଓ ପ୍ରସାର କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ। ଏହି ବିକଶିତ ଭାରତ ଜାତୀୟ ଯୁବ ସଂସଦରେ ଶ୍ରେଷ୍ଠ ୫ ଜଣ କୃତି ଛାତ୍ରଛାତ୍ରୀ ଓ ଯୁବକମାନଙ୍କୁ ରାଜ୍ୟସ୍ତରକୁ ମନୋନୀତ କରାଯିବ।

ଏହି ସାମ୍ବାଦିକ ସମ୍ମିଳନୀରେ ନୋଡାଲ ଅଧିକାରୀ ଡ. ସନ୍ତୋଷ ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ମୋ ଭାରତ ଅଧିକାରୀ କୃପାସିନ୍ଧୁ ସା ଯୋଗ ଦେଇଥିଲେ।

ପରିତ୍ୟକ୍ତ ଅବସ୍ଥାରେ ରାଜାରାଜୁଡ଼ା ଅମଳର ଚିତ୍ରକୂଟ ପୋଖରୀ

ତାଳଚେର,୨୪।୨(ସମିସ)

ତାଳଚେର ପୌରାଞ୍ଚଳର ଫାଷ୍ଟଗେଟ୍‌ଠାରେ ଅବସ୍ଥିତ ରାଜାରାଜୁଡ଼ା ଅମଳର ମୁଖ୍ୟ ଚିତ୍ରକୂଟ ପୋଖରୀର ବଦଳୁନି ରୂପରେଖ। ରାଜାରାଜୁଡ଼ା ଅମଳରୁ ହୋଇଥିଲେ ହେଁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସହର ପ୍ରାୟ ୬/୭ଟି ୱାର୍ଡର ଜନସାଧାରଣ ଏହି ପୋଖରୀ ଉପରେ ନିର୍ଭରଶୀଳ ହେବା ସହ ନିଜର ନିତ୍ୟକର୍ମ କରୁଥିଲେ। ଏହି ପୋଖରୀ ଏକଦା ସ୍ୱଚ୍ଛଜଳ ଧାରଣ କରି ଖରାବର୍ଷା ଓ ଶୀତରେ ବର୍ଷସାରା ଲୋକମାନେ ଏହାର ଜଳକୁ ବ୍ୟବହାର କରି ଆସୁଥିଲେ। ବିବାହ, ବ୍ରତ, ଶୁଦ୍ଧକ୍ରିୟା କର୍ମ, ପର୍ବପର୍ବାଣି ଇତ୍ୟାଦି କରିବାରେ ଏହା ସହାୟକ ହେଉଥିଲା ବୋଲି ଅଞ୍ଚଳବାସୀ ମୁହଁରୁ ଶୁଣିବାକୁ ମିଳେ। ତେବେ ଏଭଳି ପୋଖରୀର ଅବସ୍ଥା ଦିନକୁଦିନ ଅବନତି ଘଟି ପୋଖରୀର ଚର୍ତୁପାଶ୍ୱରେ ଅନାବନା ଗଛ, ଅଳିଆ ଆବର୍ଜନା, ମାଛକାଟି, ପୋଖରୀ ଭିତର ପାଶ୍ୱର୍ରେ ତରୁଲଟା, ବଡ଼ବଡ଼ ଘାସ ଆଦି ଛାଇଗଲାଣି। ପୋଖରୀର ଜଳ ଆଉ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଏହି ଜଳକୁ ବ୍ୟବହାର କଲେ ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ତେବେ ଏହି



ପୁନରୁଦ୍ଧାର ଦାବି

ପୋଖରୀର ପୁନରୁଦ୍ଧାର ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଉନଥିବାରୁ ଏହି ସର୍ବପୁରାତନ ଓ ବୃହତ ପୋଖରୀଟିର ଅବସ୍ଥା ଆଜି ଅତ୍ୟନ୍ତ ବିପର୍ଯ୍ୟସ୍ତ। ପୂର୍ବରୁ ଏହି ପୋଖରୀରେ କାଚକେନ୍ଦୁ ପରି ଜଳରାଶି ଥିଲା। ବତକ, ହଂସ ପାଣିରେ ଖେଳୁଥିବା ଦୃଶ୍ୟ ସହ ପଦ୍ମଫୁଲର ସୌନ୍ଦର୍ଯ୍ୟ ଲୋକଙ୍କୁ ବେଶ୍ ଆକର୍ଷିତ କରୁଥିଲା ବୋଲି ସ୍ଥାନୀୟ ଲୋକଙ୍କ ସହ ଏହାର ନିକଟବର୍ତ୍ତୀ ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀ ଓ ଟାକ୍ସି ଷ୍ଟାଣ୍ଡର ଲୋକେ କୁହନ୍ତି। ବିପର୍ଯ୍ୟସ୍ତ ଅବସ୍ଥା ନେଇ ପୌରବାସୀଙ୍କ ପକ୍ଷରୁ ନେତା, ବିଧାୟକ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏହାର ପୁନରୁଦ୍ଧାର ଏଯାବତ୍ ହୋଇପାରୁନି। ଏହି ପୋଖରୀ ହୁଡ଼ାରେ ତିନି ତିନିଥର ଫଳକ ଲାଗିଥିଲେ କୌଣସି ଉନ୍ନତୀକରଣର ନାଁ ନାହିଁ। ଦୀର୍ଘବର୍ଷ କାଳ ଏହି ପୋଖରୀ ଲୋକଙ୍କ ସେବାରେ ନଆସି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏହାକୁ ହୃଦୟଙ୍ଗମ କରି ପ୍ରଶାସନିକ ସ୍ତରରେ ପଦକ୍ଷେପ ନେଲେ ଅଞ୍ଚଳବାସୀ ଉପକୃତ ହୋଇ ପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏହି ପୋଖରୀର ନିକଟରେ ଆଖପାଖ ୫ରୁ ୬ଟି ୱାର୍ଡ ରହିଥିବାବେଳେ ଟାକ୍ସିଷ୍ଟାଣ୍ଡ, ରାମଚନ୍ଦ୍ର ମାର୍କେଟ, ବାଇପାସ୍ ବସ୍ତି ଓ ଚିତ୍ରକୂଟ ଶିବମନ୍ଦିର ଅବସ୍ଥିତ। ତେଣୁ ତୁରନ୍ତ ଏହାର ପୁନରୁଦ୍ଧାର କରାଯାଇ ପୋଖରୀ ମଧ୍ୟରେ ଗଣେଶଙ୍କ ମୂର୍ତ୍ତି ନିର୍ମାଣ କରାଯାଇ ଚର୍ତୁପାଶ୍ୱର୍ରେ ପରିଷ୍କାର ପରିଚ୍ଛନ୍ନ, ଆଲୋକୀକରଣ ଏବଂ ପାହଚର ବ୍ୟବସ୍ଥା କରିବାକୁ ଦାବି ହେଉଛି। ଯଦି ଏହା କରାଯାଏ ତେବେ ଲୋକଙ୍କ ହିତରେ ଆସିପାରିବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

ମଦ ପୋଚ ଖାଇ ୫ ଗର୍ଭିଣୀ ଗାଈ ମୃତ, ୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ

କଣିହାଁ,୨୪।୨(ସମିସ): କଣିହାଁ ବ୍ଲକ୍ ବଜ୍ରକୋଟ ଗ୍ରାମର ରେଙ୍ଗାଳି ଥାନାରେ ଦାଖଲ ହୋଇଥିବା ଲିଖିତ ଅଭିଯୋଗ ଅନୁଯାୟୀ, ବଜ୍ରକୋଟ ଗ୍ରାମରେ ବେଆଇନ ଭାବେ ଚାଲୁଥିବା ଦେଶୀ ମଦ ଭାଟିର ପୋଚ ଖାଇ ୫୦ରୁ ଅଧିକ ଗାଈ ଗୁରୁତର ଅସୁସ୍ଥ ହୋଇପଡ଼ିଥିବା ବେଳେ ୫ ଗର୍ଭିଣୀ ଗାଈର ମୃତ୍ୟୁ ଘଟିଛି। ଅଭିଯୋଗ ଅନୁଯାୟୀ ବଜ୍ରକୋଟ ଗ୍ରାମର ଡମଯୋଡ଼ି ସାହି ନିକଟରେ କିଛି ବ୍ୟକ୍ତି ବେଆଇନ ଭାବେ ଦେଶୀ ମଦ ତିଆରି କରି ତାହାର ଅବଶିଷ୍ଟ ବିଷାକ୍ତ ପୋଚକୁ ଏଣେତେଣେ ପକାଇ ଦେଇଥିବାବେଳେ ଏହାକୁ ଖାଇ ଗାଈଗୁଡ଼ିକ ଅସୁସ୍ଥ ହୋଇପଡ଼ିଥିଲେ। କିଛି ଗାଈଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ସେହି ଗାଈଗୁଡ଼ିକ ମଧ୍ୟରୁ ୫ଟି ଗର୍ଭିଣୀ ଗାଈର ମୃତ୍ୟୁ ହୋଇଯାଇଛି। ମୃତ ଗାଈଙ୍କ ମାଲିକ ଝସକେତନ ସାମଲ ଓ କାଳନ୍ଦୀ ସାମଲ ପ୍ରମୁଖ ଘଟଣା ସମ୍ବନ୍ଧରେ ରେଙ୍ଗାଳି ଥାନାରେ ଲିଖିତ ଏତଲା ଦେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ କ୍ଷତିପୂରଣ ଦାବି କରିଛନ୍ତି।

ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି। ରେଙ୍ଗାଳି ଆଇଆଇସି ଚଞ୍ଚଳା ନାୟକଙ୍କୁ ଏନେଇ ପଚାରିବାରୁ ସେ କହିଛନ୍ତି ଯେ ଏସମ୍ପର୍କିତ ଅଭିଯୋଗ ଥାନାରେ ହୋଇଛି। ଗୋଟିଏ ଗାଈ ମରିଥିବା ଜଣାପଡ଼ିଛି। ମୃତ ଗାଈର ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ କାରଣ ଜଣାପଡ଼ିବ। ରେଙ୍ଗାଳି ପ୍ରାଣୀ ଚିକିତ୍ସକ ଡ. ତୁଷାରକାନ୍ତ ଗଡ଼ନାୟକଙ୍କ ସୂଚନାରୁ ଜଣାପଡ଼ିଛି ଯେ କଣିହାଁ ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ଡ଼ ଶୁଭେନ୍ଦୁ ରଞ୍ଜନ ସେଠୀଙ୍କ ସହିତ ଏକ ଟିମ୍ ରେଙ୍ଗାଳିଠାରେ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।

ମହିଳାଙ୍କ ଲିଙ୍ଗଗତ ଅଧିକାର ଓ କର୍ମକ୍ଷେତ୍ରରେ ସୁରକ୍ଷା ସମ୍ପର୍କିତ ଆଲୋଚନା



ଅନୁଗୋଳ,୨୪।୨(ସମିସ): ଅନୁଗୋଳ ବ୍ଲକ୍ ଡାଇମଣ୍ଡ ଅଡିଟୋରିୟମ୍ ହଲ୍‌ରେ ତାଳଚେରର ଉତ୍ତରକେନ୍ଦ୍ରୀୟରେଞ୍ଜ ତତ୍ତ୍ୱାବଧାନରେ କ୍ରାଇମ୍ ବ୍ରାଞ୍ଚ ଓଡ଼ିଶାର ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ଶାଖା ଦ୍ୱାରା ମହିଳାଙ୍କ ଲିଙ୍ଗଗତ ଅଧିକାର ଏବଂ କର୍ମକ୍ଷେତ୍ରରେ ସୁରକ୍ଷା ଉପରେ ଏକ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୮୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଯେଉଁଥିରେ ପୁଲିସ କର୍ମଚାରୀଙ୍କ ସହିତ ଜିଲ୍ଲା ପ୍ରଶାସନ, ବନ ବିଭାଗ, ଅବକାରୀ ବିଭାଗ, ପିଟିସି ଅନୁଗୋଳର ବିଭିନ୍ନ ବିଭାଗ ଏବଂ ଜେଏସ୍‌ପିଏଲ୍, ନାଲ୍‌କୋ, ଏମ୍‌ସିଏଲ ଏବଂ ଏନ୍‌ଟିପିସି ଭଳି ପ୍ରମୁଖ କର୍ପୋରେଟ୍ ପ୍ରତିଷ୍ଠାନର ପ୍ରତିନିଧିମାନେ ସାମିଲ ଥିଲେ। ଏହି ବିବିଧ ଅଂଶଗ୍ରହଣ ଲିଙ୍ଗ-ସମ୍ବେଦନଶୀଳ ସାଂସ୍ଥାଗତ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକ ଦୃଢ଼ ଆନ୍ତଃବିଭାଗୀୟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।ଏହି କାର୍ଯ୍ୟକ୍ରମରେ ଉତ୍ତର କେନ୍ଦ୍ରୀୟ ରେଞ୍ଜର ଆଇଜିପି ସତ୍ୟବ୍ରତ ଭୋଇ, ଆଇପିଏସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଥିଲେ ଅନୁଗୋଳ ଜିଲ୍ଲାପାଳ ଅବଦାଲ ଏମ ଅଖତର, ଅନୁଗୋଳ ଜିଲ୍ଲା ପୋଲିସ ଅଧିକ୍ଷକ ରାହୁଲ ଜୈନ, ଅଭିଯୋଜନ ଉପନିର୍ଦ୍ଦେଶକ ଗଣେଶ ବେହେରା, ଅଭିଯୋଜନ ଉପନିର୍ଦ୍ଦେଶକ ଯୋଗ ଦେଇଥିଲେ। ଅଧିବେଶନର ସାଧନ ବ୍ୟକ୍ତି ଭାବ ପୂର୍ବତନ ସଦସ୍ୟ, ଓଡ଼ିଶା ରାଜ୍ୟ ମହିଳା କମିଶନ ନମ୍ରତା ଚଢ଼ା, କିଟ୍ ବିଶ୍ୱବିଦ୍ୟାଳୟର ଆଇନ ଫ୍ୟାକ୍‌ଲଟି ଟ୍ୟୁଲିପ୍ ସୁମନ ଯୋଗ ଦେଇଥିଲେ। କର୍ମକ୍ଷେତ୍ର ସୁରକ୍ଷା କେବଳ ଏକ ବୈଧାନିକ ଆବଶ୍ୟକତା ନୁହେଁ ବରଂ ଏହା ସାଂଗଠନିକ ଚରିତ୍ରର ପ୍ରତିଫଳନ ବୋଲି ବକ୍ତାମାନେ ପ୍ରକାଶ କରିବା ସହିତ ସକ୍ରିୟ ନେତୃତ୍ୱ, କାର୍ଯ୍ୟକ୍ଷମ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏବଂ ଲିଙ୍ଗ-ପ୍ରତିକ୍ରିୟାଶୀଳ ପୁଲିସିଂର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଓଡ଼ିଶା ପୁଲିସର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଥିଲା।

ଚେରଖଣ୍ଡି ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ

କିଶୋରନଗର,୨୪।୨(ସମିସ): ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଚେରଖଣ୍ଡି ଗ୍ରାମଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ମହାଯଜ୍ଞ ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ବେଳେ ଗ୍ରାମରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। କଳସ ଯାତ୍ରା ସହ ବେଦମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ହୋମ-ଯଜ୍ଞ ଓ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗ୍ରାମବାସୀଙ୍କ ସାମୂହିକ ପ୍ରୟାସ ଓ ଆତ୍ମୀୟ ସହଭାଗିତାରେ କାର୍ଯ୍ୟକ୍ରମଟି ସଫଳତାର ସହିତ ପରିଚାଳିତ ହୋଇଥିଲା। ଯଜ୍ଞର କର୍ତ୍ତା ଭାବେ ଦିବାକର ଦେହୁରୀ ଓ ନୀଳେନ୍ଦ୍ରି ଦେହୁରୀ ଦାୟିତ୍ୱ ନିଭାଇଥିଲେ। ଗ୍ରାମ ସଭାପତି ବାବୁଲି ଦେହୁରୀ ଓ ସମ୍ପାଦକ ଧନେଶ୍ୱର ଦେହୁରୀଙ୍କ ନେତୃତ୍ୱରେ ବିରଞ୍ଚି ସାହୁ, କୁନାଲ ଦେହୁରୀ, ଖିରୋଦ ଦେହୁରୀ, ଭାବଗ୍ରାହୀ ଦେହୁରୀ, ଧୀରେନ୍ ସାହୁ, ଜନ୍ମେଶ୍ୱର ଦେହୁରୀ, ସୁଦର୍ଶନ ମାଝୀ ଓ ଅଭିମନ୍ୟୁ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରାୟ ଦୁଇ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ଓ ଅନ୍ନଦାନ ବ୍ୟବସ୍ଥା କରାଯାଇଥିଲା।

ବ୍ରାଉନ୍‌ସୁଗର୍ ଜବତ, ଜଣେ ଗିରଫ



ଅନୁଗୋଳ,୨୪।୨(ସମିସ): ମଙ୍ଗଳବାର ଅନୁଗୋଳ ଅବକାରୀ ବିଭାଗପକ୍ଷରୁ ଅନୁଗୋଳ ରେଳଷ୍ଟେସନ ନିକଟରେ ଚଢ଼ଉ କରାଯାଇ ଜଣେ ବ୍ରାଉନ୍‌ସୁଗର୍ ବେପାରୀକୁ ଗିରଫ କରାଯାଇଛି। ଚଢ଼ଉବେଳେ ତା'ଠାରୁ ୮୦ଗ୍ରାମ ବ୍ରାଉନସୁଗର୍ ସମେତ ନଗଦ ଟଙ୍କା ଓ ବାଇକ୍ ଜବତ କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ ମଙ୍ଗଳବାର ପୂର୍ବାହ୍ନରେ ଅନୁଗୋଳ ଅବକାରୀ ଅଧିକାରୀମାନେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ ଅନୁଗୋଳ ରେଳ ଷ୍ଟେସନ ନିକଟରେ ଜଣେ ବ୍ରାଉନ୍‌ସୁଗର୍ ବେପାରୀ ଏକ ବାଇକ୍‌ରେ ବ୍ରାଉନ୍‌ସୁଗର୍ ଧରି ଗ୍ରାହକ ଅପେକ୍ଷାରେ ଅଛି। ଏହି ଖବର ପାଇବା ପରେ ଅନୁଗୋଳ ଅବକାରୀ ମୋବାଇଲ ଇନ୍‌ସପେକ୍ଟର ମାନସୀ ସାହୁ, ଏସ୍‌ଆଇ ଯୋଗେଶ୍ୱର ଜେନା, ଏସ୍‌ଆଇ ଗାୟତ୍ରୀ ମାଝୀ ପ୍ରମୁଖଙ୍କ ସମେତ ଅନ୍ୟ ଅବକାରୀ କର୍ମଚାରୀ ମାନେ ସମ୍ପୃକ୍ତ ବେପାରୀକୁ ଧରିବା ପାଇଁ ସେଠାରେ ଚଢ଼ଉ କରିଥିଲେ। ଅବକାରୀ ଅଧିକାରୀମାନେ ସେଠାରେ ଚଢ଼ାଉ କରି କୁମଣ୍ଡ ଭଣ୍ଡୁବରର ରିତେଶ ଗୋଛାୟତ (୨୨)କୁ ଗିରଫ କରିବା ସହ ତା'ଠାରୁ ୮୦ଗ୍ରାମ ବ୍ରାଉନ୍‌ସୁଗର୍, ୨୫ହଜାର ଟଙ୍କା ଓ ଏକ ବାଇକ୍ ଜବତ କରିଥିବା ଜଣାଯାଇଛି।

ନାଲ୍‌କୋ ଏସ୍‌ଭିଏମ୍‌ରେ ନକ୍ଷତ୍ର ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ



ଅନୁଗୋଳ,୨୪।୨(ସମିସ): ସରସ୍ୱତୀ ବିଦ୍ୟା ମନ୍ଦିର, ନାଲ୍‌କୋ ନଗରଠାରେ ପ୍ରାକ୍- ବିଜ୍ଞାନ ଦିବସ ପାଳନ ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର "କଲାମ ବିଜ୍ଞାନ ସଂସଦ' ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଠାଣି ସାମନ୍ତ ପ୍ଲାନେଟୋରିଅମ, ଭୁବନେଶ୍ୱରର ପ୍ରାକ୍ତନ ଉପ-ନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମହାକାଶ ଓ ସୌରଜଗତ ସମ୍ପର୍କରେ ଅନେକ ନୂତନ ତଥ୍ୟ ପ୍ରଦାନ କରିଥିଲେ। ପିଲାମାନଙ୍କ ସହ ଏକ ଆଲୋଚନାରେ ଅଂଶଗ୍ରହଣ କରି ସେ ପିଲାମାନଙ୍କ ପ୍ରଶ୍ନର ଉତ୍ତର ଖୁବ୍ ପ୍ରାଞ୍ଜଳ ଭାବରେ ବୁଝାଇ ଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଏକ ନକ୍ଷତ୍ର ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକମାନେ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଆକାଶରେ ଚନ୍ଦ୍ର, ବୃହସ୍ପତି ଓ ଅନ୍ୟାନ୍ୟ ନକ୍ଷତ୍ର ଖାଲି ଆଖିରେ ଦେଖିଥିଲେ। କାର୍ଯ୍ୟକ୍ରମରେ ପ୍ଲାନେଟୋରିୟମ୍‌ର ଅନ୍ୟତମ କର୍ମଚାରୀ ନିରାକାର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଜ୍ଞାନ ସଂସଦର ସଭାପତି ସଂଯୁକ୍ତା କୁମାରୀ ଧର ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟକ୍ଷ ଡ. ତ୍ରିପାଠୀ ଅତିଥି ପରିଚୟ ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ବିଜ୍ଞାନ ସଂସଦର ସମ୍ପାଦକ ସୁରେନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ, ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଶାନ୍ତ ତ୍ରିପାଠୀ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଜ୍ଞାନକୁ ଲୋକାଭିମୁଖୀ କରିବା ତଥା କୋମଳମତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଅନୁରାଗ ସୃଷ୍ଟି କରିବାରେ ଏହା ଖୁବ୍ ଉପାଦେୟ ହୋଇଥିବାରୁ ଅଧ୍ୟକ୍ଷ ମହାଶୟ ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ।

ଅନୁଗୋଳ କଲେଜରେ ନୂତନ ଶ୍ରେଣୀ ପ୍ରକୋଷ୍ଠ ପାଇଁ ସମୀକ୍ଷା ବୈଠକ



ଅନୁଗୋଳ,୨୪।୨(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ସୋମବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପ୍ରାୟ ୧୦୦ ଟି ନୂତନ ଶ୍ରେଣୀ ପ୍ରକୋଷ୍ଠ, ମିଟିଂ ହଲ, ଲାଇବ୍ରେରୀ, କମନରୁମ୍ ଆଦି ପାଇଁ ଏହି ବୈଠକ ବସିଥିଲା। ଡିଏମ୍‌ଏଫ୍ ପକ୍ଷରୁ ଏନ୍‌ପିସିସି ଯନ୍ତ୍ରୀ, କଲେଜର ପୂର୍ବତନ ଛାତ୍ର ପ୍ରତିନିଧିମାନେ ଅଂଶଗ୍ରହଣ କରି ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ ଉଭୟ ୟୁଜି ଓ ପିଜି ପିଲାଙ୍କ ଶିକ୍ଷାଦାନ ପାଇଁ କୋଠରିର ଅଭାବ ଥିବାରୁ ଏହି ନୂଆ କୋଠରି ନିର୍ମାଣ ହେଲେ ଶିକ୍ଷାଦାନ ସହଜ ହୋଇ ପାରିବ। କଲେଜ ଅଧ୍ୟକ୍ଷ ଡା. ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ,୨୪।୨(ସମିସ): ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବଅଁରପାଳ ପଞ୍ଚାୟତ ସମିତି ସଭାଗୃହଠାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ସଦସ୍ୟ କର୍ମକର୍ତ୍ତା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ପ୍ରମୁଖ ୩୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ମହିଳା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବାଲ୍ୟବିବାହ ତଥା ଶିଶୁ ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା। ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ




ପ୍ରତିଭା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରତ୍ୟୁଷ ପଣ୍ଡା, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ସରୋଜ ଦେବତା, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି ଯୋଗଦେଇ ଲିଙ୍ଗଗତ ବୈଷମ୍ୟମତା, ଘରୋଇ ହିଂସା, ମହିଳା ସୁରକ୍ଷା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ନିଜର ମତ ଦେଇଥିଲେ। ଏଥିରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ, ପଞ୍ଚାୟତିରାଜ ପ୍ରତିନିଧି, ସଖୀ ୱାନ୍ ଷ୍ଟପ୍ ସେଣ୍ଟର କର୍ମୀ, ଶକ୍ତି ସଦନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ନାୟକ ବାଲ୍ୟ ବିବାହ ନିରାକରଣ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା, ଡାହାଣୀ ପ୍ରଥା, ପୋକ୍‌ସୋ ଆଇନ, ମମତା ଯୋଜନା, ଜନନୀ ସୁରକ୍ଷା ଯୋଜନା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

ଛେଣ୍ଡିପଦା,୨୪।୨(ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଦେଇ ଯାଇଥିବା ୧୪୯ (ବି) ଜାତୀୟ ରାଜପଥର ଖମାର ଠାରେ ଦୁଇ ମୋଟର ସାଇକଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତମାନେ ହେଲେ ରାଇପାଳ ଗାଁର ପାଣ୍ଡବ ସାମଲ, ମାହାରସାହି ସୁମନ୍ତ ମାହାର ଓ ସ୍ୱାଧୀନ ମାହାର। ସୂଚନା ଯେ ରାଇପାଳ ଗାଁର ପାଣ୍ଡବ ମାହାର ବାଇକ୍ ଯୋଗେ ବାଗଡିଆରୁ ନିଜ ଘରକୁ ଫେରୁଥିବା ବେଳେ ଜାତୀୟ ରାଜପଥର ଖମାର ଗାଁ ନିକଟରେ ବିପରୀତ ଦିଗରୁ ଏକ ସ୍ୱଲେଣ୍ଡର ମୋଟର ସାଇକେଲରେ ଆସୁଥିବା ମାହାର ସାହିର ସୁମନ୍ତ ମାହାର ଓ ସ୍ୱାଧୀନ ମାହାର ଭାରସାମ୍ୟ ହରାଇ ମୁହାଁମୁହିଁ ଧକ୍କା କରିଥିଲେ। ଫଳରେ ଉଭୟ ଗାଡିର ୩ ଜଣ ଗୁରୁତର ଆହତ ହୋଇ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ବାଗଡ଼ିଆ ଥାନା ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ଗୁରୁତର ଆହତଙ୍କୁ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଥିଲେ। ରାଇପାଳ ଗାଁର ପାଣ୍ଡବ ସାମଲଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ସ୍ଥାନାନ୍ତର କରିଥିବାବେଳେ ସୁମନ୍ତ ମାହାର ଓ ସ୍ୱାଧୀନ ମାହାର ଛେଣ୍ଡିପଦା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ପୁଲିସ ଘଟଣାର ଛାନଭିନ୍ ଚଳାଇଛି।

ଚେତନା ମିଶନ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା



ଅନୁଗୋଳ,୨୪।୨(ସମିସ): ଅନୁଗୋଳର ଚେତନା ମିଶନ ଟ୍ରଷ୍ଟ ପକ୍ଷରୁ ଯୁକୋରୁ ରାଲ ସେଲ୍ଫ ଏମ୍ପ୍ଲୋଏମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ଠାରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚେତନା ଏ ମିଶନର ପ୍ରତିଷ୍ଠାତ୍ରୀ ବାଣୀ ଦେବ ସ୍ୱାସ୍ଥ୍ୟ ସଖୀ କର୍ମଶାଳା ସମ୍ପର୍କରେ ଅବଗତ କରାଇଥିଲେ। ଏହି କର୍ମଶାଳାରେ ମହିଳା ସ୍ୱାସ୍ଥ୍ୟ ଏବଂ ମାସିକ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ସମ୍ପର୍କରେ ସେ ବୁଝାଇଥିଲେ ଯେ ଋତୁସ୍ରାବ ଲଜ୍ଜା ନୁହଁ ଏହା ଗର୍ବ। ଏହା ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ପ୍ରକ୍ରିୟା। ଏହି ସମୟରେ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଉପଚାର ବିଷୟରେ ଆଲୋଚନା କରାଯାଇଥିଲା। ଛାତ୍ରୀମାନେ ନିଜର ସମସ୍ତ ସନ୍ଦେହ ଦୂର କରିଥିଲେ। ଅନୁଷ୍ଠାନର ଟ୍ରେନିଂ କୋ ଅର୍ଡିନେଟର ମିନର୍ଭା ଦାସ ମଧ୍ୟ ଅଂଶଗ୍ରହଣ କରିଥିଲେ।

ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ଦାବିରେ ଆନ୍ଦୋଳନ ଚେତାବନୀ

କିଶୋରନଗର,୨୪।୨(ସମିସ)

ଆଠମଲ୍ଲିକ ଉପଖଣ୍ଡର ମରୁଡ଼ି ପ୍ରଭାବିତ ଅଞ୍ଚଳରେ ଧଉରାଗୋଠ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦାବିରେ ଆଜି ଧଉରାଗୋଠ ମଧ୍ୟମ ଜଳସେଚନ ଯୋଜନା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧଉରାଗୋଠ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ଦାବିରେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ଧଉରାଗୋଠ ଠାରେ ଆୟୋଜିତ ବୈଠକରେ କମିଟିର ସଭାପତି ନିର୍ମଳ ନାୟକ ସଭାପତିତ୍ୱ କରିଥିଲେ। ସଭାରେ ବିଦ୍ୟାଧର ଧଳ, ଗୋକୁଳ ସାହୁ, ରତ୍ନାକର ସାହୁ,



ମହେଶ୍ୱର ବେହେରା, ମଦନ ପ୍ରଧାନ, ଭ୍ରମରବର ପ୍ରଧାନ, ବିମ୍ବାଧର ପ୍ରଧାନ, ଅଞ୍ଜନ ସାହୁ, ନରୋତ୍ତମ ମାଝୀ, ଶ୍ରୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାରଙ୍କ ଉଦାସୀନତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଧଉରଗୋଠ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ୨୦୦୭ ମସିହାରୁ ନିଷ୍ପତ୍ତି ଗ୍ରହଣ କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଧଉରାଗୋଠ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆଠମଲ୍ଲିକ ଉପଖଣ୍ଡର ୫ ପଞ୍ଚାୟତ ବିଲେଇନଳୀ, ପେଡ଼ିପଥାର, କୁର୍ମଟାପ, କୃତିବାସପୁର, ସାନହୁଲା ପଞ୍ଚାୟତର ୨୨ଟି ମୌଜାର ୧୦ହଜାର ଏକରରୁ ଅଧିକ ଚାଷ ଜମି ଜଳସେଚିତ ହୋଇପାରିବ। ଧଉରାଗୋଠ ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି।

ଅଭିଯୋଗ ପରେ ମଧ୍ୟ ଶୁଣୁନି ବିଭାଗ

ଗାଁ ଠୁ ହୀନ ସମ୍ବଲପୁର ମହାନଗର ନିଗମ





- କଦର୍ଯ୍ୟ ଡ୍ରେନ ବ୍ୟବସ୍ଥା ଭିତରେ ତାଲଭଙ୍ଗାପଡ଼ାବାସୀ
- ଅପରିଷ୍କାର ପାଣି ଡେଇଁ ଅଙ୍ଗନବାଡ଼ି ଆସୁଛନ୍ତି ପିଲା
- ନର୍ଦ୍ଦମା ଭିତରେ ପିଇବା ପାଣି ପାଇପ

ସମ୍ବଲପୁର, ୨୪।୨(ସମିସ)

ଗାଁ ଠୁ ହୀନ ସମ୍ବଲପୁର ମହାନଗର ନିଗମ। ମହାନଗର ଅଧିନରେ ଥିବା ଏହି ପଡ଼ାକୁ ଯିଏ ଦେଖିବ "ଏହାଠୁ ଗାଁ ଭଲ ବୋଲି କହିବ"। ପଡ଼ାରେ ବସବାସ କରୁଥିବା ଲୋକ ଯମଯନ୍ତ୍ରଣା ଭୋଗୁଛନ୍ତି। ଘର ବାହାରିଲେ ଅପରିଷ୍କାରି ଗନ୍ଧିଆ ପାଣି। ଏପରିକି ଅଙ୍ଗନବାଡିକୁ ଯିବାକୁ ହେଲେ ମଳିଆ ପାଣି ଦେଇ ଯିବାକୁ ପଡୁଛି। ଏହା ହେଉଛି ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୧୫ ତାଲଭଙ୍ଗା ପଡ଼ାର କାହାଣୀ। ତାଲଭଙ୍ଗା ପଡ଼ାରେ ପ୍ରାୟ ଶହେରୁ ଅଧିକ ଘର ରହିଛି। ସେଠାରେ ୫ଶହରୁ ଅଧିକ ଲୋକ ବସବାସ କରୁଛନ୍ତି। ହେଲେ ମହାନଗର ନିଗମର ଉଦାସୀନତା ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। ଅଭିଯୋଗ ଅନୁସାରେ ପଡ଼ାରେ କୌଣସି ଡ୍ରେନ ସୁବିଧା ନାହିଁ। ଯାହା ଫଳରେ ଡ୍ରେନର ଅପରିଷ୍କାର ପାଣି ରାସ୍ତା ଉପରେ ଲହରୀ ମାରୁଛି। ପଡ଼ାରେ ଅଙ୍ଗନବାଡି କେନ୍ଦ୍ର ମଧ୍ୟ ରହିଛି। କିନ୍ତୁ ପ୍ରତିଦିନ ସକାଳୁ ଅଙ୍ଗନବାଡି କେନ୍ଦ୍ରକୁ ଛୁଆ ଯିବା ପାଇଁ ସଂଘର୍ଷ କରୁଛନ୍ତି। ଡ୍ରେନ ଆଖପାଖ ସମ୍ମୁଖରେ ଡ୍ରେନ ପାଣି ବହୁଛି। ଯାହା ଫଳରେ ଅଭିଭାବକ ମାନେ ଛୁଆକୁ ଅଙ୍ଗନବାଡ଼ି କେନ୍ଦ୍ର ଭିତରକୁ ପ୍ରତି ଦିନ ନେଇ ଯାଉଛନ୍ତି। ସେପଟରେ ପଡ଼ା ଭିତରେ ପୁରୁଣା ଡ୍ରେନ ରହିଥିଲା। ଯାହା ନଷ୍ଟ ହୋଇ ସାରିଲାଣି। ଜନବସତି ଅନୁସାରେ ଡ୍ରେନ ସମସ୍ୟା ଦୂରିକରଣ ହେଲାନାହିଁ। ପଡ଼ାରେ ଘର ସଂଖ୍ୟା ବଢ଼ିବା ସହ ଅପରିଷ୍କାର ପାଣି ପରିମାଣ ବଢୁଛି। ଯାହା ପଡ଼ା ସାରା ବ୍ୟାପିଯାଇଛି। ପିଇବା ପାଇଁ ପିଏଚଡି ପାଣି ପାଇପ ଡ୍ରେନ ଭିତରେ ବିଛାଯାଇଛି। କେତେକ ସ୍ଥାନରେ ପାଇପ ଫାଟି ଆଁ କରିଛି। ଯାହା ଫଳରେ ନର୍ଦ୍ଦମା ପାଣି ସିଧା ପାଇପରେ ମିଶୁଛି। ସମ୍ବଲପୁରରେ ଜଣ୍ଡିସ ଭଳି ରୋଗ ଅନେକ ଥର ବ୍ୟାପୁଛି। ତେଣୁ ପିଏଚଡି ବିଭାଗ ମଧ୍ୟ ଏଥି ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ପଡ଼ା ରାସ୍ତାଘାଟ ନ ପଚାରିବା ଭଲ। ବିପର୍ଯ୍ୟସ୍ତ ରାସ୍ତା ଲୋକଙ୍କ କଷ୍ଟକୁ ଅଧିକ ବଢ଼ାଉଛି। ସନ୍ଧ୍ୟା ହେଲେ ଗାଁ ଅନ୍ଧାର ହେଉଛି। ମହାନଗରନିଗମ ପକ୍ଷରୁ ଲାଇଟ ବ୍ୟବସ୍ଥା ହୋଇନି।

ପଡ଼ାବାସୀ ଅନେକ ଥର ମହାନଗର ନିଗମ ପାଖରେ ଅଭିଯୋଗ କରିଛନ୍ତି। ଏପରିକି ଅନେକ ଥର ଅଧିକାରୀମାନେ ମଧ୍ୟ ପଡ଼ା ପରିଦର୍ଶନ କରିଛନ୍ତି। କିନ୍ତୁ ଏବେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ପଡ଼ା ଗାଁ କଷ୍ଟଠୁ ବଳିଯାଉଥିବା ପଡ଼ାବାସୀ କହିଛନ୍ତି। ତେଣୁ ଜିଲ୍ଲାପ୍ରଶାସନ ଓ ମହାନଗର ନିଗମ ଏଥି ପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି। ତୁରନ୍ତ ଏଥି ପ୍ରତି ସ୍ଥାୟୀ ସମାଧାନ କରିବାକୁ ପଡ଼ାବାସୀ ଅନୁରୋଧ କରିଛନ୍ତି।

ମାଆ-ପୁଅ ଚଲାଇଥିଲେ ସେକ୍ସ ରାକେଟ

● ଯୁବତୀ, ଗ୍ରାହକ, ଦଲାଲ ସମେତ ୪ ଗିରଫ

ସମ୍ବଲପୁର, ୨୪।୨(ସମିସ): ଟାଉନ ଥାନା ଫାଟକ ମାଳିପଡ଼ାରେ ସେକ୍ସ ରାକେଟ। ଏହି ରାକେଟକୁ ମାଆ ଓ ପୁଅ ଚଲାଇଥିଲେ। ବିଭିନ୍ନ ସ୍ଥାନରୁ ଯୁବତୀ ଆଣି ଗ୍ରାହକ ଯୋଗାଡୁଥିଲେ। ମୋଟା ଅଙ୍କର ଟଙ୍କା ନେଇ ବ୍ୟବସାୟ ଚଲାଇଥିଲେ। ଖବର ପାଇ ଟାଉନ ପୁଲିସ ଚଢଉ କରିଥିଲା। ଏ ଅଭିଯୋଗରେ ପୁଲିସ ଦଲାଲ, କିଙ୍ଗପିନ, ଗ୍ରାହକ ଓ ଯୁବତୀ ସମେତ ମୋଟ ୪ ଜଣଙ୍କୁ ଗିରଫ କରିଥିବା ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି। ମାଳିପଡ଼ାର ଏକ ଭଡ଼ା ଘରେ ମାଆ ଓ ପୁଅ ରହୁଥିଲେ। ଉକ୍ତ ଭଡ଼ା ଘରେ ରାକେଟ ସକ୍ରିୟ ଭାବେ ଚାଲୁଥିଲା। ସୋମବାର ଗରିଫ ସମୟରେ ମାଳିପଡ଼ାର ମା ପୁଅ, ମୁଦିପଡ଼ାର ଜଣେ ଯୁବତୀ ଓ ଧମା ଥାନା ଅଞ୍ଚଳର ଜଣେ ଗ୍ରାହକ ରହିଥିଲେ। ଚଢଉ ବେଳେ ଅପ୍ରୀତିକ ସମାଗ୍ରୀ ପାଇଥିଲା। କିଛି ମାସ ପୂର୍ବରୁ ଉକ୍ତ ଭଡ଼ା ଘରେ ଏହି ର୍‌ୟାକେଟ୍ କାମ କରୁଥିଲା। ମାଆ ଝିଅ ଖୋଜିବାରେ ସାହାଯ୍ୟ କରୁଥିବା ବେଳେ ପୁଅ ଗ୍ରାହକ ଯୋଗାଡୁଥିଲେ। ଟଙ୍କା ଲୋଭ ଦେଖାଇ ଯୁବତୀମାନଙ୍କୁ ଟାର୍ଗେଟ କରାଯାଉଥିଲା। ପରେ ବିଭିନ୍ନ ଝିଅଙ୍କ ଫୋଟ ଅଭିଯୁକ୍ତ ପୁଅ ଗ୍ରାହକଙ୍କୁ ପଠାଉଥିଲା। ପ୍ରତି ଗ୍ରାହକଙ୍କ ପାଖରୁ ମୋଟା ଅଙ୍କର ଟଙ୍କା ନିଆଯାଉଥିଲା। ପରେ ଭଡ଼ାଘରକୁ ଡକାଯାଉଥିଲା। ସମସ୍ତ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।



ଲକ୍ଷ୍ମୀଡୁଙ୍ଗୁରୀରେ ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ଚାଳକ।

ଛୁରି ଦେଖାଇ ରିଲ୍ସ କରିବା ମହଙ୍ଗା ପଡ଼ିଲା

● ଗିରଫ ଅଭିଯୁକ୍ତ ନାରେ ୧୦ମାମଲା

ସମ୍ବଲପୁର, ୨୪।୨(ସମିସ): ବଜାର ଉପରେ ପକେଟରୁ ବାହାରିଥିଲା। ସନ୍ଧ୍ୟା ସମୟରେ ଲୋକ ଗହଳି ମଧ୍ୟ ଥିଲା। ହେଲେ ଯୁବକ ଜଣକ ରିଲ୍ସ ନିଶାରେ ପକେଟରୁ ଛୁରା ବାହାର କରିଥିଲେ। ପରେ ଛୁରା ଦେଖାଇ




ରିଲ୍ସ କରି ସାମାଜିକ ଗଣମାଧ୍ୟମରେ ଉପଲୋଡ ମଧ୍ୟ କରିଥିଲେ। ରିଲ୍ସଟି ବହୁତ ମାତ୍ରାରେ ଭାଇରାଲ ମଧ୍ୟ ହୋଇଥିଲା। ବୁର୍ଲା ଥାନା ପୁଲିସ ଏ ଭିଡ଼ିଓ ଦେଖିବା ପରେ ନିଜ ଆଡୁ ମାମଲା ରୁଜୁ କରିଛି। ଏ ଘଟଣାର ରିଲ୍ସ କରୁଥିବା ଯୁବକକୁ ପୁଲିସ ଗିରଫ କରିବା ସହ ଛୁରା, ଖଣ୍ଡା ଓ ମୋବାଇଲ ଜବତ କରିଛି। ଯୁବକ ଜଣକ ହେଉଛନ୍ତି ବୁର୍ଲା ଥାନା ହାଇସ୍କୁଲ ପଡ଼ିଆର ପ୍ରେମ କୁମ୍ଭାର(୨୪)। ଅଭିଯୁକ୍ତ ନାମରେ ପୂର୍ବରୁ ୧୦ଟି ମାମଲା ବୁର୍ଲା ଥାନାରେ ରହିଛି। ସୂଚନା ଅନୁସାରେ ରିଲ୍ସ ନିଶାରେ ଯୁବପିଢୀ ବିଭିନ୍ନ ପ୍ରକାର ଭିଡ଼ିଓ କରୁଛନ୍ତି। ଭିଡ଼ିଓରେ ଭିଓ ବଢ଼ିବା କିମ୍ବା ଭାଇରାଲ ପାଇଁ ଅପରାଧିକ କାର୍ଯ୍ୟକଳାପ ମଧ୍ୟ କରିବାକୁ ପଛାଉନାହାନ୍ତି। କିଛି ଦିନ ପୂର୍ବରୁ ବୁର୍ଲା ପୁଲିସ ଗାଡ଼ି ଉପରେ ବସି ରିଲ୍‌ସ କରିବା ଅଭିଯୋଗରେ ୬ରୁ ଅଧିକ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।


ଛତାବର-ଗୋଲାବନ୍ଧ ରାସ୍ତା ମରାମତି ଦାବି



ସମ୍ବଲପୁର, ୨୪।୨ (ସମିସ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୪୧, ଛତାବର ବାସିନ୍ଦାମାନେ ବିପର୍ଯ୍ୟସ୍ତ ରାସ୍ତାକୁ ନେଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷ ବର୍ଷ ଧରି ଏଭଳି ପଡ଼ିରହିଛି। ଏନେଇ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମରାମତି କାର୍ଯ୍ୟ ହେଉନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୋଲାବନ୍ଧରୁ ଛତାବର ଦେଇ ମାଟିଖାଇ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିଛି। ବର୍ଷାଋତୁରେ ଗାତମାନଙ୍କରେ ପାଣି ଜମିରହିବା ସହ କର୍ଦ୍ଦମାକ୍ତ ହୋଇଥିବାରୁ ଚାଲିଚାଲି ଯାଉଥିବା ବ୍ୟକ୍ତିବିଶେଷ, ସ୍କୁଲକଲେଜ ଛାତ୍ରଛାତ୍ରୀ ଏବଂ ଯାନବାହନ ଚଳାଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଥାଏ। ଏପରିକି ଚାଷୀମାନେ ମାର୍କେଟୟାର୍ଡକୁ ଧାନ ସହିତ ବଜାରକୁ ପନିପରିବା ଏବଂ ଅନ୍ୟ ଉତ୍ପାଦିତ ସାମଗ୍ରୀ ନେବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ଅଞ୍ଚଳବାସୀ ସମ୍ବଲପୁର ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ଜରିଆରେ ପୂର୍ତ୍ତ ବିଭାଗକୁ ରାସ୍ତା ତୁରନ୍ତ ମରାମତି ବା ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେବାପାଇଁ ଦାବି ଜଣାଇଛନ୍ତି।

ବୈଦ୍ୟ ବିକାଶ ହସ୍ପିଟାଲରେ ଶିଶୁରୋଗ ଓ ନବଜାତ ୟୁନିଟ୍ ସହ ଏଚ୍‌ଡିୟୁ ଉଦ୍‌ଘାଟିତ





ସମ୍ବଲପୁର, ୨୪।୨(ସମିସ): ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ବୈଦ୍ୟ ବିକାଶ ହସ୍ପିଟାଲରେ ନୂତନ ଭାବରେ ପ୍ରତିଷ୍ଠା କରାଯାଇଥିବା ଶିଶୁ ରୋଗ ଏବଂ ନବଜାତ ୟୁନିଟ୍ ସହ ଉଚ୍ଚ ନିର୍ଭରଶୀଳ ୟୁନିଟ୍ (ଏଚ୍‌ଡିୟୁ) ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅତିଥି ଭାବେ ଯୋଗଦେଇ ନୂତନ ୟୁନିଟ୍ ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶ୍ରୀ ବୋନ୍ଦର କହିଥିଲେ ଯେ, ଏହି ୟୁନିଟ୍ ଆରମ୍ଭ ହେବା ଫଳରେ ଶିଶୁ ଓ ନବଜାତ ଶିଶୁଙ୍କ ପାଇଁ ଉନ୍ନତ ଚିକିତ୍ସା ସୁବିଧା ସମ୍ବଲପୁର ତଥା ଆଖପାଖ ଅଞ୍ଚଳବାସୀଙ୍କ ପାଇଁ ସହଜରେ ଉପଲବ୍ଧ ହୋଇପାରିବ। ଆଧୁନିକ ସୁବିଧା ସହିତ ଶିଶୁ ଚିକିତ୍ସା ୟୁନିଟ୍ ଜିଲ୍ଲାର ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବ, ବିଶେଷକରି ଶିଶୁ ମାନଙ୍କ ପାଇଁ ଉଚ୍ଚ ନିର୍ଭରଶୀଳ ୟୁନିଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ ଆଶାପ୍ରକାଶ କରିଥିଲେ।

ବୈଦ୍ୟ ବିକାଶ ହସ୍‌ପିଟାଲ୍‌ର ଅଧ୍ୟକ୍ଷ ଜି. ଭାସ୍କର ରାଓ କହିଲେ ଯେ, ଗୁରୁତର ଅସୁସ୍ଥ ନବଜାତ ଶିଶୁ ତଥା ଶିଶୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛୁ ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ସବୁବେଳେ ଯତ୍ନବାନ ହେବୁ। ଏହାସହ ନବଜାତ ଶିଶୁମାନଙ୍କ ପାଇଁ ବିଶେଷଜ୍ଞ ଏବଂ ସମୟୋଚିତ ଯତ୍ନ ପ୍ରଦାନ କରିବା, ନବଜାତ ଶିଶୁ ରୋଗ ହ୍ରାସ କରିବା, ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଗୁରୁତ୍ୱପୂର୍ଣ୍ଣ ଯତ୍ନ ସେବାକୁ ସୁଦୃଢ଼ କରିବା ତଥା ପରିବାର ଗୁଡ଼ିକୁ ବ୍ୟାପକ ଏବଂ ସହାନୁଭୂତିଶୀଳ ହେବା ସହିତ ସମର୍ଥନ କରିବା ହେଲା ଏହି ୟୁନିଟ ସ୍ଥାପନର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ରାଓ ମତ ରଖିଥିଲେ। ଏହି ଅବସରରେ ହସ୍‌ପିଟାଲ୍‌ର ନିର୍ଦ୍ଦେଶକ ଅରୁଣ କୁମାର ପଟୱାରୀ, ନିର୍ଦ୍ଦେଶକ ଜି. ରାମକୃଷ୍ଣଙ୍କ ସହିତ ହସ୍‌ପିଟାଲ୍‌ର ୟୁନିଟ ମୁଖ୍ୟ ଡ. ଇ.ଉମାପତି ନାଇଡୁ, ମାନବସମ୍ବଳ ଅଧିକାରୀ ଦିଲୀପ କୁମାର ପଣ୍ଡା, ମୁଖ୍ୟ ଆର୍ଥିକ ଅଧିକାରୀ ଜିତେଶ ଅଗ୍ରୱାଲ ପ୍ରମୁଖଙ୍କ ସହ ଡାକ୍ତର, ନର୍ସ ଏବଂ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

ସାମ୍ବାଦିକଙ୍କ ସୁରକ୍ଷା ନେଇ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର

ସମ୍ବଲପୁର, ୨୪।୨ (ସମିସ) : ସାମ୍ବାଦିକଙ୍କୁ ସୁରକ୍ଷା ନେଇ ରାଜ୍ୟ ସାମ୍ବାଦିକ ସଙ୍ଘ ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କିଛିଦିନ ତଳେ ଢେଙ୍କାନାଳ



ଜିଲ୍ଲା ପରଜଙ୍ଗର ସାମ୍ବାଦିକ ଶାନ୍ତନୁ ଭୁକ୍ତା ଖବର ସଂଗ୍ରହ କରିବାକୁ ଯାଇଥିବାବେଳେ ଆକ୍ରମଣର ଶିକାର ହେଇଛନ୍ତି। ସେ ବର୍ତ୍ତମାନ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଦୋଷୀ ବିରୋଧରେ କଠୋର ଦଣ୍ଡବିଧାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହାସହ ସରକାର ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଶୀଘ୍ର ଆଇନ ପ୍ରଣୟନ କରିବାକୁ ମଧ୍ୟ ଦାବି କରାଯାଇଛି। ସଂଘର ସମ୍ବଲପୁର ଜିଲ୍ଲା ସଭାପତି ରା. ପଣ୍ଡା, ଭାରପ୍ରାପ୍ତ ସାଧାରଣ ସମ୍ପାଦକ ହରିଶଙ୍କର ମିଶ୍ର, ଉପସଭାପତି ଚନ୍ଦ୍ରଚୂଡ଼ ସିଂହ, ସହ-ସମ୍ପାଦକ ଆଲୋକ ଦାସ, ସାମ୍ବାଦିକ ପ୍ରଭୁଦତ୍ତ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଆୟତ୍ତ ହେଲା ବୁଲା ଷଣ୍ଢ




ସମ୍ବଲପୁର, ୨୪।୨ (ସମିସ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ସାହାସପୁର ଗ୍ରାମରେ ଦୀର୍ଘଦିନ ଧରି ଆତଙ୍କ ସୃଷ୍ଟି କରୁଥିବା ଏକ ବୁଲା ଷଣ୍ଢକୁ ଆଜି ଅଗ୍ନିଶମ ବିଭାଗ, ବନବିଭାଗ ଓ ପଶୁଚିକିତ୍ସା ବିଭାଗର ମିଳିତ ଉଦ୍ୟମରେ ପ୍ରାୟ ୨ ଘଣ୍ଟା ପରିଶ୍ରମ ପରେ ଧରାଯାଇଛି। ସୂଚନା ଅନୁଯାୟୀ, ଷଣ୍ଢଟି ବାହାରୁ କେଉଁଠୁ ଆସି ଗ୍ରାମରେ ବୁଲୁଥିବାସହ ମଣିଷ ଓ ଗାଈଗୋରୁଙ୍କୁ ଆକ୍ରମଣ କରୁଥିଲା। ଦୁଇଦିନ ପୂର୍ବେ ଷଣ୍ଢ ଆକ୍ରମଣରେ ଜଣେ ନାବାଳକଙ୍କ ଗୋଡ଼ ଭାଙ୍ଗିଯାଇ ଗୁରୁତର ଆହତ ହୋଇଥିଲେ। ଆଜି ସକାଳେ ପ୍ରଥମେ ଷଣ୍ଢଟିକୁ ନିଦ ଔଷଧ ଦେଇ ଅଚେତ କରିବାକୁ ଉଦ୍ୟମ ବିଫଳ ହେବାପରେ ରଶି ଫାଶ ସହାୟତାରେ ଆୟତ୍ତ କରାଯାଇଥିଲା। ବନ ଅଧିକାରୀ ମନୋଜ କୁମାର ବେହେରା, ଅଗ୍ନିଶମ ବିଭାଗର ଷ୍ଟେସନ ଅଫିସର ଡି.ଆର. ମୁଣ୍ଡା ଏବଂ ପ୍ରାଣୀଧନ ଚିକିତ୍ସା ବିଭାଗର ମାନେଶ୍ୱର ବିଭିଓ ସତ୍ୟଜିତ ପଣ୍ଡାଙ୍କ ସହିତ ବନ କର୍ମଚାରୀ, ଅଗ୍ନିକ ଦଳ ଓ ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀ ତଥା ଗ୍ରାମବାସୀ ସହଯୋଗ କରିଥିଲେ। ଏହାପରେ ଷଣ୍ଢଟିକୁ ଗାଁଠାରୁ ଦୂରରେ ଛାଡ଼ି ଦିଆଯାଇଥିଲା।

ପାଣିରେ ବୁଡ଼ି ଜଣେ ମୃତ

ସମ୍ବଲପୁର, ୨୪।୨ (ସମିସ) : ସମ୍ବଲପୁରର ଧନୁପାଲି ଥାନା ଅନ୍ତର୍ଗତ ଭତରାଠାରେ ଜଣେ ବ୍ୟକ୍ତିଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଭତରା ତଳିପଡ଼ାର ରଞ୍ଜୁ ନାଏକ (୫୪) କାମରୁ ଫେରୁଥିବା ସମୟରେ ପଡ଼ିଯାଇ ମୁଣ୍ଡ ବାଜିଯିବାରୁ ଅଚେତ ହୋଇ ପାଣିରେ ପଡ଼ିଗଲେ। ତାଙ୍କୁ ତୁରନ୍ତ ସଦର ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

ବର୍ଷୀଆନ ଲୁବୁରୁ ବାରିକଙ୍କ ପରଲୋକ



ସମ୍ବଲପୁର, ୨୪।୨ (ସମିସ): ସମ୍ବଲପୁର ଜିଲ୍ଲା ତବଲା ଗାଁର ଲୁବୁରୁ ବାରିକଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୮ ବର୍ଷ ବୟସ ହୋଇଥିଲା। ସେ ତବଲାର ବରିଷ୍ଠ ଚାଷୀ ଜିଗ୍ନେଶ ବାରିକଙ୍କ ଅଜା। ସେ ଜଣେ ମିଷ୍ଟଭାଷୀ, ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ସଭ୍ୟମାନେ ଶେଷଦର୍ଶନ କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ନରେଶ ବାରିକ ମୁଖାଗ୍ନି ଦେଇଥିଲେ।

ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ କର୍ମଶାଳା



ସମ୍ବଲପୁର, ୨୪।୨ (ସମିସ) : ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଆଜି ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ଆନ୍ତର୍ଜାତିକ ମହିଳା ଦିବସରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ମହିଳାମାନେ କିପରି ଭାବରେ ନିଜକୁ ସବୁ କ୍ଷେତ୍ରରେ ଆଗକୁ ନେଇପାରିବେ ସେଥିପାଇଁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଲିଡ ମ୍ୟାନେଜର ଦେବକିଶୋର ନାୟକ ମହିଳାମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ସହ କିପରି ଭାବରେ ଠକେଇରୁ ବଞ୍ଚିପାରିବେ ସେନେଇ ତାଲିମ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଆର୍ଥିକ ଉପଦେଷ୍ଟା ଶିବ ପ୍ରସାଦ ବେହେରା ମହିଳାମାନେ ଆତ୍ମନିର୍ଭରଶୀଳ ହେବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକର ୫୦ ଜଣ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ପ୍ରତିଯୋଗିତା ଗୁଡ଼ିକରେ କୃତିତ୍ୱ ପାଇଁ ପୁରସ୍କୃତ କରାଯାଇଥିଲା। ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶେଷରେ ଛୋଟେଲାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜିଠାରୁ ଦୁଇ ଇଣ୍ଟରସିଟିରେ ଏଲ୍‌ଏଚ୍‌ବି କୋଚ୍

ସମ୍ବଲପୁର, ୨୪।୨(ସମିସ)

ଯାତ୍ରୀ ସୁରକ୍ଷା, ଆରାମ ଏବଂ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ସୁଗମ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନର କୋଚ୍ ଗୁଡ଼ିକୁ ଆଧୁନିକ ଏଲଏଚବି (ଲିଙ୍କେ ହଫ୍‌ମାନ ବୁଶ୍) କୋଚ୍‌ରେ ପରିବର୍ତ୍ତନ କରିବ। ଆସନ୍ତାକାଲି ୨୫ ତାରିଖରୁ ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ଏବଂ ୧୮୩୦୩/୧୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନଗୁଡ଼ିକୁ ଏଲଏଚବି କୋଚ୍ ସହିତ ରୂପାନ୍ତରଣ କରାଯିବ।



ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍‌ରେ କୋଚ୍ ସଂରଚନା ଏଭଳି ରହିବ - ଗୋଟିଏ ସ୍ଲିପର୍ କ୍ଲାସ୍ (୩-ଟାୟାର, ନନ୍-ଏସି) କୋଚ୍, ଗୋଟିଏ ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ଆସନ କୋଚ୍, ୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଗାର୍ଡ-କମ୍-ପାୱାର କାର୍ କୋଚ୍, ଗୋଟିଏ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ଗାର୍ଡ-କମ୍-ସେକେଣ୍ଡ କ୍ଲାସ୍ କୋଚ୍।

ସେହିପରି ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍‌ରେ କୋଚ୍ ସଂରଚନା - ଦୁଇଟି ଏସି ଚେୟାର କାର୍ କୋଚ୍, ଦୁଇଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ସିଟିଂ କୋଚ୍, ୮ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଗାର୍ଡ-କମ୍-ପାୱାର କାର୍ କୋଚ୍, ଗୋଟିଏ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ-କମ୍-ଦ୍ୱିତୀୟ ଶ୍ରେଣୀ କୋଚ୍। ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉତ୍କୃଷ୍ଟ ଯାତ୍ରା ସୁବିଧା, ଉନ୍ନତ ସସ୍‌ପେନ୍‌ସନ୍ ସିଷ୍ଟମ୍ ଏବଂ ଆକର୍ଷଣୀୟ ଡିଜାଇନ୍ ସହିତ ନିର୍ମିତ କରାଯାଇଛି। ଏହି କୋଚ୍‌ଗୁଡ଼ିକ ଦ୍ରୁତ ଗତିରେ ଅଧିକ ସ୍ଥିରତା ପ୍ରଦାନ କରିବା ସହିତ ଯାତ୍ରୀଙ୍କୁ ଆଧୁନିକ ସୁବିଧା ସୁଯୋଗ ପ୍ରଦାନ କରିଥାଏ। ଏହି ଅପଗ୍ରେଡେସନ୍ ପୂର୍ବତଟ ରେଳପଥର ଆଧୁନିକୀକରଣ ଏବଂ ସୁରକ୍ଷା ବୃଦ୍ଧି ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସମଗ୍ର ନେଟୱାର୍କରେ କ୍ରମଶଃ ପାରମ୍ପରିକ କୋଚ୍‌ଗୁଡ଼ିକୁ ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଏଲଏଚବି କୋଚ୍ ସହିତ ପରିବର୍ତ୍ତନ କରିବାର ଲକ୍ଷ୍ୟକୁ ସମର୍ଥନ କରେ।